# ଧରିତ୍ରୀ
DHARITRI

ସମ୍ବଲପୁର, ସୋମବାର, ଫେବୃୟାରୀ ୮/୨୦୨୧ (୧୨ ପୃଷ୍ଠା) | Sambalpur, Monday, February 8/2021 | ★★

୧୭ଶ ଭାଗ ୫୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ପଦାର୍ପଣ ଟେଷ୍ଟରେ ମେୟର୍ସଙ୍କ ଦ୍ୱିଶତକ**

ୱେଷ୍ଟଇଣ୍ଡିଜର କାଇଲ ମେୟର୍ସ ବିଶ୍ୱର ପ୍ରଥମ ବ୍ୟାଟ୍ସମ୍ୟାନ ଭାବେ ପଦାର୍ପଣ ଟେଷ୍ଟରେ ଅପରାଜିତ ଦ୍ୱିଶତକ ହାସଲ କରିଛନ୍ତି।

୧୨

୧୦

**ଲେହେଙ୍ଗାରେ ମଲାଇକାଙ୍କ ଗ୍ଲାମର୍ସ ପୋଜ୍**

ବଲିଉଡ୍ ଅଭିନେତ୍ରୀ ମଲାଇକା ଆରୋରା ଡିଜାଇନର ଅର୍ପିତା ମେହେଟାଙ୍କ କଲେକ୍ସନ ପିନ୍ଧି ଦେଇଥିବା ଗ୍ଲାମର୍ସ ପୋଜ ଏବେ ଇନ୍ଷ୍ଟାରେ ଭାଇରାଲ ହେବାରେ ଲାଗିଛି ।



# ପ୍ରସ୍ତାବିତ ଅଧିନିୟମକୁ ବିରୋଧ

**ପୁରୀ ଅଫିସ, ୭।୨**

ନ୍ୟାଶନାଲ ମନୁମେଣ୍ଟ କର୍ତ୍ତୃପକ୍ଷ (ଏନ୍ଏମ୍ଏ)ଙ୍କ ପକ୍ଷରୁ ଶ୍ରୀମନ୍ଦିର ଐତିହ୍ୟ ପାଇଁ ପ୍ରସ୍ତାବିତ ଚିଠା ଅଧିନିୟମ (ବାଇ-ଲ) ଜାରି ହେବା ପରେ ଏହାକୁ ନେଇ ବିଭିନ୍ନ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଶ୍ରୀମନ୍ଦିର ଚାରିପଟେ ରହୁଥିବା ସ୍ଥାନୀୟ ବାସିନ୍ଦା ଓ ସେବାୟତ ପରିବାର ଏହି ଚିଠା ଅଧିନିୟମକୁ ତୀବ୍ର ବିରୋଧ କରିଛନ୍ତି। ଏହାକୁ ପ୍ରତ୍ୟାହାର କରିନେବା ପାଇଁ ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ କ୍ରିଷନ କୁମାର ରବିବାର କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟର ସଚିବଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି। ଏହି ଅଧିନିୟମ କାର୍ଯ୍ୟକାରୀ ହେଲେ ଦୀର୍ଘବର୍ଷ ଧରି ଶ୍ରୀମନ୍ଦିର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ରହୁଥିବା ସେବାୟତ ପରିବାର ବିଶେଷଭାବେ କ୍ଷତି ସହିବେ। ଏଣୁ ଭକ୍ତ, ସେବାୟତ ଓ ଭଗବାନଙ୍କ ସମୂହ ସ୍ୱାର୍ଥକୁ ଧ୍ୟାନ ଦେଇ ଏହି ପ୍ରସ୍ତାବିତ ଚିଠା ଅଧିନିୟମକୁ ପ୍ରତ୍ୟାହାର କରାଯାଉ। ଶ୍ରୀଜୀଉଙ୍କ ନୀତିକାନ୍ତି ନିମନ୍ତେ ବର୍ଷ ବର୍ଷ ଧରି ଶ୍ରୀମନ୍ଦିର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବହୁ ସେବାୟତ ପରିବାର ରହି ଆସୁଛନ୍ତି। ନ୍ୟାଶନାଲ ମନୁମେଣ୍ଟ କର୍ତ୍ତୃପକ୍ଷଙ୍କ ଏଭଳି ପ୍ରସ୍ତାବିତ ଚିଠା ଅଧିନିୟମ ସମ୍ପୃକ୍ତ ସେବାୟତ ପରିବାର ପାଇଁ ସମସ୍ୟା ବଢ଼ାଇପାରେ। ଅନ୍ୟ ଐତିହ୍ୟସ୍ଥଳଠାରୁ ଶ୍ରୀମନ୍ଦିର ନୀତିକାନ୍ତି ସମ୍ପୂର୍ଣ୍ଣ ଭିନ୍ନ। ପ୍ରତିଦିନ ହଜାର ହଜାର ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ଆସୁଥିବାରୁ ସେମାନଙ୍କ ଲାଗି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଶ୍ରୀମନ୍ଦିର ପାଖାପାଖି ଅଞ୍ଚଳରେ ରହଣି ବ୍ୟବସ୍ଥା ହୋଇଛି। ନୂଆ ଅଧିନିୟମ ଅନୁଯାୟୀ ଏସବୁ ସ୍ଥାନକୁ ନିୟନ୍ତ୍ରିତ ଅଞ୍ଚଳରେ ପରିଣତ କରିବା ସମ୍ଭବପର ନୁହେଁ ବୋଲି ଶ୍ରୀମନ୍ଦିର ମୁଖ୍ୟପ୍ରଶାସକ ଚିଠିରେ ଉଲ୍ଲେଖ କରିଛନ୍ତି।

ଅନ୍ୟପକ୍ଷରେ ରାଜ୍ୟ ସରକାରଙ୍କ ଶ୍ରୀମନ୍ଦିର ସୌନ୍ଦର୍ଯ୍ୟକରଣ ପ୍ରକଳ୍ପକୁ ଏହି ଚିଠା ଅଧିନିୟମ ଏକ ଶକ୍ତ ଧକ୍କା ଦେଇଛି। ଶ୍ରୀମନ୍ଦିର ପାଖ ୧୦୦ ମିଟର ଓ ଉକ୍ତ ସୀମାଠାରୁ ୨ଶହ ମିଟର ପର୍ଯ୍ୟନ୍ତ ଅଞ୍ଚଳରେ ନୂତନ ନିର୍ମାଣକୁ ନିୟନ୍ତ୍ରଣ କରିବା ପାଇଁ ଏହି ଚିଠା ଅଧିନିୟମରେ ଉଲ୍ଲେଖ ରହିଛି। ନ୍ୟାଶନାଲ ମନୁମେଣ୍ଟ କର୍ତ୍ତୃପକ୍ଷଙ୍କ ଏହି ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଶ୍ରୀମନ୍ଦିର ମୁଖ୍ୟ ☞ପୃଷ୍ଠା-୪



ଏନ୍ଏମ୍ଏ ପକ୍ଷରୁ ଜାରି ପ୍ରସ୍ତାବିତ ଅଧିନିୟମକୁ ବିରୋଧ କରି ଶ୍ରୀମନ୍ଦିର ସମ୍ମୁଖରେ ବିଭିନ୍ନ ନିଯୋଗ ଓ ସଂଗଠନ ପକ୍ଷରୁ ବିକ୍ଷୋଭ କରାଯାଉଛି।

- **ପ୍ରତ୍ୟାହାର ପାଇଁ ଚିଠି ଲେଖିଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ**
- **ସେବାୟତ ନିଯୋଗର ବିକ୍ଷୋଭ, ସୁପ୍ରିମକୋର୍ଟ ଯିବାକୁ ଚେତାବନୀ**
- **୩୭ ଏକରରୁ ଊର୍ଦ୍ଧ୍ୱ ଅଞ୍ଚଳରେ ନିର୍ମାଣ କାର୍ଯ୍ୟ ନିଷିଦ୍ଧ ହେବ**

# ଆଜିଠୁ ନବମ, ଏକାଦଶ

**ଭୁବନେଶ୍ୱର, ୭।୨(ବ୍ୟୁରୋ)**

- **୨ ଘଣ୍ଟା ପାଠପଢ଼ା, ରବିବାର ଛୁଟି**
- **ଏପ୍ରିଲ ଶେଷ ସପ୍ତାହରେ ବାର୍ଷିକ ପରୀକ୍ଷା**

ରାଜ୍ୟରେ ସୋମବାରଠାରୁ ନବମ ଓ ଏକାଦଶ ଶ୍ରେଣୀ ଖୋଲିବ। ଦୀର୍ଘ ୧୦ମାସ ପରେ ପିଲା ସ୍କୁଲ୍ ଯାଇ ପାଠପଢ଼ିବେ। ସୋମବାରରୁ ଶନିବାର ପ୍ରତ୍ୟହ ସକାଳ ୮ଟା ୩୦ରୁ ୧୦ଟା ୩୦ ପର୍ଯ୍ୟନ୍ତ ପାଠପଢ଼ା ହେବ। ୩ଟି ପିରିୟଡ଼ରେ ଶିକ୍ଷାଦାନ ଦିଆଯିବ। ଏହା ମଧ୍ୟରେ କୌଣସି ମଧ୍ୟାନ୍ତର ରହିବ ନାହିଁ। ରବିବାର ପାଠପଢ଼ା ହେବ ନାହିଁ। ମାର୍ଚ୍ଚ ଦ୍ୱିତୀୟ ସପ୍ତାହରେ ଏକ ୟୁନିଟ୍ ପରୀକ୍ଷା ହେବ। ଏପ୍ରିଲ ଶେଷ ସପ୍ତାହରେ ବାର୍ଷିକ ପରୀକ୍ଷା ହେବ। ତେବେ ଏହି ପିଲାଙ୍କ ପାଠପଢ଼ା ସମୟରେ କୋଭିଡ୍ ଗାଇଡ୍‌ଲାଇନର ସବୁ ନିୟମକୁ ଅନୁପାଳନ କରିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ☞ପୃଷ୍ଠା-୪

# ଯବାନଙ୍କୁ ଜାଳିଦେଲେ

**ମୁମ୍ବାଇ, ୭।୨**

ଭାରତୀୟ ନୌସେନାର ଜଣେ ଯବାନଙ୍କୁ ମୁମ୍ବାଇର ପାଲଘର ଜିଲାରେ କେତେଜଣ ଦୁର୍ବୃତ୍ତ ଜିଅନ୍ତା ଜାଳିଦେଇଛନ୍ତି। ମୃତକ ହେଲେ ଝାଡଖଣ୍ଡର ସୁରଜ କୁମାର ମିଥିଲେଶ ଦୁବେ। ସେ ତାମିଲନାଡୁର କୋଏମ୍ବାଟୁରଠାରେ କାର୍ଯ୍ୟରତ ଥିଲେ। ଜାନୁୟାରୀ ୩୦ରେ ସୁରଜ ଘରକୁ ଫେରୁଥିବାବେଳେ ଚେନ୍ନାଇ ବିମାନବନ୍ଦରରୁ ୩ ଜଣ ତାଙ୍କୁ ଅପହରଣ କରିନେଇଥିଲେ। ମୁକୁଳାଇବା ପାଇଁ ଅପହରଣକାରୀ ତାଙ୍କ ପରିବାରଠାରୁ ୧୦ ଲକ୍ଷ ଟଙ୍କା ଦାବି କରିଥିଲେ। ୫ ଦିନ ପର୍ଯ୍ୟନ୍ତ ସୁରଜଙ୍କୁ ଚେନ୍ନାଇରେ ରଖାଯାଇଥିଲା। ☞ପୃଷ୍ଠା-୪



ସୁରଜ କୁମାର ମିଥିଲେଶ ଦୁବେ

# ହିମସ୍ଖଳନ: ୧୫୦ ନିଖୋଜ



ମାଟିତଳୁ ଜଣେ ଯୁବକଙ୍କୁ ଯବାନମାନେ ଉଦ୍ଧାର କରୁଛନ୍ତି।

**ଉତ୍ତରାଖଣ୍ଡରେ ବିପ୍ରତି**

- **୧୦ ମୃତଦେହ ଉଦ୍ଧାର କଲା ସେନା**
- **ଭାସିଗଲା ଋଷିଗଙ୍ଗା ବିଦ୍ୟୁତ୍ ପ୍ରକଳ୍ପ**
- **ଜରୁରୀ ବୈଠକ ଡାକି ସ୍ଥିତି ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ**
- **ମୃତକଙ୍କ ପରିବାରକୁ ୪ ଲକ୍ଷ କ୍ଷତିପୂରଣ**

**ଡେରାଡୁନ୍/ନୂଆଦିଲ୍ଲୀ, ୭।୨**

ଉତ୍ତରାଖଣ୍ଡରେ ଦେଖିବାକୁ ମିଳିଛି ପ୍ରକୃତିର କରାଳ ରୂପ। ଚାମୋଲି ଜିଲା ଅନ୍ତର୍ଗତ ଜୋଷୀମଠଠାରେ ରବିବାର ନନ୍ଦାଦେବୀ ହିମବାହର ଏକ ଅଂଶ ବିଚ୍ଛିନ୍ନ ହୋଇ ମାଡ଼ିଆସିବାରୁ ଧଉଳିଗଙ୍ଗା ନଦୀରେ ପ୍ରଳୟଙ୍କରୀ ବନ୍ୟା ଆସି ବ୍ୟାପକ କ୍ଷୟକ୍ଷତି ଘଟାଇଛି। ତପୋବନ-ରେନିସ୍ଥିତ ଋଷିଗଙ୍ଗା ବିଦ୍ୟୁତ୍ ପ୍ରକଳ୍ପରେ କାର୍ଯ୍ୟରତ ୧୫୦ରୁ ଊର୍ଦ୍ଧ୍ୱ ଶ୍ରମିକଙ୍କର ପତ୍ତା ମିଳୁ ନ ଥିବାରୁ ସେମାନଙ୍କର ମୃତ୍ୟୁ ଘଟିଥିବା ଆଶଙ୍କା କରାଯାଉଛି। ସନ୍ଧ୍ୟା ସୁଦ୍ଧା ୧୦ ମୃତଦେହ ଉଦ୍ଧାର କରାଯାଇଛି। ସ୍ଥିତି ନିୟନ୍ତ୍ରଣରେ ଥିବାବେଳେ ବିଦ୍ୟୁତ ପ୍ରକଳ୍ପଟି ସମ୍ପୂର୍ଣ୍ଣ ଭାସିଯାଇଥିବା ଉତ୍ତରାଖଣ୍ଡ ପୋଲିସ ଡିଜି ଅଶୋକ କୁମାର କହିଛନ୍ତି। ରାଜ୍ୟ ସରକାର ମୃତକଙ୍କ ପରିବାର ପାଇଁ ୪ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି।

ପର୍ବତ ପାର୍ଶ୍ୱରୁ ଦ୍ରୁତବେଗରେ ପାଣି ମାଡ଼ିଆସିବା ଫଳରେ ନଦୀ ପାର୍ଶ୍ୱବର୍ତ୍ତୀ ଅନେକ ଘରଦ୍ୱାର ଭାସିଯାଇଛି। କେତେକ ଗ୍ରାମକୁ ଖାଲି କରାଯିବା ସହ ଲୋକମାନଙ୍କୁ ନିରାପଦ ସ୍ଥାନକୁ ନିଆଯାଇଛି। ଉଦ୍ଧାର ଓ ରିଲିଫ୍ କାର୍ଯ୍ୟରେ ଆଇଟିବିପି, ଜାତୀୟ ବିପର୍ଯ୍ୟୟ ପ୍ରଶମନ ବାହିନୀ (ଏନ୍‌ଡିଆର୍‌ଏଫ୍), ☞ପୃଷ୍ଠା-୪

# ନ୍ୟୁୟର୍କ ଆସେମ୍ବ୍ଲିରେ କଶ୍ମୀର ପ୍ରସଙ୍ଗ ଗୃହୀତ

**ନ୍ୟୁୟର୍କ, ୭।୨(ପି.ଟି.)**

ଫେବୃୟାରୀ ୫କୁ ଗଭର୍ନର ଆଣ୍ଡ୍ରୁ କୁମୋ 'କଶ୍ମୀର ଆମେରିକୀୟ ଦିବସ' ଭାବେ ଘୋଷଣା କରିବା ପାଇଁ ନ୍ୟୁୟର୍କ ରାଜ୍ୟ ଆସେମ୍ବ୍ଲିରେ ଏକ ପ୍ରସ୍ତାବ ଗୃହୀତ ହୋଇଛି। ଏହାକୁ ନେଇ ଭାରତ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ଜମ୍ମୁ-କଶ୍ମୀରର ଉନ୍ନତ ସଂସ୍କୃତି ଓ ସାମାଜିକ ବିବିଧତାର ଭୁଲ୍ ଉପସ୍ଥାପନ କରି ଲୋକଙ୍କ ମଧ୍ୟରେ ବିଭେଦ ସୃଷ୍ଟି ଲାଗି କିଛି ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ଉଦ୍ୟମ ଚଳାଇଥିବା ନୂଆଦିଲ୍ଲୀ କହିଛି। ଆସେମ୍ବ୍ଲି ସଦସ୍ୟ ନାଦେର ସାୟେଘ ଓ ଅନ୍ୟ ୧୨ ଜଣ ଏହି ପ୍ରସ୍ତାବ ରଖିଥିଲେ। ଏଥିରେ କୁହାଯାଇଛି, କଶ୍ମୀରୀମାନେ ପ୍ରତିକୂଳତା ଅତିକ୍ରମ କରି ଦୃଢ଼ତା ପ୍ରଦର୍ଶନ କରିବା ସହ ନ୍ୟୁୟର୍କର ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଶର୍ମାଙ୍କୁ ମାନିବିଅ**

# ପୋତାଗଲା ବିପୁଳ ସସ୍, ଆଚାର

**କଟକ ଅଫିସ ୭।୨**

- **ଭିନେଗାର, ଘିଅ ମଧ୍ୟ ନଷ୍ଟ କରାଗଲା**
- **ନମୁନା ପରୀକ୍ଷାରୁ ଖାଦ୍ୟ ଅନୁପଯୋଗୀ ଜଣାପଡ଼ିଥିଲା**
- **ଗିରଫ ହୋଇଛନ୍ତି କମ୍ପାନୀ ମାଲିକ, ପରିଚାଳକ, କର୍ମଚାରୀ**

କଟକ ଜଗତ୍‌ପୁର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଗୋଟିଏ ପରେ ଗୋଟିଏ ଅପମିଶ୍ରିତ ଖାଦ୍ୟ ସାମଗ୍ରୀ କାରଖାନାର ପର୍ଦ୍ଦାଫାଶ ହୋଇଆସୁଛି। ସସ୍, ଆଚାରଠୁ ଆରମ୍ଭ କରି ଭିନେଗାର, ଘିଅ, ତେଲ, ମସଲାଗୁଣ୍ଡ ଆଦି ବହୁ ଭେଜାଲ ସାମଗ୍ରୀ ପୂରପଲ୍ଲୀରେ ବ୍ୟାପକ ଭାବେ ବିକ୍ରି କରାଯାଉଛି। ଲୋକେ ସାମାନ୍ୟ ଶସ୍ତା ପାଇଁ ଏଭଳି ସାମଗ୍ରୀ ଆପଣାଉଛନ୍ତି। ପୋଲିସ, ଫୁଡ୍ ଇନ୍ସପେକ୍ଟରମାନେ ଜାଣିଶୁଣି ନୀରବ ରହୁଥିବାରୁ ଏହି ☞ପୃଷ୍ଠା-୪



ଜବତ ନକଲି ସସ୍ ଓ ଆଚାରକୁ ଜେସିବି ମାଧ୍ୟମରେ ନଷ୍ଟ କରାଯାଉଛି।




# ହିମବାହରୁ ଖଣ୍ଡପ୍ରଳୟ

**ପ୍ରକୃତିର ଅନ୍ୟତମ ଆଶ୍ଚର୍ଯ୍ୟ ଗ୍ଲେସିୟର ବା ହିମବାହ। ଲକ୍ଷାଧିକ ବର୍ଷ ଧରି ଜମାଟ ବାନ୍ଧିଥିବା ଏହି ବରଫ ଉପତ୍ୟକାର ପ୍ରକୃତିପ୍ରେମୀଙ୍କୁ ଆକର୍ଷିତ କରିଆସିଛି। ହେଲେ ଏହି ବରଫ ଚଟାଣ ଯେତେବେଳେ ଦୋହଲେ, ସେତେବେଳେ ଆସେ ଖଣ୍ଡପ୍ରଳୟ। କ୍ଷଣିକ ଭିତରେ ଧ୍ୱଂସ ହୋଇଯାଏ ସବୁକିଛି। ବରଫ ତଳେ ଦବିଯାଏ ଜନବସତି। ନଦୀ ତଟବର୍ତ୍ତୀ ଇଲାକା ହୋଇଯାଏ ଜଳପ୍ଲାବିତ। ହିମବାହ ଦେଖିବାକୁ ଯେତିକି ସୁନ୍ଦର, ଏହା ସ୍ଥାନଚ୍ୟୁତ ହେଲେ ସେତିକି ମାରାତ୍ମକ ବୋଲି ମତ ଦେଇଛନ୍ତି ଭୂତତ୍ତ୍ୱବିତ୍।**


ହିମସ୍ଖଳନ ଜନିତ ବନ୍ୟା ପରେ ଋଷିଗଙ୍ଗା ବିଦ୍ୟୁତ୍ ପ୍ରକଳ୍ପ ନିକଟ ଧଉଳି ଗଙ୍ଗା ନଦୀରେ ଉଦ୍ଧାର କାର୍ଯ୍ୟ ଜାରି।

ଡେରାଡୁନ୍, ୭।୨

ଦଶନ୍ଧି ଭିତରେ ଉତ୍ତରାଖଣ୍ଡ ଦେଖିଛି ଦୁଇଟି ଜଳପ୍ରଳୟ। ୨୦୧୩ ଜୁନ୍‌ରେ ପ୍ରଳୟଙ୍କରୀ ବନ୍ୟାରେ ବିଶ୍ୱ ଦେଖିଥିଲା ଦେବଭୂମିର ବିକଳ ଚେହେରା। ବାଦଲଫଟା ବର୍ଷା ଯୋଗୁ ଜଳପ୍ଲାବିତ ହୋଇଯାଇଥିଲା ଅନେକ ସ୍ଥାନ। ଏଥିରୁ ବାଦ୍ ପଡ଼ି ନ ଥିଲା ପ୍ରସିଦ୍ଧ ଶୈବକ୍ଷେତ୍ର କେଦାରନାଥ। ୫୭୦୦ରୁ ଉର୍ଦ୍ଧ୍ୱ ଜୀବନ ନେଇଥିଲା ଏହି ପ୍ରାକୃତିକ ବିପର୍ଯ୍ୟୟ। ନିଖୋଜ ହୋଇଯାଇଥିଲେ ଶତାଧିକ ଶ୍ରଦ୍ଧାଳୁ ଏବଂ ଜନସାଧାରଣ। ରବିବାର ଏହାର ପୁନରାବୃତ୍ତି ହୋଇଛି। ମୃତାହତ ସଂଖ୍ୟା ଏବଂ କ୍ଷୟକ୍ଷତି ଯଦିଓ ପୂର୍ବଥର ତୁଳନାରେ କମ୍, ତଥାପି ଏହି ଘଟଣାରେ ତାଜା ହୋଇଯାଇଛି ଅତୀତର ସ୍ମୃତି।

ଉତ୍ତରାଖଣ୍ଡର ଚମୋଲି ଜିଲାର ଋଷିଗଙ୍ଗା ଘାଟିରେ ହିମସ୍ଖଳନ ଯୋଗୁ ଅଳକାନନ୍ଦା ଏବଂ ଏହାର ଶାଖା ନଦୀରେ ବଡ଼ଧରଣର ବନ୍ୟା ଆସିଛି। ଏଥିରେ ବିଶେଷ କ୍ଷତିଗ୍ରସ୍ତ ହୋଇଛି ଋଷିଗଙ୍ଗା ତପୋବନ ଜଳବିଦ୍ୟୁତ୍ ପ୍ରକଳ୍ପ। ତେବେ ହିମବାହ କାରଣରୁ ଆସୁଥିବା ଦୁର୍ବିପାକ ନୂଆ ନୁହେଁ। ଗ୍ଲେସିୟର ବାହାରୁ ଦେଖିବାକୁ ଯେତିକି ସୁନ୍ଦର, ସେତିକି ପ୍ରଳୟଙ୍କରୀ ଶକ୍ତି ଜମାଟ ବାନ୍ଧିଥାଏ ଏହାର ଆଭ୍ୟନ୍ତରରେ। ଏହା ସେତେବେଳେ ଜଣାପଡ଼େ, ଯେତେବେଳେ ଏକ ବଡ଼ ବରଫ ପାହାଡ଼ ଧସିଯାଏ ବା ହିମସ୍ଖଳନ ହୁଏ। ଗ୍ଲେସିୟର ସବୁବେଳେ ଅସ୍ଥିର। ଏହା ପ୍ରତିକ୍ଷଣରେ ସ୍ଥାନାନ୍ତର ହୋଇଥାଏ। ଏହାର ଗତି ଅତ୍ୟନ୍ତ ଧିମା। ଏହା ଏକ ଆଭ୍ୟନ୍ତରୀଣ ପ୍ରକ୍ରିୟା, ଯାହା ଖାଲି ଆଖିକୁ ଦୃଷ୍ଟି ଗୋଚର ହୁଏନାହିଁ।

ଅନେକ ସମୟରେ ଦୁଃସାହସିକ ପର୍ବତ ଆରୋହୀ ଜୀବନକୁ ବାଜି ଲଗାଇ ଗ୍ଲେସିୟର ଉପତ୍ୟକା ଅତିକ୍ରମ କରିବାକୁ ଉଦ୍ୟମ କରିଥାନ୍ତି। ଦୁର୍ଘଟଣାରେ ଅନେକଙ୍କ ଜୀବନ ଚାଲିଯିବା ନୂଆ କଥା ନୁହେଁ। ଅନେକ ସମୟରେ ହିମବାହ ମଝିରେ ସୃଷ୍ଟି ହେଉଥିବା ଫାଟ ବିଶାଳ ବରଫ ପାହାଡ଼ର ସନ୍ତୁଳନ ବିଗାଡ଼ି ଥାଏ। ପରିଣାମ ସ୍ୱରୂପ ଏହା ନିମ୍ନାଭିମୁଖୀ ହୋଇ ତଳମୁହାଁ ହୁଏ। ହିମବାହରୁ ସୃଷ୍ଟି ନଦୀରେ ଏହା ହଠାତ୍ ଖସିପଡ଼ିବା ପରେ ପ୍ରଳୟଙ୍କରୀ ବନ୍ୟାକୁ ଡାକିଆଣେ। ପଶ୍ଚିମ ଆଣ୍ଟାର୍କଟିକାରେ ବ୍ରିଟେନର କ୍ଷେତ୍ରଫଳଠାରୁ ବଡ଼ ଏକ ବିଶାଳ ଗ୍ଲେସିୟର ଦ୍ରୁତ ଗତିରେ ତରଳୁଛି। ଏହାଦ୍ୱାରା ବର୍ଷକୁ ୩୫ କୋଟି ଟନ୍ ପାଣି ସମୁଦ୍ରରେ ମିଶୁଛି। ଏହି ଧାରା ଜାରି ରହିଲେ ୨୧୦୦ ସୁଦ୍ଧା ସମୁଦ୍ର ଜଳପତ୍ତନ ୨୬ ସେମିରୁ ୧.୧ ମିଟର ଯାଏ ବଢ଼ିବ, ଯାହା ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳକୁ ବୁଡ଼ାଇଦେବ ବୋଲି ଆଶଙ୍କା ବ୍ୟକ୍ତ କରିଛି ମିଳିତ ଜାତିସଂଘର ପରିବେଶ ବିଜ୍ଞାନ ପ୍ୟାନେଲ।

## ଗ୍ଲେସିୟର ପ୍ରକୃତି ଅବୁଝା

ଗ୍ଲେସିୟର ହେଉଛି ଜମାଟ ବାନ୍ଧି ରହିଥିବା ବରଫର ବଡ଼ ଚଟାଣ। ଏହାର ପ୍ରକୃତି ବୁଝିବା କଷ୍ଟକର। ଅର୍ଥାତ୍ ଏହା କେତେବେଳେ ଭାଙ୍ଗିବ ତାହାର ନିର୍ଦ୍ଦିଷ୍ଟ ସମୟ ଅନୁମାନ କରିବା ସହଜ ନୁହେଁ। ତଥାପି ବୈଜ୍ଞାନିକମାନେ ବିଭିନ୍ନ ମଡେଲର ଅନୁଧ୍ୟାନ କରି ଆଗୁଆ ସତର୍କ ସୂଚନା ଦେଉଛନ୍ତି। ହେଲେ ଏଭଳି ବିପର୍ଯ୍ୟୟ ପାଇଁ ସରକାରୀସ୍ତରରେ ପୂର୍ବ ପ୍ରସ୍ତୁତି କ୍ୱଚିତ ଦେଖିବାକୁ ମିଳେ।

ସଂରଚନା ଦୃଷ୍ଟିରୁ ହିମବାହ ୨ ପ୍ରକାରର। ଆଲ୍‌ପାଇନ୍ ଗ୍ଲେସିୟର ବା ବରଫର ଉପତ୍ୟାକା ଏବଂ ମାଉଣ୍ଟେନ ଗ୍ଲେସିୟର ବା ପାହାଡ଼ ଉପରେ ବିସ୍ତୀର୍ଣ୍ଣ ବରଫ ଚାଦର। ଉତ୍ତରାଖଣ୍ଡର ଘଟଣା ମାଉଣ୍ଟେନ୍ ଗ୍ଲେସିୟର ଶ୍ରେଣୀର, ଯାହାକୁ ସବୁଠାରୁ ବେଶି ବିପଜ୍ଜନକ ବୋଲି କୁହାଯାଏ। ଏହି ପ୍ରକାରର ହିମବାହ ଉଚ୍ଚ ପର୍ବତ ଶୃଙ୍ଗରେ ସୃଷ୍ଟି ହୋଇ ଆଖପାଖ ଅଞ୍ଚଳକୁ ପରିବ୍ୟାପ୍ତ ହୋଇଥାଏ। ପର୍ବତ ଉପତ୍ୟକା ଆଡ଼କୁ ଏହା ଗତିଶୀଳ ହୋଇଥାଏ। ପୃଥିବୀର ଏକ ଦଶମାଂଶ ହିମବାହରେ ଢାଙ୍କି ହୋଇଛି। କେତେକ ଗ୍ଲେସିୟର ଦିନକୁ ମାତ୍ର କେତେ ସେଣ୍ଟିମିଟର ସ୍ଥାନାନ୍ତର ହେଉଥିବାବେଳେ ଅନ୍ୟ କେତେକ ୫୦ ମିଟର ଯାଏ ଘୁଞ୍ଚି ଯାଇଥାନ୍ତି। ଦ୍ରୁତଗତିରେ ଆଗକୁ ବଢୁଥିବା ଗ୍ଲେସିୟର ଅତ୍ୟଧିକ ବିପଜ୍ଜନକ। ତେବେ ପର୍ବତରୁ ବିଚ୍ୟୁତ ହୋଇ ନଦୀର ଜଳସ୍ରୋତରେ ପ୍ରବାହିତ ହେଲେ ପରିଣାମ ଅଧିକ ବିନାଶକାରୀ ହୋଇଥାଏ।

## ଉତ୍ତରାଖଣ୍ଡରେ ବଡ଼ ପ୍ରାକୃତିକ ବିପର୍ଯ୍ୟୟ

ନୂଆଦିଲ୍ଲୀ, ୭।୨


୧୯୯୧ରେ ଉତ୍ତର କାଶୀ ଭୂକମ୍ପରେ ରାସ୍ତା ଫାଟି ଯାଇଛି।

ହିମାଳୟ ପାର୍ବତ୍ୟାଞ୍ଚଳରେ ଅବସ୍ଥିତ ଉତ୍ତରାଖଣ୍ଡ ଗତ ୩ ଦଶନ୍ଧି ମଧ୍ୟରେ ଅନେକ ପ୍ରଳୟଙ୍କରୀ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ୧୯୯୧ ଅକ୍ଟୋବରରେ ଅବିଭକ୍ତ ଉତ୍ତରପ୍ରଦେଶର ଉକ୍ତ ଅଞ୍ଚଳରେ ୬.୮ ତୀବ୍ରତାର ଭୂକମ୍ପ ହୋଇଥିଲା। ଏଥିରେ ୭୬୮ ଜଣଙ୍କ ମୃତ୍ୟୁ ଘଟିବା ସହ ହଜାର ହଜାର ଘର ମାଟିରେ ମିଶିଯାଇଥିଲା। ୧୯୯୮ରେ ପିଥୋରାଗଡ଼ ଜିଲାର ମାଲପା ଗ୍ରାମରେ ଭୂସ୍ଖଳନ ଯୋଗୁ ୨୫୫ ଜଣଙ୍କ ମୃତ୍ୟୁ ହୋଇଥିଲା। ସେମାନଙ୍କ ମଧ୍ୟରୁ ୫୫ ଜଣ କୈଳାସ ମାନସରୋବର ଯାତ୍ରୀ ଥିଲେ। ପଥର ଖଣ୍ଡ ଜମା ହୋଇ ଶାରଦା ନଦୀକୁ ଆଂଶିକ ଅବରୋଧ କରିଦେଇଥିଲା।

୧୯୯୯ରେ ଚାମୋଲି ଜିଲାରେ ବଡ଼ ଧରଣର ଭୂକମ୍ପ ହୋଇଥିଲା। ଏଥିରେ ଶତାଧିକ ଲୋକଙ୍କ ମୃତ୍ୟୁ ହେବା ସହ ପଡୋଶୀ ରୁଦ୍ରପ୍ରୟାଗ ଜିଲା ମଧ୍ୟ କ୍ଷତିଗ୍ରସ୍ତ ହୋଇଥିଲା। ଏହି ଭୂକମ୍ପ ପ୍ରଭାବରେ ବିଭିନ୍ନ ସମୟରେ ଭୂସ୍ଖଳନ ହେବା ସହ କେତେକ ନଦୀପଥରେ ପରିବର୍ତ୍ତନ ଘଟିଥିଲା। ବିଭିନ୍ନ ସ୍ଥାନରେ ରାସ୍ତା ଫାଟିଯାଇଥିଲା। ୨୦୧୩ ଜୁନ୍‌ରେ କିଛିଦିନ ଧରି ମୁଷଳ ଧାରାରେ ବର୍ଷା ଲାଗି ରହିବାରୁ ଉତ୍ତରାଖଣ୍ଡରେ ଭୟାବହ ବନ୍ୟା ସାଙ୍ଗକୁ ଏକାଧିକ ଭୂସ୍ଖଳନ ଘଟିଥିଲା। ଏଥିରେ ୫,୭୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିଲା। ରାସ୍ତା ଓ ପୋଲ ଭାସିଯିବାରୁ ଚାର୍ ଧାମ ଯାତ୍ରାରେ ଯାଇଥିବା ୩ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ଉପତ୍ୟକାରେ ଅଟକି ରହିଥିଲେ।


୨୦୧୩ ବନ୍ୟାରେ କ୍ଷତିଗ୍ରସ୍ତ କେଦାରନାଥ ପୀଠ।

## ‘ସାରା ଦେଶ ଉତ୍ତରାଖଣ୍ଡ ସହ ରହିଛି’

ନୂଆଦିଲ୍ଲୀ, ୭।୨



ଉତ୍ତରାଖଣ୍ଡ ବିପର୍ଯ୍ୟୟ ବେଳେ ଭାରତ ଏହା ପଛରେ ଛିଡ଼ାହୋଇଛି। ସେଠାର ସମସ୍ତ ଲୋକଙ୍କ ସୁରକ୍ଷା ପାଇଁ ସାରା ଦେଶ ପ୍ରାର୍ଥନା କରୁଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ସେ କ୍ରମାଗତ ଭାବେ ପରିସ୍ଥିତି ଉପରେ ନଜର ରଖିଥିବା ଟୁଇଟ୍ କରିଛନ୍ତି। ବନ୍ୟା ଖବର ମିଳିବା ସମୟରେ ପ୍ରଧାନମନ୍ତ୍ରୀ ଆସାମ ଗସ୍ତରେ ଥିଲେ। ସେ ସେଠାରୁ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ଓ ଅନ୍ୟ ଉଚ୍ଚ ପଦାଧିକାରୀମାନଙ୍କ ସହ କଥା ହୋଇ ବନ୍ୟା ସ୍ଥିତିର ସମୀକ୍ଷା କରିଥିଲେ।

## ତପୋବନ ଟନେଲରୁ ୧୬ ଉଦ୍ଧାର

ନୂଆଦିଲ୍ଲୀ, ୭।୨

ହିମସ୍ଖଳନ ଜନିତ ବନ୍ୟାରେ ଶତାଧିକ ନିଖୋଜ ହୋଇଥିବାବେଳେ ତପୋବନ ଅଞ୍ଚଳର ଏକ ଟନେଲ୍‌ରେ ଅଟକି ରହିଥିବା ୧୬ ଜଣଙ୍କୁ ଆଇଟିବିପି ଯବାନମାନେ ଉଦ୍ଧାର କରିଛନ୍ତି। ସତର୍କତା ପଦକ୍ଷେପ ସ୍ୱରୂପ ଭାଗୀରଥି ନଦୀର ଜଳପ୍ରବାହକୁ ବନ୍ଦ କରିଦିଆଯାଇଛି। ଶ୍ରୀନଗର ଓ ଋଷିକେଶ ଡ୍ୟାମ୍‌କୁ ଖାଲି କରିଦିଆଯାଇଥିବାରୁ ଅଳକାନନ୍ଦାରେ ଜଳପ୍ରବାହ ସ୍ୱାଭାବିକ ହୋଇଥିବା ମୁଖ୍ୟମନ୍ତ୍ରୀ ତ୍ରିବେନ୍ଦ୍ର ରାୱତ୍ କହିଛନ୍ତି।

## ମୃତକଙ୍କ ପରିବାରକୁ ୪ ଲକ୍ଷ

**ଡେରାଡୁନ୍, ୭।୨:** ଉତ୍ତରାଖଣ୍ଡ ବନ୍ୟାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ତ୍ରିବେନ୍ଦ୍ର ରାୱତ୍ ୪ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ରାୱତ୍ ଏକ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ସହାୟତା ଚାହୁଁଥିବା ଲୋକମାନଙ୍କୁ ଜରୁରୀ ନମ୍ବର ୧୦୭୦, ୧୯୦୫ ଏବଂ ୯୫୫୭୪୪୪୮୬ ରେ ଯୋଗାଯୋଗ କରିବାକୁ କୁହାଯାଇଛି।

## ୟୁପିରେ ହାଇଆଲର୍ଟ

**ଲକ୍ଷ୍ନୌ, ୭।୨:** ଉତ୍ତରାଖଣ୍ଡରେ ହିମସ୍ଖଳନ ଜନିତ ଅଚାନକ ବନ୍ୟା ମାଡ଼ିଆସି ବ୍ୟାପକ କ୍ଷୟକ୍ଷତି କରିଥିବାବେଳେ ଉତ୍ତରପ୍ରଦେଶରେ ବିପର୍ଯ୍ୟୟ ହାଇ ଆଲର୍ଟ ଜାରି କରାଯାଇଛି। ଗଙ୍ଗାନଦୀର ଜଳପତ୍ତନକୁ କ୍ରମାଗତ ଅନୁଧ୍ୟାନ କରିବା ଲାଗି ରାଜ୍ୟ ସରକାର କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସବୁ ଜିଲାର ଜିଲାପାଳଙ୍କୁ ସତର୍କ ରହିବାକୁ କୁହାଯାଇଛି। ଗଙ୍ଗାନଦୀ କୂଳରେ ଥିବା ଜିଲାଗୁଡ଼ିକ ସର୍ବାଧିକ ସତର୍କ ରହିବା ସହ ୨୪ ଘଣ୍ଟା ଜଳପତ୍ତନ ଅନୁଧ୍ୟାନ କରିବାକୁ ପରାମର୍ଶ ଦିଆଯାଇଛି। ଆବଶ୍ୟକ ପଡିଲେ ନଦୀକୂଳରୁ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ଲାଗି ରିଲିଫ କମିଶନର କହିଛନ୍ତି।


## ଚିନ୍ତା ବଢ଼ାଇଲାଣି ହିମାଳୟ ଗ୍ଲେସିୟର

ନୂଆଦିଲ୍ଲୀ, ୭।୨

- ୨ ଗୁଣା ତରଳୁଛି ବରଫ
- ତାପମାତ୍ରା ବୃଦ୍ଧି ଦାୟୀ
- ଭାରତ, ଚାଇନା, ନେପାଳ, ଭୁଟାନକୁ ବିପଦ

ଏକବିଂଶ ଶତାବ୍ଦୀ ଆରମ୍ଭରୁ ହିମାଳୟ ଅଞ୍ଚଳର ଗ୍ଲେସିୟର (ହିମବାହ) ଦୁଇଗୁଣା ଅଧିକ ବେଗରେ ତରଳୁଥିବା ଏକ ସର୍ଭେରୁ ଜଣାପଡ଼ିଛି। ୨୦୧୯ରେ ପ୍ରକାଶିତ ସର୍ଭେ ଅନୁଯାୟୀ ଉତ୍ତାପ ବଢୁଥିବାରୁ ହିମବାହ ଶୀଘ୍ର ତରଳୁଛି। ପ୍ରତିବର୍ଷ ଦେଢ଼ଫୁଟ ଉଚ୍ଚର ବରଫ ତରଳୁଥିବାରୁ ଭାରତ ସମେତ ବିଭିନ୍ନ ଦେଶ ପାଇଁ ସମସ୍ୟା ସୃଷ୍ଟି ହେବାକୁ ଯାଉଛି।

ଭାରତ, ଚାଇନା, ନେପାଳ, ଭୁଟାନର ୪୦ ବର୍ଷର ସାଟେଲାଇଟ୍ ପର୍ଯ୍ୟବେକ୍ଷଣକୁ ବିଶ୍ଲେଷଣ କରାଯାଇଥିଲା। ଜଳବାୟୁରେ ପରିବର୍ତ୍ତନ ଯୋଗୁ ହିମାଳୟର ଗ୍ଲେସିୟର ଦ୍ରୁତଗତିରେ ତରଳୁଥିବା ଗବେଷକମାନେ ଜାଣିବାକୁ ପାଇଥିଲେ। ୨୦୧୯ରେ ସାଇନ୍ସ ଆଡ୍‌ଭାନ୍‌ସେସ୍‌ରେ ଏହି ଅଧ୍ୟୟନ ପ୍ରକାଶ ପାଇଥିଲା। ଅଧ୍ୟୟନ ଅନୁଯାୟୀ ୧୯୭୫ରୁ ୨୦୦୦ ମଧ୍ୟରେ ଯେତିକି ବରଫ ତରଳିଥିଲା, ୨୦୦୦ ପରଠାରୁ ତା’ର ଦୁଇଗୁଣ ହାରରେ ତରଳିବାରେ ଲାଗିଛି। ଗତ ୪ ଦଶନ୍ଧି ମଧ୍ୟରେ ହିମାଳୟରେ ଗଚ୍ଛିତ ବରଫ ମଧ୍ୟରୁ ଏକ-ଚତୁର୍ଥାଂଶ ତରଳି ଥାଇପାରେ ବୋଲି ଅଧ୍ୟୟନର ମୁଖ୍ୟ କଲମ୍ବିଆ ୟୁନିଭର୍ସିଟିର ଜୋଶୁଆ ମୌରେର୍ କହିଛନ୍ତି। ୨୦୦୦ରୁ ୨୦୧୬ ମଧ୍ୟରେ ତାପମାତ୍ରା ୧୯୭୫ରୁ ୨୦୦୦ ମଧ୍ୟର ତାପମାତ୍ରାଠାରୁ ହାରାହାରି ୧ ଡିଗ୍ରୀ ସେଲ୍‌ସିୟସ ବଢ଼ିଛି। ହିମାଳୟର ପଶ୍ଚିମରୁ ପୂର୍ବକୁ ୨୦୦୦ କିଲୋମିଟର ମଧ୍ୟରେ ୬୫୦ ଗ୍ଲେସିୟରର ସାଟେଲାଇଟ୍ ଚିତ୍ରକୁ ନେଇ ଏହି ଅଧ୍ୟୟନ କରାଯାଇଥିଲା। ଆମେରିକା ସ୍ପାଏ ସାଟେଲାଇଟ୍‌ରେ ଉତ୍ତୋଳନ ହୋଇଥିବା ଫଟୋଗୁଡ଼ିକ ସ୍ୱତଃ ଥ୍ରି ଡାଇମେନଶନ୍ (୩ଡି) ମଡେଲରେ ପରିବର୍ତ୍ତନ ହୋଇପାରୁଥିବାରୁ ବିଭିନ୍ନ ସମୟରେ ଗ୍ଲେସିୟର ଉଚ୍ଚତାରେ ହେଉଥିବା ପରିବର୍ତ୍ତନ ଜଣାପଡ଼ିଥିଲା। ସେହି ଅନୁଯାୟୀ ୧୯୭୫ରୁ ୨୦୦୦ ମଧ୍ୟରେ ଉକ୍ତ ଅଞ୍ଚଳର ହିମବାହ ପ୍ରତିବର୍ଷ ହାରାହାରି ୦.୨୫ ମିଟର ତରଳିଥିଲା। ତେବେ ୯୦ ଦଶକରୁ ଉତ୍ତାପ ବଢ଼ିବାରୁ ବରଫ ତରଳିବା ବଢ଼ିଥିଲା। ୨୦୦୦ ପରେ ପ୍ରତିବର୍ଷ ଏହା ୦.୫ ମିଟରକୁ ବୃଦ୍ଧି ପାଇଥିଲା। ଏସୀୟ ଦେଶଗୁଡ଼ିକରେ ଅତ୍ୟଧିକ ଜୀବାଶ୍ମ ଓ ଜୈବ ଇନ୍ଧନ ପୋଡ଼ାଯାଉଥିବାରୁ ଉପରକୁ ଉଠୁଥିବା କଳାଧୂଆଁ ଓ କାର୍ବନ ଗ୍ଲେସିୟର ପୃଷ୍ଠରେ ଜମା ହେଉଛି। ଏହା ସୌରଶକ୍ତିକୁ ଗ୍ରହଣ କରୁଥିବାରୁ ବରଫ ତରଳିବା ବଢ଼ିଛି।





**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୦,୬୪,୯୬,୨୨୯ | ୨୩,୨୩,୫୨୬ | ୭,୮୧,୪୯,୭୨୧ |
| ଭାରତ | ୧,୦୮,୩୧,୨୭୯ | ୧,୫୫,୦୮୮ | ୧,୦୫,୨୫,୩୪୩ |
| ଓଡ଼ିଶା | ୩,୩୫,୬୨୦ | ୧୯୦୯(+୫୩) | ୩,୩୨,୯୪୮ |

ରବିବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଖର୍ଚ୍ଚ କରିବାକୁ ଅନୁମତି ଦେଉନି କେନ୍ଦ୍ର

## ପ୍ରଧାନମନ୍ତ୍ରୀଙ୍କ 'ଅମ୍ଫନ' ସହାୟତା

**ଭୁବନେଶ୍ୱର,୭।୨(ବ୍ୟୁରୋ)**

ଓଡ଼ିଶା ବାତ୍ୟାପ୍ରବଣ ରାଜ୍ୟ। ଏଥିଯୋଗୁ ପ୍ରତ୍ୟେକ ବର୍ଷ ବହୁ ଧନ ଜୀବନ ନଷ୍ଟ ହେଉଛି। ବାତ୍ୟା ଦାଉରୁ ରକ୍ଷା ପାଇବା ପାଇଁ ରାଜ୍ୟ ସରକାର ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ଦୀର୍ଘକାଳୀନ ବାତ୍ୟା ନିରୋଧୀ ଭିତ୍ତିଭୂମି ନିର୍ମାଣ କରିବାକୁ ଯୋଜନା କରିଛନ୍ତି। ତେବେ ଏଥିପାଇଁ ଅର୍ଥ ବାଧକ ସାଜିଛି। ବାତ୍ୟା ଅମ୍ଫନ କ୍ଷୟକ୍ଷତି ଭରଣା ପାଇଁ ଓଡ଼ିଶାକୁ ତତ୍କାଳ ମିଳିଥିବା ୫୦୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ କେନ୍ଦ୍ର ସରକାର ଅନୁମତି ଦେଉ ନାହାନ୍ତି। ବାତ୍ୟା ନିରୋଧୀ ପ୍ରକଳ୍ପକୁ ନେଇ ରାଜ୍ୟ ସରକାର ଅଡୁଆରେ ପଡିଛନ୍ତି।

୨୦୨୦ ମେ ୨୦ ତାରିଖରେ ବାତ୍ୟା 'ଅମ୍ଫନ' ଯୋଗୁ ଓଡ଼ିଶା ଏବଂ ପଶ୍ଚିମବଙ୍ଗ ପ୍ରଭାବିତ ହେଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୨୦ ମେ ୨୨ ତାରିଖରେ ଆକାଶ ମାର୍ଗରୁ ବାତ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବା ପରେ ଓଡ଼ିଶା ପାଇଁ ୫୦୦ କୋଟି ଟଙ୍କାର ତତ୍କାଳ ସହାୟତା ଘୋଷଣା କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପରଦିନ ଆର୍ଥାତ୍ ମେ ୨୩ ତାରିଖରେ ଓଡ଼ିଶାକୁ ସେହି ଅର୍ଥ ମିଳିଲା। ଏ ନେଇ କେନ୍ଦ୍ର ସରକାରଙ୍କୁ ମଧ୍ୟ ରାଜ୍ୟ ସରକାର ଧନ୍ୟବାଦ ଦେଇଥିଲେ। ତେବେ ଉପକୂଳ ଓଡ଼ିଶାରେ ଦୀର୍ଘକାଳୀନ ବାତ୍ୟା ନିରୋଧୀ ଭିତ୍ତିଭୂମି ନିର୍ମାଣ ପାଇଁ ସେହି ଅର୍ଥ ଖର୍ଚ୍ଚ କରିବାକୁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅନୁମତି ଦେଉ ନାହିଁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ଚିଠି ଲେଖିବା ପରେ ମଧ୍ୟ କେନ୍ଦ୍ର ସରକାର ଏ ନେଇ କୌଣସି ନିଷ୍ପତ୍ତି ନେଇ ନାହାନ୍ତି। ତେବେ ନିକଟରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଓଡ଼ିଶାକୁ ଜାତୀୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି(ଏନ୍‌ଡିଆର୍‌ଏଫ୍) ପାଇଁ କୌଣସି ଅର୍ଥ ଯୋଗାଇ ଦିଆଯାଇ ନାହିଁ। ଅମ୍ଫନ ଅନ୍ତରୀଣ ସହାୟତା ରାଶି ୫୦୦ କୋଟିକୁ ଭବିଷ୍ୟତରେ ବିପର୍ଯ୍ୟୟ ମୁକାବିଲା ପାଇଁ ଖର୍ଚ୍ଚ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏନେଇ ଗୃହ ବିଭାଗକୁ ଚିଠି ଲେଖି ଜଣାଇ ଦେଇଛି। ଫଳରେ ବାତ୍ୟା ପ୍ରଭାବିତ ଅଞ୍ଚଳରେ ଦୀର୍ଘମିଆଦୀ ଭିତ୍ତିଭୂମି ଲାଗି ରାଜ୍ୟ ସରକାର କରିଥିବା ଯୋଜନା ପାଇଁ ଅର୍ଥ ଯୋଗାଡ଼ କରିବା ନେଇ ଅଡୁଆରେ ପଡ଼ିଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟରୁ ଚିଠି ପାଇବା ପରେ ଚଳିତ ସପ୍ତାହରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଅମ୍ଫନ କ୍ଷୟକ୍ଷତି ଭରଣା ପାଇଁ ଓଡ଼ିଶାକୁ ଦିଆଯାଇଥିବା ଅନ୍ତରୀଣ ସହାୟତା ବାବଦ ୫୦୦ କୋଟି ଟଙ୍କାକୁ ବାତ୍ୟା ନିରୋଧୀ ଦୀର୍ଘକାଳୀନ ଭିତ୍ତିଭୂମି ବାବଦରେ ଖର୍ଚ୍ଚ କରିବା ନେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ଗତ ସପ୍ତାହରେ ପତ୍ର ଲେଖିଛନ୍ତି। କରୋନା ଯୋଗୁ ରାଜ୍ୟର ଆର୍ଥିକ ଅବସ୍ଥା ଭଲ ନ ଥିବା ବେଳେ କେନ୍ଦ୍ର ସରକାରଙ୍କ ଅସହଯୋଗକୁ ନେଇ ରାଜ୍ୟ ସରକାର ଚିନ୍ତାରେ ପଡିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ ଅମ୍ଫନ ମାଡ଼ରେ ଉପକୂଳବର୍ତ୍ତୀ ୧୦ଟି ଜିଲା କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଯାଜପୁର, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, କଟକ, ଖୋର୍ଦ୍ଧା ଏବଂ ପୁରୀ ପ୍ରଭାବିତ ହୋଇଥିଲା। ସେଥିରୁ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲାରେ ଭୟଙ୍କର କ୍ଷୟକ୍ଷତି ହୋଇଛି। କ୍ଷୟକ୍ଷତିର ଭରଣା ପାଇଁ ରାଜ୍ୟ ସରକାର ୨୦୨୦ ଜୁନ୍ ୨୨ ତାରିଖରେ ୧୬,୨୩୫ କୋଟିର ଚୂଡ଼ାନ୍ତ ରିପୋର୍ଟ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରିଥିଲେ। କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ବାଲେଶ୍ୱର ଏବଂ ଭଦ୍ରକ ଜିଲାରେ ବାତ୍ୟା ନିରୋଧୀ ବିଦ୍ୟୁତ୍ ଭିତ୍ତିଭୂମି ପାଇଁ ୧୧ ହଜାର ୧୧୪କୋଟି, ଗ୍ରାମାଞ୍ଚଳ ଗୃହ ନିର୍ମାଣ ପାଇଁ ୪,୧୫୨ କୋଟି, ସମୁଦ୍ର ପାଣି ଅଟକାଇବାକୁ ଲୁଣାବନ୍ଧ ପାଇଁ ୭୬୭ କୋଟି ଏବଂ ରିଲିଫ୍ ଓ ଥଇଥାନ ପାଇଁ ୨୦୨ କୋଟି ଟଙ୍କାର ପ୍ରସ୍ତାବ ପ୍ରଦାନ କରାଯାଇଥିଲା।

## ପୋଲିସ ଆଇଜିଙ୍କ ଗାଡ଼ିକୁ ସାଇଡ୍ ମାରି ବସ୍ ଡ୍ରାଇଭର ଗିରଫ

**ଭଣ୍ଡାରିପୋଖରୀ,୭।୨ (ଡି.ଏନ.ଏ):** ପୋଲିସ ଆଇଜି ଦୀପତେସ୍ ପଟ୍ଟନାୟକଙ୍କ ଗାଡ଼ିକୁ ସାଇଡ୍ ମାରିବା ଅଭିଯୋଗରେ 'ଅରୁଣିମା' ନାମକ ଏକ ବସ୍‌କୁ ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ପୋଲିସ ଶନିବାର ରାତିରେ ଜବତ କରିବା ସହ ଡ୍ରାଇଭରଙ୍କୁ ଗିରଫ କରିଛି। ବସ୍‌ଟି ଭୁବନେଶ୍ୱରରୁ ଭଦ୍ରକର ବାସୁଦେବପୁର ବ୍ଲକ କରଞ୍ଜଆଡ଼ିଆକୁ ଯାଉଥିଲା। ଡ୍ରାଇଭର ବେପରୁଆ ଭାବେ ଗାଡ଼ି ଚଳାଇ ପାଣିକୋଇଲି ନିକଟରେ ପୋଲିସ ଆଇଜି ପଟ୍ଟନାୟକଙ୍କ ଗାଡ଼ିକୁ ସାଇଡ୍ ମାରି ଦ୍ରୁତଗତିରେ ପଳାଇ ଯାଇଥିଲା। ଖବର ପାଇ ଭଣ୍ଡାରିପୋଖରୀ ପୋଲିସ ୧୬ନଂ. ଜାତୀୟ ରାଜପଥର ଆଖୁଆପଦାଠାରେ ପହଞ୍ଚି ବସ୍‌କୁ ଜବତ କରି ଥାନାକୁ ନେଇଥିଲା। ଏ ନେଇ ଥାନାଧିକାରୀ ମୃତ୍ୟୁଞ୍ଜୟ ପ୍ରଧାନଙ୍କ ଅଭିଯୋଗ କ୍ରମେ ଏକ ମାମଲା (ନଂ.୪୮/୨୧) ରୁଜୁ ହୋଇଛି। ଗିରଫ ଡ୍ରାଇଭର ବାଲେଶ୍ୱର ଜିଲା ବେଗୁନିଆ ପଣପଣା ଗ୍ରାମର ମୁକ୍ତିକାନ୍ତ ଦାସଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଥିବା ପୋଲିସ ସୂଚନା ଦେଇଛି।

## ୧୦ ଯାଏ ଶୀତ ଲହରି

**ଭୁବନେଶ୍ୱର, ୭।୨(ବ୍ୟୁରୋ)**

କିଛିଦିନ ଧରି ପାରଦ ସାମାନ୍ୟ ଉପରକୁ ଉଠିବା ପରେ ପୁଣି ନିମ୍ନଗାମୀ ରହିଛି। ରବିବାର ଜି. ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୫.୪ ଡିଗ୍ରୀ ରେକର୍ଡ କରାଯାଇଥିବାବେଳେ ରାଜ୍ୟର ବହୁ ଅଞ୍ଚଳରେ ୧୦ ଡିଗ୍ରୀ ତଳକୁ ରହିଛି। ବର୍ତ୍ତମାନ ରାଜ୍ୟ ମଧ୍ୟକୁ ଉତ୍ତର-ପଶ୍ଚିମ ଦିଗରୁ କ୍ରମାଗତ ଭାବେ ଶୁଷ୍କ ଓ ଥଣ୍ଡା ପବନ ପ୍ରବାହିତ ହେଉଥିବାରୁ ଗତକିଛିଦିନ ହେବ ଶୀତର ପ୍ରକୋପ ବୃଦ୍ଧି ପାଇଛି। ଆସନ୍ତା ୧୦ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ବିଭିନ୍ନ ଜିଲାରେ ଶୀତ ଲହରି ଅନୁଭୂତ ହେବ। ସୋମବାର ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ କନ୍ଧମାଳ, କଳାହାଣ୍ଡି, କେନ୍ଦୁଝର, ଝାରସୁଗୁଡ଼ା, ସୁନ୍ଦରଗଡ଼ ଓ ଦେବଗଡ଼ ଏବଂ ୮ତାରିଖ ସକାଳ ସାଢ଼େ ୮ଟାରୁ ୯ ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ସୁନ୍ଦରଗଡ଼, ଝାରସୁଗୁଡ଼ା, କେନ୍ଦୁଝର, ମୟୂରଭଞ୍ଜ, ସମ୍ବଲପୁର, ବରଗଡ଼, ଅନୁଗୋଳ, ଦେବଗଡ଼, ବୌଦ୍ଧ, ସୋନପୁର, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନୂଆପଡ଼ା, ନବରଙ୍ଗପୁର, ବାଲେଶ୍ୱର ଓ ଭଦ୍ରକରେ ପ୍ରବଳ ଶୀତ ହେବ। ସେହିପରି ୯ତାରିଖ ସକାଳ ସାଢ଼େ ୮ଟାରୁ ୧୦ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ସୁନ୍ଦରଗଡ଼, ଝାରସୁଗୁଡ଼ା, କେନ୍ଦୁଝର, ଦେବଗଡ଼, ମୟୂରଭଞ୍ଜ, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ବଲାଙ୍ଗୀର, ବରଗଡ଼ଜିଲାରେ ଶୀତ ପ୍ରକୋପ ରହିବ। ତେଣୁ ଏସ୍‌ଆର୍‌ସି ଏହି ସମସ୍ତ ଜିଲାର ଜିଲାପାଳ ଓ ମହାନଗର ନିଗମ କମିଶନରଙ୍କୁ ସତର୍କ ରହିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।


**THE KOSALA SCHOOL, Estd. - 1979**

**ENGLISH MEDIUM RESIDENTIAL PUBLIC SCHOOL**

At: Nuakhairpali, P.O.- Larasara, Via: Attabira, Dist.- Bargarh, PIN - 768027
E-mail: thekosalaschool1979@gmail.com, Website: www.thekosalaschool.in
Mob.: 6371537828 / 6371532877 / 6370708544

**KOSALA ENTRANCE TEST 2021-2022**

- Admissions open for Classes UKG to Std.-IX for **BOARDERS ONLY**.
- Interested candidates are to appear entrance test in English, Mathematics and General Awareness on the 28th February or 7th March 2021.
- Entrance Test will be conducted by strictly adhering to Covid-19 safety guidelines.
- Candidates qualified in Entrance Test will get admission strictly on merit basis.
- Enquiry time over Phone - 10.00 A.M. to 2.00 P.M.
- Entrance Test Timings - 10.30 A.M. to 12.30 P.M.
- Selling of Admission forms will start from 10th Feburary 2021.

Sd./- (Director-cum-Principal)



**MAHESWARI NURSING COLLEGE**

MNC

Approved by : Health & Family Welfare Deptt. & DMET, Govt. of Odisha

**ADMISSION OPEN 2020-21**

**COURSE**

**B.SC. NURSING** (Male / Female) 4 Years Course
ELIGIBILITY: +2 Science Passed with PCB from CHSE Odisha / CBSE / ICSE (45% Gen. & 40% SC/ST)
AGE LIMIT: 17 Years to 30 Years

**ANM (HW/F)** (Female) 2 Years Course
ELIGIBILITY: +2 Passed any Stream (40% Gen. & 35% SC/ST)
AGE LIMIT: 17 Years to 30 Years



Address: Infront of Vishal Mega Mart, Bhatli Chowk, Bargarh
Mob- 9437158472, 9937693555, 9438015943
Email-nlcattabira@gmail.com website : www.maheswarigroup.in






ପ୍ରାଣୀଙ୍କ ଉପରେ ହେଉଥିବା ନିଷ୍ଠୁରତାର ପ୍ରତିବାଦରେ ପିପୁଲ ଫର୍ ଆନିମାଲ୍ସର କର୍ମକର୍ତ୍ତାମାନେ ରବିବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ପ୍ରାର୍ଥୀପତ୍ର ପ୍ରତ୍ୟାହାର କଲେ ଲକ୍ଷ୍ମୀ

**ପାରଳାଖେମୁଣ୍ଡି,୭।୨(ଡି.ଏନ୍.ଏ.)**

### ଆନ୍ଧ୍ର ନିର୍ବାଚନରେ ଓଡ଼ିଶା ମହିଳା ପ୍ରାର୍ଥୀହେବା ଘଟଣା



ମଞ୍ଜୁସା ମଣ୍ଡଳ ଅଫିସରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରୁଛନ୍ତି ଲକ୍ଷ୍ମୀ।

ଗଜପତି ଜିଲା ରାୟଗଡ଼ ବ୍ଲକ୍ ଗଙ୍ଗାବାଡ ପଞ୍ଚାୟତ ମାଣିକପାଟଣା ଗ୍ରାମର ଜଣେ ମହିଳା ଫେବୃୟାରୀ ୧୩ରେ ହେବାକୁ ଥିବା ଆନ୍ଧ୍ରପ୍ରଦେଶ ପଞ୍ଚାୟତ ନିର୍ବାଚନରେ ୱାର୍ଡସଭ୍ୟା ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଖବର ପାଇ ଜିଲାପ୍ରଶାସନ ଗାଁରେ ପହଞ୍ଚି ଶନିବାର ଆଲୋଚନା କରିଥିବାବେଳେ ରବିବାର ସେ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିଥିବା ଜଣାପଡିଛି।

ପ୍ରକାଶ ଯେ, ଗଜପତିଜିଲା ଗଙ୍ଗାବାଡ ପଞ୍ଚାୟତ ମାଣିକପାଟଣା, ବୁରୁସିଙ୍ଗି, ଅମରିଙ୍ଗି, ଗୁଡିକୁଡି ଆଦି ଗ୍ରାମଗୁଡିକୁ ଆନ୍ଧ୍ର ପ୍ରଶାସନ ଶ୍ରୀକାକୁଲମ୍ ଜିଲା ମଞ୍ଜୁସା ମଣ୍ଡଲମ୍‌ର ସାବାକୋଟା ପଞ୍ଚାୟତ ବୋଲି ଦର୍ଶାଇ ନିର୍ବାଚନରେ ସାମିଲ କରିଛି। ଉପରୋକ୍ତ ଗ୍ରାମର କେତେଜଣ ବ୍ୟକ୍ତି ସାବାକୋଟା ପଞ୍ଚାୟତ ୫ନଂ. ୱାର୍ଡରେ ଭୋଟ ଦେବାକୁ ପ୍ରସ୍ତୁତ ହେଉଥିବା ଜିଲା ପ୍ରଶାସନ ନିକଟରେ ଖବର ପହଞ୍ଚିଥିଲା। ଶନିବାର ଉପଜିଲାପାଳଙ୍କ ନେତୃତ୍ୱରେ ଅତିରିକ୍ତ ଉପ ଜିଲାପାଳ, ବିଡିଓ, ତହସିଲଦାର, ପୋଲିସ ପ୍ରଶାସନ ତଥା ସମସ୍ତ କ୍ଷେତ୍ରଅଧିକାରୀ ଉପରୋକ୍ତ ଗ୍ରାମଗୁଡିକୁ ପରିଦର୍ଶନ କରି ଲୋକମାନଙ୍କ ସହ ଆଲୋଚନା କରିଥିଲେ। ମାଣିକପାଟଣା ଗ୍ରାମର ଜଣେ ମହିଳା ଲକ୍ଷ୍ମୀ ଶବର ଆନ୍ଧ୍ରପ୍ରଦେଶ ପଞ୍ଚାୟତ ନିର୍ବାଚନରେ ସାବାକୋଟାର ୫ନଂ. ୱାର୍ଡ ସଭ୍ୟା ଭାବେ ନାମାଙ୍କନପତ୍ର ଦାଖଲ କରିଥିବା ଜଣାପଡିଥିଲା। ଅଞ୍ଚଳବାସୀଙ୍କ ସହ ପ୍ରଶାସନର ଆଲୋଚନା ପରେ ଲକ୍ଷ୍ମୀ ରବିବାର ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିଥିବା ଜଣାପଡିଛି।

## ବିଜେଡିର ୮ ନୂତନ ସହପର୍ଯ୍ୟବେକ୍ଷକ

**ଭୁବନେଶ୍ୱର, ୭।୨(ବ୍ୟୁରୋ)**

ବିଜେଡି ପକ୍ଷରୁ ରବିବାର ସୁନ୍ଦରଗଡ ଜିଲା ସହିତ ୭ଟି ନିର୍ବାଚନମଣ୍ଡଳୀ ପାଇଁ ସହ ପର୍ଯ୍ୟବେକ୍ଷକ ନିଯୁକ୍ତି କରାଯାଇଛି। ଏହି ୮ ନବନିଯୁକ୍ତ ସହପର୍ଯ୍ୟବେକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଯୁକ୍ତ କରିଛନ୍ତି। ସୁନ୍ଦରଗଡ ଜିଲା ଲାଗି କୁନା ବିହାରୀ ଦାସଙ୍କୁ ସହ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ମିଳିଛି। ଆସନ୍ତା ୧୬ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସୁନ୍ଦରଗଡରେ ଏକ କାର୍ଯ୍ୟକ୍ରମ ଥିବାରୁ ଏଭଳି ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି। ସେହିପରି ତଳସରା ନିର୍ବାଚନମଣ୍ଡଳୀରେ ଦେବୀ ପ୍ରସାଦ ତ୍ରିପାଠୀ, ସୁନ୍ଦରଗଡ ନିର୍ବାଚନମଣ୍ଡଳୀ ଲାଗି ଦେବାଶିଷ ମଲ୍ଲିକ, ବଣାଇରେ ରଞ୍ଜିତ ମହାପାତ୍ର, ବୀରମିତ୍ରପୁରରେ ସଂଗ୍ରାମ କେଶରୀ ପାଇକରାୟ, ରଘୁନାଥପାଲିରେ ଶିଶିର ପରିଜା, ରାଜଗାଙ୍ଗପୁରରେ ଆଶିଷ ଚକ୍ରବର୍ତ୍ତୀ ଏବଂ ରାଉରକେଲା ଲାଗି ଅସୀତ ପଟ୍ଟନାୟକଙ୍କୁ ସହପର୍ଯ୍ୟବେକ୍ଷକ ଦାୟିତ୍ୱ ଦିଆଯାଇଛି।

## ରବିବାର ଶିକ୍ଷାଦାନ ବନ୍ଦ ନ କଲେ ଆଇନର ଆଶ୍ରୟ ନେବ ଓଷ୍ଟା

**ଭୁବନେଶ୍ୱର, ୭।୨(ବ୍ୟୁରୋ)**

ରାଜ୍ୟରେ ଗତ ଜାନୁୟାରୀ ୮ରୁ ଦଶମ ଓ ଦ୍ୱାଦଶ ଶ୍ରେଣୀ ପିଲାଙ୍କ ପାଇଁ ସ୍କୁଲ ଖୋଲିଛି। ସରକାର ୧୦୦ ଦିନର ଶିକ୍ଷାଦାନ ଅବଧି ସ୍ଥିର କରି ରବିବାର ଶିକ୍ଷାଦାନ ପାଇଁ ମାର୍ଗଦର୍ଶିକା ଜାରି କରିଛନ୍ତି। ଏହାଦ୍ୱାରା ମାଧ୍ୟମିକ ଓ ଉଚ୍ଚମାଧ୍ୟମିକ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶିକ୍ଷକ କର୍ମଚାରୀଙ୍କ ମୌଳିକ ଅଧିକାର ଓ ଆଦର୍ଶ ଶ୍ରମ ଆଇନ୍‌ର ଖୋଲାଖୋଲି ଉଲ୍ଲଂଘନ କରାଯାଉଛି ବୋଲି ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ପକ୍ଷରୁ ଅଭିଯୋଗ କରାଯାଇଛି। ରବିବାର ଶିକ୍ଷାଦାନ ବନ୍ଦ ନ କଲେ ଆଇନର ଆଶ୍ରୟ ନେବାକୁ ବାଧ୍ୟ ହେବୁ ବୋଲି ଓଷ୍ଟା ଚେତାବନୀ ଦେଇଛି।

ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଓଷ୍ଟାର ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି କହିଛନ୍ତି, କରୋନା ସମୟରେ ୯ମାସ ଧରି ଶିକ୍ଷକ ବା କର୍ମଚାରୀମାନେ ସରକାରଙ୍କ ନିର୍ଦ୍ଦେଶିତ ସମସ୍ତ କାର୍ଯ୍ୟ ସୁଚାରୁ ରୂପେ ପାଳନ କରିଛନ୍ତି। କୋଭିଡ୍ ଦାୟିତ୍ୱ ଅନୁପାଳନ କରି ଅନେକ ସ୍ଥାନରେ ଶିକ୍ଷକମାନେ ସଂକ୍ରମଣର ଶିକାର ହୋଇଛନ୍ତି ଓ କେତେଜଣଙ୍କର ମୃତ୍ୟୁ ମଧ୍ୟ ହୋଇଛି। ଏହାପରେ ରବିବାରରେ ଶିକ୍ଷାଦାନ କରିବା ପାଇଁ ବାଧ୍ୟ କରି ସରକାର ଶିକ୍ଷକଙ୍କୁ ଗୋତି ଶ୍ରମିକଭଳି ବ୍ୟବହାର କରୁଛନ୍ତି। ଶିକ୍ଷକମାନେ ନିର୍ବିକାର ଭାବରେ ଏକମାସ ଧରି କାର୍ଯ୍ୟକରି ଆସିଲେଣି। ଠିକ୍ ସମୟରେ ପାଠ୍ୟଖସଡ଼ା ଶେଷ ହେବ। ତଥାପି ଯଦି ସରକାର ପୁନଶ୍ଚ ଶିକ୍ଷକଙ୍କୁ ରବିବାରରେ କାର୍ଯ୍ୟ କରିବା ପାଇଁ ବାଧ୍ୟ କରନ୍ତି ତେବେ ରାଜ୍ୟର ଅଗଣିତ ଶିକ୍ଷକ ସରକାରଙ୍କୁ ଏ ଦିଗରେ ଅସହଯୋଗ କରିବେ। ଏଭଳି ସମ୍ବେଦନଶୀଳ ବିଷୟ ଉପରେ ସରକାର ତୁରନ୍ତ ପୁନର୍ବିଚାର କରନ୍ତୁ। ଏଥିସହିତ ନବମଠାରୁ ଏକାଦଶ ଶ୍ରେଣୀରେ ଶିକ୍ଷାଦାନର ନିର୍ଘଣ୍ଟ ସ୍ଥିର କରିବା ପାଇଁ ପ୍ରଧାନ ଶିକ୍ଷକ ଓ ଅଧ୍ୟକ୍ଷଙ୍କୁ ଦାୟିତ୍ୱ ପ୍ରଦାନ କରନ୍ତୁ। ନଚେତ୍ ଏଥିପାଇଁ ଯେଉଁ ପରିସ୍ଥିତି ସୃଷ୍ଟି ହେବ ସେଥିପାଇଁ ରାଜ୍ୟ ସରକାର ନିଜେ ଦାୟୀ ରହିବେ ବୋଲି ସେ କହିଛନ୍ତି।

## ମିଜୋରାମରୁ ଆସିଲେ ୧୮ ନୂଆ ଅତିଥି

**ବାରଙ୍ଗ,୭।୨(ଡି.ଏନ୍.ଏ.)**

ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ରବିବାର ମିଜୋରାମର ଆଇଜଲ ଚିଡିଆଖାନାରୁ ୫ ପ୍ରଜାତିର ୧୮ ନୂଆ ପଶୁପକ୍ଷୀ ପହଞ୍ଚିଛନ୍ତି। କରୋନା କଟକଣା ଯୋଗୁ ଜୀବଜନ୍ତୁ ଆଣିବା ପ୍ରକ୍ରିୟା ବନ୍ଦ ଥିବାବେଳେ ଚଳିତବର୍ଷର ଏହା ପ୍ରଥମ ଅଦଳବଦଳ ପ୍ରକ୍ରିୟାର ଶୁଭାରମ୍ଭ ହୋଇଛି। ଏହି ନୂଆ ଅତିଥିମାନଙ୍କ ମଧ୍ୟରେ ରହିଛନ୍ତି ହିମାଳୟ କଳା ଭାଲୁ ୨, ବଳିଆ କୁକୁର ୨, ଆସାମିଜ୍ ମାଙ୍କଡ଼ ୨, ଷ୍ଟମ୍ପଟେଲ ମାଙ୍କଡ଼ ୬, ଏସୀୟ ବାଦାମୀ କଇଁଛ ୬। ଆସିଥିବା ସମସ୍ତ ଜୀବଜନ୍ତୁ ସୁସ୍ଥ ଥିବାବେଳେ ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଡାକ୍ତରମାନଙ୍କ ନଜରବନ୍ଦୀରେ ସମସ୍ତଙ୍କୁ ରଖାଯାଇଛି। ତେବେ ଗତ ୨୮ତାରିଖରେ ଏହି ନୂଆ ଅତିଥିଙ୍କୁ ଆଣିବାକୁ ଏସିଏଫ ବନମାଳି ସାହୁଙ୍କ ନେତୃତ୍ୱରେ ୬ଜଣିଆ ଦଳ ୨ଟି ଗାଡିନେଇ ଆଇଜଲ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ। ତେବେ ଆସିଥିବା ନୂଆ ଅତିଥିମାନଙ୍କ ମଧ୍ୟରେ ଷ୍ଟମ୍ପଟେଲ ମାଙ୍କଡ଼ ଓ ଏସୀୟ ବାଦାମୀ କଇଁଛ ନନ୍ଦନକାନନ ପାଇଁ ନୂଆ ପ୍ରଜାତିର ହୋଇଥିବାବେଳେ ବଳିଆ କୁକୁର, ଆସାମିଜ ମାଙ୍କଡ଼ ଓ ହିମାଳୟ କଳାଭାଲୁ ପୂର୍ବରୁ ଥିଲେ। ଏହି ୧୮ଟି ଜୀବଜନ୍ତୁଙ୍କ ବଦଳରେ ନନ୍ଦନକାନନକୁ ଦେବାକୁ ପଡିଛି ୪ଟି ମୟୂର ଓ ଗୋଲଡେନ୍ ଫିଜାଣ୍ଟ ୪, ସିଲଭର ଫିଜାଣ୍ଟ ୪କୁ ମିଶାଇ ୧୨ଟି ପକ୍ଷୀ। ଆଇଜଲକୁ ଦେବାକୁ ପଡୁଥିବା ୧୨ଟି ପକ୍ଷୀକୁ ଏଠାରୁ ଯାଇଥିବା ଟିମ୍ ସାଙ୍ଗରେ ନେଇଯାଇଥିଲେ। ଏମାନେ ଆସିବା ପରେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ ପାଇଁ ଏନକ୍ଲୋଜରରେ ଛଡ଼ାଯାଇ ଡାକ୍ତରମାନଙ୍କ ନଜରବନ୍ଦୀରେ ରଖାଯାଇଥିବାରୁ ଏବେ ପର୍ଯ୍ୟଟକମାନେ ଏମାନଙ୍କୁ ଦେଖିବାରୁ ବଞ୍ଚିତ ହେବେ। ଷ୍ଟମ୍ପଟେଲ ମାଙ୍କଡ଼ ୬ଟିକୁ ଡାକ୍ତରଖାନା ପାଖ କ୍ୱାରାଣ୍ଟାଇନରେ ରଖାଯାଇଛି। ସେହିଭଳି ଭାବେ ୧୫ନଂ ଏନକ୍ଲୋଜରର ବ୍ୟାକକ୍ରାଲରେ ରହିଲେ ୨ ହିମାଳୟ କଳା ଭାଲୁ, ୨୦ନଂ ଏନକ୍ଲୋଜରର ବ୍ୟାକକ୍ରାଲ ଓ ଫିଡିଂଚାମ୍ବରରେ ୨ ବଳିଆ କୁକୁର, ୨ଆସାମିଜ ମାଙ୍କଡ ମାଙ୍କଡ ଏନକ୍ଲୋଜରରେ ରହିଲେ। ସରୀସୃପ ଉଦ୍ୟାନରେ ରହିଲେ ୬ ଏସୀୟ ବାଦାମୀ କଇଁଛ। ନନ୍ଦନକାନନକୁ ଆସିଥିବା ନୂଆ ପଶୁପକ୍ଷୀମାନେ ସୁସ୍ଥ ଥିବାବେଳେ ଆଗାମୀ ଦିନରେ ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିବେ ବୋଲି ନନ୍ଦନକାନନ ସହକାରୀ ନିର୍ଦ୍ଦେଶକ ଅମୂଲ୍ୟ କୁମାର ପରିଡ଼ା କହିଛନ୍ତି।




DSPL-192

ଓଡ଼ିଶା ସରକାର





ଆଜି ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତଙ୍କ
ଜନ୍ମ ତିଥିରେ ଆମେ ଗୌରବର ସହିତ
ଏହି ଯଶସ୍ୱୀ ନାରୀକବିଙ୍କୁ ସ୍ମରଣ କରୁଛୁ।

ତାଙ୍କରି ଉଦ୍ଦେଶ୍ୟରେ ସମର୍ପିତ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର
କୁନ୍ତଳା କୁମାରୀ ଗ୍ରନ୍ଥାଗାର ସହିତ
ଏକାଡେମିକ୍ ବ୍ଲକ୍ - ୨, ଏକାଡେମିକ୍ ବ୍ଲକ୍ - ୩
ଏବଂ ଅନ୍ୱେଷା ଛାତ୍ରୀନିବାସର
ଲୋକାର୍ପଣ କରିବେ
ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ

**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ**

୮ ଫେବୃୟାରୀ ୨୦୨୧ ॥ ସନ୍ଧ୍ୟା ୫:୧୫

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

OIPR-11031/13/0001/2021

**ଆଜିର ମନ୍ତବ୍ୟ**

ଉତ୍ତରାଖଣ୍ଡରେ ଗଙ୍ଗା ଓ ଏହାର ଶାଖା ନଦୀ ଅବବାହିକାରେ ପାୱାର ପ୍ରୋଜେକ୍ଟ ନିର୍ମାଣକୁ ବିରୋଧ କରିଥିଲି।
**-ଉମା ଭାରତୀ, ଭାଜପା ନେତ୍ରୀ**




## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: .............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମନ ଜଗତି ଉପରେ ଥାଏ**
**କର୍ମ ବିଆଳି ବଛଡ ଥାଏ।**

ମନ ଉପରେ କାହାର ଆୟତ୍ତ ନ ଥାଏ। ମନ ସବୁବେଳେ ଭଲ ଚାହିଁଥାଏ। ପରନ୍ତୁ ମନ ଯାହା ଚାହେଁ ସବୁବେଳେ ତାହା ପୂରଣ ହୋଇପାରି ନଥାଏ। ପରୋକ୍ଷରେ କର୍ମ ହିଁ ଜୀବନ ଯାତ୍ରାର ଅସଲ ସହଚର। କର୍ମ ଓ ଭାଗ୍ୟ ଏକାଠି ହେଲେ ମଣିଷ ଐଶ୍ୱର୍ଯ୍ୟ ଭୋଗ କରେ। ଯେତେ ଇଚ୍ଛା କଲେ ଭାଗ୍ୟରେ ନ ଥିଲେ ଭଲ ଫଳ ମିଳୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ମାଆ ଖୋଜେ ପେଟ**
**ମାଇପ ଖୋଜେ ରୋଟା।**

ମା' ସ୍ନେହମୟୀ, ମମତାମୟୀ। ସବୁବେଳେ ପିଲାର ଭଲ ଚାହେଁ। ପିଲାଟି ଖାଇଛି କି ନାହିଁ ବୁଝେ। ପେଟ ଦେଖି ପିଲାର ମନ କଥା ବେଶ୍ ଭଲ ଭାବେ ଜାଣିପାରେ। ଟଙ୍କା ପଇସା ଅପେକ୍ଷା ପିଲାର ଦେହ ପା' କଥା ତା' ପାଇଁ ବେଶି ଗୁରୁତ୍ୱ ରଖିଥାଏ। ପରନ୍ତୁ ସ୍ତ୍ରୀ ସ୍ୱାମୀର ରୋଜଗାରକୁ ବେଶି ପ୍ରାଧାନ୍ୟ ଦେଇଥାଏ। ସ୍ୱାମୀଠାରୁ ତା'ର ଟଙ୍କା ପଇସାରେ ବେଶି ଲୋଭ ରହୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ**

# ଶ୍ରୀମନ୍ଦିର ବିକାଶରେ ବାଧା ହେବନି: କେନ୍ଦ୍ରମନ୍ତ୍ରୀ

**ଭୁବନେଶ୍ୱର,୭।୨(ବ୍ୟୁରୋ)**

ପୁରୀ ଜଗନ୍ନାଥ ଧାମ ପାଇଁ ଜାତୀୟ ସ୍ମାରକ ପ୍ରାଧିକରଣ(ଏନ୍ଏମ୍ଏ)ର ପ୍ରସ୍ତାବିତ ଅଧିନିୟମ ପ୍ରସଙ୍ଗ ନେଇ ରାଜ୍ୟ ରାଜନୀତି ଜୋର ଧରିଛି। ତେବେ ଏହି ପ୍ରସଙ୍ଗରେ କେନ୍ଦ୍ର ସଂସ୍କୃତି ମନ୍ତ୍ରୀଙ୍କ ସହିତ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଲୋଚନା କରିଛନ୍ତି। ପ୍ରସ୍ତାବିତ ଅଧିନିୟମରେ ପୁରୀ ଶ୍ରୀମନ୍ଦିରର ଶହେ ମିଟର ପରିଧି ଭିତରେ ନିର୍ମାଣ କାର୍ଯ୍ୟକୁ ବାରଣ କରାଯାଇଥିବା ଯୋଗୁ ଏନେଇ ସଂସ୍କୃତି ମନ୍ତ୍ରୀ ପ୍ରହଲ୍ଲାଦ ପଟେଲଙ୍କ ସହ ଧର୍ମେନ୍ଦ୍ର ଆଲୋଚନା କରିଛନ୍ତି। ଜାତୀୟ ସ୍ମାରକ ପ୍ରାଧିକରଣର ପ୍ରସ୍ତାବିତ ଅଧିନିୟମ ଦ୍ୱାରା ଯେପରି ଶ୍ରୀମନ୍ଦିରର ବିକାଶ କାର୍ଯ୍ୟରେ ବାଧା ନ ହେବ ସେନେଇ ଦୃଷ୍ଟି ଦିଆଯିବ ବୋଲି ପ୍ରହଲ୍ଲାଦ ପଟେଲ ପ୍ରତିଶ୍ରୁତି ଦେଇଥିବା ଧର୍ମେନ୍ଦ୍ର କହିଛନ୍ତି। ଟୁଇଟ୍ କରି ପ୍ରଧାନ ଆହୁରି କହିଛନ୍ତି, ଏନେଇ କେନ୍ଦ୍ର ସଂସ୍କୃତି ମନ୍ତ୍ରୀଙ୍କ ସହିତ ଆଲୋଚନା କରିଛନ୍ତି। କେନ୍ଦ୍ର ସରକାର ଶ୍ରୀମନ୍ଦିର ଉନ୍ନୟନ କାର୍ଯ୍ୟରେ ବାଧକ ସାଜିବା ଭଳି କାର୍ଯ୍ୟ କରିବେ ନାହିଁ। ଶ୍ରଦ୍ଧାଳୁ ତଥା ସ୍ଥାନୀୟ ଅଞ୍ଚଳର ଭାବାବେଗରେ ଆଘାତ ପହଞ୍ଚାଇବା ଭଳି କୌଣସି ପଦକ୍ଷେପ ନେବେ ନାହିଁ ବୋଲି ମନ୍ତ୍ରୀ ଆଶ୍ୱସନା ଦେଇଛନ୍ତି। ଅନ୍ୟପଟେ ଏନେଇ ବିଧାୟକ ଶଶୀଭୂଷଣ ବେହେରା କହିଛନ୍ତି, ସମଗ୍ର ସାଢେ ୪ କୋଟି ଓଡିଆଙ୍କ ଭାବାବେଗକୁ ଏହି ନିଷ୍ପତ୍ତି ଆଘାତ ଦେଇଛି।

**■ ସମାଲୋଚନା କଲେ କଂଗ୍ରେସ, ବିଜେଡି**
**■ ଭାଜପା କହିଲା ଏନେଇ ଆଲୋଚନା ହେବ**

ଏଇ ଯେଉଁ ଦଳଗୁଡିକ ଧାର୍ମିକ ଭାବନାର ଡିଣ୍ଡିମ ପିଟୁଛନ୍ତି ସେମାନେ ଏହାଦ୍ୱାରା ଲୋକମାନଙ୍କୁ କେତେଦୂର ଆଘାତ ଦେଇଛନ୍ତି ସେ ବିଷୟରେ ଆଲୋଚନା କରିବାର ଆବଶ୍ୟକତା ଥିବା ବେହେରା କହିଛନ୍ତି। କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ କହିଛନ୍ତି, ଶ୍ରୀମନ୍ଦିର ଚାରି ପାଖ ଭଙ୍ଗା ସରିବା ସହିତ ସଫା ମଧ୍ୟ ହେଇଗଲାଣି। ସେହି ସ୍ଥାନରେ ଟାଇଲ ବସିସାରିବା ସହିତ ମାଡ୍ରାସ, ତାମିଲନାଡୁରୁ ଗଛ ଆସି ଲାଗିଗଲାଣି। ସେଠାରେ ଏବେ ଏଏସ୍ଆଇ ଗୋଟେ ଡ୍ରାମା ଆରମ୍ଭ କରିଛନ୍ତି। ସେହିପରି କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ କହିଛନ୍ତି, ଜଗନ୍ନାଥଙ୍କ ସୁରକ୍ଷା ସାଙ୍ଗକୁ ରାଜ୍ୟର ସଂସ୍କୃତି ଏବଂ ପରମ୍ପରାର ରକ୍ଷା କରିବା ମଧ୍ୟ ଆମ ଦାୟିତ୍ୱ। ମନ୍ତ୍ରୀଙ୍କ ସହିତ ମଧ୍ୟ ଏ ବିଷୟରେ ଆଲୋଚନା କରି ନିଶ୍ଚିତ ପଦକ୍ଷେପ ନେବୁ ବୋଲି ପ୍ରତାପ କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ପ୍ରସ୍ତାବିତ ଅଧିନିୟମକୁ ...

ପ୍ରଶାସକ କ୍ରିଷନ କୁମାର ଏନେଇ ପୁରୀ ପୌରସଂସ୍ଥା, ପୁରୀ-କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷ(ପିକେଡିଏ) ଏବଂ ଶ୍ରୀମନ୍ଦିର ପ୍ରଶାସନ ସହ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଏହାପରେ ଉକ୍ତ ଚିଠା ଅଧିନିୟମକୁ ପ୍ରତ୍ୟାହାର କରିବା ଲାଗି କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟର ସଚିବଙ୍କୁ ଚିଠି ଲେଖାଯାଇଛି। ସେହିପରି ନ୍ୟାଶନାଲ ମନୁମେଣ୍ଟ କର୍ତ୍ତୃପକ୍ଷଙ୍କ ଏହି ତରବରିଆ ନିଷ୍ପତ୍ତି ବିରୋଧରେ ରବିବାର ସେବାୟତ ନିଯୋଗ ପକ୍ଷରୁ ମିଳିତ ଭାବେ ସିଂହଦ୍ୱାର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଆସନ୍ତା ଛତିଶା ନିଯୋଗ ବୈଠକ ଓ ମନ୍ଦିର ପରିଚାଳନା କମିଟି ବୈଠକରେ ଏହି ପ୍ରସ୍ତାବ ବିରୋଧରେ ପଦକ୍ଷେପ ଚୂଡ଼ାନ୍ତ ହେବ ବୋଲି ସେବାୟତ ନିଯୋଗ ପକ୍ଷରୁ କୁହାଯାଇଛି। ଯଦି ଏହାକୁ ପ୍ରତ୍ୟାହାର କରା ନ ଯିବ ତେବେ ସେବାୟତ ନିଯୋଗ ଏହା ବିରୋଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବାକୁ ଚେତାବନୀ ଦେଇଛି। ସୂଚନାଯୋଗ୍ୟ, ଶ୍ରୀମନ୍ଦିର ସୌନ୍ଦର୍ଯ୍ୟକରଣ ପାଇଁ ରାଜ୍ୟ ସରକାରଙ୍କ ନିଷ୍ପତ୍ତି କ୍ରମେ ପ୍ରଶାସନ ପକ୍ଷରୁ ଶ୍ରୀମନ୍ଦିର ଚତୁଃପାର୍ଶ୍ୱର ୭୫ମିଟର ଅଞ୍ଚଳ ପର୍ଯ୍ୟନ୍ତ ଅନେକ ଘର ଓ ବ୍ୟବସାୟ ପ୍ରତିଷ୍ଠାନ ଉଚ୍ଛେଦ କରାଯାଇଥିଲା। ଏବେ ନ୍ୟାଶନାଲ ମନୁମେଣ୍ଟ କର୍ତ୍ତୃପକ୍ଷଙ୍କ ପ୍ରସ୍ତାବିତ ଅଧିନିୟମ ଅନୁଯାୟୀ, ଶହେ ମିଟର ନିଷିଦ୍ଧାଞ୍ଚଳ ହେଲେ ଆହୁରି ୨୫ ମିଟର ଉଚ୍ଛେଦ ହେବ ଏବଂ ଏହାଠାରୁ ୨ଶହ ମିଟର ପଛକୁ ନିୟନ୍ତ୍ରିତ ଅଞ୍ଚଳ ହେବ। ଫଳରେ ଉକ୍ତ ଅଞ୍ଚଳରେ ନିର୍ମାଣ କାର୍ଯ୍ୟ କରିବାକୁ ହେଲେ ଏନ୍ଏମ୍ଏର ଅନୁମତି ନେବାକୁ ପଡ଼ିବ। ଏହି ଅଧିନିୟମ କାର୍ଯ୍ୟକାରୀ ହେଲେ, ଶ୍ରୀମନ୍ଦିର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଥିବା ଘର ଓ ଦୋକାନ ବଜାରକୁ ମଧ୍ୟ ଭାଙ୍ଗିବାକୁ ପଡ଼ିପାରେ। ଏପରି କି ମେଘନାଦ ପାଚେରୀ ଚାରିପଟେ ୩୭ ଏକରରୁ ଊର୍ଦ୍ଧ୍ୱ ଅଞ୍ଚଳରେ ନିର୍ମାଣ କାର୍ଯ୍ୟକୁ ନିଷିଦ୍ଧ କରାଯିବ। ଏଲ୍ଇଡି କିମ୍ବା ଉଚ୍ଚ ପ୍ରତିଫଳନଯୁକ୍ତ ସିନ୍ଥେଟିକ ସାମଗ୍ରୀର ବ୍ୟବହାର ହୋଇପାରିବ ନାହିଁ। ରଥଯାତ୍ରା ଭଳି ସ୍ୱତନ୍ତ୍ର ଉତ୍ସବରେ ବ୍ୟାନର ଲଗାଇବା ପାଇଁ ତିନି ଦିନରୁ ଅଧିକ ସମୟ ପର୍ଯ୍ୟନ୍ତ ଅନୁମତି ମିଳିବ ନାହିଁ। ଏଥିସହ ନିଷିଦ୍ଧାଞ୍ଚଳ ଭିକାରି ଓ ପ୍ଲାଷ୍ଟିକ୍ମୁକ୍ତ ହେବ। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଜାତୀୟ ମନୁମେଣ୍ଟ କର୍ତ୍ତୃପକ୍ଷ ଏଭଳି ପ୍ରସ୍ତାବିତ ଚିଠା ଅଧିନିୟମ ଜାରି କରିବା ପୂର୍ବରୁ ପୁରୀ ଜିଲା ପ୍ରଶାସନ, ଶ୍ରୀମନ୍ଦିର ପ୍ରଶାସନ କିମ୍ବା ରାଜ୍ୟ ସରକାରଙ୍କ ପରାମର୍ଶ ଲୋଡ଼ିନାହାନ୍ତି। ଏଣୁ ଏହି ଅଧିନିୟମ ବିରୋଧରେ ସବୁ ସ୍ତରରେ ସ୍ୱର ଉଠିଛି।

### ଯବାନଙ୍କୁ ଜାଳିଦେଲେ...

ଦାବି ପୂରଣ ନ ହେବାରୁ ଦୁର୍ବୃତ୍ତମାନେ ଫେବୃୟାରୀ ୫ରେ ତାଙ୍କ ହାତ ଗୋଡ଼ ବାନ୍ଧି ପାଲଘର ଜିଲା ତଳସାରୀ ଅଞ୍ଚଳରେ ଥିବା ଏକ ଜଙ୍ଗଲକୁ ନେଇଯାଇଥିଲେ। ସେଠାରେ ସୁରଜଙ୍କ ଦେହରେ ନିଆଁ ଲଗାଇ ଦେଇଥିଲେ। ସ୍ଥାନୀୟ ବାସିନ୍ଦାଙ୍କଠାରୁ ଖବର ପାଇ ପୋଲିସ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ୩ ସନ୍ଦିଗ୍ଧଙ୍କୁ ପୋଲିସ ଅଟକ ରଖିଛି।

### ପୋତାଗଲା ବିପୁଳ ସସ୍, ...

କାରବାର ରାଜ୍ୟରେ କାୟା ମେଲିଛି। କିନ୍ତୁ ସଚେତନ ଲୋକଙ୍କ ଅସନ୍ତୋଷକୁ ଦୃଷ୍ଟି ରଖି ଏବେ ଗତ କିଛିମାସ ହେଲା ଜୋରଦାର ଧରପଗଡ଼ ହେଉଛି। ଏହି କ୍ରମରେ ଗତ ନଭେମ୍ବର ୩୦ରେ ଜଗତ୍ପୁର ଶିଳ୍ପାଞ୍ଚଳସ୍ଥିତ ସୁବାସ କମ୍ପାନୀରୁ ଜବତ ବିପୁଳ ଅପମିଶ୍ରିତ ସାମଗ୍ରୀକୁ ପୋଲିସ ରବିବାର ନଷ୍ଟ କରିଛି। ନଷ୍ଟ ସାମଗ୍ରୀର ମୂଲ୍ୟ ୧୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ଏସିପି ଅମରେନ୍ଦ୍ର ପଣ୍ଡା କହିଛନ୍ତି। ଜବତ ସାମଗ୍ରୀର ନମୁନା ପରୀକ୍ଷା ପାଇଁ ପଠାଯାଇଥିଲା। ପରେ ଏହି ସାମଗ୍ରୀ ଖାଦ୍ୟ ଉପଯୋଗୀ ହୋଇ ନ ଥିବା ଜଣାପଡିଥିଲା ବୋଲି କଟକ ମହାନଗର ନିଗମର ସ୍ୱାସ୍ଥ୍ୟ ଅଧିକାରୀ ଡ. ସତ୍ୟବ୍ରତ ମହାପାତ୍ର କହିଛନ୍ତି। ଅନ୍ୟପକ୍ଷରେ ଥାନାଧିକାରୀ ରବୀନ୍ଦ୍ର ନାଥ ମେହେର କହିଛନ୍ତି, ନମୁନା ରିପୋର୍ଟ ମିଳିବା ପରେ ଏହି ସାମଗ୍ରୀ ମଣିଷର ଖାଦ୍ୟ ଉପଯୋଗୀ ନୁହେଁ ବୋଲି ଜଣାପଡିଥିଲା। ଏହାକୁ ଖାଇଲେ ମଣିଷ ଶରୀରରେ ବିଭିନ୍ନ ରୋଗ ସୃଷ୍ଟି ହେବା ସମ୍ଭାବନା ରହିଛି। କମ୍ପାନୀରୁ ଜବତ ହୋଇଥିବା ୧୧,୦୦୦ରୁ ଊର୍ଦ୍ଧ୍ୱ ବୋତଲର ସସ୍, ଆଚାର, ଭିନେଗାର ଏବଂ ୨୫୦୦ରୁ ଊର୍ଦ୍ଧ୍ୱ ଘିଅ ଡବାକୁ ଏକ ପଡିଆରେ ରଖାଯାଇ ଜେସିବି ସହାୟତାରେ ନଷ୍ଟ କରାଯାଇଥିଲା। ପରେ ତାହାକୁ ଶିଳ୍ପାଞ୍ଚଳ ପରିସରରେ ଗାତ ଖୋଳି ସିଏମ୍ସି ଅଧିକାରୀଙ୍କ ଉପସ୍ଥିତିରେ ପୋତାଯାଇଥିଲା। ସୂଚନାଯୋଗ୍ୟ, ଜଗତ୍ପୁର ଥାନା ଅଞ୍ଚଳରେ ଏହି କମ୍ପାନୀରେ ଅପମିଶ୍ରିତ ଆଚାର, ଘିଅ, ସସ୍ ତିଆରି କରାଯାଇ ରାଜ୍ୟ ଓ ରାଜ୍ୟ ବାହାରର ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନକୁ ପଠାଯାଉଥିଲା। ଖବରପାଇ ୨୦୨୦ ନଭେମ୍ବର ୩୦ ତାରିଖରେ ପୋଲିସ ଉକ୍ତ କମ୍ପାନୀରେ ଚଢାଉ କରି ଅପମିଶ୍ରିତ ଆଚାର, ଘିଅ, ସସ୍କୁ ଜବତ କରିଥିଲା। ଏହାର ନମୁନା ପରୀକ୍ଷା ପାଇଁ ପଠାଯାଇଥିଲା। ପରେ ଏହି ଘଟଣାରେ ପୋଲିସ କମ୍ପାନୀ ମାଲିକ ସୁବାସ ମଲ୍ଲିକ, ପରିଚାଳକଙ୍କ ସହ ଅନ୍ୟ କର୍ମଚାରୀଙ୍କୁ ଗିରଫ କରିଥିଲା।

### ହିମସ୍ଖଳନ: ୧୫୦...

ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବାହିନୀ (ଏସ୍ଡିଆର୍ଏଫ୍) ଟିମ୍ ସମେତ ସେନାକୁ ମୁତୟନ କରାଯାଇଛି। ରେନି ଗ୍ରାମ ନିକଟରେ ଏକ ପୋଲ ଭୁଶୁଡ଼ି ପଡ଼ିବାରୁ କେତେକ ସୀମାନ୍ତ ଘାଟିକୁ ସଂଯୋଗ ବିଚ୍ଛିନ୍ନ ହୋଇଯାଇଛି। ଉତ୍ତରାଖଣ୍ଡର ପାଉରି, ଟେହରି, ରୁଦ୍ରପ୍ରୟାଗ, ହରିଦ୍ୱାର ଏବଂ ଡେରାଡୁନ୍ ଆଦି ଅନେକ ଜିଲା ପ୍ରଭାବିତ ହେବାକୁ ଥିବାରୁ ସେଠାରେ ହାଇଆଲର୍ଟ ଜାରି କରାଯାଇଛି।

ଉତ୍ତରାଖଣ୍ଡର ଦୁର୍ଭାଗ୍ୟଜନକ ପରିସ୍ଥିତି ଉପରେ କ୍ରମାଗତ ଅନୁଧ୍ୟାନ କରାଯାଉଛି। ଭାରତ ଉତ୍ତରାଖଣ୍ଡ ସହ ଛିଡ଼ାହୋଇଛି ଓ ସମସ୍ତଙ୍କର ସୁରକ୍ଷା ପାଇଁ ପ୍ରାର୍ଥନା କରୁଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ତ୍ରିବେନ୍ଦ୍ର ସିଂ ରାୱତଙ୍କ ସହ କଥା ହୋଇ ପରିସ୍ଥିତିର ମୁକାବିଲା ପାଇଁ ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇ ଦେବା ଲାଗି ପ୍ରତିଶ୍ରୁତି ଦେଇଛନ୍ତି। ଉଦ୍ଧାର କାର୍ଯ୍ୟରେ ଏନ୍ଡିଆର୍ଏଫ୍ ଟିମ୍ ମୁତୟନ ହୋଇଥିବାବେଳେ ଦିଲ୍ଲୀରୁ ଅତିରିକ୍ତ ସୁରକ୍ଷା ବଳ ପଠାଯାଉଥିବା ଶାହା ଟୁଇଟ୍ କରି କହିଛନ୍ତି। ଜିଲା ପ୍ରଶାସନ ଓ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ରାଜ୍ୟ ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଟିମ୍କୁ ସହାୟତା କରିବା ଲାଗି ସେନାକୁ କୁହାଯାଇଛି। କ୍ଷତିଗ୍ରସ୍ତ ଲୋକଙ୍କୁ ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇ ଦେବା ଲାଗି ବାୟୁସେନାର ହେଲିକପ୍ଟରଗୁଡ଼ିକୁ ପ୍ରସ୍ତୁତ କରି ରଖାଯାଇଛି। ୪୦୦ ସେନା ଯବାନ ବନ୍ୟା ପ୍ରଭାବିତ ଧଉଳି ଗଙ୍ଗାଠାରେ ପହଞ୍ଚିଛନ୍ତି। ଆକାଶମାର୍ଗରୁ ସର୍ଭେ ଓ କ୍ଷୟକ୍ଷତି ଆକଳନ ପାଇଁ ସ୍ଥଳସେନାର ହେଲିକପ୍ଟରକୁ ମଧ୍ୟ ନିୟୋଜିତ କରାଯାଇଛି। ଏନ୍ଡିଆର୍ଏଫ୍ ଟିମ୍କୁ ବନ୍ୟା ଅଞ୍ଚଳକୁ ନେବାରେ ବାୟୁସେନାର ସି-୧୩୦ ଏବଂ ଏଏନ୍-୩୨ ବିମାନକୁ ନିୟୋଜିତ କରାଯାଇଥିବା ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ରାୱତ୍ ଜରୁରୀ ବୈଠକ ଡାକି ସ୍ଥିତି ସମୀକ୍ଷା କରିବା ସହ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟର ଅନୁଧ୍ୟାନ କରିଥିଲେ। ସରକାରୀ ମୁଖପାତ୍ରଙ୍କ କହିବା ଅନୁଯାୟୀ ହିମସ୍ଖଳନ ହୋଇଥିବା ଅଞ୍ଚଳରେ ଅଧିକ ଜନବସତି ନ ଥିଲେ ମଧ୍ୟ କେତେଗୁଡ଼ିଏ ବିଦ୍ୟୁତ ପ୍ରକଳ୍ପ ରହିଥିଲା। ହିମସ୍ଖଳନ ଯୋଗୁ ଜୋଶୀମଠ ଅଞ୍ଚଳରେ ପ୍ରବାହିତ ହେଉଥିବା ଧଉଳି ଗଙ୍ଗା ନଦୀର ଜଳପତ୍ତନ ହଠାତ୍ ବଢ଼ିଯାଇଥିଲା। ଫଳରେ ନଦୀ ପାର୍ଶ୍ୱରେ ଥିବା ଅନେକ ଘର ଭାସିଯାଇଥିଲା। ଇଣ୍ଡୋ-ତିବ୍ବେତାନ୍ ବର୍ଡର ପୋଲିସ (ଆଇଟିବିପି) କହିବା ଅନୁଯାୟୀ ସକାଳ ୧୦ଟା ବେଳେ ଧଉଳି ଗଙ୍ଗାରେ ବନ୍ୟା ଆସିଥିଲା। ଏହି ନଦୀ ୮୫ କିଲୋମିଟର ପ୍ରବାହିତ ହୋଇ ବିଷ୍ଣୁପ୍ରୟାଗଠାରେ ଅଳକାନନ୍ଦାରେ ମିଶିଛି।

### ଆଜିଠୁ ନବମ, ...

ପକ୍ଷରୁ ସମସ୍ତ ସ୍କୁଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ, କରୋନା ମହାମାରୀ ପାଇଁ ଗତ ମାର୍ଚ୍ଚରୁ ରାଜ୍ୟରେ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିଥିଲା। ଧୀରେ ଧୀରେ ସ୍ଥିତି ସୁଧୁରିବା ପରେ ପିଲାଙ୍କ ପାଠପଢ଼ା ଓ ବୋର୍ଡ ପରୀକ୍ଷାକୁ ଗୁରୁତ୍ୱ ଦେଇ ରାଜ୍ୟ ସରକାର ପ୍ରଥମେ ଦଶମ ଓ ଦ୍ୱାଦଶ ଶ୍ରେଣୀ ପିଲାଙ୍କ ପାଇଁ ସ୍କୁଲ ଖୋଲିଛନ୍ତି। ଗତ ଜାନୁୟାରୀ ୮ରୁ ଏହି ଦୁଇ ଶ୍ରେଣୀର ପିଲାଙ୍କ ପାଠପଢ଼ା ଚାଲିଛି। ରବିବାର ବି ସ୍କୁଲ ଖୋଲା ରହିବା ସହ ପାଠପଢ଼ା ହେଉଛି। ୧୦୦ଦିନ ପାଠପଢ଼ା ପରେ ସେମାନଙ୍କ ପରୀକ୍ଷା ହେବ। ତେବେ ଇତିମଧ୍ୟରେ ମେ' ୩ରୁ ମାଟ୍ରିକ ପରୀକ୍ଷା ହେବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ନବମ ଓ ଏକାଦଶ ପାଠପଢ଼ା ଆରମ୍ଭ ହେଲେ ସ୍କୁଲ ପରିସର ଏଣିକି ଚଳଚଞ୍ଚଳ ହୋଇପଡିବ।

### ନ୍ୟୁୟର୍କ ଆସେମ୍ବ୍ଲିରେ ...

ପ୍ରବାସୀ ସମ୍ପ୍ରଦାୟ ମଧ୍ୟରେ ନିଜକୁ ଏକ ସ୍ତମ୍ଭ ଭାବେ ପ୍ରତିଷ୍ଠିତ କରିପାରିଛନ୍ତି। ନ୍ୟୁୟର୍କ ରାଜ୍ୟ ଧର୍ମୀୟ ସ୍ୱାଧୀନତା, କଶ୍ମୀରୀମାନଙ୍କ ଆନ୍ଦୋଳନ ଓ ଅଭିବ୍ୟକ୍ତି ସମେତ ମାନବାଧିକାରର ସୁରକ୍ଷା ପାଇଁ ପ୍ରୟାସ କରିଥାଏ। ଏହା ଆମେରିକା ସମ୍ବିଧାନରେ ସନ୍ନିହିତ। ୱାଶିଂଟନସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ କୁହାଯାଇଛି, ଆମେରିକା ପରି ଭାରତ ମଧ୍ୟ ଏକ ଉଜ୍ଜ୍ୱଳ ଗଣତନ୍ତ୍ର। ଭାରତ ଜମ୍ମୁ-କଶ୍ମୀର ସମେତ ସାରା ଦେଶର ଉନ୍ନତ ସାଂସ୍କୃତିକ ବିବିଧତାକୁ ମନାଇଥାଏ, ଯାହାକି ଦେଶର ଏକ ଅବିଚ୍ଛିନ୍ନ ଓ ଅପରିହାର୍ଯ୍ୟ ଅଙ୍ଗ। ନ୍ୟସ୍ତସ୍ୱାର୍ଥୀମାନେ ଏହାର ଭୁଲ୍ ଉପସ୍ଥାପନ କରି ଲୋକଙ୍କ ମଧ୍ୟରେ ବିଭେଦ ସୃଷ୍ଟି ଲାଗି ଉଦ୍ୟମ କରୁଥିବା ଭାରତୀୟ ଦୂତାବାସ ମୁଖପାତ୍ର କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଆପଣଙ୍କ ଯାତ୍ରା, କାର୍ଯ୍ୟସାଧନ ସାଙ୍ଗକୁ ପାରିବାରିକ ସମସ୍ୟା ସୁଧାରି ନେବାର ପ୍ରଯତ୍ନ କରିବେ। ଅବଶ୍ୟ ଆବଶ୍ୟକତା ପୂରଣ ସକାଶେ ଧାରକରଜ ଲାଗି ବନ୍ଧୁଙ୍କୁ ଅନୁରୋଧ କରିପାରନ୍ତି। ଭ୍ରମଣଜନିତ କ୍ଲାନ୍ତି ଓ ଅବସାଦ ଦେଖାଦେଇପାରେ। ଆଗାମୀ ଆନୁଷ୍ଠାନିକ କାର୍ଯ୍ୟ ପାଇଁ ଘର ସାଜସଜ୍ଜାରେ ମଜ୍ଜି ରହିପାରନ୍ତି।

**ବୃଷ** ଆସନ୍ତାକାଲିର ଆନୁଷ୍ଠାନିକ କାମ ସକାଶେ ବିଶେଷ ଭାବେ ଧାଁ ଧଉଡ଼ କରିବାକୁ ପଡ଼ିବ। ଘରକୁ ଆସୁଥିବା ବନ୍ଧୁଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ଶିଳ୍ପ, ବାଣିଜ୍ୟ ଏବଂ ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ନିକଟ ସମ୍ପର୍କୀୟମାନଙ୍କ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

**ମିଥୁନ** ଆକସ୍ମିକ କଳହ ସାଙ୍ଗକୁ ସହକର୍ମୀ କିମ୍ବା ପଡ଼ୋଶୀ ମାନଙ୍କ ସହ ସମ୍ପର୍କରେ ବିଭ୍ରାଟ ଘଟିବ। ପରିବାର ମଧ୍ୟରେ ଅନେକ ସମସ୍ୟା ରହିଛି, କହିବାକୁ ଇଚ୍ଛା ଥିଲେ ମଧ୍ୟ ସଙ୍କୋଚବଶତଃ କହିପାରିବେ ନାହିଁ। କର୍ମକ୍ଷେତ୍ରର ସମସ୍ୟା ହେତୁ ମାନସିକ ସ୍ଥିରତା ରହିନପାରେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ ସାମୟିକ ବାଧାପ୍ରାପ୍ତ ହୋଇପାରେ।

**କର୍କଟ** କୌଣସି ଅତୀତ ଘଟଣା ସକାଶେ ଅନୁତାପ କରିପାରନ୍ତି। ବନ୍ଧୁମାନଙ୍କ ଆଶ୍ୱାସନା କ୍ରମେ ଅର୍ଥ ସମ୍ପର୍କୀୟ କୌଣସି ଅନୁଚିନ୍ତା ସାୟାହ୍ନେ ଦୂର ହେବ। ଦୀର୍ଘ ଦିନରୁ ଅଟକି ରହିଥିବା କର୍ମକ୍ଷେତ୍ରର ସ୍ଥିତି ଅନୁକୂଳ ହୋଇପାରେ। ଅଫିସ୍ରୁ ଫେରନ୍ତା ବାଟରେ କୌଣସି ମୂଲ୍ୟବାନ୍ ଦ୍ରବ୍ୟ ଲାଭ ହୋଇପାରେ।

**ସିଂହ** ଆଜି ମନ ବୁଝିଲା ଭଳି କଥା କହି ଅର୍ଥ ଯୋଗାଡ଼ ସକାଶେ ବିଭିନ୍ନ ପ୍ରକାରର ଯୋଜନା କରିବେ। ଆକସ୍ମିକ ଭାବେ କର୍ମ କ୍ଷେତ୍ରରେ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ଶିଳ୍ପ, ବାଣିଜ୍ୟ ଓ ପରିବହନ, ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ। ବନ୍ଧୁମାନଙ୍କ ସହ ଭ୍ରମଣରେ ଯିବାକୁ ପରିବାରରୁ ସମର୍ଥନ ପାଇବେ ନାହିଁ।

**କନ୍ୟା** ଗତକାଲିର ଘରୋଇ ବ୍ୟାପାରକୁ ନେଇ ମାନସିକ ସ୍ଥିତି ସେତେଟା ଭଲ ରହି ନପାରେ। ତରବର ନହୋଇ କାମ କଲେ ସମସ୍ୟାର ସରଳ ସମାଧାନ ହେବାରେ ଅସୁବିଧା ରହିବ ନାହିଁ। ସ୍ୱାର୍ଥର ବଶବର୍ତ୍ତୀ ହୋଇ ନିଜର ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିବେ। ଇଚ୍ଛା ନଥିଲେ ମଧ୍ୟ ଆଲୋଚନା କ୍ଷେତ୍ରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ।

**ତୁଳା** ଆର୍ଥିକ ଅସନ୍ତୁଳନ ସାଙ୍ଗକୁ କାହା ମନ କାହା ସହ ନ ମିଶିବା କାରଣରୁ ମନ ଭଲ ରହିବ ନାହିଁ। ଆଜି ଶେଷ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହେବ। କୌଣସି ଜିନିଷ କ୍ରୟ କରିବା ସକାଶେ ହଠାତ୍ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ପଡ଼ିପାରେ। ଘରକୁ ଆସିଥିବା ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ।

**ବିଛା** ଆଜିର କାର୍ଯ୍ୟକୁ ତ୍ୱରାନ୍ୱିତ କରିବାରେ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। ପ୍ରଶାସନିକ ସ୍ତରରେ ଅନ୍ୟମାନଙ୍କୁ ନିଜ କାମରେ ସହଭାଗିତା କରାଇପାରିବେ। ଯେକୌଣସି କ୍ଷେତ୍ରରେ ହେଉନା କାହିଁକି, ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ, ଯାହା ସମସ୍ୟା ସୃଷ୍ଟିର କାରଣ ହେବାର ସମ୍ଭାବନା ଅଛି। ପୂର୍ବରାଗକ୍ରମରେ ଗୁପ୍ତ ଶତ୍ରୁମାନଙ୍କର ସକ୍ରିୟତା ବୃଦ୍ଧି ପାଇପାରେ।

**ଧନୁ** କର୍ମକ୍ଷେତ୍ରରେ ପ୍ରତିବନ୍ଧକ ଲାଗି ରହିଥିଲେ ମଧ୍ୟ ଭାବୁଥିବା କଥାଟି ଆଜି ଯଥା ସମୟରେ ହୋଇଯିବ। ଯେକୌଣସି ପ୍ରତିଯୋଗିତାରେ ଯୋଗଦେଲେ ଅବଶ୍ୟ ସଫଳତା ପାଇବା ଯୋଗୁଁ ମନ ଖୁସି ରହିବ। ପରିବାରର ଆବଶ୍ୟକତାକୁ ଉପଲବ୍ଧି କରି ଅଳଙ୍କାର, ଔଷଧ ପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି।

**ମକର** ଦୀର୍ଘ ଦିନରୁ ସ୍ଥଗିତ ରହିଥିବା କାମଗୁଡ଼ିକ ସୁବିଧାରେ ସମ୍ପନ୍ନ ହୋଇଯିବ। ମାତ୍ର, ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଦେଖାଦେଇପାରେ, ତେଣୁ ଯୁକ୍ତିତର୍କଠାରୁ ଦୂରେଇ ରହିବା ଭଲ। ବନ୍ଧୁମାନଙ୍କ ସହ ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡ଼ିବେ। କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ରରେ ଉନ୍ନତି କରିବେ।

**କୁମ୍ଭ** ନିଜର ଲୋକମାନେ ଯେତେ ପ୍ରକାରର ସମସ୍ୟା ସୃଷ୍ଟି କଲେ ମଧ୍ୟ କୌଣସି ଅସୁବିଧା ହେବ ନାହିଁ। ବ୍ୟବସାୟ ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସୁଫଳ ପ୍ରାପ୍ତି ହୋଇପାରେ। ଦୀର୍ଘ ଦିନରୁ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ପରିବାରରେ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକାନ୍ତ ରହିପାରେ।

**ମୀନ** ଆଜି ଆକସ୍ମିକ ଭାବରେ ଦୂରସ୍ଥାନକୁ ଯିବାକୁ ପଡ଼ିପାରେ। ପରୋକ୍ଷ ଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ ସତର୍କରେ ନ ଚଳିଲେ ବିବାଦ ଭିତରକୁ ଟାଣି ହୋଇଯିବେ। ବନ୍ଧୁମାନଙ୍କ ହସ୍ତକ୍ଷେପ ଫଳରେ ପରିସ୍ଥିତିକୁ ସୁଧାରି ନେବେ। ଏକାଧିକ କାମରେ ହାତ ଦିଅନ୍ତୁ ନାହିଁ, ଯାହାକି ବ୍ୟସ୍ତତାର କାରଣ ହୋଇପାରେ।

ଆଜି ମାଘ କୃଷ୍ଣ ଦ୍ୱାଦଶୀ ସୋମବାର, ବୈଷ୍ଣବସମ୍ମତ ଏକାଦଶୀ ଉପବାସ, ଫେବୃୟାରୀ ୮ ତାରିଖ, ରାଶିନକ୍ଷତ୍ର-ମୂଳା/ଧନୁ, ମିଥୁନ ରାଶିର ଘାତବାର, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୨୨ ଗତେ ଘ.୦୭।୫୩ ମଧ୍ୟେ, ଘ.୧୦।୫୩ ଗତେ ଘ. ୦୧।୦୮ ମଧ୍ୟେ, ସନ୍ଧ୍ୟା ଘ.୦୬।୨୯ ଗତେ ଘ.୦୯।୦୨ ମଧ୍ୟେ ଅମୃତବେଳା। ଅପରାହ୍ନ ଘ.୦୩।୨୩ ଗତେ ଘ.୦୪।୫୩ ମଧ୍ୟେ ମାହେନ୍ଦ୍ରବେଳା। ସକାଳ ଘ.୦୭।୪୭ ଗତେ ଘ.୦୯।୧୧ ମଧ୍ୟେ ରାହୁକାଳ।।


# classifieds Everyday
0674-2580101, 2549302



**SALE**

**Booking open 2BHK apartment with all amenities at Madhusudan Nagar, Bhubaneswar. Call: 9777017120.** D-70523

**ଭୁବନେଶ୍ୱର- ପୁରୀ Bypass roadsideରେ ଏବଂ ସୁନ୍ଦରପଦାରେ ଘରବାରି plot 30' ରାସ୍ତାଥାଇ ବିକ୍ରିହେବ। 9556794241.** D-70183

Book a independent duplex near ITER College Jagamara, Bhubaneswar. Price 61lakhs. Contact: 8260595320. D-70524

**Laxmi Sagar station ଠାରୁ 300mtr ଦୂରରେ residential plot sqft. 3550/- ରେ ବିକ୍ରିହେବ। 9937366406, 6370621085** D-70178

**6,00,000/- ଟଙ୍କା ଦେଇ Bhubaneswar new Railway station ସାମ୍ନାରେ ଘରବାରି ପ୍ଲଟ୍ କିଣନ୍ତୁ। First possession/ registration. 9937349112.** D-70163

**ଭୁବନେଶ୍ୱର ଖଣ୍ଡଗିରିରୁ 10K.M distance ରେ ପିତାପଲ୍ଲୀ ଛକ NHକୁ ଲାଗି boundary, patta, registry cost ଏବଂ ମୋରମ୍ filling ସହ sqft. 700/-ରେ ମିଳୁଛି। 9090963952.** D-70153


ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,40,000/-, ଅରଗୁଳ IIT ପାଖରେ 1200sqft. 1,44,000/-, 7894433357. D-70164

**Bhubaneswrରୁ 8K.M. Bhingarpur Oxford College, Sudhananda School ପାଖରେ sqft. 550/- residential plot ବିକ୍ରିହେବ। 6372824177, 9437707745.** D-70161

ଭୁବନେଶ୍ୱର Rasulgarh GGP Highschoolକୁ ଲାଗି yellowzone plot sqft. 3500/- କିଣନ୍ତୁ। 9348767829. D-70173

**ଭୁବନେଶ୍ୱର ସହର ଉପକଣ୍ଠସ୍ଥ ଯେକୌଣସି ଅଞ୍ଚଳରେ ଗୃହୋପଯୋଗୀ ଜାଗା ଖଣ୍ଡିଏ କିଣିବାକୁ ଚାହୁଁଛନ୍ତି କି? 9040744989, 6371364640.** D-70160

**Residential land with 30feet road available near OEC College, Chhatabar & Gangapatna immediate registration & construction. 7656070001, 8249139982.** D-70177



**For construction only in your plot inside Bhubaneswar area, contact MRC-9937064680.** D-27287

**GENERAL**

**SALE**

Dining Table with glass top, 6 chairs almost brand new Rs. 20,000/-, (Fixed price). 7735522110. D-69483



2000sqft. First floor, 3bed room, Dining, Kitchen, 2Toilet, Big Balcony for rent N/3, Jayadev Vihar. Contact: 9337105357. D-70525

House for rent (Domestic) near Jhanjirmangala Gada infront of Canara Bank. Contact: 7008920577, 8249127872. D-70181



Zen salon and SPA positively health benefits with expert therapeutic & genuinely massage appointment. 7205084157. D-70520

Newly open full body massage ladies and gents. 9337349409. D-70423

Swarna SPA newly open positively health benefits with expert therapist. 9556978408. D-70519

Newly open Spa offer @ 799/-, Positively health benefits, Jayadevbihar, 7846814019. D-59977

New opening Saikrupa Panchakarma and SPA jointpain, fullbody massage, 8984068077. D-65910

Get refreshment Body Massage by Expert Therapist. Contact for: 6371537969. D-70516



SMS sending କାମକରି ଯୁବକ/ ଯୁବତୀ, ଗୃହିଣୀମାନେ ମାସିକ 12000-35000 + Laptop + Mobile + other facilities free (Part/ full time). 9667693638, 9667693639. D-70521


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ରଙ୍ଗୀନ ଟ୪୨୦/-ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ଗୁଣମଣିଙ୍କ ବିୟୋଗରେ ଜିଲା ବିଜେଡିର ଶୋକ

ସମ୍ବଲପୁର (ବ୍ୟୁରୋ): ଅତାବିରା ବ୍ଲକର ପୂର୍ବତନ ଅଧକ୍ଷ ତଥା ପୁରୁଖା ବିଜେଡି ନେତା ଗୁଣମଣୀ କର୍ମୀଙ୍କ ରବିବାର ପରଲୋକ ହୋଇଛି। ତାଙ୍କ ବିୟୋଗରେ ସମ୍ବଲପୁର ଜିଲା ବିଜେଡି ପକ୍ଷରୁ ଶୋକ ପ୍ରକାଶ କରାଯାଇଛି। ଜିଲା ସଭାପତି ସିଦ୍ଧାର୍ଥ ଦାସ କହିଛନ୍ତି, ବିଜୁ ପଟ୍ଟନାୟକଙ୍କ ସମୟରୁ ସେ ଦଳ ସହ ଜଡିତ ଥିଲେ। ସମ୍ବଲପୁରଠାରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ଗୁଣମଣୀ ଉପସ୍ଥିତ ରହି କର୍ମୀମାନଙ୍କୁ ଉତ୍ସାହିତ କରୁଥିଲେ। ତାଙ୍କ ବିୟୋଗରେ ଦଳ ଏକ ପୁରୁଣା ନେତାଙ୍କୁ ହରାଇଛି।

**ସଂକ୍ଷେପରେ**

### ଦୁର୍ଗାପୂଜା କମିଟି ସଭ୍ୟଙ୍କ ପରଲୋକ



ସମ୍ବଲପୁର, ୭।୨(ବ୍ୟୁରୋ): ବରିଷ୍ଠ ଭାଜପା କର୍ମୀ ତଥା ବୁଢ଼ାରଜା-ଫାଟକ ଦୁର୍ଗାପୂଜା କମିଟିର ପୂର୍ବତନ ସାଧାରଣ ସମ୍ପାଦକ ନିମାଇଁ ଜାଲଙ୍କ ଶନିବାର ରାତିରେ ପରଲୋକ ଘଟିଛି। ତାଙ୍କୁ ୫୪ ବର୍ଷ ହୋଇଥିଲା। ଦୀର୍ଘଦିନ ହେବ ସେ ମଧୁମେହ ରୋଗରେ ପୀଡିତ ଥିଲେ। ୩ଦିନ ପୂର୍ବରୁ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଜିଲା ସଦର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ରବିବାର ପୂର୍ବାହ୍ନରେ କମଳିବଜାର ରାଜଘାଟଠାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡପୁଅ ମହାବୀର ମୁଖାଗ୍ନି ଦେଇଥିଲେ। ରେଙ୍ଗାଲି ବିଧାୟକ ନାଉରି ନାଏକ, ଜିଲା ଭାଜପା ସଭାପତି ଗିରିଶ ପଟେଲ, ସାଧାରଣ ସମ୍ପାଦକ ଅନିଲ ବେହେରା, ବରିଷ୍ଠ ସଭ୍ୟ ଗିରିଜା ସାହୁ ପ୍ରମୁଖ ଶେଷଦର୍ଶନ କରି ପୁଷ୍ପ ଅର୍ପଣ କରିଥିଲେ। ତାଙ୍କ ବିୟୋଗରେ ବୁଢ଼ାରଜା ଓ ଦେହେରିପାଲି ଦୈନିକ ବଜାର ବନ୍ଦ ରହିଥିଲା। ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଓ ଫାଟକ ଦୁର୍ଗାପୂଜା କମିଟି କର୍ମକର୍ତ୍ତା ଏଥିରେ ଶୋକ ପ୍ରକାଶ କରିଛନ୍ତି।

### ଭୀମ ଭୋଇ କଲେଜ ପଦାର୍ଥ ବିଜ୍ଞାନର ସେମିନାର

ରେଢ଼ାଖୋଲ, ୭।୨(ଡି.ଏନ.ଏ.): ରେଢ଼ାଖୋଲ ଭୀମ ଭୋଇ କଲେଜର ପଦାର୍ଥ ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ବିଜୁଳି, ପାଣି, ପବନ -ଆମ ଗ୍ରହ ସମ୍ମୁଖୀନ ହେଉଥିବା ଆହ୍ୱାନ ଶୀର୍ଷକ ସେମିନାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ. ବାଲାଦିତ୍ୟ ବିକାଶ ଶ୍ରୀଚନ୍ଦନ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସେମିନାରରେ ଗଙ୍ଗାଧର ମେହେର ୟୁନିଭରସିଟିର ପ୍ରାକ୍ତନ ପ୍ରାଧ୍ୟାପକ ଡ. ପ୍ରସନ୍ନ କୁମାର ମିଶ୍ର, ଡ. ସନ୍ତୋଷ କୁମାର ଦାଶ ଓ ଡ. ସତୀଶ କୁମାର ପଟେଲ ଯୋଗଦେଇ ଉପରୋକ୍ତ ବିଷୟରେ ଆଲୋଚନା କରିଥିଲେ। ଏ ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଜ୍ଞାନଧର୍ମୀ କୁଇଜ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କଲେଜର ଅଧ୍ୟାପକ ଓ ଅଧ୍ୟାପିକାମାନେ ଯୋଗଦେଇଥିଲେ। ଶେଷରେ ବିଭାଗୀୟ ମୁଖ୍ୟ ଅରୁନ କୁମାର ଶାସନୀ ଧନ୍ୟବାଦ ଦେଇଥିଲେ।

### ଗଙ୍ଗାଧର ମେହେର ପାଠାଗାରରେ ସମ୍ବର୍ଦ୍ଧନା

ସମ୍ବଲପୁର, ୭।୨ (ବ୍ୟୁରୋ): ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକ ମେଘପାଲ ପଞ୍ଚାୟତର ସ୍ୱଭାବ କବି ଗଙ୍ଗାଧର ମେହେର ପାଠାଗାର କକ୍ଷରେ ରବିବାର ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। କରୋନା ମହାମାରୀ ସମୟରେ ସାମାଜିକ ସଚେତନତା ଓ ସେବା ଯୋଗାଇଥିବା ଆୟୁଷ ଡା. ରାଜାରାମ ଷଡଙ୍ଗୀ ଓ ସରପଞ୍ଚ ମମତା ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଆୟୋଜକ ବରଗଡ ଜନକଲ୍ୟାଣ ଟ୍ରଷ୍ଟ ସଭାପତି କୁମୁଦ ଦାଶଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। କୈଳାସ ଅଗ୍ରୱାଲ, ଶ୍ୱେତା ଦୋରା, ରାଜେନ୍ଦ୍ର ସାହୁ, ହୀରାବତି ବେହେରା, ଲବଙ୍ଗଲତା ସାହୁ ପ୍ରମୁଖ ପରିଚାଳନା କରିଥିଲେ।

# ଦୁର୍ଘଟଣା ନେଉଛି ଜୀବନ

ଜମନକିରା,୭।୨(ଡି.ଏନ୍.ଏ.)

**ସରୁନି ଜାତୀୟ ରାଜପଥ କାମ**



ନିର୍ମାଣାଧୀନ ଜାତୀୟ ରାଜପଥ।

- ବର୍ଷକରେ ଦୁର୍ଘଟଣା ନେଲାଣି ୯ ଜୀବନ
- ୧୫ଦିନ ମଧରେ କାମ ନ ସରିଲେ ଆନ୍ଦୋଳନ
- ୬୦ ପ୍ରତିଶତ ବାକି ରହିଛି
- ୧୮ କିଲୋମିଟର ରାସ୍ତାକୁ ଚାରିଥାକିଆ କରାଯାଉଛି
- ଠିକାସଂସ୍ଥା ମନଇଚ୍ଛା କାମ କରୁଥିବା ଅଭିଯୋଗ

ଅବଧି ଶେଷ ହୋଇଥିଲେ ମଧ ସମ୍ବଲପୁର ଜିଲା ଜମନକିରା ଥାନା ଅଞ୍ଚଳ ଦେଇ ଯାଇଥିବା ୫୩ନଂ. ଜାତୀୟ ରାଜପଥ ନିର୍ମାଣ କାମ ଶେଷ ହୋଇପାରି ନାହିଁ। ଫଳରେ ଗୋଟିଏ ପଟରେ ଯାନବାହନ ଯାତାୟାତ କରୁଥିବାରୁ ଦୁର୍ଘଟଣା ଘଟି ଧନଜୀବନ ହାନି ଘଟୁଛି। ଏପରି କି ଅନେକ ଗୁରୁତର ଆହତ ହୋଇ ଏବେ ବି ଚିକିତ୍ସାଧୀନ ଅଛନ୍ତି। ଆଗାମୀ ୧୫ଦିନ ମଧ୍ୟରେ ରାସ୍ତାକାମ ନ ସାରିଲେ ରାସ୍ତା ଅବରୋଧ କରାଯିବ ବୋଲି ଆଞ୍ଚଳିକ ବିକାଶ ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି। ଏ ନେଇ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି।

ପ୍ରକାଶ ଯେ, ଜମନକିରା ବ୍ଲକ ବଡ଼ରମା ପଞ୍ଚାୟତ ବନ୍ଧାଭୂଇଁଠାରୁ ଦେବଗଡ଼ ଜିଲା ତିଲେଇବଣି ବ୍ଲକ୍ ଗୁଣେଇମୁରା ପର୍ଯ୍ୟନ୍ତ ପ୍ରାୟ ୧୮ କିଲୋମିଟର ରାସ୍ତାକୁ ଚାରିଥାକିଆ କରାଯାଉଛି। ଏହି ରାସ୍ତା କାମ ୨୦୧୭ ମସିହାଠାରୁ ଆରମ୍ଭ ହୋଇଥିବା ବେଳେ ୨୦୨୦ ସୁଦ୍ଧା ସମ୍ପୂର୍ଣ୍ଣ ହେବା କଥା। ମାତ୍ର ସମ୍ପୃକ୍ତ ଠିକା ସଂସ୍ଥା ମନ୍ଥର ଗତିରେ କାମ କରୁଥିବାରୁ ଏହା ଶେଷ ହୋଇପାରି ନାହିଁ। ବର୍ତ୍ତମାନ ସୁଦ୍ଧା ୪୦ ପ୍ରତିଶତ କାମ ସରିଥିବା ବେଳେ ୬୦ ପ୍ରତିଶତ ବାକି ରହିଛି। ଏ ନେଇ ଜାତୀୟ ରାଜପଥ କର୍ତ୍ତୃପକ୍ଷ ତାଗିଦା କରୁ ନ ଥିବାରୁ ଠିକାସଂସ୍ଥା ମନଇଚ୍ଛା କାମ କରୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ପୁରୁଣା ରାସ୍ତା ମଧ୍ୟ ଖାଲଖମାରେ ଭର୍ତ୍ତି ହୋଇ ରହିଛି। ପ୍ରତ୍ୟହ ଶହ ଶହ ଯାନବାହନ ଯାତାୟାତ ଯୋଗୁ ରାସ୍ତା ଅବସ୍ଥା ଅଧିକ ଶୋଚନୀୟ ହୋଇପଡ଼ିଛି। ଫଳରେ ଦୁର୍ଘଟଣା ଘଟୁଥିବା ଦେଖାଯାଉଛି। ତଥ୍ୟ ଅନୁଯାୟୀ ବର୍ଷକରେ ୧୪ ଦୁର୍ଘଟଣା ଘଟିଥିବା ବେଳେ ୯ଜଣଙ୍କ ମୃତ୍ୟୁ ଘଟିଲାଣି। ଶନିବାର ଏଠାରେ ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସ୍ଥାନୀୟ ଘୋଷରାଗୁଡ଼ାର ରୋଷନ ନାୟକ (୨୨) ବୁଲେଟ୍‌ରେ ଟିକିଲିପଡ଼ାରୁ ଘରକୁ ଫେରୁଥିଲେ। ବିପରୀତ ଦିଗରୁ ଆସୁଥିବା ବାଦିବାହାଲ ଗ୍ରାମର ରଞ୍ଜିତ ଏକ୍କାଙ୍କ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଉଭୟେ ଛିଟିକି ପଡ଼ି ରାସ୍ତା ମଝିରେ ଥିବା ଡିଭାଇଡରରେ ପିଟିହୋଇ ଗୁରୁତର ହୋଇଥିଲେ। ଉଭୟଙ୍କୁ ପ୍ରଥମେ ଜମନକିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଣାଯାଇଥିଲା। ସେଠାରୁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର ସମୟରେ ବାଟରେ ରୋଷନଙ୍କ ମୃତ୍ୟୁ ଘଟିଥିଲା। ରଞ୍ଜିତ ବୁର୍ଲାରେ ଚିକିତ୍ସାଧୀନ ଅଛନ୍ତି।

## କେନଘାଟିରେ ପ୍ରମୋଦନାମା କାର୍ଯ୍ୟକ୍ରମ



ପ୍ରମୋଦନାମା କାର୍ଯ୍ୟକ୍ରମରେ ଅତିଥି ଓ କର୍ମକର୍ତ୍ତାମାନେ ।

ସମ୍ବଲପୁର, ୭।୨(ବ୍ୟୁରୋ)

ପ୍ରମୋଦ ସ୍ମୃତି ସମିତି ପକ୍ଷରୁ ରବିବାର ପ୍ରମୋଦନାମା କାର୍ଯ୍ୟକ୍ରମ ସମ୍ବଲପୁର ଉପକଣ୍ଠ କେନଘାଟି ଶ୍ରୀରାମ ବାଟିକାଠାରେ ଅନୁଷ୍ଠିତ ହୋଇଯାଇଛି। ଆବାହକ ଡ. ଦ୍ୱାରିକା ନାଥ ଏଥିରେ ସଭାପତିତ୍ୱ କରିଥିଲେ। ବିଶିଷ୍ଟ ନାଟ୍ୟଶିଳ୍ପୀ ଡ. ପଞ୍ଚାନନ ମିଶ୍ର ମୁଖ୍ୟଅତିଥି, ରାଉରକେଲାର ନାଟ୍ୟ ସଂଗଠକ ଶରତ ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ନାଟ୍ୟକାର ପ୍ରମୋଦ ତ୍ରିପାଠୀଙ୍କ ନାଟ୍ୟ ସାହିତ୍ୟ କଳାକାରମାନଙ୍କୁ ଆକୃଷ୍ଟ କରିଥିଲା। ଏହି ଅବସରରେ ନାଟ୍ୟ ନିର୍ଦ୍ଦେଶକ ରାଜୀବ ପାଣି ଓ ନାଟ୍ୟଶିଳ୍ପୀ ତୃପ୍ତି ପଣ୍ଡାଙ୍କୁ ପ୍ରମୋଦ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ନାଟ୍ୟ ନିର୍ଦ୍ଦେଶକ ଅସିତ ଶତପଥୀ ଓଡ଼ିଶା ନାଟ୍ୟ ଜଗତକୁ ପ୍ରମୋଦଙ୍କ ଅବଦାନ ବିଷୟରେ କହିଥିଲେ। କବି ଡ. ପ୍ରଦୀପ ପଣ୍ଡା, ମୁକ୍ତକଣ୍ଠ ପ୍ରଧାନ, କିଶୋରୀମୋହନ କର ସ୍ୱରଚିତ କବିତା ପାଠ କରିଥିଲେ। ନାଟ୍ୟ ନିର୍ଦ୍ଦେଶକ ପ୍ରଦୀପ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।



ନିଶା ନିବାରଣ ଅଭିଯାନରେ ଯୋଗଦେଇଥିବା ଛାତ୍ରୀଛାତ୍ର।

## ନିଶା ନିବାରଣ ଅଭିଯାନରେ ଛାତ୍ରୀଛାତ୍ର

କୁଚିଣ୍ଡା, ୭।୨ (ଡି.ଏନ.ଏ.)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ଅଧୀନ ଗୋକୁଳ ପାର୍ବତୀ ଗ୍ରାମ୍ୟ ମହାବିଦ୍ୟାଳୟ କୁନ୍ତରାର ଜାତୀୟ ସେବା ଯୋଜନା ଦ୍ୱାରା ରବିବାର ନିଶା ନିବାରଣ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ଏନ୍‌ଏସ୍‌ଏସ୍‌ରେ ଅଂଶ ଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କୁ ନେଇ ମହାବିଦ୍ୟାଳୟ ପରିସରରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କଲେଜ ଅଧକ୍ଷ ଦୁର୍ଯ୍ୟୋଧନ ମେହେର ସଭାପତିତ୍ୱ କରି ଅତିଥି ପରିଚୟ ପ୍ରଦାନ କରିଥିଲେ। ସାମାଜିକ କର୍ମୀ ପ୍ରକୃତି ବନ୍ଧୁ ଦେବାଶିଷ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ନିଶାର କୁପ୍ରଭାବ, ନିଶା ଦୂରୀକରଣ ଓ ସ୍ୱାସ୍ଥ୍ୟଗତ ଉପଚାରିତା ଉପରେ ବକ୍ତବ୍ୟ ରଖିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ନିଶାର ବ୍ୟବହାର ଓ ତା'ର କୁପ୍ରଭାବ ଉପରେ ପ୍ରଶ୍ନଉତ୍ତର କାର୍ଯ୍ୟକ୍ରମ ହୋଇଥିଲା। ଏନ୍‌ଏସ୍‌ଏସ୍ ଅଧିକାରୀ ତଥା ରାଜନୀତି ବିଜ୍ଞାନ ଅଧ୍ୟାପିକା ଦେବହୁତୀ ସାହୁ ଓ ରେଡକ୍ରସ ଦାୟିତ୍ୱରେ ଥିବା ଗଣିତ ଅଧାପକ ଶିବଶଙ୍କର ମଲ୍ଲିକ ସଭା ପରିଚାଳନା କରିଥିଲେ। ଅଧାପିକା ସାହୁ ଧନ୍ୟବାଦ ଦେଇଥିଲେ।

## ସମ୍ବଲପୁର ବିଶ୍ୱବିଦ୍ୟାଳୟ କର୍ମଚାରୀ ସଂଘ କର୍ମକର୍ତ୍ତା ଚୟନ

ସମ୍ବଲପୁର, ୭।୨(ବ୍ୟୁରୋ)

ସମ୍ବଲପୁର ବିଶ୍ୱବିଦ୍ୟାଳୟ କର୍ମଚାରୀ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ପୂର୍ବତନ ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀଙ୍କୁ ଆଜୀବନ ସଭାପତି ଭାବେ ମନୋନୀତ କରାଯାଇଛି। ସେହିପରି ସତ୍ୟନାରାୟଣ କର ସାଧାରଣ ସମ୍ପାଦକ, ଡ. ହରିଶଙ୍କର ପଣ୍ଡା, ନିରୁପମା ନାୟକ ଓ ବାବୁଲି ବିଶ୍ୱାଳ ଉପସଭାପତି, ସଞ୍ଜୟ କୁମାର ପଣ୍ଡା, ରୀତାରାଣୀ ପତି ଓ ବ୍ରଜବିହାରୀ ପଣ୍ଡା ଯୁଗ୍ମ ସମ୍ପାଦକ, କାହ୍ନୁଚରଣ ପାଣିଗ୍ରାହୀ କାର୍ଯ୍ୟକାରୀ ସମ୍ପାଦକ ଓ ଆଶୁତୋଷ ଭୋଇ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। ୧୬ ଜଣଙ୍କୁ କାର୍ଯ୍ୟକାରିଣୀ ସଭ୍ୟ ଭାବେ ଚୟନ କରାଯାଇଛି। ଏହାବ୍ୟତୀତ ସଭାପତି ୮ଜଣ ସଦସ୍ୟଙ୍କୁ କାର୍ଯ୍ୟନିର୍ବାହୀ ପରିଷଦକୁ ମନୋନୀତ କରିଛନ୍ତି ।

## ମୀମାଂସାଙ୍କୁ ପ୍ରଥମ ରନର୍ସ ଟ୍ରଫି

**ଓପେରା ମିସ୍ ଇଣ୍ଡିଆ ପ୍ରତିଯୋଗିତା**



ମୀମାଂସା ପ୍ରିୟଦର୍ଶନୀ ରଥ ।

ସମ୍ବଲପୁର, ୭।୨ (ବ୍ୟୁରୋ)

ଓପେରା ମିସ୍ ଇଣ୍ଡିଆ ପ୍ରତିଯୋଗିତା-୨୦୨୧ ଅନ୍‌ଲାଇନରେ ଶନିବାର ଶେଷ ହୋଇଛି। ସମ୍ବଲପୁରର ଝିଅ ମୀମାଂଶା ପ୍ରିୟଦର୍ଶନୀ ରଥ ପ୍ରଥମ ରନର୍ସଅପ୍ ଟ୍ରଫି ହାସଲ କରିଛନ୍ତି। ନଭସଞ୍ଚାର ଜରିଆରେ ଆୟୋଜିତ ପ୍ରତିଯୋଗିତାରେ ଦେଶର ବିଭିନ୍ନ ଅଞ୍ଚଳରୁ ୨ଶହ ପ୍ରତିଯୋଗୀ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ୬୪ ଜଣ ଫାଇନାଲ ରାଉଣ୍ଡରେ ପହଞ୍ଚିଥିଲେ। ଅନୁଜ କୁଲଶ୍ରେଷ୍ଠ ଓ ନିର୍ଦ୍ଦେଶିକା ମୋନିକା କୁଲଶ୍ରେଷ୍ଠ ପ୍ରତିଯୋଗିତା ପରିଚାଳନା କରିଥିଲେ। ଆର୍.କେ. ରଥ ଓ କାମିନୀଙ୍କ ଝିଅ ମୀମାଂଶା ସମ୍ବଲପୁର ସରକାରୀ ମହିଳା କଲେଜ ଛାତ୍ରୀସଂସଦ ସଭାନେତ୍ରୀ ଥିବା ସମୟରୁ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ସଫଳତା ହାସଲ କରିଥିଲେ। ସେ ଭଲ ପାଠ ପଢ଼ିବା ସହ ଗାୟିକା, ଉଦ୍‌ଘୋଷିକା, ଅଭିନେତ୍ରୀ ଅଟନ୍ତି। ମଡେଲିଂରେ ମଧ ତାଙ୍କର ରୁଚି ରହିଛି। ଏହି ସଫଳତା ଲାଗି ତାଙ୍କୁ ସମ୍ବଲପୁର ସମେତ ପଶ୍ଚିମ ଓଡିଶାର ବିଭିନ୍ନ ଜିଲାରୁ ଅଭିନେତା, ଅଭିନେତ୍ରୀ, ଗାୟିକା, ଗାୟକଙ୍କ ସମେତ ଛାତ୍ରୀଛାତ୍ରମାନେ ଶୁଭେଚ୍ଛା ଜଣାଇଛନ୍ତି। ପୂର୍ବରୁ ସେ ମିସ୍ ଡାଇମଣ୍ଡ କୁଇନ୍, ମିସ୍ ଡ୍ରିମ୍ ସମ୍ବଲପୁର ରନର୍ସଅପ୍ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି।

## କ୍ରିକେଟ: ରେମଜା ଷ୍ଟ୍ରାଇକର ଚାମ୍ପିୟନ



ଚାମ୍ପିୟନ ଦଳକୁ ପୁରସ୍କୃତ କରାଯାଉଛି।

ବ୍ରଜରାଜନଗର, ୭।୨(ଡି.ଏନ.ଏ.)

ସ୍ଥାନୀୟ ସାହୁପଡା ଖେଳ ପଡିଆରେ ଚାଲିଥିବା ପ୍ରଥମ ଅନନ୍ତ କ୍ଲବ କ୍ରିକେଟ ପ୍ରତିଯୋଗିତାରେ ମାରୁତି ଏକାଦଶକୁ ହରାଇ ରେମଜା ଷ୍ଟ୍ରାଇକର ଚାମ୍ପିୟନ ହୋଇଛି। ରେମଜା ଷ୍ଟ୍ରାଇକର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୫ ଉଇକେଟ ହରାଇ ୧୩୨ ରନ କରିଥିଲା। ଜବାବରେ ମାରୁତି ଏକାଦଶ ୭ ଉଇକେଟ ହରାଇ ୧୦୩ ରନ କରି ହାରିଯାଇଥିଲା। ପ୍ରିନ୍ସଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଓ ରାକେଶ ବରାଡଙ୍କୁ ମ୍ୟାନ ଅଫ୍ ଦି ସିରିଜ ଭାବେ ସମ୍ମାନିତ କରାଯାଇଥିଲା। ସଞ୍ଜୀବ ଓ ରାଜୁ ପଧରିଆ ଖେଳ ପରିଚାଳନା କରିଥିଲେ। ଶିକ୍ଷାବିତ୍ ଡ. ବିଜୟ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ନଗଦ ରାଶି ସହ ଟ୍ରଫି ପ୍ରଦାନ କରିଥିଲେ।

## ବୈଷ୍ଣୋଦେବୀ ମନ୍ଦିରର ରତ୍ନମୁଦ ଉତ୍ସବ

ପଡିଆବାହାଲ, ୭।୨(ଡି.ଏନ.ଏ.)

ଝୁଝୁମୁରା ବ୍ଲକ କବରାପାଲି ପଞ୍ଚାୟତ ନିଲଢୁଙ୍ଗୁରୀ ନୀଳକଣ୍ଠେଶ୍ୱର ମନ୍ଦିର ନିକଟରେ ନିର୍ମାଣାଧୀନ ବୈଷ୍ଣୋଦେବୀ ମନ୍ଦିରର ଶୁଭସ୍ତମ୍ଭ ଓ ରତ୍ନମୁଦ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ସଦାଶିବ ବାଡା ଓ ଦୀପାଞ୍ଜଳିଙ୍କ କର୍ତ୍ତୃତ୍ୱରେ ପଣ୍ଡିତ ସୁଦିପ୍ତ ନାୟକ ପୌରୋହିତ୍ୟ କରିଥିଲେ। ଆସନ୍ତା ୨୩ରୁ ୨୬ ତାରିଖ ମଧରେ ହୋମଯଜ୍ଞ ସହ ମନ୍ଦିର ପ୍ରତିଷ୍ଠା ସମାପ୍ତ ହେବ।

## ଭରସା କେନ୍ଦ୍ରର ବାର୍ଷିକୋତ୍ସବ

ଲଖନପୁର,୭।୨(ଡି.ଏନ୍.ଏ)

ଝାରସୁଗୁଡା ଜିଲା ପ୍ରଶାସନ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପିପୁଲ୍‌ସ ଫୋରମ୍ ତରଫରୁ ଝାରସୁଗୁଡା ଜିଲା ଲଖନପୁର ବ୍ଲକ ଗୋବିନ୍ଦପୁରଠାରେ ଗରିବ ଅସହାୟ ବୃଦ୍ଧାବୃଦ୍ଧଙ୍କ ଥଇଥାନ ପାଇଁ ଏକ ବୃଦ୍ଧାଶ୍ରମ 'ଭରସା କେନ୍ଦ୍ର' ଖୋଲାଯାଇଛି । ଏହି କେନ୍ଦ୍ରର ଦ୍ୱିତୀୟ ବାର୍ଷିକୋତ୍ସବ ଶନିବାର ପାଳିତ ହୋଇଛି। ଏହି ଅବସରରେ ଖବରଦାତା ନିଳେନ୍ଦ୍ର କୁମାର ଗଜେନ୍ଦ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କେକ୍ କାଟି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ପିପୁଲ୍‌ସ ଫୋରମ୍ ପଶ୍ଚିମ ଓଡିଶା ମୁଖ୍ୟ ସଞ୍ଜୟ କୁମାର ଜେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମାଜରେ ଅସହାୟଙ୍କ ସେବା କଲେ ଆତ୍ମସନ୍ତୁଷ୍ଟି ମିଳିଥାଏ। ଆସନ୍ତୁ ଶପଥ ନେବା ଅସହାୟଙ୍କ ସେବା କରିବା ବୋଲି ମୁଖ୍ୟଅତିଥି ଗଜେନ୍ଦ୍ର କହିଥିଲେ। ଉତ୍ସବରେ ସଂସ୍ଥାର ସମ୍ବଲପୁର, ସୁନ୍ଦରଗଡ, ବରଗଡ ଓ ଝାରସୁଗୁଡା ଜିଲାରେ ଥିବା କେନ୍ଦ୍ରର ଶତାଧିକ କର୍ମଚାରୀ ଯୋଗଦେଇ ନିଜ ନିଜର କର୍ମମୟ ଜୀବନର ଅନୁଭୂତି ବଖାଣିଥିଲେ। ସୂଚନା ଥାଉକି ଏହି କେନ୍ଦ୍ରରେ ସମୁଦାୟ ୫୨ଜଣ ମହିଳା ପୁରୁଷ ଅନ୍ତେବାସୀ ରହିଛନ୍ତି।



ଅନ୍ତେବାସୀଙ୍କ ଗହଣରେ ମୁଖ୍ୟ ଅତିଥି କେକ୍ କାଟୁଛନ୍ତି।

## ଦୁଇଦିନିଆ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ

ସମ୍ବଲପୁର, ୭।୨ (ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଏନଗୁହାଲେନ ବ୍ୟାଡ୍‌ମିଣ୍ଟନ କ୍ଲବ ପକ୍ଷରୁ ଦୁଇଦିନିଆ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬୪ଟି ଦଳ ଭାଗ ନେଇଛନ୍ତି। ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟର ଶୁଭ ଉଦ୍‌ଘାଟନ କରିଥିଲେ। ବୁଲୁ ପୂଜାରୀ, ଶିବ ସାହୁ, ସୁମନ୍ତ ସାହୁ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ।



ଦୁଇଦିନିଆ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟକୁ ମୁଖ୍ୟଅତିଥି ଉଦ୍‌ଘାଟନ କରୁଛନ୍ତି।

# ଧାନବିକ୍ରି ଟାର୍ଗେଟ୍‌କୁ ନେଇ ଚିନ୍ତା

ଲଖନପୁର,୭।୨(ଡି.ଏନ୍.ଏ.)



ଧାନ କିଣା ପର୍ଚେଜ କମିଟି ସହିତ ଏସ୍‌ବିଡି କୃଷକ ସଂଗଠନର ଜରୁରୀ ବୈଠକ ।

**ସରଣ୍ଡାମାଲ ସମବାୟ ସମିତି**

- ସରିବାକୁ ବସିଲାଣି ଟୋକନ୍ ସମୟସୀମା
- ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କଲା ଚାଷୀ ସଙ୍ଗଠନ
- ଏସ୍‌ବିଡିର ଆନ୍ଦୋଳନ ଚେତାବନୀ

ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍ ସରଣ୍ଡାମାଲ ସେବା ସମବାୟ ସମିତିରେ ଧାନବିକ୍ରି ସମସ୍ୟା ନେଇ ଚାଷୀମାନେ ଚିନ୍ତାରେ ଅଛନ୍ତି। ଯୋଗାଣ ବିଭାଗ ତରଫରୁ ଟାର୍ଗେଟ ନ ଆସିବାରୁ ଏହି ସମିତିର ପଞ୍ଜୀକୃତ ଚାଷୀମାନେ ଧାନବିକ୍ରିରୁ ବଞ୍ଚିତ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ଚାଷୀଙ୍କୁ ନେଇ ଗଠନ କରାଯାଇଥିବା ଏସ୍‌ବିଡି କୃଷକ ସଙ୍ଗଠନ ତରଫରୁ ସଭାପତି ସାଲେଗ୍ରାମ ନାୟକଙ୍କ ଅଧ୍ୟକ୍ଷତାରେ ଶନିବାର ସମିତି କାର୍ଯ୍ୟାଳୟରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସମିତିର ପର୍ଚେଜ କମିଟି, ସଙ୍ଗଠନ କର୍ମକର୍ତ୍ତା ଓ ଚାଷୀମାନେ ଉପସ୍ଥିତ ଥିଲେ। ଏହି ବୈଠକରେ ସର୍ବସମ୍ମତିକ୍ରମେ ଏକ ପ୍ରସ୍ତାବ ଗୃହୀତ ହୋଇଛି। ଏଥିମଧ୍ୟରେ ରହିଛି ଆବଶ୍ୟକ ଟାର୍ଗେଟ୍‌କୁ ନେଇ କୃଷକ ସଙ୍ଗଠନ ଜିଲାପାଳ, ଜିଲା ମୁଖ୍ୟ ଯୋଗାଣ ଅଧିକାରୀ, ଏମ୍‌ପି, ବିଧାୟକ, ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବ। ସମାଧାନ ନ ହେଲେ କୃଷକ ସଙ୍ଗଠନ ଧାନବସ୍ତା ରଖି ରାସ୍ତା ଅବରୋଧ କରିବ। ସମିତି ସମ୍ପାଦକ ଗଜାନନ ପ୍ରଧାନଙ୍କ କହିବା ଅନୁଯାୟୀ ଚଳିତବର୍ଷ ଧାନବିକ୍ରି ପାଇଁ ସମିତିରେ ୪୯୬ଜଣ ଚାଷୀ ନାମ ପଞ୍ଜୀକୃତ କରିଛନ୍ତି। ଏମାନେ ୪୫ହଜାର କ୍ୱିଣ୍ଟାଲ ଧାନ ବିକ୍ରି କରିପାରିବେ। ଧାନ କିଣିବା ପାଇଁ ୪ ଗୋଟି ପର୍ଯ୍ୟାୟରେ ଟାର୍ଗେଟ୍ ଆସିଥିବାବେଳେ ସମୁଦାୟ ୪୫ହଜାର କ୍ୱିଣ୍ଟାଲରୁ ମାତ୍ର ୧୭ହଜାର ୩୩୦କ୍ୱିଣ୍ଟାଲ ଧାନ ଚାଷୀଙ୍କ ନିକଟରୁ କିଣାଯାଇଛି। ଅବଶିଷ୍ଟ ଚାଷୀ ସେମାନଙ୍କ ଧାନ ବିକ୍ରି କରିପାରୁନାହାନ୍ତି। ଏ ନେଇ ଚାଷୀମାନେ ଆନ୍ଦୋଳନ ପାଇଁ ପ୍ରସ୍ତୁତ ଥିବାବେଳେ ଯୋଗାଣ ବିଭାଗ ତରଫରୁ ଶନିବାର ୨ହଜାର ୬୨୭କ୍ୱିଣ୍ଟାଲ ଧାନ କିଣିବା ପାଇଁ ଟାର୍ଗେଟ୍ ଆସିଛି ବୋଲି ସମ୍ପାଦକ ପ୍ରଧାନ କହିଛନ୍ତି। ଏହି ୫ମ ପର୍ଯ୍ୟାୟ ଟାର୍ଗେଟ୍ ଆସିବା ପରେ ଚାଷୀଙ୍କ ମଧ୍ୟରେ ଧାନବିକ୍ରି ପାଇଁ ପ୍ରତିଯୋଗିତା ଆରମ୍ଭ ହୋଇଛି। ପର୍ଚେଜ କମିଟି କେଉଁ ଚାଷୀଙ୍କ ନିକଟରୁ ଧାନ କିଣିବ ସେ ନେଇ ଦ୍ୱନ୍ଦ୍ୱରେ ରହିଛି। ଯେଉଁ ଚାଷୀ ପ୍ରଥମରୁ ଧାନବିକ୍ରି କରିନାହାନ୍ତି ସେମାନଙ୍କ ନିକଟରୁ ୫ମ ପର୍ଯ୍ୟାୟ ଟାର୍ଗେଟ୍ ଅନୁସାରେ ଧାନ କିଣାଯିବ ବୋଲି ବୈଠକରେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଛି।

> ଭଗବାନ ବଳବାନ ମଣିଷ ଚାହାନ୍ତି– ଭାବପ୍ରବଣ ଶିଶୁମାନଙ୍କୁ ନୁହଁ। ପ୍ରଭୁ ଚାହାନ୍ତି ଆମଠାରୁ ଅଟଳ ସହିଷ୍ଣୁତା– ଦୃଢ଼ତା ଓ ବୀରତ୍ୱ– ଯଥାର୍ଥ ଆଧ୍ୟାତ୍ମିକ ବୀରତ୍ୱ। ସେ ମଧ ଆମଠାରୁ ଚାହାନ୍ତି ପୌରୁଷ ଏବଂ ଦିବ୍ୟ ପୌରୁଷ। –ଶ୍ରୀଅରବିନ୍ଦ

# ଶର୍ମାଙ୍କୁ ମାନିନିଅ

କୃଷି ଆଇନକୁ ନେଇ କେନ୍ଦ୍ର ସରକାର ଓ କୃଷକଙ୍କ ମଧ୍ୟରେ ଭିଡାଓଟରା ଚାଲିଛି। ଚାଷୀମାନେ ବିବାଦୀୟ ଆଇନ ପ୍ରତ୍ୟାହାର ଲାଗି ଅଡ଼ି ବସିଥିବା ବେଳେ ସରକାର ଜିଦ୍‌ରେ ଅଟଳ ଅଛନ୍ତି। ସରକାର କହୁଛନ୍ତି, ଚାଷୀଙ୍କ ଲାଭ ପାଇଁ ଏହି ଆଇନ ଅଣାଯାଇଛି। ଅପରପକ୍ଷରେ ଏହି ମାସ ୬ ତାରିଖରେ ହୋଇଥିବା ୩ ଘଣ୍ଟିଆ 'ଚକାଜାମ୍' ଆନ୍ଦୋଳନର ଦେଶବ୍ୟାପୀ ପ୍ରଭାବ ପ୍ରତିବାଦ କରୁଥିବା ଚାଷୀଙ୍କୁ ଉତ୍ସାହିତ କରୁଥିବା ଭଳି ମନେହେଉଛି। କେବଳ ପଞ୍ଜାବ, ହରିୟାଣା କିମ୍ବା ପଶ୍ଚିମ ଉତ୍ତରପ୍ରଦେଶରେ ସୀମିତ ନୁହେଁ, ଏହି ୩ ଘଣ୍ଟିଆ ପ୍ରତିବାଦର ସ୍ୱର ଭାରତର ଦକ୍ଷିଣ, ପଶ୍ଚିମ ଓ ପୂର୍ବ ରାଜ୍ୟଗୁଡ଼ିକରେ ଶୁଣିବାକୁ ମିଳିଲା। ଏଥିରୁ ପ୍ରମାଣିତ ହେଲା ଯେ ସରକାରଙ୍କ ଦ୍ୱାରା ଦିଆଯାଇଥିବା ବାର୍ତ୍ତା ସତ୍ୟ ନୁହେଁ। ସରକାର କହିଆସୁଛନ୍ତି ଯେ ଏହି ପ୍ରତିବାଦ କେବଳ ମୁଷ୍ଟିମେୟ କୃଷକ ନେତା ଓ ଦଲାଲଙ୍କ ଦ୍ୱାରା ରଚାଯାଇଛି, ଯେଉଁମାନେ ବାସ୍ତବ କୃଷକ ନୁହନ୍ତି। ଅପରପକ୍ଷେ କୃଷକମାନେ ଉକ୍ତ ଆଇନ ଦ୍ୱାରା କ୍ଷତିଗ୍ରସ୍ତ ହେବେ ବୋଲି ଦର୍ଶାଉଛନ୍ତି।

ଏଭଳି ସ୍ଥଳେ ଭାରତୀୟ ଜନତା ପାର୍ଟି (ଭାଜପା)ର ମାର୍ଗଦର୍ଶନ କରୁଥିବା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆର୍‌ଏସ୍‌ଏସ୍)ର ବରିଷ୍ଠ ନେତା ତଥା ରାଜ୍ୟ ସଭାର ପୂର୍ବତନ ସଦସ୍ୟ ରଘୁନନ୍ଦନ ଶର୍ମା ଫେସ୍‌ବୁକ୍‌ରେ କେନ୍ଦ୍ର କୃଷି ମନ୍ତ୍ରୀ ନରେନ୍ଦ୍ର ସିଂ ତୋମାରଙ୍କୁ ଉପଲକ୍ଷ୍ୟ କରି ଦେଇଥିବା ଟିପ୍ପଣୀ ଆଲୋଚନାର ବିଷୟ ପାଲଟିଛି। ସେ କହିଛନ୍ତି ଯେ, କୃଷି ଆଇନକୁ କୃଷକମାନେ ବିରୋଧ କରୁଥିବା ବେଳେ ତାହାକୁ ତୋମାର ଠିକ୍ ଭାବେ ବୁଝୁନାହାନ୍ତି। କ୍ଷମତାର ଗର୍ବ ତାଙ୍କ ମୁଣ୍ଡକୁ ଚଢ଼ିଯାଇଛି। ଦୁଇ ଦିନ ତଳେ କରାଯାଇଥିବା ଏହି ପୋଷ୍ଟରେ ଶର୍ମା ଆହୁରି ଲେଖିଛନ୍ତି, ତୋମାର ହେଉଛନ୍ତି ସରକାରଙ୍କ ଏକ ଅଂଶ। କୃଷକଙ୍କ ମଙ୍ଗଳ ତାଙ୍କ ଉଦ୍ଦେଶ୍ୟ ହୋଇଥାଇପାରେ। କିନ୍ତୁ ଯଦି କିଛି ଲୋକ ସେହି ସାହାଯ୍ୟ ନେବାକୁ ଚାହୁଁ ନାହାନ୍ତି, ତାହା ହେଲେ ସେମାନଙ୍କ କଲ୍ୟାଣ କଥା ଭାବିବା ଠିକ୍ ନୁହେଁ। ଜଣେ ଉଲଗ୍ନ ହେବାକୁ ଚାହୁଁଥିବା ବେଳେ ତାଙ୍କୁ ଜୋର ଜବରଦସ୍ତ ଲୁଗା ପିନ୍ଧାଇବାର କ'ଣ ଆବଶ୍ୟକତା ରହିଛି ବୋଲି ଶର୍ମା କହିଛନ୍ତି। ଫେସ୍‌ବୁକ୍‌ର ଏହି ପୋଷ୍ଟରୁ ବୁଝିବାକୁ ହେବ ଯେ, ଆର୍‌ଏସ୍‌ଏସ୍‌ର ନେତାମାନେ ହୁଏତ ହୃଦୟଙ୍ଗମ କଲେଣି ଯେ, ସରକାରଙ୍କ ନିଷ୍ପତ୍ତି ଅଡୁଆ ସ୍ଥିତି ସୃଷ୍ଟି କଲାଣି। ଏଠାରେ ଶର୍ମା ଉଦ୍ଦେଶ୍ୟ ରଖି ଯେଉଁଭଳି ଶବ୍ଦ ବ୍ୟବହାର କରିଛନ୍ତି, ସେଥିରୁ ବୁଝାପଡୁଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସିଧାସଳଖ ନ କହି ସେ ପରୋକ୍ଷରେ କୃଷିମନ୍ତ୍ରୀଙ୍କୁ ଟାର୍ଗେଟ କରିଛନ୍ତି। ବିଶେଷକରି ତୋମାର କେତେ ପାଣିରେ ଅଛନ୍ତି, ତାହା ଆମେ ଭଲ ଭାବେ ଜାଣୁ। ସରକାରରେ କୌଣସି ଶୀର୍ଷ ନେତା ନ ଚାହିଁଲେ ତାଙ୍କ ଅଧୀନରେ ଥିବା ମନ୍ତ୍ରୀମାନେ କଦାପି ବହକି କହିପାରିବେ ନାହିଁ। ଭାରତରେ କେନ୍ଦ୍ରଠାରୁ ଆରମ୍ଭ କରି ସବୁ ରାଜ୍ୟ ଶାସନକୁ ଅନିଷା କଲେ ସମାନ ଉଦାହରଣ ଦେଖିବାକୁ ମିଳିବ। ଓଡ଼ିଶା କଥା ଦେଖିଲେ ୨୦୨୦ ଡିସେମ୍ବରରେ ସ୍କୁଲ ଖୋଲିବା ନେଇ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ ମତ ରଖିଥିଲେ। ସେ କହିଥିଲେ ଖୁବ୍‌ଶୀଘ୍ର ବିଦ୍ୟାଳୟଗୁଡ଼ିକ ଖୋଲିବା ନେଇ ଚିନ୍ତା କରାଯାଉଛି। ତା' ପରେ ଉଚ୍ଚ ଶିକ୍ଷା ସଚିବ ଶାଶ୍ୱତ ମିଶ୍ର ଉଚ୍ଚ ଶିକ୍ଷାନୁଷ୍ଠାନ ଖୋଲିବା ନେଇ ସଙ୍କେତ ଦେଇଥିଲେ। ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଭୟଙ୍କୁ ତାଗିଦ୍ କରିଥିଲେ। ସରକାରୀ ସ୍ତରରେ କୌଣସି ନିଷ୍ପତ୍ତି ହୋଇ ନ ଥିବା ବେଳେ ବିଭାଗଗୁଡ଼ିକ ପକ୍ଷରୁ ଦିଆଯାଉଥିବା ମନ୍ତବ୍ୟକୁ ମୁଖ୍ୟମନ୍ତ୍ରୀ ନାପସନ୍ଦ କରିଥିଲେ। ପରବର୍ତ୍ତୀ ସମୟରେ ମନ୍ତ୍ରୀ ଓ ସଚିବଙ୍କ କଥା କାଟ ଖାଇଥିଲା।

କେନ୍ଦ୍ରରେ ପ୍ରଧାନମନ୍ତ୍ରୀଙ୍କ ବିନା ଅନୁମତିରେ ଦୁବଟିଏ କଅଁଳେ ନାହିଁ ବୋଲି ସାଧାରଣ ନାଗରିକ ମଧ ଜାଣିଲେଣି। ଏଭଳିସ୍ଥଳେ ତୋମାର ନିଜେ ଚାହିଁଲେ କଦାପି କୃଷି ଆଇନ ଉପରେ କିଛି ବି କରିପାରିବେ ନାହିଁ। ଆର୍‌ଏସ୍‌ଏସ୍ ନେତା ଶର୍ମା ଯେଉଁଆଡ଼େ ବାଡ଼ି ବୁଲାଇ କହିଥାଆନ୍ତୁ ନା କାହିଁକି ଲକ୍ଷ୍ୟ ଗୋଟିଏ ଜାଗାରେ ବାଜୁଛି ବୋଲି ବୁଝିବାକୁ ହେବ। ସାଧାରଣରେ ଏହା ଜଣାଶୁଣା ଯେ, ଭାଜପାକୁ ଆର୍‌ଏସ୍‌ଏସ୍ ନିୟନ୍ତ୍ରଣ କରୁଛି। କିଏ କେଉଁ ପଦବୀରେ ଆସୀନ ହେବେ ତାହା ସେହି ସଙ୍ଗଠନ ସ୍ଥିର କରିଥାଏ। ଯଦି କେତେବେଳେ କିଛି ବିଚ୍ୟୁତି ଘଟେ ସେଠାରୁ ଛାଟ ବାଜେ। ସେହି ଦୃଷ୍ଟିରୁ ଦେଖିଲେ ଆର୍‌ଏସ୍‌ଏସ୍ ବୁଝିଗଲାଣି ଯେ, ଶାସନ ଠିକ୍ ଭାବେ ଚାଲି ନାହିଁ। ଲୋକେ ଯାହା ଚାହୁଁଛନ୍ତି, ତାହା ହୋଇପାରୁ ନ ଥିବାରୁ କେନ୍ଦ୍ରରେ ୭ ବର୍ଷ ଶାସନ ସତ୍ତ୍ୱେ ନେତୃତ୍ୱ ବିରୋଧରେ ଏକ ମନୋଭାବ ବୃଦ୍ଧି ପାଇଲାଣି ; ଯାହା ଭବିଷ୍ୟତ ପାଇଁ ଅଶୁଭ ସଙ୍କେତ ଦେଲାଣି। ଏହା ମଧ ମନେରଖିବାକୁ ହେବ ଯେ, ଆଜିର କ୍ଷମତାସୀନ ବ୍ୟକ୍ତିମାନଙ୍କ ଜନ୍ମର ବହୁ ପୂର୍ବରୁ ଆର୍‌ଏସ୍‌ଏସ୍ ଚିନ୍ତାଧାରା ଜନ୍ମ ନେଇଛି। ଏହି ସରକାର ବିଦାୟ ନେବା ପରେ ମଧ ଆର୍‌ଏସ୍‌ଏସ୍ ବଞ୍ଚି ରହିବ। ଏହି ଦୀର୍ଘମିଆଦୀ ଦୃଷ୍ଟିକୋଣ ରଖି ଶର୍ମା ତାଙ୍କ ମନ୍ତବ୍ୟ ଦେଇଥାଇପାରନ୍ତି। ଏଠାରେ ଶର୍ମାଙ୍କ କଥାରେ ଅନେକେ ଏକମତ ହେବେ। ଯଦି ସରକାର କୃଷକଙ୍କ ମଙ୍ଗଳ ପାଇଁ ଏହି ୩ଟି ଆଇନ ଆଣିଛନ୍ତି ବୋଲି କହୁଛନ୍ତି, ଏବେ ଯେତେବେଳେ ତାହାକୁ ସେମାନେ ଗ୍ରହଣ କରୁନାହାନ୍ତି ; ତେଣୁ ସେଗୁଡ଼ିକୁ ପ୍ରତ୍ୟାହାର କରାଯିବା ଉଚିତ। ଅର୍ଥାତ୍ ଯେଉଁମାନଙ୍କ ମଙ୍ଗଳ ପାଇଁ ଚିନ୍ତା କରାଯାଇଥିଲା, ତାହାର ସୁଫଳ ସେମାନେ ନ ନେଲେ ନ ନିଅନ୍ତୁ। ଶର୍ମାଙ୍କ ଏହି ମଞ୍ଜି କଥାକୁ ସରକାର ସକାରାତ୍ମକ ଦୃଷ୍ଟିକୋଣରୁ ଦେଖି ପଦକ୍ଷେପ ନେଲେ ହୁଏତ ସମାଧାନ ମିଳିପାରନ୍ତା।

ଏହାସହିତ ମନେରଖିବାକୁ ହେବ ଯେ, ଅନ୍ତର୍ଜାତୀୟ ସ୍ତରରେ ଭାରତ ସରକାର ବିରୋଧୀ ମତ ଦାନା ବାନ୍ଧିଲାଣି। କେବଳ ଗାୟିକା ରିହାନା, ଜଳବାୟୁ ଯୋଦ୍ଧା ଗ୍ରେଟା ଥନ୍‌ବର୍ଗ କିମ୍ବା ଆମେରିକା ଉପରାଷ୍ଟ୍ରପତି କମଳା ହାରିସ୍‌ଙ୍କ ସମ୍ପର୍କୀୟା ମୀନା ହାରିସ୍‌ଙ୍କ ଟୁଇଟର ମାଧ୍ୟମରେ ବିରୋଧ ସୀମିତ ରହିନାହିଁ। ହଲିଉଡ୍ ତାରକା ସୁଜାନ୍ ସାରଣ୍ଡନ୍‌ଙ୍କ ସମେତ ଜାତିସଂଘର ମାନବ ଅଧିକାର କମିଶନ ମଧ ଭାରତୀୟ ଚାଷୀଙ୍କ ଆନ୍ଦୋଳନ ସମ୍ପର୍କରେ ଉଦ୍‌ବେଗ ପ୍ରକାଶ କଲେଣି। ଏହା ପଛରେ ନିଶ୍ଚିତ ଭାବେ ଅନ୍ତର୍ଜାତୀୟ ରାଜନୈତିକ ଉଦ୍ଦେଶ୍ୟ ରହିଛି। ଉଲ୍ଲେଖଯୋଗ୍ୟ ଯେ, ନଭେମ୍ବର ୨୦୨୦ରେ ଅନୁଷ୍ଠିତ ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ଡୋନାଲ୍ଡ ଟ୍ରମ୍ପଙ୍କ ପରାଜୟ ଏବଂ ଜୋ ବାଇଡେନ୍‌ଙ୍କ ବିଜୟ ଐତିହାସିକ ସ୍ଥିତି ସୃଷ୍ଟି କରିଛି। ସେହି ନିର୍ବାଚନ କେବଳ ରାଜନୀତିରେ ସୀମିତ ନ ଥିଲା। ତାହା ଆମେରିକାର ସାମାଜିକ ସ୍ଥିତିରେ ଅନେକ ପ୍ରଭାବ ପକାଇଛି। ଟ୍ରମ୍ପଙ୍କ ଦକ୍ଷିଣପନ୍ଥୀ ଏବଂ ବର୍ଣ୍ଣବୈଷମ୍ୟ ଚିନ୍ତାଧାରା ଯୋଗୁ ଆମେରିକା ବିଭାଜିତ ହେବା ସହିତ ପୃଥିବୀବ୍ୟାପୀ ଏକ ଦୁର୍ବଳ ଦେଶ ଭାବେ ପରିଲକ୍ଷିତ ହେବାକୁ ଆରମ୍ଭ କଲା। ଇତିମଧ୍ୟରେ ପ୍ରଧାନମନ୍ତ୍ରୀ ମୋଦି ସେଠାକୁ ଯାଇ ଟ୍ରମ୍ପଙ୍କ ପକ୍ଷରେ ନିର୍ବାଚନୀ ପ୍ରଚାର କରିବା ସହିତ ସେଠାକାର ଭାରତୀୟମାନଙ୍କୁ 'ଅଗଲି ବାର୍, ଟ୍ରମ୍ପ୍ ସରକାର' ଧ୍ୱନିରେ ଟ୍ରମ୍ପଙ୍କୁ ସମର୍ଥନ କରିବାକୁ ଖୋଲାଖୋଲି ଆହ୍ୱାନ ଦେଇଥିଲେ। ଆମେରିକାର ଆଭ୍ୟନ୍ତରୀଣ ରାଜନୀତିରେ ମୋଦିଙ୍କ ପ୍ରବେଶକୁ ଡେମୋକ୍ରାଟିକ୍ ଦଳରେ ବିରୋଧ ହେବା ସ୍ୱାଭାବିକ। ଆଜି ଭାରତରେ ହେଉଥିବା ଚାଷୀ ଆନ୍ଦୋଳନକୁ ଅନ୍ତର୍ଜାତୀୟ ସମର୍ଥନ ମିଳିବା ପଛରେ ଆମେରିକା ସରକାରର ହାତ ଥିବା ସ୍ପଷ୍ଟ ବୁଝି ହେଉଛି। ଭାରତର ତ୍ରୁଟିପୂର୍ଣ୍ଣ ବହିର୍ବ୍ୟାପାର ନୀତି ଯୋଗୁ କେବଳ ଆମେରିକା ଦୂରେଇ ଯାଇ ନାହିଁ, ପଡ଼ୋଶୀ ରାଷ୍ଟ୍ର ଶ୍ରୀଲଙ୍କା ମଧ ଭାରତର ସାହାଯ୍ୟକୁ ଉପେକ୍ଷା କରିବା ସହିତ ଚାଇନାର ସହଯୋଗ ଲୋଡୁଛି। ଏଭଳି ଜଟିଳ ସ୍ଥିତିରେ ଭାରତର ଟୁଇଟର ମାଧ୍ୟମରେ ବିରୋଧ ଯଥେଷ୍ଟ ହେବ ନାହିଁ। ସେଥିପାଇଁ ଅଡ଼ି ବସିବା ପରିବର୍ତ୍ତେ ରଘୁନନ୍ଦନ ଶର୍ମାଙ୍କ ମତକୁ ସମ୍ମାନ ଜଣାଇ ଚାଷୀଙ୍କ ଦାବିକୁ ସରକାର ମାନିନେବା କେନ୍ଦ୍ର ସରକାରଙ୍କ ପାଇଁ ବୁଦ୍ଧିମାନର କାମ ହେବ।

# ଆମେ ନୀରବ ହେତୁ ଶୋଷିତ କି



ରାଜୀବ କର୍ମୀ

ବେଳେବେଳେ ମନକୁ ଗୋଟିଏ ପ୍ରଶ୍ନ ଆନ୍ଦୋଳିତ କରେ। ସମାଜରେ ଅସହାୟ, ନିରାଶ୍ରୟ, ଦରିଦ୍ର ଏବଂ ଅବହେଳିତଙ୍କ ସଂଖ୍ୟା କମିବା ପରିବର୍ତ୍ତେ ବଢ଼ୁଛି କାହିଁକି? ଅନେକ ସରକାରୀ ଏବଂ ବେସରକାରୀ ଯୋଜନା ସହିତ ଜନ ସଚେତନତାରେ କୋଟି କୋଟି ଟଙ୍କା ବ୍ୟୟହେଲେ ବି ନିଷ୍ପେଷିତଙ୍କ ସଂଖ୍ୟା ଯଥାପୂର୍ବଂ ତଥା ପରଂ। ବରଂ ତାଙ୍କର ଏହି ସ୍ଥିତି ତାଙ୍କୁ ଏକ ଭିନ୍ନ ବର୍ଗ ଏବଂ ଶ୍ରେଣୀ ଭାବରେ ବିଭେଦ ସୃଷ୍ଟି କରିଆସିଛି। ଏହି ଶ୍ରେଣୀ ବିଭାଗ ଆଜିର ନୁହେଁ। ମାନବ ସମାଜ ସୃଷ୍ଟି ସହିତ ସମାନ୍ତରାଳ ଭାବରେ ଚାଲିଆସିଛି। କେବଳ ସ୍ଥଳ ବିଶେଷରେ ଏହାର ରୂପ ବଦଳିଛି, କିନ୍ତୁ ଏମାନଙ୍କ ପ୍ରତି ଦୃଷ୍ଟିଭଙ୍ଗୀ ବଦଳି ନାହିଁ କିମ୍ବା ଏମାନଙ୍କ ପ୍ରତି ଦମନର ହାର କମି ନାହିଁ।

ଅନେକ ସମୟରେ ସ୍ୱେଚ୍ଛାଚାରୀ ଶାସକମାନେ ଶାସିତମାନଙ୍କ ଉପରେ ଭୟଯୁକ୍ତ ବାତାବରଣ ସୃଷ୍ଟିକରି ସେମାନଙ୍କ ସ୍ୱରକୁ ଦମନ କରିଥା'ନ୍ତି। ସେଥିପାଇଁ ଏହି ଗୋଷ୍ଠୀକୁ ଅନ୍ୟାୟ ଭାବରେ ସୃଷ୍ଟି କରାଯାଇଥିବା ଏକ ଶ୍ରେଣୀ ବୋଲି କୁହାଯାଇପାରେ। ଲୋକମାନେ ଯେ ସବୁବେଳେ କୁ-ମନୋଭାବ ନେଇ ଦମନର ଶିକାର ହୋଇଥାଆନ୍ତି ତା' ନୁହେଁ, ବେଳେବେଳେ ଏକ ସୁ-ମନୋଭାବ ଥିବା ସମାଜ, ଉଦ୍ଦେଶ୍ୟମୂଳକ ଭାବରେ କରିଥାଏ। ବିଭିନ୍ନ ନୀତି ନିୟମ ପ୍ରଣୟନ ମାଧ୍ୟମରେ ଲୋକଙ୍କୁ ଏକ ନିଷ୍ପେଷିତ ଶ୍ରେଣୀ ଭାବରେ ତିଆରି କରି ସେମାନଙ୍କର ବିଚାରଧାରା ଏବଂ ସ୍ୱାଧୀନତାକୁ ସୀମିତ କରିଥାଏ। ଉପରୋକ୍ତ ଶ୍ରେଣୀ କେବଳ କିଛି ସ୍ୱାର୍ଥାନ୍ୱେଷୀଙ୍କ ଇଚ୍ଛା ଏବଂ ସାମାଜିକ କଟକଣା ଦ୍ୱାରା ବିଭାଜିତ। ଏପରି ବିଭେଦତା ମନୋଭାବ ଏମାନଙ୍କୁ ଆହୁରି ତଳକୁ ଠେଲି ଦେଇଥାଏ।

ଶ୍ରେଣୀ ବିଭାଜନ ଫଳରେ ଲୋକମାନେ ଅନ୍ୟମାନଙ୍କ ତୁଳନାରେ ନିଜର କାର୍ଯ୍ୟ ଦକ୍ଷତା ହରାଇ ବସନ୍ତି। ଫଳରେ ଏମାନେ ପୂର୍ଣ୍ଣାଙ୍ଗ ମନୁଷ୍ୟ ହେବାରୁ ବଞ୍ଚିତ ହୋଇ ନିଜର ଅଧିକାର ଏବଂ ମାନବିକ ମର୍ଯ୍ୟାଦା ହରାଇ ବସନ୍ତି। ଏହା ସହିତ ଏମାନଙ୍କୁ ଭାଷା, ଶିକ୍ଷା ଏବଂ ଅନ୍ୟାନ୍ୟ ସୁବିଧା ସୁଯୋଗରୁ ବଞ୍ଚିତ କରାଯାଏ। ମାନସିକ ଏବଂ ବୌଦ୍ଧିକ ବିକାଶରେ ବାଧା ସୃଷ୍ଟି କରାଯାଏ। ଦେଖିବାକୁ ଗଲେ ଲୋକେ ନିଜ ଶୈଳୀରେ ଜୀବନଯାପନ କରିଥାନ୍ତି, ମାତ୍ର ସ୍ୱେଚ୍ଛାଚାରୀ ଶାସକର ଦମନ ମନୋଭାବ ଏହି ଜୀବନ ଶୈଳୀକୁ ପ୍ରଭାବିତ କରିଥାଏ। ଆଇରିସ୍ ମେରିଅନ୍ ୟଙ୍ଗଙ୍କ ଅନୁସାରେ ଲୋକମାନଙ୍କୁ ପାଞ୍ଚ ପ୍ରକାରେ ଦମନ କରାଯାଇଥାଏ। ହିଂସା, ଶୋଷଣ, ସୀମାବଦ୍ଧ କରି ରଖିବା, ଦୁର୍ବଳ କରିବା ଏବଂ ସାଂସ୍କୃତିକ ବାଦର ଶିକାର ଇତ୍ୟାଦି। ସାମ୍ପ୍ରତିକ ସମାଜରେ ଏହାର ପ୍ରାସଙ୍ଗିକତା ଏବଂ ସଂଯୋଗ ଅଛି କି ନାହିଁ ବିଚାରଯୋଗ୍ୟ।

ଅନେକ ସମୟରେ ଲୋକଙ୍କ ପରିଶ୍ରମ ଦ୍ୱାରା ଲାଭ ଉଠାଯାଏ ଅଥଚ ଉପଯୁକ୍ତ ପ୍ରାପ୍ୟ ଦିଆଯାଏ ନାହିଁ। ଶ୍ରମର ମୂଲ୍ୟ ସବୁବେଳେ ସ୍ୱଳ୍ପ। ପୁରୁଷ ଏବଂ ମହିଳାଙ୍କ ମଧ୍ୟରେ ମଜୁରିରେ ତାରତମ୍ୟ, ଉପଯୁକ୍ତ କାମଧନ୍ଦାର ଅଭାବ, ଠିକ୍ ସମୟରେ ମଜୁରି ନ ଦେବା, ଉତ୍ପାଦିତ ଦ୍ରବ୍ୟର ଉପଯୁକ୍ତ ମୂଲ୍ୟ ନ ଦେବା ସହିତ ଶ୍ରମ ଅନୁଯାୟୀ ଶ୍ରେଣୀ ବିଭାଜନ କରି ଲୋକମାନଙ୍କୁ ଶୋଷଣ କରାଯାଇଥାଏ ; ଯାହାଫଳରେ ଧନୀ ଆହୁରି ଧନୀ ହୁଏ ଏବଂ ଗରିବ ଆହୁରି ଗରିବ ହୋଇଯାଏ। ବିଭିନ୍ନ ବେସରକାରୀ କମ୍ପାନୀ ଏବଂ ଶିଳ୍ପକୁ ଶ୍ରମ କ୍ଷେତ୍ରରେ ସରକାରଙ୍କ ପ୍ରବେଶ ଅନୁମତି ଏହି ଅବହେଳିତ ବର୍ଗକୁ ଶୋଷଣ କରିବାର ଏକ ସଦ୍ୟତମ ଉଦାହରଣ। ଶୋଷଣ ଫଳରେ ଲୋକମାନେ ନିଜର ଅଧିକାର ପାଇଁ ସ୍ୱର ଉତ୍ତୋଳନ କରିପାରନ୍ତି ନାହିଁ।

ସମାଜର ଗୋଟିଏ ବଡ଼ ଗୋଷ୍ଠୀ ଗୋଟିଏ ଛୋଟ ଛୋଟ ଗୋଷ୍ଠୀର ଲୋକଙ୍କୁ ଏକ ନିର୍ଦ୍ଦିଷ୍ଟ ସୀମା ମଧ୍ୟରେ ସୀମିତ କରି ରଖନ୍ତି। ଏହାଦ୍ୱାରା ଲୋକଙ୍କୁ ମୁଖ୍ୟ ସ୍ରୋତରୁ ଦୂରେଇ ରଖାଯାଏ। ଏପରି କି ଶ୍ରମରେ ମଧ ଏମାନଙ୍କର ଭାଗୀଦାରିତା ନ ଥାଏ। ଦଳିତ ଶ୍ରେଣୀ ଏଥିରେ ବେଶି ପ୍ରଭାବିତ ହୋଇଥାନ୍ତି। ସମାଜର ତଥାକଥିତ ଉଚ୍ଚବର୍ଗ ଏମାନଙ୍କୁ ଶ୍ରମରେ ନିୟୋଜିତ କରନ୍ତି ନାହିଁ। ଦଳିତମାନଙ୍କର ଗ୍ରହଣୀୟତା ମଧ ସମାଜରେ ବହୁତ କମ୍। ତେଣୁ ଅନେକ ଜୀବିକାରୁ ଏମାନେ ବଞ୍ଚିତ ହୁଅନ୍ତି। ଶିଶୁ, ଭିନ୍ନକ୍ଷମ, ବୟସ୍କ, ମାନସିକ ଅସୁସ୍ଥ ବ୍ୟକ୍ତି, ମହିଳା, ବିଧବା, ସଂଖ୍ୟାଲଘୁ ଇତ୍ୟାଦି ଏହି ଶ୍ରେଣୀ ଅନ୍ତର୍ଭୁକ୍ତ। ଏହାଦ୍ୱାରା ସମାଜର ଏକ ବଡ଼ ଅଂଶ ବିକାଶ ପ୍ରକ୍ରିୟାରୁ ଦୂରେଇଯାଏ। ଅନେକ ସମୟରେ ଏମାନେ ନିଜର ମୌଳିକ ଅଧିକାରରୁ ମଧ ବଞ୍ଚିତ ହୁଅନ୍ତି। ଏହି ପ୍ରକ୍ରିୟା ଶୋଷଣଠାରୁ ମଧ ସାଙ୍ଘାତିକ।

କ୍ଷମତାଶାଳୀମାନେ ଅନ୍ୟର ସ୍ୱରକୁ ଦମନ କରି ଦୁର୍ବଳ କରିଦିଅନ୍ତି। ତେଣୁ ଦୁର୍ବଳମାନେ ସବଳମାନଙ୍କର ନିର୍ଦ୍ଦେଶ ମାନିବାକୁ ବାଧ୍ୟ ହୋଇଥାଆନ୍ତି। ଏମାନଙ୍କୁ ନିଷ୍ପତ୍ତି ନେବାରେ ବାଧା ସୃଷ୍ଟି କରାଯାଇଥାଏ। ନିମ୍ନ ସାମାଜିକ ସ୍ଥିତି ପାଇଁ ଏମାନଙ୍କୁ ଉପଯୁକ୍ତ ସମ୍ମାନ ଦିଆଯାଏ ନାହିଁ। ଅନେକ ସମୟରେ ଦୁର୍ବଳ ଶ୍ରେଣୀର ଲୋକମାନେ ବିକାଶ ପ୍ରକ୍ରିୟାରେ ଅଂଶଗ୍ରହଣର ସୁଯୋଗ ପାଆନ୍ତି ନାହିଁ। ସବଳମାନଙ୍କ ଆଗରେ କଥା କହିବାର ସାହସ ଯୁଟେ ନାହିଁ। ଧୀରେଧୀରେ ପିଢ଼ିରୁ ପିଢ଼ି ଏମାନେ ନିଜକୁ ମାନସିକ ଭାବରେ ଦୁର୍ବଳ ଭାବି ନିଅନ୍ତି। ଅନ୍ୟାନ୍ୟ କଟକଣା ସହିତ ଏମାନଙ୍କୁ ଗୁଣାତ୍ମକ ଶିକ୍ଷା ଅଧିକାରରୁ ବଞ୍ଚିତ କରାଯାଏ, କାରଣ ଏମାନେ ସଚେତନ ହେଲେ ପ୍ରତିବାଦର ସମ୍ଭାବନା ରହିଛି। ନିଜର ମାଲିକ ବା ସାହୁକାର ଆଗରେ ଏମାନେ କିଛି କହିପାରନ୍ତି ନାହିଁ। ବର୍ଷ ବର୍ଷ ଧରି ଶୋଷଣ ହୁଅନ୍ତି, ହେଲେ ପ୍ରତିବାଦ କରନ୍ତି ନାହିଁ। ଧୀରେଧୀରେ ଏହି ପ୍ରବୃତ୍ତି ତାଙ୍କର ଦେହସୁହା ହୋଇଯାଏ। ଏପରିକି ଯଦି କିଏ ଏହାର ପ୍ରତିବାଦ କରେ, ତେବେ ନିଜ ଗୋଷ୍ଠୀର ଲୋକ ବାଧା ଦିଅନ୍ତି। ଧୀରେ ଧୀରେ ଏମାନଙ୍କ ସ୍ୱର ସଙ୍କୁଚିତ ହୋଇଯାଏ। ତାଙ୍କ ଭିତରେ ଏକ ନକାରାତ୍ମକ ଛବି ସୃଷ୍ଟି କରାଯାଏ, ଫଳରେ ଏମାନେ ନିଜ ପ୍ରତି ଏକ ନକାରାତ୍ମକ ଛବି ସୃଷ୍ଟି କରିବାରେ ଲାଗନ୍ତି।

ସାଂସ୍କୃତିକ ସାମ୍ରାଜ୍ୟବାଦରେ ଶାସକ ନିଜର ସଂସ୍କୃତିକୁ ସୁହାଇଲା ଭଳି ନୀତି ନିୟମର ଅନୁପାଳନ ପାଇଁ ବାଧ୍ୟ କରନ୍ତି। କ୍ଷମତାଶାଳୀ ଗୋଷ୍ଠୀ ନିଜ ଅନୁସାରେ ଏହାକୁ ପରିଚାଳନା କରି ପ୍ରଚାର ପ୍ରସାର କରିଥାଆନ୍ତି। କ୍ଷମତାଶାଳୀମାନେ ଏହା ମାଧ୍ୟମରେ ଫାଇଦା ନେଇଥାନ୍ତି। ଫଳରେ ଛୋଟଛୋଟ ସଂସ୍କୃତି ଏବଂ ବିଶ୍ୱାସ ପରିଚୟ ହରାଇଥାଏ ; ଯଦ୍ଦ୍ୱାରା ସଂଖ୍ୟାଲଘୁମାନେ ଶୋଷଣର ଶିକାର ହୋଇଥା'ନ୍ତି। ତୃତୀୟଲିଙ୍ଗୀମାନଙ୍କ ପ୍ରତି ହେଉଥିବା ବାଛବିଚାର ଏହାର ଉଦାହରଣ। କାରଣ ସାମାଜିକ ସଂସ୍କୃତି ଏବଂ ଚାଲିଚଳନ ଏମାନଙ୍କୁ ଅଲଗା କରିଦେଇଥାଏ। ଅନେକ ଲୋକ ଏମାନଙ୍କୁ ଗ୍ରହଣ କରିପାରନ୍ତି ନାହିଁ। ଏପରି ସାଂସ୍କୃତିକ ବାଦର ଶିକାର ଗୋଷ୍ଠୀ ଅନ୍ୟମାନଙ୍କଠାରୁ ଅଲଗା ହୋଇଯାଆନ୍ତି। ସମାଜରେ ଏମାନଙ୍କୁ ନିମ୍ନ ଦୃଷ୍ଟିରେ ଦେଖାଯାଏ ; ଯାହାକି ସେମାନଙ୍କୁ ଏକ ଭିନ୍ନ ପରିଚୟ ଦେଇଥାଏ।

ହିଂସା, ଦମନର ଆଉ ଏକ ମାଧ୍ୟମ ଯାହାକି ବାହାରକୁ ସ୍ପଷ୍ଟ ଭାବରେ ଜଣାପଡ଼ିଥାଏ। କିଛି ଗୋଷ୍ଠୀର ଲୋକମାନେ ନିଜର ଧନ ଜୀବନକୁ ନେଇ ସବୁବେଳେ ସଂଶୟ ଭିତରେ ବଞ୍ଚିଥାନ୍ତି। ଅନାବଶ୍ୟକ ଭାବରେ ସେମାନେ ଆକ୍ରମଣର ଶିକାର ହେବାର ସମ୍ଭାବନା ଅଧିକ। ଧର୍ମ ସଂଖ୍ୟାଲଘୁ, ଦଳିତ, ଭିନ୍ନକ୍ଷମ, ମାନସିକ ଅସୁସ୍ଥ, ଏକାକୀ ମହିଳା, କିନ୍ନର, ବାରବୁଲା, ଶରଣାର୍ଥୀ ସହିତ ଭିନ୍ନ ମତବାଦରେ ବିଶ୍ୱାସ କରୁଥିବା ବ୍ୟକ୍ତି ବା ଗୋଷ୍ଠୀ ଏହାଦ୍ୱାରା ବେଶି ପ୍ରଭାବିତ। ସମାଜରେ ଘଟୁଥିବା ଅନ୍ୟାୟ, ଅପରାଧ, ଚୋରି, ଡକାୟତି ଇତ୍ୟାଦିରେ ପ୍ରଥମ ସନ୍ଦେହ ଏମାନଙ୍କ ଉପରକୁ ଯାଇଥାଏ ; ଯଦ୍ଦ୍ୱାରା ସବୁବେଳେ ଏକ ସମ୍ଭାବ୍ୟ ଆକ୍ରମଣ ମାନସିକତାରେ ରୁହନ୍ତି।

ଏହି ତାରତମ୍ୟ ଏବଂ ବିଭେଦତାକୁ ଦୂର କରିବା ଜରୁରୀ। ଏହା ହେଲେ ସମାଜରେ ଏକ ସିଂହଭାଗ ବିକାଶ ପ୍ରକ୍ରିୟାରେ ସାମିଲ ହୋଇପାରିବେ। ସଚେତନତାର ବିକାଶ ହେଲେ ଆତ୍ମ ବିଶ୍ୱାସ ଏବଂ ସାହସ ବଢ଼ିବ। ସଚେତନତା ମାଧ୍ୟମରେ ହିଁ ଦୁର୍ବଳତା ଏବଂ ଶୋଷଣ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିହେବ। ଇତିହାସ ଏହାର ସାକ୍ଷୀ। ଅତୀତରେ ଶୋଷଣ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ଦୁର୍ବଳ ଶ୍ରେଣୀ ବିଜୟ ହାସଲ କରିଛି। ଆତ୍ମସଚେତନତା, ଶିକ୍ଷା, ସାକ୍ଷରତା ଏବଂ ଆତ୍ମସମୀକ୍ଷା ମାଧ୍ୟମରେ ହିଁ ଏହା ସଫଳ ହୋଇପାରିଛି। ମଣିଷ-ମଣିଷ ଭିତରେ ସୃଷ୍ଟି କରାଯାଇଥିବା ଅଦୃଶ୍ୟ ପାଚେରି ବା ଦୂରତାକୁ ଭାଙ୍ଗିଲେ ହିଁ ସମତ୍ୱ ଆସିବ। ଶାସକର ଉଦାର ମନୋଭାବ ଏବଂ ଶାସିତର ଦୃଢ଼ ଇଚ୍ଛାଶକ୍ତି ଏହି ଦୂରତ୍ୱକୁ କମ୍ କରିବାରେ ସହାୟକ ହେବ। ଏହା କେବଳ ଶିକ୍ଷା ମାଧ୍ୟମରେ ସମ୍ଭବ।

ଶଗଡ଼ା, ବୌଦ୍ଧ
ମୋ-୮୩୨୮୪୮୧୪୫

# ପୁଷେ ଖଇ, ମାଘେ ଦହି



ଅଭିମନ୍ୟୁ ଧଳ

ଓଡ଼ିଆରେ ଲୋକ କଥାଟିଏ ଅଛି, 'ପୁଷେ ଖଇ, ମାଘେ ଦହି, ଚଇତେ ନିମ ଚକୁଳିଖାଇ'। ପ୍ରକୃତି ତା'ର ସର୍ବଶ୍ରେଷ୍ଠ ସୃଷ୍ଟି ମଣିଷ ପାଇଁ ଛଅଋତୁ ବା ବାରମାସ ଲାଗି ନାନା ପ୍ରକାର ଖାଦ୍ୟ, ଫଳ, ପୁଷ୍ପ ଆଦି ଖଞ୍ଜେଇ ରଖିଛି ; ଯାହା ଆମ ସ୍ୱାସ୍ଥ୍ୟ ପାଇଁ ଅମୃତ ତୁଲ୍ୟ। ପୁଷମାସରେ ଖଇ ଖାଇବା ଶରୀରପକ୍ଷେ ହିତକର। ମୋଟାଧାନକୁ ଭଲ ଭାବରେ ଶୁଖାଇ, ଏହାକୁ ଭାଜିବା ପୂର୍ବଦିନ ରାତିରେ କାକରରେ ପକାଇ ଭାଜିଲେ ଖଇ ଭଲଭାବରେ ଫୁଟେ। ମାଟିଚୁଲିର ଦୁଇଝିଙ୍କା ମଝିରେ ମାଟିହାଣ୍ଡିକୁ ପ୍ରାୟ ୪୫ ଡିଗ୍ରୀରେ ଢଳେଇ ରଖି ସେଥିରେ ବାଲି ଦିଆଯାଇ ଉଷୁମ କରାଯାଏ। ମାଟିହାଣ୍ଡିର ମୁହଁ ଓ ଝିଙ୍କା ମଝିରେ ନିଆଁ ବାହାରି ନ ଆସିବା ପାଇଁ କିଛି ଚିକିଟା କାଦୁଅ ଅବା ଗୋବରମିଶା କାଦୁଅ ଦିଆଯାଇ ବନ୍ଦ କରାଯାଏ। ବାଲି ଗରମ ହେବା ପର୍ଯ୍ୟନ୍ତ ସେଥିରେ ପିଞ୍ଛ ବୁଲାଇ ଠିକ୍ ଗରମ ହୋଇଗଲେ ମା'ମାନେ ଧାନ ମୁଠାମୁଠା ପକାଇ ଖଇ ଭାଜିବା ଆରମ୍ଭ କରିଦିଅନ୍ତି। ଝରିବାଣ ଫୁଟିଲା ଭଳି ଧାନ ଏହା ଭିତରେ ଫୁଟିଗଲା ପରେ ପିଞ୍ଛ ସାହାଯ୍ୟରେ କୁଲାକୁ କାଢ଼ି ଦିଆଯାଏ। ଖଇଭଜା ସରିବା ପରେ ଏହାକୁ ଖଇଅଁରେ ଚଲାଯାଇ ଧାନଚୋପା ବାହାର କରିଦିଆଯାଏ। ହିନ୍ଦୁମାନଙ୍କର ଅନେକ ମଙ୍ଗଳ କାର୍ଯ୍ୟରେ ଏହା ବ୍ୟବହାର କରାଯାଏ। ବିବାହ ସମୟରେ ଖଇର ବିଶେଷ ବ୍ୟବହାର ହୋଇଥାଏ। ଶୀତ ସମୟରେ ଏହି ଉଷୁମ ଖଇକୁ ପାଟିରେ ପକାଇଦେଲେ ଯେଉଁଭଳି ସ୍ୱାଦ ଲାଗେ, ତାହା ଭାଷାରେ ବର୍ଣ୍ଣନା କରିହେବ ନାହିଁ। ଗୁଡ଼ ସହ ଏହା ପାଗ କରାଯାଇ ଉଖୁଡ଼ାର ରୂପନିଏ। ଉଭୟ ଗୁଡ଼ ଓ ଖଇ ଶୀତଳତାକାରକ ଓ ସୁପାଚ୍ୟ, ଏହା ସହଜରେ ହଜମ ହୋଇଯାଏ। ଶ୍ରୀଜଗନ୍ନାଥଙ୍କର ବଲ୍ଲଭ ଭୋଗ ତଥା ଅନ୍ୟାନ୍ୟ ନିଃସଙ୍କୁଡ଼ି ଭୋଗରେ ଏହାର ଉପସ୍ଥିତି ରହିଛି। ଏହି ସମୟରେ ଧନୁସଂକ୍ରାନ୍ତିରେ ଧନୁମୁଆଁ ପ୍ରତ୍ୟେକ ଓଡ଼ିଆ ବିଶେଷକରି ଚାଷୀ ପରିବାରମାନେ ଧାନଗଦା ଓ ମନ୍ଦିରରେ ଭୋଗ କରିଥାଆନ୍ତି। ଦୁତିଆଓଷା ଓ କୁମାରପୂର୍ଣ୍ଣିମାରେ ବିବାହିତା ଝିଅ ଘରକୁ ଉଖୁଡ଼ା ଭାର ଯିବା ଆମ ପରମ୍ପରାରେ ରହିଛି। ଗଣେଶ ପୂଜା ଓ ସରସ୍ୱତୀଙ୍କ ପୂଜାରେ ଉଖୁଡ଼ାଚାଟ ଏବେବି ବିଦ୍ୟାଳୟଗୁଡ଼ିକୁ ଗାଁ ଗହଳିରେ ବିଦ୍ୟାର୍ଥୀମାନେ ନେଇଥା'ନ୍ତି। ଶ୍ରୀଲିଙ୍ଗରାଜଙ୍କ କୋରାଖଇ ବିଶ୍ୱପ୍ରସିଦ୍ଧ। କେବଳ ପୁଷମାସ କାହିଁକି, ବର୍ଷର ସବୁଦିନିଆ ଏହି ଖାଦ୍ୟ ତା'ର ଅସ୍ତିତ୍ୱ ହରାଇଲାଣି। ଯେଉଁ ଉଖୁଡ଼ା ନାନା ମଙ୍ଗଳ କାମରେ ଲାଗୁଛି, ତାହା ଅଧିକାଂଶ କିଣିବାକୁ ପଡୁଛି। ଏବେକାର ବୋହୂମାନେ ଖଇ ଭାଜିବା ଓ ଉଖୁଡ଼ା କରିବା କାମ ପ୍ରାୟ ଜାଣିନାହାନ୍ତି କହିଲେ ଭୁଲ୍ ହେବନି।

ମାଘ ମାସରେ ଦହି ଖାଇବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଥିଲେ ମଧ ଏହା ସବୁଦିନିଆ ଖାଦ୍ୟ। ବସାଦହି ଓ ଘୋଳଦହି ମୁଖ୍ୟତଃ ଦୁଇ ପ୍ରକାରର। ବସାଦହି ଦୁଗ୍ଧର ଏକ ବିକାର ଓ ସେଥିରେ ଲହୁଣି ଥାଏ। ତାହାକୁ ମନ୍ଥନ କରି ସେଥିରୁ ଲହୁଣି ବାହାର କରିଦେଲେ ତାହା ଘୋଳଦହି ହୁଏ। ଏହି ଦହି କଥା ପଡ଼ିଲେ ମନେପଡ଼େ ଦ୍ୱାପର ଯୁଗରେ ମା' ଯଶୋଦାଙ୍କ ଲବଣିକୁ ଲୁଚାଇ ଖାଇବା ପାଇଁ କୃଷ୍ଣ କିପରି ଫନ୍ଦି କରନ୍ତି। ଗୋପାଙ୍ଗନାଙ୍କ ଦହିହାଣ୍ଡିରୁ ନାନା କୌଶଳରେ ଦହି ଖାଇବା ଲାଗି ସାଙ୍ଗମାନଙ୍କ ସହିତ ମିଶି କିପରି ଦୁଷ୍ଟାମି କରି ଧରାପଡ଼ିଥା'ନ୍ତି। ପ୍ରତାପରୁଦ୍ରଙ୍କ କାଞ୍ଚି ଅଭିଯାନ ସମୟରେ ବଳଭଦ୍ର ଓ ଜଗନ୍ନାଥ କଳାଧଳା ଘୋଡ଼ାରେ ଚଢ଼ି ରାଜାଙ୍କର ସମ୍ମାନ ରକ୍ଷା କରିବାକୁ ଯାଇ ତୃଷାର୍ତ୍ତ ଦୁଇଭାଇ ମାଣିକ ଗଉଡୁଣୀ ପାଖରୁ ଦହି ପିଇ ସୁବର୍ଣ୍ଣ ମୁଦ୍ରିକା ଦେବା ଆମ ଉତ୍କଳୀୟ ପରମ୍ପରାକୁ ମହିମାନ୍ୱିତ କରେ। ଆମେ ଯାହା ଖାଉ ଆମର ଆରାଧ୍ୟ ଦେବତା ବଳଭଦ୍ର, ସୁଭଦ୍ରା ଓ ଜଗନ୍ନାଥ ମଧ ତାହାକୁ ଖାଇ ଆତ୍ମସନ୍ତୋଷ ପାଇଥାଆନ୍ତି। ଏହି ଦହି ପାଚନ ଶକ୍ତିବର୍ଦ୍ଧକ, ବଳକାରକ, ଶରୀରରେ ଶୁକ୍ରବର୍ଦ୍ଧକ ଭାବେ କାମ କରିଥାଏ। ଏହା ଅରୁଚି, ଅତିସାର ଓ ପେଟରୋଗ ଦୂର କରାଏ। ଦହିରେ ପୁଷ୍ଟିସାର ଓ ଜୀବନିକା-'ଘ' ରହିଥିବାରୁ ଏହା ଶରୀର ପାଇଁ ଉପଯୋଗ୍ୟ। କ୍ୟାଲ୍‌ସିୟମ ପ୍ରଚୁର ପରିମାଣରେ ଥିବାରୁ ଅସ୍ଥି ସୁସ୍ଥ ଓ ସବଳ ରହେ। ଏଥିରେ ଉପକାରୀ ଜୀବାଣୁ ରହିଥିବାରୁ ଶରୀର ପାଇଁ ହିତକର। ଦୁଃଖର କଥା, ଆଉ ଗାଁ ଗହଳିରେ ଦହି ପ୍ରସ୍ତୁତ ହେଉନାହିଁ। ଖୁଆର ଚରଚର ଶବ୍ଦ ଶୁଭୁନି। ଘୋଳଦହିରୁ ପ୍ରସ୍ତୁତ ଛେନା ଓ କାଞ୍ଜି ସ୍ୱପ୍ନ ହୋଇଗଲାଣି।

ପ୍ରକୃତି ଆମ ପାଇଁ ଋତୁ ଅନୁସାରେ ଯେଉଁସବୁ ସ୍ୱାସ୍ଥ୍ୟକର ଉପାଦାନ ବା ରୋଗ ପ୍ରତିରୋଧକ ଖଞ୍ଜି ରଖିଛି, ସେଥିରୁ ନିମକଢ଼ ବା ନିମଫୁଲ ଗୋଟିଏ। ଚୈତ୍ର ମାସରେ ନିମଗଛରେ କଢ଼ ଧରେ ଓ ଫୁଲଫୁଟେ। ବସନ୍ତ ଋତୁର ଶେଷ ଗ୍ରୀଷ୍ମଋତୁ ଆରମ୍ଭରେ ଏହା ମିଳିଥାଏ। ଏହା ଏପରି ଏକ ହିତକାରୀ ବୃକ୍ଷ ; ଯାହାର ପତ୍ର, ଫୁଲ, ଫଳ, ମଞ୍ଜି, ଛେଲି, ଚେର ସବୁଥିରେ ଔଷଧୀୟ ଗୁଣ ଭରିରହିଛି। ତେଣୁ ଏହାକୁ 'ଈଶ୍ୱରୀୟ ବୃକ୍ଷ' କୁହନ୍ତି। ନବକଳେବର ସମୟରେ ଏହି ନିମବୃକ୍ଷରୁ ଆମର ପରମ ଆରାଧ୍ୟ ଦେବତା ବଳଭଦ୍ର, ସୁଭଦ୍ରା ଓ ଜଗନ୍ନାଥଙ୍କ ଦାରୁବିଗ୍ରହ ତିଆରି ହୁଏ। ଏହି ଫୁଲ ପେଣ୍ଡାପେଣ୍ଡା ହୋଇ ଫୁଟେ। ପ୍ରତି ପେଣ୍ଡାରେ ୧୫୦ରୁ ୨୫୦ଟି ପର୍ଯ୍ୟନ୍ତ କଢ଼ି ବା ଫୁଲ ଥାଏ। ଧଳା ଓ ସୁଗନ୍ଧଯୁକ୍ତ ଏହି ଫୁଲ ୫-୬ ମିଲିମିଟର ଏବଂ ଏହାର ଡେମ୍ଫ ପ୍ରାୟ ୨୫ ମିଲିମିଟର ହୋଇଥାଏ। ଏହି ନିମ କଢ଼କୁ ତୋଳି ବାଇଗଣ ସହିତ ଭାଜି ଖିଆଯାଏ। କେତେକ ଅଞ୍ଚଳରେ ଏହାକୁ ବିରିଚାଉଳ ପିଠଉ ବା ଆଣରେ ମିଶାଇ ଚକୁଳି ପିଠା ପ୍ରସ୍ତୁତ କରାଯାଏ। ଏହାକୁ ଶୁଖାଇ ଅଧିକ ଦିନ ପର୍ଯ୍ୟନ୍ତ ରଖାଯାଏ। ପିତ୍ତ, କଫ, କାଶ, ଜ୍ୱର, କୃମି ଓ ବ୍ରଣକୁ ଏହା ନାଶ କରିଥାଏ। ବିଶ୍ୱରେ ମଧୁମେହ ରୋଗର ରାଜଧାନୀ ଆମ ଦେଶ ଭାରତରେ ଏହି ନିମବୃକ୍ଷର ବ୍ୟବହାର କରିବା ବିଧେୟ। ତିକ୍ତରସଯୁକ୍ତ ହେଲେ ମଧ ଏହାର ଆଦର କ୍ରମେ ବଢ଼ିବାରେ ଲାଗିଛି।

ବହୁ ପୁରାତନ କାଳରୁ ଆମ ଭାରତ ସ୍ୱାସ୍ଥ୍ୟ ସୁରକ୍ଷା ଉପରେ ଦିଗ୍‌ଦର୍ଶନ ବିଶ୍ୱକୁ ଦେଇଛି। ପରନ୍ତୁ ଆମର ଅଯୋଗ୍ୟପଣିଆ ଓ ଅଳସୁଆମି ଯୋଗୁ ଆମ ଚାରିପଟେ ଥିବା ଫଳ, ଫୁଲୁରୀ, ପତ୍ର, ପୁଷ୍ପ ଆଦିକୁ ଆମେ ଅଣଦେଖା କରିଆସୁଛୁ। ଆମ ପୂର୍ବ ପୁରୁଷମାନେ କେଉଁ ସମୟରେ କିପରି ଖାଦ୍ୟ ଖିଆଯିବା ଉଚିତ ଓ କାହାକୁ ବର୍ଜନ କରିବା ଉଚିତ ଆମକୁ ଶିଖାଇ ଯାଇଥିଲେ ମଧ ଆମେ ଏହାକୁ ଭୁଲିଯାଇ ସ୍ୱାଦଯୁକ୍ତ, ଲୋଭନୀୟ, ଅପମିଶ୍ରିତ ଭଳି ସ୍ୱାସ୍ଥ୍ୟହାନିକାରକ ଖାଦ୍ୟ ପଛରେ ପଡ଼ିଯାଇଛେ। ଆମ ପାରମ୍ପରିକ ଖାଦ୍ୟର ଚାହିଦା ବଢ଼ିଚାଲିଲେ 'ସ୍ୱାସ୍ଥ୍ୟ ହିଁ ସମ୍ପଦ'କୁ ଆମେ ଫେରିପାଇବା ଓ ଆଗାମୀ ପିଢ଼ିକୁ କ୍ଷତିକାରକ ଖାଦ୍ୟଠାରୁ ଦୂରେଇ ରଖିପାରିବା।

ଓସଙ୍ଗରା, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା
ମୋ: ୯୮୬୧୦୪୮୦୫୨

## ଏଇ ଭାରତରେ

୧୨ ବର୍ଷ ବୟସରେ ବାହା ହୋଇ ନିଜସ୍ୱ ଉଦ୍ୟମରେ ଶିକ୍ଷାଲାଭ କରିବା ସହ ମହିଳାମାନଙ୍କୁ ନେଇ ଗ୍ରାମାଞ୍ଚଳ ନ୍ୟୁଜ୍ ନେଟ୍‌ୱର୍କ ଚଳାଇବା କିଛି କମ୍ କଥା ନୁହେଁ। ଏହି ମହିଳା ଜଣକ ହେଉଛନ୍ତି ଉତ୍ତରପ୍ରଦେଶର କବିତା ଦେବୀ। କୁଞ୍ଜନ ପୁରୱା ଗାଁର ଏକ ଦଳିତ କୃଷକ ପରିବାରରେ ତାଙ୍କ ଜନ୍ମ। ବାହାଘର ହେବାବେଳକୁ କବିତା କିଛି ପଢ଼ି ନ ଥିଲେ। ପରେ ତାଙ୍କ ଗାଁ ତଥା ଆଖପାଖ ଗାଁର ଝିଅମାନଙ୍କୁ ଶିକ୍ଷା ଦେବା ପାଇଁ ଏକ ଏନ୍‌ଜିଓ ଶିକ୍ଷାକେନ୍ଦ୍ର ଖୋଲିବା ପରେ ସେ ସେଠାରେ ପଢ଼ିବା ଆରମ୍ଭ କରିଥିଲେ। ପଢ଼ା ଶେଷ କରି ସେହି ଏନ୍‌ଜିଓ ଦ୍ୱାରା ପ୍ରକାଶ ପାଉଥିବା 'ମହିଳା ଡକିୟା' ନ୍ୟୁଜ୍‌ଲେଟରରେ କାର୍ଯ୍ୟ କଲେ। ଏହା କେବଳ ଗ୍ରାମାଞ୍ଚଳ ଖବର ପ୍ରକାଶ କରୁଥିଲା ଓ ସ୍ଥାନୀୟ ଲୋକମାନଙ୍କର ପ୍ରିୟ ହୋଇ ପାରିଥିଲା କବିତାଙ୍କ ଉଦ୍ୟମରେ। ଏହା କୌଣସି କାରଣରୁ ବନ୍ଦ ହୋଇଯିବା ପରେ ସେ ଦିଲ୍ଲୀସ୍ଥିତ ନିରନ୍ତର ଏନ୍‌ଜିଓ ସହାୟତାରେ ତାଙ୍କ ଗାଁରେ 'ଖବର ଲହରିୟା' ଆରମ୍ଭ କରିଛନ୍ତି। ଏଥିରେ ୩୦ ଜଣ ମହିଳାଙ୍କୁ ନିଯୁକ୍ତି ଦେଇଛନ୍ତି। ଏମାନେ ସମସ୍ତେ ଆଖପାଖ ଗାଁର ଗରିବ ପରିବାରର ମହିଳା। ଏମାନେ ନ୍ୟୁଜ୍ ରିପୋର୍ଟିଂ କରିବା ସହ ଡିଜିଟାଲ କାର୍ଯ୍ୟ କରୁଛନ୍ତି। ସ୍ଥାନୀୟ ଖବର ସହ ରାଜ୍ୟ, ଦେଶ ବିଦେଶର ନ୍ୟୁଜ୍ ବି ସ୍ଥାନିତ କରୁଛନ୍ତି। ଅନେକ ଡିଜିଟାଲ ପ୍ଲାଟଫର୍ମରେ 'ଖବର ଲହରିୟା'ର ଫଲୋୟରଙ୍କ ସଂଖ୍ୟା ୧୦ ଲକ୍ଷ ଉର୍ଦ୍ଧ୍ୱରେ ପହଞ୍ଚିଛି। କବିତା ଏକମାତ୍ର ଦଳିତ ମହିଳା ଭାବେ ଏଡିଟର୍ସ ଗୁଲିଡ୍‌ରେ ସଦସ୍ୟା ରହିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୮ ଫେବୃୟାରୀ ୧୯୯୬

- ଡୋମିନିକ୍ ଗଣରାଜ୍ୟର ରାଜଧାନୀ ପୁର୍ତ୍ତୋପ୍ଲାଟେ ନିକଟରେ ଉତ୍ତର ଆଟଲାଣ୍ଟିକ୍ ମହାସାଗରରେ ଏକ ବୋଇଂ ୭୫୭ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ସମସ୍ତ ୨୦୦ ଯାତ୍ରୀ ଓ କର୍ମଚାରୀ ମୃତ୍ୟୁବରଣ କରିଛନ୍ତି।
- ଯୁକ୍ତରାଷ୍ଟ୍ର ଆମେରିକାର ବିଭିନ୍ନ ସ୍ଥାନରେ ୮୫ଟନ୍ ଅସ୍ତ୍ରଶସ୍ତ୍ର ଉପଯୋଗୀ ପ୍ଲୁଟୋନିୟମ ଗଚ୍ଛିତ ଥିବା ଶକ୍ତି ମନ୍ତ୍ରଣାଳୟ ଘୋଷଣା କରିଛି।

## ଚିରନ୍ତନୀ

ସକଳ ଗ୍ଳାନି ସକଳ ତାପ
ପୁଞ୍ଜୀଭୂତ ଜୀବନେ ପାପ
ଉଭେଇ ଗଲା ମାନବ ପରୁଁ
ସକଳ ଅବିଶ୍ୱାସ
ବିଶ୍ୱ ହେଲା ନିକଟତମ ଅତି ହିଁ ପ୍ରିୟ, ପ୍ରାସ।
(କୁହୁ ପ୍ରାସ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## sudoku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | 6 | C | | | | | | E | 8 | A |
| | E | 5 | 3 | | D | | | | 9 | 1 | | 6 | | C |
| C | | D | 4 | | 1 | E | | | | 3 | | | 2 | 0 |
| | 9 | 1 | | E | C | 2 | 6 | | | | B | | 7 | |
| 7 | | 4 | | | | | | | | | 6 | | 1 | 9 |
| A | | | | 7 | | | 1 | | | | | | 5 | |
| 4 | 8 | 7 | | | | | | | | B | 1 | 3 | | 6 |
| | | B | | | | | D | | | A | | | 0 | |
| | | 3 | | 5 | E | | | | D | | | 8 | 4 | |
| | 1 | | 9 | | | 0 | | C | | | 3 | | | |
| B | 2 | | A | | | | | 4 | | 6 | | C | | |
| | | | 2 | 0 | | | | | | | | | | |
| | | A | | | B | D | 0 | | | | | 2 | | |
| | | C | | | 9 | 1 | | | | 0 | 7 | | | |
| | | | C | D | | | A | 9 | | E | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | E | 6 | 8 | C | 1 | 4 | B | 5 | 3 | 7 | 2 | 9 | A | D |
| 2 | 1 | 7 | D | 3 | A | 0 | 9 | 6 | 4 | E | 5 | 8 | C | B |
| 8 | B | 5 | 7 | 0 | E | 1 | C | A | 9 | D | 6 | 2 | 3 | 4 |
| D | A | 4 | 5 | B | 9 | 2 | E | 3 | 1 | C | 8 | 7 | 6 | 0 |
| 9 | 3 | C | 4 | 2 | 6 | D | 8 | 7 | 0 | B | A | E | 5 | 1 |
| 5 | 7 | 8 | B | 9 | 4 | C | D | E | 6 | A | 3 | 0 | 1 | 2 |
| 6 | 0 | 1 | 2 | E | D | 7 | A | 8 | B | 4 | C | 5 | 9 | 3 |
| B | D | 3 | 0 | A | 5 | 6 | 4 | 2 | E | 1 | 9 | C | 8 | 7 |
| A | 9 | E | C | 8 | 3 | 5 | 1 | 0 | D | 2 | 7 | 4 | B | 6 |
| 4 | C | 2 | 6 | 1 | 7 | B | 3 | 9 | 8 | 5 | 0 | D | E | A |
| 3 | 4 | 9 | E | D | 0 | 8 | 5 | 1 | 7 | 6 | B | A | 2 | C |
| 7 | 6 | A | 1 | 4 | C | E | 2 | B | 5 | 9 | D | 3 | 0 | 8 |
| C | 5 | B | A | 7 | 8 | 3 | 6 | D | 2 | 0 | E | 1 | 4 | 9 |
| 1 | 2 | 0 | 3 | 5 | B | 9 | 7 | C | A | 8 | 4 | 6 | D | E |
| E | 8 | D | 9 | 6 | 2 | A | 0 | 4 | C | 3 | 1 | B | 7 | 5 |

ଗତ କାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

### ବସ୍ତିଯୋଜନା କ୍ୟାମ୍ପସ୍‌ରେ ନ ହେଉ

ମହାଶୟ,

ଓଏମ୍‌ପିସ୍ଥିତ ଷଷ୍ଠ ବାଟାଲିୟନ୍‌ର ଦ୍ୱିତୀୟ କ୍ୟାମ୍ପସ୍ ମଧ୍ୟରେ ସହରାଞ୍ଚଳର ବସ୍ତି ଯୋଜନା କରା ନ ଯାଉ। ବହୁ ଅଞ୍ଚଳରେ ଖାଲି ସ୍ଥାନ ରହିଥିବାସ୍ଥଳେ ସୁରକ୍ଷା କର୍ମୀଙ୍କ ପରିବାର ମଧ୍ୟରେ ବିବଦମାନ ପରିସ୍ଥିତି ଦେଖାଦେବ। ଏପରି କି ଜଗତପୁର, ନରାଜ, ଗୋପାଳପୁର, ଚୌଦ୍ୱାର ତଥା ସିଡିଏରେ ବି ବହୁ ଜାଗା ରହିଛି। ପୃଥକ୍ ସ୍ଥାନରେ ଯୋଜନା କାର୍ଯ୍ୟକାରୀ କରାଯାଉ। ଏଥିପ୍ରତି ବୁଦ୍ଧିଜୀବୀ ମହଲରେ ସ୍ୱର ଉତ୍ତୋଳନ ବ୍ୟାପକ କରାଯାଉ। କ୍ୟାମ୍ପସ୍ ଅନ୍ତେବାସୀଙ୍କ ଚଳଣିରେ ବାଧକ କିମ୍ବା ସଙ୍କୁଚିତ କରା ନ ଯାଉ।

ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ବୟନଶିଳ୍ପ ମନ୍ତ୍ରୀଙ୍କ ଗାଡ଼ି ଦୁର୍ଘଟଣାଗ୍ରସ୍ତ

କୋରାପୁଟ, (ସ୍ୱ.ପ୍ର.): କୋରାପୁଟ-ବୋରିଗୁମ୍ମା ଭାୟା ରାଣୀଗଡ ୩୨୬ ନଂ. ରାସ୍ତାର ଛର୍ତଲା ନିକଟରେ ରବିବାର ରାଜ୍ୟ ବୟନ ଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନଙ୍କ କାର ଓ ଏକ ବାଇକ ମଧ୍ୟରେ ଧକ୍କା ହୋଇଛି। ଏଥିରେ ମନ୍ତ୍ରୀଙ୍କ ଗାଡି ଚାଳକ ସାମାନ୍ୟ ଆହତ ହୋଇଛନ୍ତି। ତାଙ୍କ କାରର ବାମ ପାର୍ଶ୍ୱ ଭାଙ୍ଗିରୁଜି ଯାଇଛି। ମନ୍ତ୍ରୀ ସମ୍ପୂର୍ଣ୍ଣ ସୁରକ୍ଷିତ ଅଛନ୍ତି। ସେ କୋରାପୁଟ ଆସି ଏକ ବୈଠକରେ ଯୋଗଦେଇ ଅପରାହ୍ନରେ ନିଜ ଘର କୋଟପାଡ଼ ଫେରୁଥିବାବେଳେ ଛର୍ତଲା ନିକଟରେ ଏହି ଦୁର୍ଘଟଣା ହୋଇଛି। ଦୁର୍ଘଟଣା ପରେ ମନ୍ତ୍ରୀ ୧୦୮କୁ ଫୋନ କରି ଆମ୍ବୁଲାନ୍ସ ଡକାଇ ଗୁରୁତର ବାଇକଚାଳକଙ୍କୁ ବୋରିଗୁମ୍ମା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ।

**ସଂକ୍ଷେପରେ**

## ଆନ୍ଧ୍ର ନିର୍ବାଚନରେ ଭାଗ ନେବ ନାରାୟଣପାଟଣାର ୫ ସୀମାନ୍ତ ଗ୍ରାମ

ନାରାୟଣପାଟଣା/କୋରାପୁଟ, ୭।୨ (ସ୍ୱ.ପ୍ର./ଡି.ଏନ.ଏ.): କୋରାପୁଟ ଜିଲା କୋଟିଆକୁ ନେଇ ଏବେ ଚର୍ଚ୍ଚା ଥମି ନ ଥିବା ବେଳେ ଜିଲାର ନାରାୟଣପାଟଣା ବ୍ଲକର ଆନ୍ଧ୍ର ସୀମାନ୍ତ ୫ ଗ୍ରାମର ଗ୍ରାମବାସୀ ଏବେ ଆନ୍ଧ୍ରମୁହାଁ ହୋଇଛନ୍ତି। ଆନ୍ଧ୍ର ସରକାରଙ୍କ ପକ୍ଷରୁ ହେଉଥିବା ପଞ୍ଚାୟତ ନିର୍ବାଚନରେ ସେମାନେ ଭୋଟ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଆସନ୍ତା ୧୩ରେ ଏଠାରେ ହେବାକୁ ଥିବା ପଞ୍ଚାୟତ ନିର୍ବାଚନରେ ନାରାୟଣପାଟଣା ବ୍ଲକ ଲଙ୍ଗଳବେଡା ପଞ୍ଚାୟତର ଚିନ୍ତନୱାଲସା, ତେନ୍ତୁଳିଗୁଡା, କେସି ଭାଦ୍ରା ସହ ଅନ୍ୟ ୨ଟି ଏପରି ୫ ଗ୍ରାମର ଗ୍ରାମବାସୀ ଭୋଟ ଦେବାକୁ ଯାଉଥିବା ଗ୍ରାମର ଲାସୁ ମାଣ୍ଡଙ୍ଗି, ମେଲକା ବୁଚାମା, ହିନ୍ଦୁ ମେଲକା, ମେଲକା ଜୁଙ୍ଗୁ, ମାଣ୍ଡିଙ୍ଗି ନାରସମା କହିଛନ୍ତି। ଆନ୍ଧ୍ର ସରକାରଙ୍କ ପକ୍ଷରୁ ସେମାନଙ୍କୁ ରାଶନ, ପେନସନ, ସ୍ୱାସ୍ଥ୍ୟସେବା ସୁବିଧା ଆଦି ମିଳୁଛି। ଫଳରେ ସେମାନେ ନିର୍ବାଚନରେ ସାମିଲ ହୋଇ ମତଦାନ କରିବେ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ଆନ୍ଧ୍ରର ଏହି ପଞ୍ଚାୟତ ନିର୍ବାଚନରେ ତାଙ୍କ ଅଞ୍ଚଳର କିଏ ପ୍ରାର୍ଥୀ ହୋଇଛି କି ବୋଲି ସେମାନଙ୍କୁ ପଚାରିବାରୁ ସେମାନେ ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ଗତବର୍ଷ ନାରାୟଣପାଟଣା ବ୍ଲକର ଉପରୋକ୍ତ ଗ୍ରାମଗୁଡିକରେ ଆନ୍ଧ୍ର ପକ୍ଷରୁ ଜମି ମାଡି ବସିବାକୁ କେନ୍ଦ୍ରକରି କୋରାପୁଟ ଜିଲା ପ୍ରଶାସନ ଏହାର ସର୍ଭେ କରି ଆନ୍ଧ୍ର ସରକାରଙ୍କ କାର୍ଯ୍ୟକୁ ଦୃଢ ବିରୋଧ କରିଥିଲା।

## ଡୋକରି ଚଞ୍ଚରା ଉନ୍ନୟନ ପାଇଁ ବୈଠକ

କୋକସରା, ୭।୨ (ଡି.ଏନ.ଏ): ଅନ୍ୟତମ ପର୍ଯ୍ୟଟନସ୍ଥଳୀ କୋକସରା ବ୍ଲକ ଡୁଡୁକାଠେଙ୍ଗା ପଞ୍ଚାୟତ ସାହାଜଖୋଲ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଥିବା ଗୁଡାହାଣ୍ଡି ଡୋକରିଚଞ୍ଚରାରେ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଧର୍ମଗଡ ବିଧାୟକ ମୌଷଧି ବାଗ,ଧର୍ମଗଡ ଉପଜିଲାପାଳ ଦିବାକର ଟି.ଏସ, କଳାହାଣ୍ଡି ଦକ୍ଷିଣ ବନଖଣ୍ଡ ଅଧିକାରୀ ଟି. ଅଶୋକ କୁମାର, କୋକସରା ବିଡ଼ିଓ ମନୀଷା ଦାସ, ଗୁଡାହାଣ୍ଡି ଉନ୍ନୟନ କମିଟି ସଦସ୍ୟ ଉପସ୍ଥିତ ଥିଲେ। ବୈଠକରେ ରାଜ୍ୟ ପର୍ଯ୍ୟଟନ ବିଭାଗ ଦ୍ୱାରା ଅନୁମୋଦିତ ୫୦ ଲକ୍ଷ ଟଙ୍କାରେ ଏହି ପର୍ଯ୍ୟଟନ ସ୍ଥଳର କେଉଁ କେଉଁ ଉନ୍ନୟନ କାମ ସମ୍ପାଦନ ହେବ ତାର ଏକ ରୂପରେଖ ପ୍ରସ୍ତୁତ କରାଯାଇଥିଲା। ଏହି କାର୍ଯ୍ୟ ସମ୍ପାଦନ କରିବାକୁ ବନ ବିଭାଗକୁ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା। ବୈଠକରେ ଗୁଡାହାଣ୍ଡି ଉନ୍ନୟନ କମିଟି ସଦସ୍ୟ ଜିତେନ୍ଦ୍ର ପ୍ରଧାନୀ, ଭଦ୍ରେଶ୍ୱର ପାତ୍ର, ବିରଞ୍ଚି ନାରାୟଣ ପଣ୍ଡା, ମାନସ ରଞ୍ଜନ ବାଗ, ଘନଶ୍ୟାମ ନାଏକ ପ୍ରମୁଖ ଉପସ୍ଥିତ ରହିଥିଲେ ।

# ବନ୍ଧାହେଲେ ସୁରେଶଙ୍କ ସମେତ ୬

ଭୁବନେଶ୍ୱର,୭।୨(ବ୍ୟୁରୋ)



ଗିରଫ ୬ ଅଭିଯୁକ୍ତ।

**ଭିନ୍ନକ୍ଷମ ତାଲିମ କେନ୍ଦ୍ରରେ ଯୌନ ଶୋଷଣ ଘଟଣା**
- ଅଭିଯୁକ୍ତଙ୍କ ମଧ୍ୟରେ ଖୋର୍ଦ୍ଧା ସୋସିଆଲ ସିକ୍ୟୁରିଟି ଅଫିସର
- ଯୁବତୀଙ୍କ ସହ ରାତି କଟାଇ ଭୁଲ୍ ଅଡିଟ୍ କରୁଥିଲେ ସଂଗ୍ରାମ
- ଗିରଫ ୨ ମହିଳା କର୍ମଚାରୀ ଯୁବତୀ ଯୋଗାଡ଼ କରୁଥିଲେ
- ସୁରେଶଙ୍କୁ ରିମାଣ୍ଡ ଆଣି ଅନ୍ୟମାନଙ୍କୁ ଧରିବାକୁ ଯୋଜନା

ସରକାରୀ ପ୍ରତିଷ୍ଠାନରେ ସେକ୍ସ ର୍ୟାକେଟ ଚଳାଥିଲେ ସରକାରୀ ବାବୁ। ସମ୍ପୃକ୍ତ ଥିଲେ ଅଫିସରଙ୍କ ସମେତ କର୍ମଚାରୀ ଓ ଦଲାଲ। ଭୁବନେଶ୍ୱର ପଳାସପଲ୍ଲୀସ୍ଥିତ ନିଖିଳ ଉତ୍କଳ ଶାରୀରିକ ଭିନ୍ନକ୍ଷମ କଲ୍ୟାଣ ମହାସଂଘ ତାଲିମ୍ କେନ୍ଦ୍ରରେ ଯୌନ ଶୋଷଣ ଘଟଣାର ମାଷ୍ଟରମାଇଣ୍ଡ୍ ତଥା ସଂଘ ସାଧାରଣ ସମ୍ପାଦକ ସୁରେଶ ଚନ୍ଦ୍ର ବେହେରାଙ୍କ ସମେତ ୬ଜଣ ଗିରଫ ହେବା ପରେ ହେଉଥିବା ଅଭିଯୋଗର ପର୍ଦ୍ଦାଫାଶ ହୋଇଛି। ଦୀର୍ଘଦିନ ଧରି ଫେରାର ପରେ ନୟାଗଡ଼ରୁ ଏୟାରପୋର୍ଟ ଥାନା ପୋଲିସ ସୁରେଶଙ୍କୁ ଉଠାଇ ଆଣିଥିଲା। ତାଙ୍କ ବୟାନ ଆଧାରରେ ସମ୍ପୃକ୍ତ ଅନ୍ୟ ୫ଜଣଙ୍କୁ ପୋଲିସ ଥାନାକୁ ନେଇ ମୁହାଁମୁହିଁ ଜେରା ପରେ ସୁରେଶଙ୍କ ସବୁ ଲୁଚକାଳି ଖେଳ ଶେଷ ହୋଇଛି। ଶେଷରେ ରବିବାର ସମସ୍ତଙ୍କୁ ଗିରଫ କରାଯାଇଛି। ଅନ୍ୟ ଅଭିଯୁକ୍ତମାନେ ହେଲେ ଖୋର୍ଦ୍ଧା ଜିଲା ସମାଜ ମଙ୍ଗଳ କାର୍ଯ୍ୟାଳୟର ସୋସିଆଲ ସିକ୍ୟୁରିଟି ଅଫିସର (ଏସ୍ଏସ୍ଓ) ଭାବେ କାର୍ଯ୍ୟକରୁଥିବା ଚନ୍ଦକା ମେଣ୍ଢାଶାଳ ଅଞ୍ଚଳର ସଂଗ୍ରାମ କେଶରୀ ଦାସ (୩୭), ତାଲିମ୍ କେନ୍ଦ୍ରର ଦୁଇଜଣ ମହିଳା କର୍ମଚାରୀ କଟକ ସିଡିଏ ଫେଜ୍-୨ରେ ରହୁଥିବା ନୟାଗଡ଼ର ବାସନ୍ତୀ ସାହୁ (୩୦) ଓ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଜିଜିପି କଲୋନୀର ସଞ୍ଜୁ ଓରଫ ସଞ୍ଜୁକ୍ତା (୪୦), ଖୋର୍ଦ୍ଧା ସଦର ଅଞ୍ଚଳର ଲାଲୁ ଓରଫ ଉମେଶଚନ୍ଦ୍ର ରାଉତରାୟ (୩୩) ଏବଂ କଟକ ନିଆଳି ଅଞ୍ଚଳର ରାକେଶ କୁମାର ଷଡ଼ଙ୍ଗୀ (୩୯)। ଆଇପିସି ଦଫା ୩୭୦/୧୨୦(ବି), ଆଇଟିପି ଆକ୍ଟ ୩/୪/୫/୬/୭, ଆଇଟି ଆକ୍ଟ ୬୭,୬୭(ଏ) ଓ ଇଣ୍ଡିସେଣ୍ଟ ରିପ୍ରେଜେଣ୍ଟେସନ୍ ଅଫ ୱମେନ୍ ଆକ୍ଟ ୬ରେ ମାମଲା (ନଂ.୪୦/୨୧) ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଝାରପଡ଼ା ସ୍ୱତନ୍ତ୍ର କାରାଗାରକୁ ପଠାଇ ଦିଆଯାଇଛି।

ଅଭିଯୁକ୍ତଙ୍କୁ ଜେରାବେଳେ ବହୁ ଚାଞ୍ଚଲ୍ୟକର ତଥ୍ୟ ପାଇଛି ପୋଲିସ। ତାଲିମ୍ କେନ୍ଦ୍ରକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ବିପୁଳ ଟଙ୍କା ଆସିଥାଏ। ଅଭିଯୁକ୍ତ ଅଫିସର ସଂଗ୍ରାମ ତାଲିମକେନ୍ଦ୍ରର ଅଡିଟ୍‌ରେ ଆସନ୍ତି। ସୁରେଶ ତାଙ୍କୁ ଖୁସି କରିବାକୁ ସବୁବେଳେ ବାହାରୁ ଝିଅ ଆଣି ରାତି କାଟିବାକୁ ଦେଇଥାନ୍ତି। ଝିଅ ନ ମିଳିଲେ ତାଲିମ୍ ନେଉଥିବା ଦିବ୍ୟାଙ୍ଗ ଯୁବତୀ ଓ ମହିଳା କର୍ମଚାରୀଙ୍କୁ ଏଥିପାଇଁ ବାଧ କରିଥାନ୍ତି। ବଦଳରେ ସଂଗ୍ରାମ ଭୁଲ୍ ଅଡିଟ୍ ରିପୋର୍ଟ ପ୍ରସ୍ତୁତ କରି ସରକାରୀ ଟଙ୍କାକୁ ମିଳିମିଶି ଚଳୁ କରିଥାନ୍ତି। ଉକ୍ତ ଟଙ୍କାରୁ ବଡ଼ ଭାଗ ସୁରେଶ ନେଉଥିବାବେଳେ ସଂଗ୍ରାମ କମିଶନ ନେଇଥାନ୍ତି। ଅନ୍ୟମାନଙ୍କୁ ସୁରେଶ ଭାଗ କରି ଦେଇଥାନ୍ତି। ତେବେ ସୁରେଶଙ୍କୁ ଏହି ସେକ୍ସ ର୍ୟାକେଟ୍ ଚଳାଇବା ସହ ଝିଅ ଯୋଗାଡ କରିବାରେ ବାସନ୍ତୀ ଓ ସଞ୍ଜୁ ସାହାଯ୍ୟ କରୁଥିଲେ। ସେହିଭଳି ଉମେଶ ଓ ରାକେଶ ଦଲାଲ କାର୍ଯ୍ୟ କରି ପାଉଣା ପାଇଥାନ୍ତି। ଅଧିକାଂଶ ରାତିରେ ଭୋଜିଭାତ ଓ ମଦ ଆସର ଜମେ। ସମସ୍ତେ ମିଳିମିଳି ମଉଜ କରନ୍ତି। ବାହାରୁ ଆସୁଥିବା ଝିଅଙ୍କୁ ପୂରା ରାତି ପାଇଁ ୫ହଜାର, ନଚେତ୍ ଘଣ୍ଟା ହିସାବରେ ଟଙ୍କା ଦିଆଯାଉଥିବାବେଳେ ତାଲିମ୍ କେନ୍ଦ୍ରର ଯୁବତୀଙ୍କୁ ମନ ହେଲେ ୨ହଜାର, ନଚେତ ଚାକିରିକୁ ନେଇ ନାଲିଆଖି ଦେଖାଇ ପାଟି ଚୁପ୍ କରୁଥିଲେ। ଯେଉଁମାନେ ବାବୁଙ୍କ ସହ ରାତି କାଟିବାକୁ ରାଜି ହେଉ ନ ଥିଲେ ସେମାନଙ୍କୁ ବାହାର କରିଦିଆଯାଉଥିଲା।

ତାଲିମ କେନ୍ଦ୍ରରେ ଦୀର୍ଘଦିନ ହେବ ଯୌନ ଶୋଷଣ ଓ ଅତ୍ୟାଚାର ଦିଆଯାଉଥିବା ଭଳି ସଙ୍ଗିନ ଅଭିଯୋଗ ସତ୍ତ୍ୱେ ପୋଲିସ ଚୁପ୍ ବସିଥିଲା। ଏନେଇ ଏକ ଭିଡିଓ ଭାଇରାଲ ପରେ ସାରା ରାଜ୍ୟରେ ଆଲୋଡନ ସୃଷ୍ଟି ହୋଇଥିଲା। ଭିନ୍ନକ୍ଷମ କମିଶନ ନିଜ ଆଡୁ ମାମଲା ରୁଜୁ କରି ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। କିଛିଦିନ ତଳେ ଉକ୍ତ ତାଲିମକେନ୍ଦ୍ରର ଜଣେ ଯୁବତୀଙ୍କ ଅଭିଯୋଗକ୍ରମେ ସୁରେଶଙ୍କ ଡାହାଣ ହାତ ସାଜିଥିବା ତାଲିମ କେନ୍ଦ୍ରର ପ୍ରଶିକ୍ଷିକା ମଧୁମଞ୍ଜରୀ ଧଳଙ୍କୁ ପୋଲିସ ଗିରଫ କରିଥିଲା। ତେବେ ଘଟଣାରେ ଆହୁରି ଅନେକଙ୍କ ସମ୍ପୃକ୍ତି ଥିବା ପୋଲିସ ସନ୍ଦେହ କରୁଛି। ଏମିତିକି କେତେଜଣ ସରକାରୀ ଅଧିକାରୀ ଓ ରାଜନେତାଙ୍କ ସମ୍ପୃକ୍ତି ଥିବା ସୂଚନା ପାଇଛି। ତେଣୁ ର୍ୟାକେଟର ସମସ୍ତ ଗୁମର ଖୋଲିବାକୁ ଆବଶ୍ୟକ ପଡ଼ିଲେ ସୁରେଶଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ଜଣେ ପୋଲିସ ଅଧିକାରୀ କହିଛନ୍ତି।

# ଝାରପଡ଼ା ଫେରିଲେ ପ୍ରଦୀପ



ଜେଲ୍‌କୁ ନେବା ପୂର୍ବରୁ ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କ କରୋନା ପରୀକ୍ଷା କରାଯାଉଛି।

ବ୍ରହ୍ମପୁର ଅଫିସ,୭।୨

**ଟାଟା ମୋଟର୍ସ ନାଁରେ ଟଙ୍କା ଠକେଇ ମାମଲା**

ଗୋପାଳପୁର ବିଧାୟକ ପ୍ରଦୀପ କୁମାର ପାଣିଗ୍ରାହୀ ଟାଟା ମୋଟର୍ସରେ ଚାକିରି ନାଁରେ ଠକେଇ ମାମଲାରେ ଜଡିତ ହୋଇ ଗତ ୪ତାରିଖରୁ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଥିଲେ। ଏସ୍‌ଡ଼ିଜେଏମ୍ ଜିତେନ୍ଦ୍ରିୟ ପାଣିଗ୍ରାହୀଙ୍କ ନିର୍ଦ୍ଦେଶ କ୍ରମେ ରବିବାର ପୁଣିଥରେ ତାଙ୍କୁ ଭୁବନେଶ୍ୱର ଝାରପଡ଼ା ଜେଲକୁ ସ୍ଥାନାନ୍ତର କରାଯାଇଛି। ରବିବାର ସକାଳ ପ୍ରାୟ ସାଢ଼େ ୮ଟାରେ ପୋଲିସ ପ୍ରଦୀପଙ୍କୁ ବ୍ରହ୍ମପୁର ମଣ୍ଡଳ କାରାଗାରରୁ କୁକୁଡ଼ାଖଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ସେଠାରେ କୋଭିଡ୍ ପରୀକ୍ଷା କରିଥିଲା। ପରେ ତାଙ୍କୁ ଭୁବନେଶ୍ୱର ନିଆଯାଇଥିଲା।

ସୂଚନାଯୋଗ୍ୟ, ଟାଟା ମୋଟର୍ସରେ ଚାକିରି ନାଁରେ ଠକେଇ ଘଟଣାରେ ପ୍ରଦୀପଙ୍କୁ ପୂର୍ବରୁ କ୍ରାଇମବ୍ରାଞ୍ଚ ଗିରଫ କରିଥିଲା। ଅନ୍ୟପଟେ ଗୋଳନ୍ଥରା ଥାନାରେ ମଧ୍ୟ ତାଙ୍କ ନାମରେ ଚାକିରି ନାଁରେ ଟଙ୍କା ଠକେଇ ନେଇ ପୃଥକ୍ ଭାବେ ୩ ମାମଲା ରୁଜୁ ହୋଇଥିଲା। ସେ ନେଇ ତାଙ୍କ ନାମରେ ଏହି ୩ ମାମଲା ଯୋଡ଼ିବା ପାଇଁ ଗୋଳନ୍ଥରା ଥାନା ପୋଲିସ ବ୍ରହ୍ମପୁର ଏସ୍‌ଡ଼ିଜେଏମ୍‌ଙ୍କ କୋର୍ଟରେ ଆବେଦନ କରିଥିଲା। ପ୍ରଦୀପଙ୍କୁ ବ୍ରହ୍ମପୁର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ହାଜର କରିବା ପାଇଁ ପୋଲିସକୁ ଅନୁମତି ମିଳିଥିଲା। ସେ ନେଇ ବ୍ରହ୍ମପୁର ପୋଲିସର ଏକ ଟିମ୍ ଗତ ଗୁରୁବାର ଭୁବନେଶ୍ୱର ଯାଇ ଝାରପଡ଼ା ଜେଲରୁ ତାଙ୍କୁ ବ୍ରହ୍ମପୁର ଆଣିଥିଲା। ତାଙ୍କୁ ବ୍ରହ୍ମପୁର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ହାଜର କରି ତାଙ୍କ ନାମରେ ଗୋଳନ୍ଥରା ଥାନାରେ ରୁଜୁ ହୋଇଥିବା ୩ଟି ଠକେଇ ମାମଲା ଯୋଡ଼ା ଯାଇଥିଲା। ପରେ କୋର୍ଟ ନିର୍ଦ୍ଦେଶରେ ସେ ୩ ଦିନ ବ୍ରହ୍ମପୁର ମଣ୍ଡଳ କାରାଗାରରେ ରହିଥିଲେ।

# ଭବାନୀ ଶଙ୍କରଙ୍କୁ ଇଣ୍ଟରନ୍ୟାଶନାଲ ଆମ୍ବାସାଡର ଅଫ ପିସ୍ ପୁରସ୍କାର



ଭବାନୀ ଶଙ୍କର ନିଆଲ

**କେସିଙ୍ଗା, ୭।୨ (ଡି.ଏନ.ଏ):** ଓଡ଼ିଶାର ପ୍ରଥମ କବି ଭାବେ କଳାହାଣ୍ଡି ଜିଲା ଭବାନୀପାଟଣା ଟାଉନର ଭବାନୀ ଶଙ୍କର ନିଆଲ (୫୨) ଇଣ୍ଟରନ୍ୟାଶନାଲ ଆମ୍ବାସାଡର ଅଫ ପିସ୍ ପୁରସ୍କାର ପାଇଛନ୍ତି। ମିଳିତ ଜାତିସଂଘ ସ୍ୱୀକୃତିପ୍ରାପ୍ତ ୱାର୍ଲ୍ଡଲିଟରେଚର ଫୋରମ ଫର୍ ପିସ୍ ଏଣ୍ଡ ହ୍ୟୁମ୍ୟାନ ରାଇଟ୍ସ ପକ୍ଷରୁ ନିକଟରେ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ବିଶ୍ୱରେ ସାମାଜିକ, ଅର୍ଥନୈତିକ, ରାଜନୈତିକ, ନୈତିକତା, ସହିଷ୍ଣୁତା, ଶିକ୍ଷା, ଭ୍ରାତୃତ୍ୱ ଭାବ ତଥା ଶାନ୍ତି ସ୍ଥାପନା ପାଇଁ ଏହି ପୁରସ୍କାର ଦିଆଯାଇ ଆସୁଛି। ଚଳିତବର୍ଷ ନିଆଲଙ୍କୁ ତାଙ୍କର କବିତା 'ଲକ୍ ଡାଉନ' ପାଇଁ ଏହି ପୁରସ୍କାର ମିଳିଛି। ଡବ୍ଲ୍ୟୁଏଲଏଫପିଏଚର ସଭାପତି ଓ ପ୍ରତିଷ୍ଠାତା ଏଚଇ ଡୁକେ ଏବଂ ସନ୍ତୋଷ କୁମାର ବିଶ୍ୱ ଏହି ସୂଚନା ଦେଇଛନ୍ତି। କବି ନିଆଲ ସାହିତ୍ୟ ପତ୍ରିକା 'ମହୁରୀ'ର ମୁଖ୍ୟ ସମ୍ପାଦକ ଅଛନ୍ତି। କ୍ରମାଗତ ଭାବେ ହିନ୍ଦୀ ଓ ଓଡିଆ କବିତାରେ ନିଜର ସ୍ଥିତି ଜାହିର କରିଥିବା ତାଙ୍କର ଏହି କବିତା ନିକଟ ଅତୀତରେ ଇଟାଲି ଭାଷାରେ ଅନୂଦିତ ହେବା ପରେ ସମଗ୍ର ୟୁରୋପରେ ଆଲୋଡ଼ନ ସୃଷ୍ଟି କରିଥିଲା। ତାଙ୍କର ଏହି ସଫଳତାରେ ଦେଶ ତଥା ବିଦେଶରୁ ଶୁଭେଚ୍ଛାର ବାର୍ତ୍ତା ଆସିବାରେ ଲାଗିଛି।

# ପଟା, ଅର୍ଦ୍ଧନିର୍ମିତ ଆସବାବପତ୍ର ଚାଲାଣ ବେଳେ ଜବତ : ୬ ଗିରଫ

ବୌଦ୍ଧ/ପୁରୁଣାକଟକ, ୭।୨(ସ୍ୱ.ପ୍ର. /ଡି.ଏନ.ଏ.)

ବୌଦ୍ଧ ବନବିଭାଗ ବିପୁଳ ପରିମାଣର ମୂଲ୍ୟବାନ କାଠ, ଅର୍ଦ୍ଧନିର୍ମିତ ଆସବାବପତ୍ର ଜବତ କରିଛି। ଶନିବାର ରାତିରେ ଦୁଇଟି ମିନିଟ୍ରକ ଯୋଗେ ଏହା ଚୋରା ଚାଲାଣ ହେଉଥିଲା। ଏହି ଘଟଣାରେ ୬ ଜଣଙ୍କୁ ଗିରଫ କରାଯାଇଛି। ସୂଚନା ମୁତାବକ, ବୌଦ୍ଧ ରେଞ୍ଜ ଅନ୍ତର୍ଗତ ବିରିଗଡ ଜଙ୍ଗଲରୁ କାଠ ଓ ଆସବାବ ପତ୍ର ଚୋରା ଚାଲାଣ ନେଇ ବୌଦ୍ଧ ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ବନ ସଂରକ୍ଷକ ଜିତେନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ବୁଟୁପାଲି ନିକଟରେ ଛକି ରହିଥିଲେ। ଦୁଇଟି ମିନିଟ୍ରକ ବୁଟୁପାଲି ଦେଇ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥରେ ନୟାଗଡ ଆଡକୁ ଯାଉଥିବା ବେଳେ ବନ ବିଭାଗ କର୍ମଚାରୀ ଉଭୟ ଗାଡିର ପିଛା କରି ଚାରିଛକ ବନବିଭାଗ ଚେକ୍‌ଗେଟ୍‌ରେ ଅଟକାଇଥିଲେ। ଯାଞ୍ଚ ପରେ ଗୋଟିଏ ଗାଡିରୁ ୨ ଖଣ୍ଡ ଶାଗୁଆନ ପଟା, ଅର୍ଦ୍ଧ ନିର୍ମିତ ଡ୍ରେସିଂ ଟେବୁଲ, ସୋଫା ସେଟ୍, ଡାଇନିଂ ଚେୟାର ଓ ଗୋଟିଏ ଖଟୁଲି ଜବତ କରାଯାଇଥିଲା। ଅନ୍ୟ ଗାଡିରୁ ଶାଗୁଆନ କାଠରେ ନିର୍ମିତ ଗୋଟିଏ ବକ୍ସ ପାଟର୍ଣ୍ଣ ଆଲନା, ଟି ପୟ, ଷ୍ଟୁଲ, ଡାଇନିଂ ଟେବୁଲ ଷ୍ଟାଣ୍ଡ ଓ ୧୨ ଟି ଡାଇନିଂ ଚେୟାର ସହିତ ଖଣ୍ଡିଏ ଶାଗୁଆନ ପଟା ଜବତ କରାଯାଇଥିଲା । ଦୁଇଟି ମିନିଟ୍ରକକୁ ଜବତ କରାଯାଇଛି । ଜବତ କାଠ ସାମଗ୍ରୀର ମୂଲ୍ୟ ୨ ଲକ୍ଷ ୫୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ବନ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଏହି ମାମଲାରେ ବୌଦ୍ଧ ସରସରାର ଗଣେଶ ଦାସ, ବିରିଗଡର ଶିବ ଦେହୁରୀ, ସମ୍ବଲପୁର ଜିଲା ରେଢାଖୋଲ ଥାନା କୃଷ୍ଣପାଲିର ମୁକେଶ ଘିବେଲା, ବୌଦ୍ଧ ନୂଆପଡାର ବିଜୟ କୁମାର ପାତ୍ର, ବିରିଗଡର ନିଳମଣି ନାଏକ ଓ ନୟାଗଡ ଜିଲା ଜଗନ୍ନାଥପୁରର କୃଷ୍ଣଚନ୍ଦ୍ର ସାମଲଙ୍କୁ ଗିରଫ କରାଯାଇଛି। ଏନେଇ ବୌଦ୍ଧ ବନବିଭାଗ ପକ୍ଷରୁ ଦୁଇଟି ପୃଥକ ମାମଲା ରୁଜୁ ହୋଇଛି।

# ସକାରାତ୍ମକ ପରିବର୍ତ୍ତନ ଆଣିବ ବଜେଟ: ପ୍ରତାପ

ଭୁବନେଶ୍ୱର, ୭।୨(ବ୍ୟୁରୋ)

**ଖବରଦାତା ସମ୍ମିଳନୀ, ବୁଦ୍ଧିଜୀବୀଙ୍କ ଆଲୋଚନାଚକ୍ରରେ ବଜେଟ ଦ୍ୱନ୍ଦ୍ୱ ଦୂର ଲାଗି ଚେଷ୍ଟା**

ଚଳିତ ବର୍ଷର ବଜେଟ ହେଉଛି ଐତିହାସିକ ଏବଂ କ୍ରାନ୍ତିକାରୀ। କରୋନାରେ ସାରା ବିଶ୍ୱକୁ ସ୍ତବ୍ଧ କରିଥିବା ସମୟରେ ଏହି ବଜେଟ ଅମୃତ କଳସ ପରି ଉପସ୍ଥାପିତ କରାଯାଇଛି। ୧୩୦ କୋଟି ଲୋକଙ୍କ ଗଭୀର ଆତ୍ମବିଶ୍ୱାସରେ ଏହା ଆଲୋକିତ। ଏଥିରେ ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବା, ଭିତ୍ତିଭୂମି ସୁଦୃଢ଼ ଓ ମହିଳା ସଶକ୍ତୀକରଣ ଆଦି ପ୍ରସଙ୍ଗକୁ ଅଗ୍ରାଧିକାର ଦିଆଯାଇଛି। କରୋନାର ଧ୍ୱଂସ ସ୍ତୁପରୁ ନବ ନିର୍ମାଣର ଏକ ସଂକଳ୍ପ ସ୍ଥିତି ଏହି ବଜେଟ ମାଧ୍ୟମରେ ପ୍ରତିଫଳିତ ହୋଇଛି ବୋଲି କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀ କହିଛନ୍ତି, ଏହି ବଜେଟ ବ୍ୟକ୍ତିବିଶେଷ, ନିବେଶକ, ଶିଳ୍ପ ତଥା ଭିତ୍ତିଭୂମି କ୍ଷେତ୍ରରେ ଅନେକ ସକାରାତ୍ମକ ପରିବର୍ତ୍ତନ ଆଣିବ। ଏଥିପାଇଁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କୁ ଧନ୍ୟବାଦ। ୨୦୨୧-୨୨ କେନ୍ଦ୍ର ବଜେଟ ୬ଟି ସ୍ତମ୍ଭ ଉପରେ ଆଧାରିତ ହୋଇଛି। କରୋନା ସମୟରେ ଅର୍ଥନୀତି ଅପେକ୍ଷା ଏହି ବଜେଟରେ ମାନବ ଜୀବନକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ୨୦୨୧-୨୨ ଆର୍ଥିକ ବର୍ଷରେ ସ୍ୱାସ୍ଥ୍ୟ ଓ କଲ୍ୟାଣ କ୍ଷେତ୍ରରେ ୨,୨୩,୮୪୬ କୋଟି ଟଙ୍କା ବଜେଟ ବ୍ୟବସ୍ଥା କରାଯାଇଛି। ଏହା ୨୦୨୦-୨୧ ଆର୍ଥିକ ବର୍ଷର ବ୍ୟୟ ବରାଦ ୯୪,୪୫୨ କୋଟି ଟଙ୍କାଠାରୁ ୧୩୭% ଅଧିକ। ୩ଟି ପ୍ରମୁଖ କ୍ଷେତ୍ର ନିରାକରଣ, ନିଦାନ ଏବଂ କଲ୍ୟାଣ କ୍ଷେତ୍ରକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଇଛି ବୋଲି ସେ କହିଛନ୍ତି। ଏହାପରେ ସନ୍ଧ୍ୟାରେ କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀ 'ଉତ୍କଳ ଚାମ୍ବର ଅଫ୍ କମର୍ସ ଏବଂ ଇଣ୍ଡଷ୍ଟ୍ରି' ସଭାଗୃହ ଠାରେ ଭାଜପା ବୁଦ୍ଧିଜୀବୀ ସେଲ୍ ପକ୍ଷରୁ ଆୟୋଜିତ ଆଲୋଚନାଚକ୍ରରେ ସାମିଲ ହୋଇ ବଜେଟର ରୂପରେଖ ସମ୍ପର୍କରେ ଆଲୋକପାତ କରିଛନ୍ତି। ଏହାସହ ଷଡଙ୍ଗୀ ବଜେଟ ସମ୍ପର୍କିତ ଅନେକ ପ୍ରଶ୍ନର ଉତର ଦେବା ସହ ସାଧାରଣ ଲେକଙ୍କ ମନରେ ଥିବା ଦ୍ୱନ୍ଦ୍ୱକୁ ଦୂର କରିଛନ୍ତି। ଏହି ଆଲୋଚନାଚକ୍ରରେ ରାଜ୍ୟ ସଭାପତି ସମୀର ମହାନ୍ତି, ବୁଦ୍ଧିଜୀବୀ ପ୍ରକୋଷ୍ଠ ରାଜ୍ୟ ଆବାହକ ସୁଦର୍ଶନ ନାୟକ ଏବଂ ବିନୋଦ ଦାସଙ୍କ ସମେତ ଶତାଧିକ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

**ଭାରତୀୟ ରିଜର୍ଭ ବ୍ୟାଙ୍କ**
ମାନବ ସଂସାଧନ ପ୍ରବନ୍ଧ ବିଭାଗ
ଭୁବନେଶ୍ୱର

**ଇ-ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର, ଓଡିଶା, ବ୍ୟାଙ୍କର ଭୁବନେଶ୍ୱର ସ୍ଥିତ ତିନି ଆବାସିକ କଲୋନୀ ଅର୍ଥାତ, ନୟାପଲ୍ଲୀ ଅଫିସର୍ସ କ୍ୱାଟର୍ସ, ବରମୁଣ୍ଡା ଷ୍ଟାଫ୍ କ୍ୱାଟର୍ସ ଏବଂ ବିଦ୍ୟୁତ ମାର୍ଗ ଷ୍ଟାଫ୍ କ୍ୱାଟର୍ସ ର ବାର୍ଷିକ ରକ୍ଷଣାବେକ୍ଷଣ ନିମନ୍ତେ ଆବେଦନ ପତ୍ର (ଦୁଇ ଭାଗ ବିଶିଷ୍ଟ) ଆହ୍ୱାନ କରୁଛି।

ଆଗ୍ରହୀ ଠିକାଦାର ମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ (www.rbi.org.in) କୁ ଦେଖିପାରିବେ ଅଥବା ବ୍ୟାଙ୍କର ମାନବ ସଂସାଧନ ପ୍ରବନ୍ଧନ ବିଭାଗ ସହ ଯୋଗାଯୋଗ କରିପାରିବେ। ଏମଏସଟିସି ପୋର୍ଟାଲରେ ଇ-ଟେଣ୍ଡର ଆବେଦନର ଶେଷ ତାରିଖ ୦୫ ମାର୍ଚ୍ଚ ୨୦୨୧ ଦିନ ୧୨ ଘଟିକା ଅଟେ। କ୍ଷେତ୍ରୀୟ ନିର୍ଦ୍ଦେଶକ

# ମାଓବାଦୀ ମୁକାବିଲା ସ୍ଥିତି ସମୀକ୍ଷା କଲେ ଡିଜିପି

**ସଶସ୍ତ୍ର ଆରଆଇ କାର୍ଯ୍ୟାଳୟ ଉଦ୍‌ଘାଟନ କଲେ**

କୋରାପୁଟ, ୭।୨ (ସ୍ୱ.ପ୍ର.)



ଡିଜିପି ଅଭୟ ଓ ଅନ୍ୟ ପୋଲିସ ଅଧିକାରୀମାନେ କୋରାପୁଟ ସଶସ୍ତ୍ର ପୋଲିସ ଆର୍‌ଆଇ କାର୍ଯ୍ୟାଳୟ ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅଛନ୍ତି।

ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଅଭୟ ରବିବାର କୋରାପୁଟ ଗସ୍ତରେ ଆସି ଏଠାରେ ନବନିର୍ମିତ ସଶସ୍ତ୍ର ପୋଲିସ ଆରଆଇ କାର୍ଯ୍ୟାଳୟ ଉଦ୍‌ଘାଟନ କରିଛନ୍ତି। ଅଞ୍ଚଳର ଆଇନଶୃଙ୍ଖଳା, ମାଓବାଦୀ ଦମନ ଏବଂ ଗଞ୍ଜେଇ ଚୋରାଚାଲାଣ ଉପରେ ସେ ସମୀକ୍ଷା କରିଥିଲେ। ଗଞ୍ଜେଇ ଚୋରାଚାଲାଣ ରୋକିବାରେ ପୋଲିସର ଭୂମିକା ନେଇ ସେ ସନ୍ତୋଷ ପ୍ରକାଶ କରିଥିଲେ। କୋରାପୁଟସ୍ଥିତ ଡିଆଇଜି କାର୍ଯ୍ୟାଳୟଠାରେ ହୋଇଥିବା ସମୀକ୍ଷା ବୈଠକରେ ଅଭୟ ଦକ୍ଷିଣ ପଶ୍ଚିମାଞ୍ଚଳରେ ଥିବା ୬ଟି ଜିଲାର ସୁରକ୍ଷା ସ୍ଥିତି ସମୀକ୍ଷା କରିଥିଲେ। ଉକ୍ତ ଅଞ୍ଚଳରେ ମାଓବାଦୀଙ୍କ କାର୍ଯ୍ୟକଳାପ ରୋକିବା, ଗଞ୍ଜେଇ ଚୋରାଚାଲାଣକାରୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ନେଇ ସେ ସୂଚନା ଦେଇଥିଲେ। ବୈଠକରେ ମାଓବାଦୀଙ୍କ ସହ ମୁକାବିଲା, ଆଇନଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଉପାନ୍ତ ଅଞ୍ଚଳରେ ମାଓବାଦୀଙ୍କ ଗତିବିଧିକୁ ପୋଲିସ ପ୍ରଶାସନ ଦୁର୍ବଳ କରିଛି। ଆଗାମୀ ଦିନରେ ମଧ୍ୟ ସମସ୍ତ ପୋଲିସ ଓ ଯବାନ ସେମାନଙ୍କ ମିଳିତ ପ୍ରୟାସ ଜାରି ରଖିବେ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ଏହି ଅବସରରେ ସେ ମାଓବାଦୀମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ଯେଉଁମାନେ ଆତ୍ମସମର୍ପଣ କରିବେ ସେମାନଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ରହିଥିବା ଥଇଥାନ ନୀତି ଅନୁସାରେ ସମସ୍ତ ସହାୟତା ମିଳିବ ବୋଲି ଡିଜି ପ୍ରକାଶ କରିଥିଲେ। ପରେ ସେ ନବନିର୍ମିତ ଆରଆଇ କାର୍ଯ୍ୟାଳୟ ଉଦ୍‌ଘାଟନ କରି ଉପସ୍ଥିତ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଭଲମନ୍ଦ ପଚାରି ସେମାନଙ୍କ ସହ ଭାବ ବିନିମୟ କରିଥିଲେ। ଡିଜି ଅଭୟଙ୍କ ସହ ଗୋଇନ୍ଦା ନିର୍ଦ୍ଦେଶକ ଆର.କେ.ଶର୍ମା, ଆଇଜି(ସିଆଇଡି) ଯଶୱନ୍ତ ଜେଠୁଆ, ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ପଣ୍ଡିତ ରାଜେଶ ଉତ୍ତମରାଓ, କୋରାପୁଟ ଏସ୍‌ପି ବରୁଣ ଗୁଣ୍ଟୁପାଲିଙ୍କ ସମେତ ଡିଆଇଜି ସର୍କଲ ଅଧୀନରେ ଥିବା ସମସ୍ତ ଜିଲାର ଏସପି, ବିଏସ୍‌ଏଫ୍‌ର ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହାକୁ ଅତିରିକ୍ତ ଏସ୍‌ପି ଉତ୍କଳ ରଞ୍ଜନ ଦାସ, ଆରଆଇ ସୁବାସ ଚନ୍ଦ୍ର ନାୟକ ପରିଚାଳନା କରିଥିଲେ।

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**GLOBAL FINANCE**
(କରୋନା ମହାମାରୀ ରେ online ସୁବିଧା)
ଭାରତର ଏକମାତ୍ର ବିଶ୍ୱସୀନିୟ କମ୍ପାନୀ
ମାର୍କସିଟ, ହୋମଲୋନ, ପର୍ସନାଲ, ପଶୁପାଳନ, ଆଧାରକାର୍ଡ, ସମ୍ପତି, Bpl ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ମହିଳା, ବିଦ୍ୟାର୍ଥୀ ଓ ସରକାରୀ କର୍ମଚାରୀ ଙ୍କୁ ବିଶେଷ ରିହାତୀ
2th floor, Krishna Reddy, Mumbai, Maharastra
9473500149

ନିଜର ଜମିକୁ ରୋଜଗାରର ମାଧ୍ୟମରେ ପରିଣତ କରନ୍ତୁ
**HTL TOWER CO.**
କମ୍ପାନୀ ଦ୍ୱାରା ଖାଲି ଜମି, ଛାତ, ଖେତ ଓ ପ୍ଲଟ୍‌ରେ ସିଧାସଳଖ କମ୍ପାନୀ ସିନିୟର ଅଧିକାରୀଙ୍କ ସହ କଥା ହୋଇ
4G/5G
ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଅଗ୍ରିମ: 65 ଲକ୍ଷ
ଭଡ଼ା: 40 ହଜାର
+ ମାସିକ 20 ହଜାରର ଅନ୍ୟାନ୍ୟ ସୁବିଧା
ଦ୍ରଷ୍ଟବ୍ୟ: ଟାୱାର ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି
କମ୍ପାନୀ ତରଫରୁ ଫ୍ରି ମୋବାଇଲ + ବାଇକ୍
ସିଧାସଳଖ କମ୍ପାନୀ ସହ ଯୋଗାଯୋଗ କରନ୍ତୁ
96253-73491
79826-37439

**GALAXY TOWER**
ପ୍ରଥମଥର ଓଡିଶାରେ ଏମିତି ଅଫର
ନିଜର ଖାଲିଥିବା ଜମି ଓ ଛାତ Plot ରେ ଟ୍ୱାଓର 4G/5G ବସାଇ ଅଗ୍ରୀମ 60,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ + ଚାକିରୀ ପାଆନ୍ତୁ
Bansal Tower B Wing, Bangalore, Karnataka-400021.
9485687401
8901064681

**DHANLAXMI FINANCE**
(Reg. No. Reg.No.U65910CT1970)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୮୨ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
9499135756

**ବାବା ଅମିଲ୍ ସୁଫି**
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9810472786
8800979262

**M (GROUP) Finance Company**
ଆପଣଙ୍କ ପାଇଁ ଋଣ
ବ୍ୟବସାୟ ଋଣ, ସାଲାରି ସ୍ଲିପ୍ ଋଣ, ମାର୍କଶିଟ୍ ଋଣ ମାତ୍ର 5% ସୁଧରେ
ମହିଳାଙ୍କ ପାଇଁ 40% ଛାଡ଼
8895358521
8895357605

**PADMAJA FINANCE**
ସରକାର ଯୋଜନା ଦ୍ୱାରା ନିଜର ପ୍ରପର୍ଟି, ବ୍ୟକ୍ତିଗତ, ମାର୍କସିଟ୍, ଗୃହଋଣ, କୃଷି, ଗାଈ ଓ କୁକୁଡ଼ା ପାଳନ ଆଦି ସମସ୍ତ ପ୍ରକାର LOAN 2% ସୁଧରେ ଘରେ ବସି ପାଆନ୍ତୁ।
Mob.-9437921472
7656825049
LAHANDA, BARGARH

**ALL EDITION - B/W (Everyday)**
for Booking Contact:
0674-2580385
8637280816, 9338757574
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଦୁର୍ଘଟଣାରେ ହିନ୍ଦୀ ଶିକ୍ଷକ ମୃତ

ଟିକ୍ରାପଡ଼ା,(ଡି.ଏନ.ଏ.): ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ଟିକ୍ରାପଡା-ଖର୍ସେଲବାଞ୍ଜି ରାସ୍ତାରେ ରବିବାର ଏକ ଅଜଣା ଗାଡି ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କେନ୍ଦୁଉଡାର ହାଇସ୍କୁଲରେ ହିନ୍ଦୀ ଶିକ୍ଷକ ଭାବେ କାର୍ଯ୍ୟରତ ଖର୍ସେଲବାଞ୍ଜି ଗ୍ରାମର ଗଦିଦାର ଖମାରୀ (୪୭)। ଟିକ୍ରାପଡାକୁ କୌଣସି କାମରେ ଆସି ବାଇକ ଯୋଗେ ନିଜ ଘରକୁ ଫେରୁଥିବା ବେଳେ ରାତି ପ୍ରାୟ ୭ଟାରେ ତାଙ୍କୁ ଏକ ଗାଡି ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

## ସଂକ୍ଷେପରେ

### ବ୍ରାହ୍ମଣୀବ୍ରିଜ କାମକୁ ତର୍ଜମା କଲେ ଏମ୍‌ପି ଜୁଏଲ ଓରାମ

**ରାଉରକେଲା ଅଫିସ,୭।୨:** ରାଉରକେଲାର ପ୍ରବେଶ ପଥ କୁହାଯାଇଥିବା ଦ୍ୱିତୀୟ ବ୍ରାହ୍ମଣୀବ୍ରିଜ କାମକୁ ଭାଜପା ଏମ୍‌ପି ଜୁଏଲ ଓରାମ ବୁଲି ଦେଖିଛନ୍ତି। ଦ୍ୱିତୀୟ ବ୍ରାହ୍ମଣୀସେତୁ ନିର୍ମାଣରେ ବିଳମ୍ବ ହୋଇଥିବାରୁ ସହରରେ ଥିବା ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଭାଜପାକୁ ଟାର୍ଗେଟ କରାଯାଇଥିଲା। କେନ୍ଦ୍ର ମୋଦି ସରକାରଙ୍କର ଏହା ମିଥ୍ୟାପ୍ରତିଶୃତି ବୋଲି ବିରୋଧୀଦଳ ପ୍ରଚାର କରୁଥିଲେ। ଏହି ବ୍ରିଜ କାମ ବର୍ତ୍ତମାନ ସହରବାସୀଙ୍କ ପାଇଁ ସତ୍ୟ ହେବାକୁ ଯାଉଛି। ଏନେଇ ଏମ୍‌ପି ଜୁଏଲ ଓରାମ ବ୍ରିଜକାମକୁ ପରିଦର୍ଶନ କରି କହିଥିଲେ। ରାଜ୍ୟ ସରକାରଙ୍କ ଜମି ଅଧିଗ୍ରହଣ ହେତୁ ବ୍ରିଜ ନିର୍ମାଣରେ ବିଳମ୍ବ ହୋଇଥିଲା । ମାତ୍ର ୬ ମାସ ଭିତରେ ଉକ୍ତ ବ୍ରିଜକାମ ସମ୍ପୂର୍ଣ୍ଣ ହୋଇଯିବ। ବର୍ତ୍ତମାନେ ବ୍ରିଜର ସମସ୍ତ କାମ ସରିବା ଉପରେ ଥିବାବେଳେ ଏହା ସହରବାସୀଙ୍କ ପାଇଁ ଏକ ଉପହାର ସଦୃଶ ସାବ୍ୟସ୍ତ ହେବ ।

### ପ୍ରକାଶ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ: ଆରଏସ୍‌ଏ ବିଜୟୀ

**ରାଉରକେଲା ଅଫିସ,୭।୨:** ବାସନ୍ତୀ କଲୋନୀ ସ୍ଥିତ ଡିଏଭି ଖେଳ ପଡ଼ିଆରେ ୧୪ ତମ ପ୍ରକାଶ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ୩ୟ କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଛି। ଏହି ମ୍ୟାଚ ରାଉରକେଲା ସ୍ପୋର୍ଟର୍ସ ଆସୋସିଏସନ(ଆରଏସ୍‌ଏ)ଦଳ ସହ ଆଶୁ ଇଲେଭେନ ମଧ୍ୟରେ ଖେଳା ଯାଇଥିଲା। ଆରଏସ୍‌ଏ ଦଳ ପ୍ରଥମେ ଟସ ଜିତି ବ୍ୟାଟିଙ୍ଗ କରିବାର ନିଷ୍ପତି ନେଇଥିଲା। ନିର୍ଦ୍ଧାରିତ ୩୦ ଓଭରରେ ଆରଏସଏ ଦଳ ୯ ଉଇକେଟ ହରାଇ ୨୦୭ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ମୃତ୍ୟୁ ରଞ୍ଜନ ଶର୍ମା ସର୍ବାଧିକ ୪୮ ରନ ସଂଗ୍ରହ କରିଥିଲେ। ଏହି ରନର ଲକ୍ଷ୍ୟକୁ ନେଇ ଆଶୁ ଇଲେଭେନ ଦଳ ୧୯୪ ରନ କରି ପରାଜୟ ହୋଇଥିଲା। ଦଳ ପକ୍ଷରୁ ଶୁଭ୍ରଜିତ ସାହୁ ସର୍ବାଧିକ ୪୪ ରନ କରିଥିଲେ। ଆରଏସଏ ଦଳର ଆଶିଷ ମିତ୍ରାଙ୍କୁ ମ୍ୟାନ ଅଫ ଦ ମ୍ୟାଚ ଘୋଷଣା କରାଯାଇଥିଲା। ଏହି ମ୍ୟାଚକୁ ବିଶ୍ୱଜିତ ସାହୁ ଓ ଆତିଶ ଜେନା ପରିଚାଳନା କରିଥିବାବେଳେ ଶତ୍ରୁଘ୍ନ ସୁବୁଦ୍ଧି ରନ ତଦାରଖ କରୁଥିଲେ। ସୋମବାର ୱାଇସିସି ଦଳ ସହ କୁଲୁଙ୍ଗା କ୍ରିକେଟ କ୍ଲବ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଉପଦେଷ୍ଟା ସୁବେନ୍ଦୁ ଧଳ ସୂଚନା ଦେଇଛନ୍ତି।

### ମଦ୍ୟପ ଗାଡ଼ି ଚାଳକ ଗିରଫ

**ରାଉରକେଲା ଅଫିସ,୭।୨:** ଶନିବାର ବିଳମ୍ବିତ ରାତିରେ ଜଣେ ଯୁବକ ମଦ୍ୟପାନ କରି ଗାଡ଼ି ଚାଳନା କରୁଥିବାବେଳେ ପୋଲିସ ଗିରଫ କରିଛି। ରାମଦେବ ଟୋପୋ(୩୪) ପାନପୋଷ ଫାଦର କଲୋନୀରେ ବାସ କରନ୍ତି। ଶନିବାର ରାତି ସାଢ଼େ ୧୨ଟା ସମୟରେ ମଦ୍ୟପାନ କରି ଦ୍ରୁତ ଗତିରେ ଗାଡ଼ି ଚଲାଇ ଯାଇଥିଲେ। ରଘୁନାଥପାଲି ପୋଲିସ ନାଇଟ ପାଟ୍ରୋଲିଙ୍ଗ କରୁଥିବା ସମୟରେ ଯୁବକ ଜଣଙ୍କୁ ପାନପୋଷ ତାରିଣୀ ମନ୍ଦିର ନିକଟରେ କାବୁ କରିଥିଲେ। ପରେ ତାଙ୍କୁ ମେଡ଼ିକାଲରେ ନେଇ ଯାଞ୍ଚ କରିବାକୁ ସେ ପ୍ରବଳ ମଦ୍ୟପାନ କରିବା ସହ ଗାଡ଼ିର କାଗଜ ପତ୍ର ନଥିବା ଜାଣିବାକୁ ପାଇଥିଲା। ପୋଲିସ ଯୁବକ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

### ଦୁଇ ଟ୍ରେନ୍ ଟିକେଟ୍ ଦଲାଲ ଗିରଫ

**ରାଉରକେଲା ଅଫିସ,୭।୨:** ରାଉରକେଲା ଆରପିଏଫ ପୋଲିସ ୨ ଜଣ ଟ୍ରେନ ଟିକେଟ ବିକ୍ରୀ କରୁଥିବା ଦଲାଲଙ୍କୁ ଗିରଫ କରିଛି। ସେମାନେ ହେଲେ ମନୋହର କେରକେଟ୍ଟା ଓ ନିତେଶ ଖୁଟିଆ । ଗତ କିଛିଦିନ ହେବ ରାଉରକେଲା ଷ୍ଟେସନର ଆରକ୍ଷେଣ ଟିକେଟ୍ କେନ୍ଦ୍ର ନିକଟରେ ମନୋହର ଓ ନିତେଶ କାଉଣ୍ଟର ଖୋଲିବା ପୂର୍ବରୁ ଲମ୍ବା ଲାଇନ ଲଗାଇ ବିଭିନ୍ନ ଲୋକଙ୍କ ନାମରେ ଟିକଟ କାଟୁଥିଲେ । ଆରପିଏଫ୍ ପୋଲିସ କୌଣସି ବିଶେଷସୂତ୍ରରୁ ଖବର ପାଇ ଚଢ଼ାଉ କରିଥିବାବେଳେ ଏମାନଙ୍କ ନିକଟରୁ ୪ ହଜାର ଟଙ୍କାର ବିଭିନ୍ନ ସ୍ଥାନକୁ ଯାତ୍ରା ଟ୍ରେନ ଟିକେଟ ଜବତ କରିଥିଲା। ପୋଲିସ ଏମାନଙ୍କ ଠାରୁ କୌଣସି ସନ୍ତୋଷଜନକ ଉତ୍ତର ନପାଇବାରୁ ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଚାଲିଛି ବେଆଇନ୍ ବାଲି ଚାଲାଣ

**ସୁନ୍ଦରଗଡ, ୭।୨ (ଡି.ଏନ୍.ଏ)**

ସୁନ୍ଦରଗଡ ଜିଲାର ବିଭିନ୍ନ ତହସିଲରେ ଏବେ ଚୋରା ବାଲିଚାଲାଣ ଯୋଗୁଁ ସରକାରଙ୍କ ବ୍ୟାପକ ରାଜସ୍ୱ ହାନି ଘଟୁଛି। ବାଲିମାଫିଆ ଓ ଅସାଧୁ ସରକାରୀ କର୍ମଚାରୀଙ୍କ ମେଣ୍ଟ ଯୋଗୁଁ ବ୍ୟାପକ ବାଲି ଚୋରା ଚାଲାଣ ହେଉଛି। ଏଥିରେ ମାଫିଆ ଓ ଅସାଧୁ ସରକାରୀ କର୍ମଚାରୀ ଲକ୍ଷ ଲକ୍ଷ ଟଙ୍କା ଆୟ କରୁଥିବା ବେଳେ ସରକାରଙ୍କ ବିପୁଳ ରାଜସ୍ୱହାନି ଘଟୁଛି। ମାସେ କି ବର୍ଷେ ନୁହେଁ, ଦୀର୍ଘ ୩ /୪ ବର୍ଷ ହେବ ଜିଲାର ବୀରମିତ୍ରପୁର, ବିଶ୍ରା, ସଦର, ଟାଙ୍ଗରପାଲି ଆଦି ବ୍ଲକର ବିଭିନ୍ନ ନଦୀରୁ ବାଲି ଚୋରା ଚାଲାଣ ହୋଇ ଆସୁଥିବା ନେଇ ବିଭିନ୍ନ ସମୟରେ ଅଭିଯୋଗ ହୋଇଆସୁଛି। ନିକଟରେ ବୀରମିତ୍ରପୁର ତହସିଲ ପକ୍ଷରୁ ବାଲିଚାଲାଣକାରୀଙ୍କ ଉପରେ ଲକ୍ଷେ ଟଙ୍କା ଜରିମାନା କରିଦେଇ ଏହି ଚୋରାଚାଲାଣକୁ ରୋକିବା ଦିଗରେ ଆଉ କୌଣସି ତତ୍ପରତା ପ୍ରକାଶ ପାଉନାହିଁ। ଏହି ଜରିମାନା ଚୋରାଚାଲାଣକାରୀଙ୍କ ବାଲିଘାଟର ଗୋଟିଏ ଦିନର ଆୟ ବୋଲି କୁହାଯାଉଛି। ଏଭଳି ଗୁରୁତ୍ୱପୂର୍ଣ୍ଣ ଅଭିଯୋଗ ନୂଆଁଗାଁ ବ୍ଲକ ଅଞ୍ଚଳରୁ ହସ୍ତଗତ ହୋଇଛି। ଏହି ବେଆଇନ୍ ବାଲିଘାଟଟି ନୂଆଁଗାଁ ବ୍ଲକର ମିଟକୁନ୍ଦରୀ ସୀମାବର୍ତ୍ତୀ ସ୍ଥାନ । ହେଲେ ବୀରମିତ୍ରପୁର ତହସିଲ ଅଧୀନରେ ମିଟକୁନ୍ଦରୀ ବୋଲି ସେଭଳି ଗୋଟିଏ ଘାଟ ନ ଥିବା ଜଣାଯାଇଛି। ଏପରିକି ବିଶ୍ରା ତହସିଲରେ ମଧ୍ୟ ଏହି ଘାଟଟିର ନା ନାହିଁ। ଠିକ କୋଏଲ ନଦୀ ବ୍ରିଜ୍ ଯାହା ଝିରପାଣି –ନୁଆଁଗାଁକୁ ସଂଯୋଗ କରୁଛି। ସେହି ବ୍ରିଜ୍ ତଳପାଣିରେ ଚାଲିଛି ଏଭଳି ବାଲିଚୋରାଚାଲାଣ। ବିଶ୍ରା ତହସିଲ ଅନ୍ତର୍ଗତ ଝିରିପାଣି ନଦୀଗର୍ଭରେ ହୋମପାଇପ୍ ବିଛାଇ ରାସ୍ତା ତିଆରି କରି ନଦୀର ଅପରପାର୍ଶ୍ୱରୁ ଅର୍ଥାତ୍ ଯେଉଁ ପାର୍ଶ୍ୱରୁ ସୀମା ନିର୍ଦ୍ଧାରଣ ମୁତାବକ ଏହି ସ୍ଥାନ ବୀରମିତ୍ରପୁର ତହସିଲରେ ରହିଛି। ସେହିପଟୁ ଟ୍ରାକ୍ଟର ଓ ଟ୍ରକରେ ବାଲି ଉଠୁଛି। ପରିତାପର ବିଷୟ ବୀରମିତ୍ରପୁର ତହସିଲ ଅନ୍ତର୍ଗତ ମିଟକୁନ୍ଦରୀ ପଟରୁ ବାଲି ଉଠୁଥିଲେ ହେଁ ଏହି ବାଲି ବିଶ୍ରା ତହସିଲ ପଟକୁ ଚୋରା ଚାଲାଣ ହେଉଛି। ଏଭଳି ବାଲି ଚୋରାଚାଲାଣ ନେଇ ବିଶ୍ରା ତସିଲଦାର ନିଜ ବିଭାଗର ଦୋଷ ଲୁଚାଇବାକୁ ଯାଇ ଏହା ବୀରମିତ୍ରପୁର ତହସିଲର ସୀମା ବୋଲି ସଫେଇ ଦେଉଥିବା ବେଳେ ବୀରମିତ୍ରପୁର ତହସିଲ କର୍ତ୍ତୃପକ୍ଷ ଘଟଣାର ତଦନ୍ତ କରି ବାଲି ଉଠାଇଥିବା ବ୍ୟକ୍ତି ଉପରେ ମାତ୍ର ଲକ୍ଷେ ଟଙ୍କାର ଜୋରିମାନା କରିଦେଇ ଚୁପ୍‌ହୋଇ ବସିଯାଇଛନ୍ତି। ହେଲେ ଏହି ଘଟଣାରେ ବାଲି ମାଫିଆଙ୍କର ଗାଡି ମଧ୍ୟ ଜବତ ହୋଇନାହିଁ। ଦୀର୍ଘ ୩/୪ବର୍ଷ ହେଲା ଏଭଳି ବେଆଇନ ବାଲି ଚାଲାଣ ଚାଲିଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ଚୁପ୍ ବସିଛନ୍ତି। ବିଶ୍ରା ତହସିଲ ଦେଇଗାଡି ପ୍ରବେଶ କରିବା ସହ ବାଲିଉଠାଯାଇ ଝିରିପାଣି ଦେଇ ଚାଲାଣ ହେଉଥିଲେ ହେଁ ଝିରିପାଣି ପୋଲିସ–ପ୍ରଶାସନ କିମ୍ବା ବିଶ୍ରା ତହସିଲ ଓ ଜଗଦା ରାଜସ୍ୱ ନୀରିକ୍ଷକ କୌଣସି ପଦକ୍ଷେପ ନେଉ ନାହାନ୍ତି। ଗୋଟିଏ ଗୋଟିଏ ଦିନରେ ଶହେ ଦେଢଶହରୁ ଊର୍ଦ୍ଧ ଟ୍ରାକ୍ଟର ଦ୍ୱାରା ବାଲି ଚାଲାଣ ହେଉଅଛି। ଯାହାର ଆନୁମାନିକ ଦର ୧ଲକ୍ଷରୁ ଦେଢଲକ୍ଷ ଟଙ୍କା ହେବାର ଅନୁମାନ କରାଯାଉଛି। ଏତେବଡ ଧରଣର ବାଲି ଚୋରାଚାଲାଣ ଉପରେ ପାନପୋଷ ଉପଜିଲାପାଳ ମଧ୍ୟ କିଭଳି ଠୋସ୍ ପଦକ୍ଷେପ ନେଉ ନାହାନ୍ତି ତାହା ଆଶ୍ଚର୍ଯ୍ୟ ବିଷୟ । ଉଦବେଗର ବିଷୟ ହେଲା ଯେଉଁଠାରୁ ବାଲି ଉଠୁଛି ସେଠାରେ କୌଣସି ଆଇନସମ୍ମତ ଘାଟ ନ ଥିବା ବେଳେ ସରକାରୀ ଭାବେ ସେହି ଘାଟର ନିଲାମ ମଧ୍ୟ ହୋଇନାହିଁ। ଜିଲାପାଳ ଦୃଷ୍ଟି ଦେବାକୁ ଦାବି ହେଉଛି ।


ନଦୀରୁ ବେଆଇନ ଭାବେ ବାଲି ଉଠାଯାଉଛି।

- ନାହିଁ ଘାଟ, ହୋଇନି ନିଲାମ
- ନଦୀଗର୍ଭରେ ହୋଇଛି ସୀମା ନିର୍ଦ୍ଧାରଣ, ଦୈନିକ ଉଠୁଛି ଲକ୍ଷାଧିକ ଟଙ୍କାର ବାଲି
- ଲକ୍ଷେ ଟଙ୍କା ଜୋରିମାନା କରିଦେଇ ବୀରମିତ୍ରପୁର ତହସିଲ ଚୁପ୍

# ବିଶ୍ରା ଫରେଷ୍ଟର, ମହିପାଣି ବନରକ୍ଷୀ ନିଲମ୍ବିତ

**ନୂଆଗାଁ, (ଡି.ଏନ୍.ଏ.)/ ରାଉରକେଲା ଅଫିସ, ୪।୨**

ଗତ ଗୁରୁବାର ବିଳମ୍ବିତ ରାତିରେ ସୁନ୍ଦରଗଡ଼ ଜିଲା ବିଶ୍ରା ବନବିଭାଗ ଅନ୍ତର୍ଗତ ମହିପାଣି ନିକଟରେ ଟ୍ରେନ୍ ଧକ୍କାରେ ଦୁଇ ହାତୀ ମୃତ୍ୟୁ ଘଟଣାରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। କାର୍ଯ୍ୟରେ ଅବହେଳା ପାଇଁ ଦୁଇଜଣ ବନ କର୍ମଚାରୀଙ୍କୁ ରବିବାର କାର୍ଯ୍ୟରୁ ନିଲମ୍ବିତ କରାଯାଇଛି। ସେମାନେ ହେଲେ ବିଶ୍ରା ଫରେଷ୍ଟର ରାଧାଗୋବିନ୍ଦ ବହିଦାର ଓ ମହିପାଣି ଫରେଷ୍ଟ ଗାର୍ଡ଼ (ବନରକ୍ଷୀ) ଗୁରୁଦେବ ଭୋଇ।

ହାତୀ ମୃତ୍ୟୁ ଘଟଣା ପରେ ବିଶ୍ରା ବନବିଭାଗ ଅଧିକାରୀ ଓ ରେଳବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ହାତୀ ଦୁଇଟିର ମୃତଶରୀର ରେଳଧାରଣାରୁ ଉଦ୍ଧାର କରି ତଦନ୍ତ ଆରମ୍ଭ କରିଥିଲେ। ଏହି ଘଟଣାରେ ବନ ବିଭାଗ ଅଧିକ ଦାୟୀ ବୋଲି ସ୍ଥାନୀୟ ଲୋକେ କହିଥିଲେ। ବନବିଭାଗର ବରିଷ୍ଠ ଅଧିକାରୀ ନିଜ ଉପରୁ ଦୋଷ ଛଡ଼ାଇବାକୁ ଯାଇ ଦୁଇଜଣ ବନ କର୍ମଚାରୀଙ୍କୁ ନିଲମ୍ବିତ କରିଛନ୍ତି। ଏହି ଅଞ୍ଚଳରେ ୧୫ଟି ହାତୀ ପଶିଥିବା ଖବର ବନବିଭାଗ ପାଖରେ ଥିବାବେଳେ ବିଶ୍ରା ଫରେଷ୍ଟର ଓ ମହିପାଣି ବନରକ୍ଷୀ ୭ଟା ୪୮ରେ ଶେଷଥର ପାଇଁ ହାତୀଙ୍କ ଗତିବିଧି ରିପୋର୍ଟ ରେଳବିଭାଗ କଣ୍ଟ୍ରୋଲରୁମ ସହ ବନ ଅଧିକାରୀଙ୍କୁ ଦେଇଥିଲେ। ନିୟମ ଅନୁଯାୟୀ, ପ୍ରତିଘଣ୍ଟାକୁ ଥରେ ଲେଖାଏଁ ହାତୀ ଗତିପଥ ରିପୋର୍ଟ ଉଚ୍ଚ ଅଧିକାରୀଙ୍କୁ ଦେବା କଥା। ଗୁରୁବାର ରାତିରେ ମହିପାଣି ଅଞ୍ଚଳରେ ହାତିପଲଙ୍କ ରିପୋର୍ଟ ୭ଟା ୪୮ ପରେ ଦିଆଯାଇ ନ ଥିଲା। ପ୍ରାୟ ୫ ଘଣ୍ଟା ପର୍ଯ୍ୟନ୍ତ କୌଣସି ରିପୋର୍ଟ ଓଏଫ୍‌ଏମ୍ ଆପ୍ ମାଧ୍ୟମରେ ସୂଚିତ କରାଯାଇ ନ ଥିଲା। ଏହି କାରଣ ଯୋଗୁ ବିଶ୍ରା ଫରେଷ୍ଟର ରାଧାଗୋବିନ୍ଦ ଓ ମହିପାଣି ବନରକ୍ଷୀ ଗୁରୁଦେବଙ୍କୁ ନିଲମ୍ବିତ କରାଯାଇଛି। ଅନ୍ୟ ପକ୍ଷେ ଟ୍ରେନ୍ ଡ୍ରାଇଭର ପି. ବାଳକୃଷ୍ଣଙ୍କ ନାମରେ ମାମଲା ରୁଜୁ ହୋଇଥିବାବେଳେ ସେ ଘଟଣାଦିନ କେତେ ଗତିରେ ଟ୍ରେନ୍ ନେଉଥିଲେ ସେ ନେଇ ଖୋଳତାଡ଼ ଚାଲିଛି।

**ଟ୍ରେନ୍ ଧକ୍କାରେ ଦୁଇହାତୀ ମୃତ୍ୟୁ ଘଟଣା**

# ଦୟନୀୟ ଅବସ୍ଥାରେ କୁତ୍ରା ବିଜ୍ଞାନ କଲେଜ

**କୁତ୍ରା, ୭।୨ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ମାଲୁପଡାରେ ଥିବା ସରକାରୀ ଯୁକ୍ତ ୨ କଲେଜ ଦୟନୀୟ ଅବସ୍ଥାରେ ପଡିରହିଛି । କୁତ୍ରା ମାଲୁପଡାରେ ୨୦୦୩ ମସିହା ଜୁଲାଇ ୩୦ ତାରିଖରେ ତତ୍କାଳୀନ ଶିକ୍ଷାମନ୍ତ୍ରୀ ବିଦ୍ୟାଧର କୁଅଁର ଓ ତତ୍କାଳୀନ ଜଳ ସମ୍ପଦ ମନ୍ତ୍ରୀ ମଙ୍ଗଳା କିଶାନ ଏବଂ କଲେଜଟିକୁ ଉଦଘାଟନ କରିଥିଲେ। ୧୭ ବର୍ଷର ଏହି କଲେଜର ରକ୍ଷଣାବେକ୍ଷଣ ଉନ୍ନତିଦିଗରେ ସରକାର ଆଖି ବୁଜି ଦେଇଛନ୍ତି । କଲେଜ ଉଦଘାଟନ ହେବା ପରଠାରୁ ଆଜି ପର୍ଯ୍ୟନ୍ତ ସମସ୍ୟାର ଅନ୍ତଘଟିବାର ନା ଧରୁନାହିଁ। ଏହି କଲେଜରେ ସ୍ଥାୟୀ ଅଧ୍ୟାପକ ନଥିବା ବେଳେ ଗୋଟିଏ ମାତ୍ର ସ୍ଥାୟୀ ଅଧ୍ୟାପକ, ଜଣେ ଅସ୍ଥାୟୀ କ୍ଲର୍କ ଓ ୭ଜଣ ଗେଷ୍ଟ ଫେକେଲ୍ଟି ଭାବରେ କାର୍ଯ୍ୟ କରୁଛନ୍ତି। ଚଳିତ ବର୍ଷ ୨ ବର୍ଷରେ ୬୦ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। କଲେଜର ରକ୍ଷଣାବେକ୍ଷଣ ଅଭାବରୁ ଛାତରୁ ସିମେଣ୍ଟ ଖଣ୍ଡ ଖସିବା ସହ ଝରକା କବାଟ ସବୁ ଭାଙ୍ଗିରୁଜି ନଷ୍ଟ ହୋଇଗଲାଣି। ମୋଟାମୋଟି ଭାବେ କୋଠା ଗୁଡିକ ବିପଦସଂକୁଳ ଅବସ୍ଥାରେ ପଡି ରହିଛି। କଲେଜର ପାଚେରୀ ନଥିବା ବେଳେ କଲେଜ କ୍ୟାମ୍ପସ ଭିତରେ ଦିନବେଳା ଗାଈ ଗୋରୁ ଚରୁଥିବା ବେଳେ ରାତି ହେଲେ ଚୋରା ମଦୁଆଙ୍କ ଆଡ୍ଡା ଜମୁଛି। ଅଧ୍ୟାପକଙ୍କ ରହିବା ପାଇଁ ଘର ନଥିବା ବେଳେ ଛାତ୍ରାବାସ ମଧ ନିର୍ମାଣ ହୋଇ ପାରିନାହିଁ । କଲେଜ ସମସ୍ୟାକୁ ନେଇ ଛାତ୍ରୀଛାତ୍ରମାନେ ବହୁବାର ଆନ୍ଦୋଳନ କରିଥିଲେ ମଧ କିଛି ସୁଫଳ ମିଳିପାରି ନାହିଁ। ପ୍ରଶାସନ କେବଳ ପ୍ରତିଶ୍ରୁତି ଉପରେ ପ୍ରତିଶ୍ରୁତି ଦେଇ ଚାଲିଛି। ଏଣୁ ପ୍ରଶାସନ ଏହାକୁ ଯଥାଶୀଘ୍ର ଦୃଷ୍ଟି ଦେଇ କଲେଜର ରକ୍ଷଣାବେକ୍ଷଣ ସୁଧାରିବା ସହ ସ୍ଥାୟୀ ଅଧ୍ୟାପକ ଯୋଗାଇ ଦେବା ପାଇଁ ଦାବୀ ହେବା ସହିତ ସ୍ଥାନୀୟ ଜନସାଧାରଣ ଓ ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ମହାବିଦ୍ୟାଳୟର ଉନ୍ନତି ପାଇଁ ନିର୍ବାଚିତ ବିଧାୟକ ଓ ଲୋକସଭା ସଂସଦଙ୍କ ହସ୍ତକ୍ଷେପ ଲୋଡିଛନ୍ତି। ଅନ୍ୟଥା ଏହି ମହାବିଦ୍ୟାଳୟ ଖୁବ ଶୀଘ୍ର ବନ୍ଦ ହୋଇଯିବାର ଆଶଙ୍କା ସୃଷ୍ଟି ହେଲାଣି ।



କୁତ୍ରା ବିଜ୍ଞାନ କଲେଜ କୋଠା।

# ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ


ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଉଛନ୍ତି।

**ବଡ଼ଗାଁ, ୭।୨ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକର କେତେକ ଗ୍ରାମରେ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟଗୁଡିକୁ ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ ରବିବାର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ପୂର୍ବାହ୍ନରେ ଏମ୍‌ପି ଓରାମ ତୁଡାଲଗାରୁ ବୁଦନା ପିଏମ୍ ଜିଏସ୍‌ୱାଇ ରାସ୍ତା, କୁସୁନାରୁ ବେହେରାମାଲ ପିଏମ୍‌ଜିଏସ୍‌ୱାଇ ରାସ୍ତା କାମ ପାଇଁ ଶିଳାନ୍ୟାସ ସ୍ଥାପନ କରିଥିଲେ। ସାହାଜବାହାଲରେ ନିର୍ମିତ କଲ୍ୟାଣ ମଣ୍ଡପ ଓ କୁମବାହାଲ ଗ୍ରାମରେ ନିର୍ମିତ କମ୍ୟୁନିଟି ସେଣ୍ଟର ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଭାଜପା ଜିଲା ଏମ୍‌ପି ପ୍ରତିନିଧି ଚିନଚ ମିଶ୍ର, ରାଜଗାଙ୍ଗପୁର ବିଧାୟକ ପ୍ରାର୍ଥୀ ନରସିଂହ ମିଞ୍ଜ, ବିଧାୟକ ଭବାନୀଶଙ୍କର ଭୋଇ, ବଡ଼ଗାଁ ବ୍ଲକ ଏମ୍‌ପି ପ୍ରତିନିଧି ବସନ୍ତ ସାହୁ, ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ମିଞ୍ଜ, ଭାଜପା କର୍ମକର୍ତ୍ତା ଶିଶିର ରାଉତରାୟ, ବାବୁଲି କର୍ସେଲ, ପ୍ରତାପ ବେଜି, ଜିଲା ପରିଷଦ ସଭ୍ୟ ଅଶୋକ ଲାକ୍ରା, ସ୍ନେହଲତା ବେଜି, ଅସିତ ପଟେଲ, ଦେବେନ୍ଦ୍ର ଦାସ, ଭଗବାନ ବେହେରା, ଚିକାନନ୍ଦ ଜୟପୁରିଆ, ପରମେଶ୍ୱର ନାଏକ, ସରୋଜ ପୁରାଲେ, ସଚିନ୍ଦ୍ର ପଟେଲ ପ୍ରମୁଖ ସାମିଲ ହୋଇଥିଲେ ।

# ଲୁଟ ଅଭିଯୋଗରେ ଫେରାର ଅଭିଯୁକ୍ତ ଗିରଫ

**ରାଉରକେଲା ଅଫିସ, ୭।୨**

ଗତ ୨ ତାରିଖରେ ଟ୍ରାଫିକଗେଟ ଅଞ୍ଚଳରେ ଲୁଟ କରି ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ପ୍ଲାଣ୍ଟସାଇଟ ପୋଲିସ ଗିରଫ କରିଛି। ଗିରଫ ଯୁବକ ଜଣଙ୍କ ହେଲେ ଏମଡ଼ି ଗୁଲଜାର(୩୧) । ପୋଲିସ ସୂତ୍ରରୁ ପ୍ରକାଶ, ସେକ୍ଟର–୧୫ ଅଞ୍ଚଳରେ ଆଲବର୍ଟ ଟପ୍ପୋ(୪୨) ଗତ ୨ ତାରିଖରେ ଟ୍ରାଫିଗେଟ୍ ଅଞ୍ଚଳରେ ପରିବା କିଣିବା ପାଇଁ ଯାଇଥିଲେ। ପରିବା ମାର୍କେଟରେ ଆଲବର୍ଟ ମାର୍କେଟିଙ୍ଗ କରୁଥିବା ସମୟରେ ଗୁଲଜାର ତାଙ୍କ ପିଛା କରି ପଛ ପକେଟରେ ଥିବା ମନିପର୍ସଟିକୁ ଛଡାଇ ନେଇ ଫେରାର ହୋଇଯାଇଥିଲେ। ଏନେଇ ପ୍ଲାଣ୍ଟସାଇଟ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପୋଲିସ ଉକ୍ତ ଘଟଣାର ତଦନ୍ତ କରି ଗୁଲଜାରକୁ ନାଲାରୋଡ଼ ଅଞ୍ଚଳରୁ ଗିରଫ କରିଥିଲା। ପୋଲିସ ତାଙ୍କଠାରୁ ୩୨୦୦ ଟଙ୍କା ଜବତ କରିଥିଲା। ଗୁଲଜାର ନାମରେ ପୂର୍ବରୁ ପ୍ଲାଣ୍ଟସାଇଟ ଥାନାରେ ୧୬ଟି ଅପରାଧ ମାମଲା ରହିଥିବା ପୋଲିସ ସୂଚନା ଦେଇଛି ।

# ବ୍ଲାଷ୍ଟ ଫର୍ନେସ-୪ ନମ୍ବର ଦ୍ୱାରା ସର୍ବଶ୍ରେଷ୍ଠ ଉତ୍ତପ୍ତ ଧାତୁ ଉତ୍ପାଦନ

**ରାଉରକେଲା ଅଫିସ, ୭।୨**

ରାଉରକେଲା ଇସ୍ପାତ କାରଖାନା ୪ ନମ୍ବର ବ୍ଲାଷ୍ଟ ଫର୍ଣ୍ଣେସ 'ଅନ୍ନପୂର୍ଣ୍ଣା'୩୧୧୦ଟନର ଉତ୍ତପ୍ତ ଧାତୁ ଉତ୍ପାଦନ କରି ଏକ ନୂତନ ରେକର୍ଡ଼ ସୃଷ୍ଟି କରିଛି। ଏହା ପୂର୍ବରୁ ୨୦୨୦ ଡିସେମ୍ବର ୩୧ରେ ଉପରୋକ୍ତ ଫର୍ଣ୍ଣେସରୁ ୩୦୨୨ ଟନ ଉତ୍ତପ୍ତ ଧାତୁ ଉତ୍ପାଦକ ଏହାର ସର୍ବଶ୍ରେଷ୍ଠ ପ୍ରଦର୍ଶନ ରହିଥିଲା। ସୂଚନାଯୋଗ୍ୟ ୧୬୫୮ ଘନ ମିଟର ଉପଯୋଗୀ ଭଲ୍ୟୁମ ବିଶିଷ୍ଟ ବ୍ଲାଷ୍ଟ ଫର୍ଣ୍ଣେସ ୧୯୬୭ ମସିହା ଜୁଲାଇ ୩ରେ କାର୍ଯ୍ୟକ୍ଷମ ହୋଇଥିଲା। ବିଗତ ଦଶନ୍ଧିଗୁଡ଼ିକରେ ଏହାର ସଫଳ ଯାତ୍ରା ମଧ୍ୟରେ ଉକ୍ତ ଫର୍ଣ୍ଣେସ ଅନେକ ମାଇଲଖୁଣ୍ଟ ଅତକ୍ରମ କରିଛି। ଆରଏସପିର ସିଇଓ ଦୀପକ ଚଟ୍ଟରାଜ, ଇଡି ୱାକର୍ସ ଅତିରିକ୍ତ ଦାୟିତ୍ୱରେ ଥିବା ପ୍ରକଳ୍ପ ଅଧିକାରୀ ପଙ୍କଜ କୁମାର, ମାର୍କେଟିଂ ବିଭାଗର ମହାପ୍ରବନ୍ଧକ ସି.ଆର ମହାପାତ୍ର, ବ୍ଲାଷ୍ଟ ଫର୍ଣ୍ଣେସ ବିଭାଗର ମୁଖ୍ୟ ମହାପ୍ରବନ୍ଧକ ବି.ଆର ବାବୁ ଓ ଅନ୍ୟ ବରିଷ୍ଠ ଅଧିକାରୀ ଉକ୍ତ ବିଭାଗ ପରିଦର୍ଶନ କରି ବିଭିନ୍ନ କର୍ମଚାରୀଙ୍କୁ ଶୁଭେଚ୍ଛା ପ୍ରଦାନ କରିଥିଲେ।

# କୋଇଡା ହକି ଟୁର୍ନାମେଣ୍ଟ:ଟେନସା ଚାମ୍ପିୟନ


ହକି ଟୁର୍ନାମେଣ୍ଟରେ ଅତିଥିଙ୍କ ସହ ଖେଳାଳି।

**ଟେନ୍‌ସା,୭।୨(ଡି .ଏନ .ଏ.)**

ସୁନ୍ଦରଗଡ଼ ଜିଲା କୋଇଡ଼ ହରିଚନ୍ଦନପୁର ଷ୍ଟାଡିୟାମ ଠାରେ ଶନିବାର ଠାରୁ ଆରମ୍ଭ ହୋଇ ଥିବା କୋଇଡା ବିର୍ସାମୁଣ୍ଡା ଆଦିବାସୀ ସଂଘ ହକି ଟୁନାମେଣ୍ଟ ରବିବାର ଉଦଯାପିତ ହୋଇଯାଇଛି। କୋଇଡା ବିଭିନ୍ନ ଅଞ୍ଚଳରୁ ୮ଟି ଟିମ ଅଂଶଗ୍ରହଣ କରିଥିଲେ। ପଫାଇନାଲ ମ୍ୟାଚ ହରିଚନ୍ଦନପୁର ଓ ଟେନସା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ୪–୧ ଗୋଲରେ ଟେନସା ବିଜୟ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ କୋଇଡ଼ା ରୋମାନ ଚର୍ଚ୍ଚର ଫାଦର ବାଥେଲିମି ଟପନୋ, ସମ୍ମାନିତ ଅତିଥି ଭାବେ କୋଇଡା ବିର୍ସା ମୁଣ୍ଡା ଆଦିବାସୀ ସଂଘ ସଭାପତି ଅର୍ଜୁନ ନାଏକ, ସମ୍ପାଦକ ଜନ ଡୁଙ୍ଗୁ ଡୁଙ୍ଗୁ, କୋଷାଧକ୍ଷ ତ୍ରିଲୋଚନ ସାହୁ, ବିଜେଡି ଯୁବ ସଭାପତି ଟିଟୁନ ଦାସ, ଜନ ପୂର୍ତ୍ତି, ଶ୍ୟାମ ପାତ୍ର, ଶୋନୁ ଦାଶ, ଡାକ୍ତର ନେଗୀ, ବିଶେଷ ଅଥିତି ବରିଷ୍ଠ ସାମ୍ବାଦିକ ସମୀର କୁମାର ପାଢୀ ପ୍ରମୁଖ ଯୋଗ ଦେଇଥିଲେ । ଆଦିବାସୀ ଅଧ୍ୟୁଷିତ କୋଇଡ଼ା ଭଳି ଏକ ଉପାନ୍ତ ଅଞ୍ଚଳରେ ଏଭଳି ଏକ ହକି ଟୁର୍ନାମେଣ୍ଟ ହେବା ଗୌରବର କଥା। ନିଜ ମଧ୍ୟରେ ଏକ ଭାଇଚାରା ସୃଷ୍ଟି ହେବ ବୋଲି ଅତିଥିମାନେ ପ୍ରକାଶ କରିଥିଲେ । କୋଇଡ଼ା ହରିଚନ୍ଦନପୁର ବିଶ୍ରାମୁଣ୍ଡା ହକି ସଂଘ ସମ୍ପାଦକ ସିମନ ପୂର୍ତ୍ତି, ସଭାପତି ଇମାନ ତପନୋ, ଶୁଶୀଲ ହରୋ, ଜାବିରିୟ ପୂର୍ତ୍ତି, ଜଷ୍ଟସନ ପୂର୍ତ୍ତି ସମେତ ସଂଘ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ଖେଳକୁ ପରିଚାଳନା କରିଥିଲେ। ବିଜେତା ଦଳକୁ ପକ୍ଷରୁ ୫ ହଜାର ଟଙ୍କା, ଉପ ବିଜେତା ଦଳକୁ ୩ହଜାର ଟଙ୍କା ସମେତ ଟ୍ରଫି ପ୍ରଧାନ କରାଯାଇଥିଲା। ସେହିପରି ବେଷ୍ଟ ଟିମ, ବେଷ୍ଟ ଗୋଲକିପିର, ବେଷ୍ଟ ପ୍ଲେୟାର ମାନଙ୍କୁ ପୁରସ୍କୃତ କରାଯାଇଥିଲା । ୧ହଜାରରୁ ଅଧିକ ଦର୍ଶକ ଏହି ଖେଳକୁ ଉପଭୋଗ କରିଥିଲେ ।




ଫୁଟବଲ ଆସୋସିଏଶନ୍ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ସୁନ୍ଦରଗଡରେ ଆୟୋଜିତ ୬୧ତମ ସାହାଣୀ କପ୍ ଫୁଟବଲ ଚାମ୍ପିୟନଶିପ୍‌ର ରବିବାର ଦ୍ୱିତୀୟ ଦିବସରେ ଅତିଥି(ବାମ) ଖେଳ ପଡ଼ିଆରେ ଅତିଥିଙ୍କ ସହ ଖେଳାଳି(ମଝି ଓ ଡାହାଣ) ।

**ଟୁଇଟର ଇଣ୍ଡିଆ ପଲିସି ମୁଖ୍ୟଙ୍କ ଇସ୍ତଫା**

ଟୁଇଟର ଇଣ୍ଡିଆର ପବ୍ଲିକ୍ ପଲିସି ମୁଖ୍ୟ ପଦରୁ ମହିମା କୌଲ ଇସ୍ତଫା ଦେଇଛନ୍ତି। ଏ ସମ୍ପର୍କରେ କମ୍ପାନୀର ଜନୈକ ବରିଷ୍ଠ ଅଧିକାରୀ ଏହି ସୂଚନା ଦେଇଥିବା ବେଳେ କୌଲ ବ୍ୟକ୍ତିଗତ କାରଣରୁ ଇସ୍ତଫା ଦେଇଥିବା ତାଙ୍କ ଟୁଇଟରରେ ପେଜରେ ରବିବାର ଉଲ୍ଲେଖ କରିଛନ୍ତି। ସେ ଚଳିତ ବର୍ଷ ଜାନୁୟାରୀରୁ ତାଙ୍କ ପଦରୁ ଇସ୍ତଫା ଦେଇଥିଲେ ମଧ୍ୟ ଆସନ୍ତା ମାର୍ଚ୍ଚ ପର୍ଯ୍ୟନ୍ତ ସେ ସଂସ୍ଥା ସହ ଜଡିତ ରହିବେ ବୋଲି କହିଛନ୍ତି। ଗତ ୨୦୧୫ରୁ ମହିମା ଟୁଇଟରରେ ଯୋଗ ଦେଇଥିଲେ। ସେ ତାଙ୍କ କାର୍ଯ୍ୟରୁ ସାମୟିକ ସମୟ ପାଇଁ ବିରତି ନେବା ଲାଗି ଚାକିରୀରୁ ଇସ୍ତଫା ଦେଇଥିବା ତାଙ୍କ ନିକଟତମ ସୂତ୍ରରୁ ଜଣାପଡିଛି।

# ଘରୋଇକରଣ ନେଇ ନିର୍ମଳାଙ୍କ ସ୍ପଷ୍ଟୀକରଣ

ମୁମ୍ବାଇ,୭।୨



**ବିରୋଧୀଙ୍କ ଯୁକ୍ତି ଠିକ୍ ନୁହେଁ**

ଦେଶର ସମ୍ପତ୍ତିକୁ ସରକାର ଘରୋଇ କ୍ଷେତ୍ର ହାତକୁ ଟେକି ଦେଉଥିବା ବିରୋଧୀ ଦଳଗୁଡିକ ଅଭିଯୋଗ ଆଣିବା ପରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଏହାର ଉତ୍ତର ରଖିଛନ୍ତି। ବିରୋଧୀଙ୍କ ଏହି ଯୁକ୍ତିକୁ ଅର୍ଥମନ୍ତ୍ରୀ ଖଣ୍ଡନ କରିଛନ୍ତି। ଉଲ୍ଲେଖଯୋଗ୍ୟ, ନିକଟରେ ଆସିଥିବା ବଜେଟରେ ସରକାର ଘରୋଇକରଣ ନେଇ କେତେକ ପ୍ରସ୍ତାବ ରଖିଛନ୍ତି। ଏହାକୁ ବିରୋଧୀ ଦଳଗୁଡିକ ପରିବାରର ସମ୍ପତ୍ତି ବିକ୍ରି ଭଳି ଅଭିଯୋଗ ଆଣିଛନ୍ତି। ଏହା ଠିକ୍ ନୁହେଁ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି।

ଏଠାରେ ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଅର୍ଥମନ୍ତ୍ରୀ କହିଛନ୍ତି, ପୂର୍ବ ସରକାରଙ୍କ ସମୟରେ ପୁଞ୍ଜି ପ୍ରତ୍ୟାହାର କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମୟରେ ଏ ନେଇ ସ୍ପଷ୍ଟ ନୀତି ଜାରି କରାଯାଇଛି। କେଉଁ କମ୍ପାନୀଗୁଡିକରୁ ଅଂଶଧନ ପ୍ରତ୍ୟାହାର କରାଯିବ ଏବଂ ଷ୍ଟ୍ରାଟେଜିକ କ୍ଷେତ୍ରରେ ଗୋଟିଏ ଲେଖାଏ ରାଷ୍ଟ୍ରାୟତ୍ତ କମ୍ପାନୀ ରଖିବା ନେଇ ସରକାର କାମ କରୁଛନ୍ତି। ବଜେଟରେ ସରକାର ୨ ରାଷ୍ଟ୍ରାୟତ୍ତ ବ୍ୟାଙ୍କର ଘରୋଇକରଣ ଏବଂ ଗୋଟିଏ ସାଧାରଣ ବୀମା କମ୍ପାନୀକୁ ଘରୋଇ ହାତକୁ ଟେକି ଦେବାକୁ ଯୋଜନା ରଖିଛନ୍ତି। ଏହାକୁ ବିରୋଧୀ ଦଳଗୁଡିକ ପକ୍ଷରୁ ବିରୋଧ କରାଯାଇଛି।

ସେ ପୁଣି କହିଛନ୍ତି, ବିରୋଧୀ ଯେଉଁ ଭଳି ଆରୋପ ଆଣୁଛନ୍ତି ତାହା ସେଭଳି ନୁହେଁ। ଫ୍ୟାମିଲି ସିଲଭରକୁ ଦୃଢୀକରଣ କରାଯିବାର ଆବଶ୍ୟକତା ରହିଛି। ଏହା ଆମର ଶକ୍ତି ହେବାର ଆବଶ୍ୟକତା ରହିଛି। ବର୍ତ୍ତମାନ ଅନେକ ରାଷ୍ଟ୍ରାୟତ୍ତ କମ୍ପାନୀ ରହିଛନ୍ତି, ଯାହା ଅସ୍ତିତ୍ୱ ବଜାୟ ରଖିବାକୁ ଅକ୍ଷମ। କମ୍ପାନୀଗୁଡିକୁ ପୁଣି ଥରେ କାର୍ଯ୍ୟକ୍ଷମ କରାଇବା ସରକାରଙ୍କ ଲକ୍ଷ୍ୟ। ଏହି କମ୍ପାନୀଗୁଡିକ ପୁଣି ଥରେ କ୍ରିୟାଶୀଳ ହେବା ସହ ଆକାଂକ୍ଷୀ ଭାରତର ସ୍ୱପ୍ନ ପୂରଣ କରିବାରେ ସହାୟକ ହେବ। ଅତୀତରେ ସଂସ୍କାର ସତ୍ତ୍ୱେ ମଧ୍ୟ ପ୍ରଫେଶନାଲ ଦକ୍ଷତା ନ ରହିବାରୁ କିଛି କମ୍ପାନୀଙ୍କୁ ଛାଡି ଅନ୍ୟଗୁଡିକ ଏବେ ଅସୁବିଧା ଦେଇ ଗତି କରୁଛନ୍ତି।

## ବ୍ୟାଙ୍କ ଘରୋଇକରଣ ଯୋଜନାରେ ସରକାର-ଆର୍‌ବିଆଇ କାମ କରିବେ

ବଜେଟରେ ଘୋଷଣା କରାଯାଇଥିବା ବ୍ୟାଙ୍କ ଘରୋଇକରଣ ଯୋଜନାକୁ କାର୍ଯ୍ୟାନ୍ୱୟନ କରିବା ଲାଗି ସରକାର ଏବଂ ରିଜର୍ଭ ବ୍ୟାଙ୍କ ମିଳିତ ହୋଇ କାମ କରିବେ। ରବିବାର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଏ ଦିଗରେ ବିସ୍ତୃତ କାର୍ଯ୍ୟପନ୍ଥା ହାତକୁ ନିଆଯିବ। ବଜେଟରେ ଏ ସମ୍ପର୍କରେ ଘୋଷଣା ହୋଇଥିଲେ ମଧ୍ୟ ଆର୍‌ବିଆଇ ସହ ମିଳିତ ହୋଇ ସରକାର କାମ କରିବେ ବୋଲି ସେ ସ୍ପଷ୍ଟ କରିଛନ୍ତି। କେଉଁ ବ୍ୟାଙ୍କଗୁଡିକ ଘରୋଇକରଣ ହେବ ସେ ନେଇ କିଛି କହିବାକୁ ନିର୍ମଳା ମନା କରିଦେଇଛନ୍ତି।

## ସଂକ୍ଷେପରେ

### ପିଏନ୍‌ବି ପକ୍ଷରୁ ଆର୍ଥିକ ଫଳାଫଳ ଘୋଷଣା

**ଭୁବନେଶ୍ୱର,୭।୨:** ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) ପକ୍ଷରୁ ଚଳିତ ଆର୍ଥିକ ବର୍ଷ ତୃତୀୟ ତ୍ରୈମାସ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଅବଧିରେ ବ୍ୟାଙ୍କ ୫୦୬ କୋଟି ଟଙ୍କାର ନେଟ୍ ଲାଭ ହାସଲ କରିଛି। ବ୍ୟାଙ୍କର ମୋଟ ଗ୍ଲୋବାଲ ବିଜ୍‌ନେସ୍ ୧୮.୦୯ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ବ୍ୟାଙ୍କର ଗ୍ଲୋବାଲ ଜମା ୦.୭% ବୃଦ୍ଧି ଘଟି ୧୦.୮୨ ଲକ୍ଷ କୋଟି ଟଙ୍କା ରହିଥିବା ବେଳେ ଘରୋଇ କାସା ଜମା ୬.୪% ବଢ଼ି ୪.୭୦ ଲକ୍ଷ କୋଟି ଟଙ୍କା ଛୁଇଁଛି। ସଞ୍ଚୟ ଜମା ୮.୪% ବୃଦ୍ଧି, ମୋଟ ଗ୍ଲୋବାଲ କ୍ରେଡିଟରେ ୧.୫% ବୃଦ୍ଧି, ହାଉସିଂ ଋଣରେ ୬.୫% ବୃଦ୍ଧି ରେକର୍ଡ କରାଯାଇଛି। ତୃତୀୟ ତ୍ରୈମାସରେ ବ୍ୟାଙ୍କର ପରିଚାଳନାଗତ ଲାଭ ୧୩.୯% ବୃଦ୍ଧି ପାଇ ୬୩୯୧ କୋଟି ଟଙ୍କା ରହିଛି। ୨୦୨୦ ଡିସେମ୍ବରରେ ବ୍ୟାଙ୍କର ମୋଟ ଏନ୍‌ପିଏ ୧୨.୯୯%କୁ ହ୍ରାସ ହୋଇଛି। ଏହି ସମୟରେ ନେଟ୍ ଏନ୍‌ପିଏ ୪.୦୩% ସ୍ତରରେ ରହିଛି। ପ୍ରୋଭିଜନ କଭରେଜ ରେସିଓରେ ୨୧୬ ପଏଣ୍ଟ ଉନ୍ନତି ଆସି ୮୫.୧୬% ରହିଥିବା ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

### ଉଡାନ୍‌ରେ ୧୦୦୦ ରୁଟ୍ ଉପରେ ନଜର

**ନୂଆଦିଲ୍ଲୀ,୭।୨:** ଉଡାନ୍ ଯୋଜନାରେ ସେବା ଉପଲବ୍ଧ ହେଉ ନ ଥିବା ଦେଶର ୧୦୦ ବିମାନ ବନ୍ଦରକୁ ଯୋଡିବା ନେଇ ସରକାର ଯୋଜନା ରଖିଥିବା କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ ସିଂ ପୁରୀ ରବିବାର କହିଛନ୍ତି। ଅନ୍ତତଃ ପକ୍ଷେ ୧ ହଜାର ରୁଟ୍‌ରେ ବିମାନ ସେବା ଯୋଗାଣ ନେଇ ଲକ୍ଷ୍ୟ ରଖାଯାଇଥିବା ସେ ସ୍ପଷ୍ଟ କରିଛନ୍ତି। ବିମାନ ଚଳାଚଳ କ୍ଷେତ୍ରରେ ଘରୋଇକରଣ ନେଇ ମଧ ସେ ମତ ରଖିଛନ୍ତି। ଆଞ୍ଚଳିକ ସଂଯୋଗୀକରଣ ଯୋଜନାରେ ଛତିଶଗଡର ବିଳାସପୁର ସହରରୁ ବିମାନ ସେବା ଆରମ୍ଭ କରାଯିବ। ଦେଶର ୫୬ ବିମାନ ବନ୍ଦରକୁ ବର୍ତ୍ତମାନ ସୁଦ୍ଧା କାର୍ଯ୍ୟକ୍ଷମ କରାଯାଇଛି। ଏଥିରେ ୭୦୦ ରୁଟ୍ ପ୍ରଦାନ କରାଯାଇଛି। ୩୧୧ ରୁଟରେ ବିମାନ ସେବା ଆରମ୍ଭ ହେଲାଣି। ୨୦୧୭ରେ ଆରମ୍ଭ କରାଯାଇଥିବା ଉଡାନ୍ ଯୋଜନାରେ କେନ୍ଦ୍ର ସରକାର ୪୫୦୦ କୋଟି ଟଙ୍କା ବ୍ୟବସ୍ଥା କରିଥିବା ପୁରୀ ସ୍ପଷ୍ଟ କରିଛନ୍ତି।

# ବାଲେଶ୍ୱରରେ ରୁଚି ଫ୍ରୋଜିଟ୍ ଆଉଟଲେଟ



ଭୁବନେଶ୍ୱର,୭।୨

ରୁଚି ଦ୍ୱାରା ପରିଚାଳିତ ଫ୍ରୋଜିଟ୍‌ର ପ୍ରଥମ ଆଉଟଲେଟ୍ ବାଲେଶ୍ୱର ସହରରେ ଖୋଲିଛି। ଶୁକ୍ରବାର ସ୍ଥାନୀୟ ଡ଼ିଆଇସି ଛକ ନିକଟରେ ଏହି ନୂଆ ଫ୍ରୋଜିଟ୍ ଆଉଟଲେଟ୍‌କୁ ରୁଚିର ପ୍ରତିଷ୍ଠାତ ତଥା ପରିଚାଳନା ନିର୍ଦ୍ଦେଶକ ଡ଼.ଶରତ କୁମାର ସାହୁ ଏବଂ ରୁଚିର ନିର୍ଦ୍ଦେଶିକା ସଂଗୀତା ସାହୁ ଉଦଘାଟନ କରିଥିଲେ। ଏହି ଅବସରରେ ଶ୍ରୀକାନ୍ତ ମହାପାତ୍ର, ଅବିନାଶ ସିଂ ଏବଂ ରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଷ୍ଟୋର ବାଲେଶ୍ୱରସହରବାସୀଙ୍କୁ ସ୍ୱାଦର ଭିନ୍ନତା ସହ ଆତ୍ମତୃପ୍ତି ପ୍ରଦାନ କରିବ ବୋଲି ଡ଼. ସାହୁ ମତ ବ୍ୟକ୍ତ କରିଥିଲେ। ସେହିପରି ଗୃହିଣୀମାନଙ୍କୁ ସ୍ୱାଦିଷ୍ଟ ଖାଦ୍ୟ ପ୍ରସ୍ତୁତ କରିବାକୁ ଏହା ବହୁଳ ଭାବରେ ସହଯୋଗ କରିବ ବୋଲି ଶ୍ରୀମତୀ ସାହୁ କହିଥିଲେ।

ଓଡ଼ିଶାର ପ୍ରଥମ ଫ୍ରୋଜନ୍ ଖାଦ୍ୟ ପ୍ରସ୍ତୁତକାରୀ ଉଦ୍ୟୋଗ ଫ୍ରୋଜିଟ୍ ପକ୍ଷରୁ ଏହା ହେଉଛି ୧୦ନଂ ଆଉଟ୍‌ଲେଟ୍। ସେହିଭଳି ଏଠାରେ ଫ୍ରୋଜିଟ୍ ଦ୍ୱାରା ପ୍ରସ୍ତୁତ ରେଡ଼ି ଟୁ ଇଟ, ରେଡ଼ି ଟୁ କୁକ୍, ଫ୍ରୋଜନ୍ ଫୁଡ୍ସ, ମୃଦୁପାନୀୟ, ବିଭିନ୍ନ ଅର୍ଗାନିକ ଦ୍ରବ୍ୟ ଏବଂ ସ୍ୱାସ୍ଥ୍ୟପଯୋଗୀ ପ୍ରଡକ୍ଟ ଉପଲବ୍ଧ ହେବ ବୋଲି ଫ୍ରୋଜିଟ୍‌ର ଅର୍ଥ ବିଭାଗୀୟ ମୁଖ୍ୟ ଶ୍ରୀକାନ୍ତ ମହାପାତ୍ର କହିଛନ୍ତି। ନୂଆ ଷ୍ଟୋରଟି ବାଲେଶ୍ୱରର ପାର୍ବତୀ ଏଣ୍ଟରପ୍ରାଇଜେସ୍ ପରିସରରେ ରହିଥିବା ବେଳେ ରୁଚି ଓ ଫ୍ରୋଜିଟ୍‌ର ସମସ୍ତ ସାମଗ୍ରୀ ଉପଲବ୍ଧ ବୋଲି ଷ୍ଟୋରର ସତ୍ତ୍ୱାଧିକାରୀ ରଞ୍ଜନ ନାୟକ ସୂଚନା ଦେଇଛନ୍ତି। ସେହିପରି ଫେବୃୟାରୀ ୫ ତାରିଖରୁ ୨୮ ତାରିଖ ପର୍ଯ୍ୟନ୍ତ ସମସ୍ତ ଗ୍ରାହକଙ୍କୁ ୧୦% ରିହାତି ମିଳିବ ଫ୍ରୋଜିଟ୍ ଷ୍ଟୋର ମୁଖ୍ୟ ଅବିନାଶ ସିଂ କହିଛନ୍ତି।

# ଗେଲ୍‌ର ସିଏନ୍‌ଜି ଅଟୋ-କାର ରାଲି

ଭୁବନେଶ୍ୱର, ୭।୨



ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଗେଲ୍ ପକ୍ଷରୁ ସିଏନ୍‌ଜି ଚାଳିତ ଅଟୋ ଏବଂ କାର ରାଲି ଅନୁଷ୍ଠିତ ହୋଇଯାଇଛି। ସ୍ୱଚ୍ଛ ଏବଂ ସବୁଜ ଇନ୍ଧନ ବ୍ୟବହାର ଲାଗି ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ପେଟ୍ରୋଲିୟମ ସଂରକ୍ଷଣ ଅନୁସନ୍ଧାନ ସଂଘ (ପିସିଆର୍‌ଏ) ଅନ୍ତର୍ଗତ ସଂରକ୍ଷଣ ମହୋତ୍ସବ କାର୍ଯ୍ୟକ୍ରମ ଅଧୀନରେ ରବିବାର କଟକ ଏବଂ ଭୁବନେଶ୍ୱରରେ ଏଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। କଟକର ଶୈଳବାଳା ମହାବିଦ୍ୟାଳୟ ନିକଟ ୟୁନିୟନ କ୍ଲବଠାରୁ ଏହି ରାଲି ବାହାରି ରିଂ ରୋଡ ଦେଇ ଯୋବ୍ରା ପହଞ୍ଚିବା ପରେ ପୁଣି ଥରେ ୟୁନିୟନ କ୍ଲବକୁ ଫେରିବାର କାର୍ଯ୍ୟକ୍ରମ ରହିଥିଲା। ଏହି ଅବସରରେ କେନ୍ଦ୍ର ପେଟ୍ରୋଲିୟମ ଏବଂ ପ୍ରାକୃତିକ ବାଷ୍ପ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏକ ଭିଡିଓ ବାର୍ତ୍ତା ଜରିଆରେ ଇନ୍ଧନ ସଂରକ୍ଷଣ କାର୍ଯ୍ୟକ୍ରମରେ ସାମିଲ ହେବାକୁ ଯୁବବର୍ଗଙ୍କୁ ଆହ୍ୱାନ ଦେଇଥିଲେ। ପିସିଆର୍‌ଏ ଆନୁକୂଲ୍ୟରେ ମାସେ ବ୍ୟାପୀ ଏହି ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ସେହିଭଳି ଭୁବନେଶ୍ୱରରେ ଏହି କାର୍ଯ୍ୟକ୍ରମ ବରମୁଣ୍ଡାରୁ ବାହାରି ଏନ୍‌ଏଚ୍ -୧୬ ଦେଇ ରସୁଲଗଡ ଏବଂ ପୁଣି ଥରେ ବରମୁଣ୍ଡା ଫେରିଥିଲା। କଟକରେ ସିନେ ଅଭିନେତା ସବ୍ୟସାଚୀ ମିଶ୍ର, ଗେଲ୍‌ର ଜୋନାଲ ଜିଏମ୍ ପଙ୍କଜ ଭଗତ, ଆଇଓସିଏଲ୍ ଜିଏମ୍ ଦେବୀ ପ୍ରସାଦ ଶତପଥୀ, ପିସିଆର୍‌ଏର ଅତିରିକ୍ତ ନିର୍ଦ୍ଦେଶକ ପ୍ରଦୀପ କୁମାର ପଣ୍ଡା, ଏଚ୍‌ପିସିଏଲ୍ ଜିଏମ୍ ଆର୍‌ଏସ୍ ଅଭୟଙ୍କର ଦାସ, ବିପିସିଏଲ୍ ଆର୍‌ଆଇ ମୁଖ୍ୟ ନିର୍ଦ୍ଦେଶକ ବରୁଣ ଜୋନ ଉପସ୍ଥିତ ଥିଲେ। ସେହିଭଳି ଭୁବନେଶ୍ୱରଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶିଷ୍ଟ କ୍ରିକେଟର ଦେବାଶିଷ ମହାନ୍ତି, ସିନେ ଅଭିନେତ୍ରୀ ଅର୍ଚ୍ଚିତା ସାହୁ, ଇଣ୍ଡିଆନ ଅଏଲ୍ ଓଡିଶା ମୁଖ୍ୟ ଶୁଭଜିତ ଘୋଷ, ଗେଲ୍ ସିଜିଏମ୍ ଦୀନବନ୍ଧୁ ସୋରେନ, ଏଚ୍‌ପିସିଏଲ୍ ଏଲ୍‌ପିଜି ଡିଜିଏମ୍ ଧର୍ମେନ୍ଦ୍ର ବେହୁରା, ବିପିସିଏଲ୍‌ର ରାଜ୍ୟସ୍ତରୀୟ ଏଲ୍‌ପିଜି ସଂଯୋଜକ ଅନମୋଲ ବାରାଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଭେହିକ୍‌ଲ ସ୍କ୍ରାପେଜ୍‌କୁ ଉତ୍ସାହିତ କରିବେ ସରକାର

ନୂଆଦିଲ୍ଲୀ,୭।୨

ପୁରୁଣା ଏବଂ ପ୍ରଦୂଷଣ ସୃଷ୍ଟି କରୁଥିବା ଯାନ ହଟାଇ ନୂଆ ଯାନ ଗ୍ରହଣ କାର୍ଯ୍ୟକ୍ରମକୁ ସରକାର ଉତ୍ସାହିତ କରିବେ। ଏ କ୍ଷେତ୍ରରେ ସରକାର କେତେକ ବେନିଫିଟ ପ୍ରଦାନ କରିବେ ବୋଲି କେନ୍ଦ୍ର ସଡ଼କ ଏବଂ ପରିବହନ ମନ୍ତ୍ରୀ ନୀତିନ ଗଡକରୀ ରବିବାର କହିଛନ୍ତି। ସେ ପୁଣି କହିଛନ୍ତି, ଏହା ଭାରତୀୟ ଅଟୋମୋବାଇଲ କ୍ଷେତ୍ର ଲାଗି ଲାଭକାରୀ ହେବ। ଅଟୋମୋବାଇଲ ଶିଳ୍ପର କାରବାର ୧୦ ଲକ୍ଷ କୋଟିକୁ ବଢ଼ିବ। ବଜେଟରେ ସରକାର ସ୍ୱେଚ୍ଛାକୃତ ଭେହିକ୍‌ଲ ନୀତି ସମ୍ପର୍କରେ ଘୋଷଣା କରିଛନ୍ତି। କୋଭିଡ୍ ଯୋଗୁ ଭାରତୀୟ ଅଟୋମୋବାଇଲ ଶିଳ୍ପ ପ୍ରଭାବିତ ହୋଇରହିଛି। ନୂଆ ନୀତି ଅନୁସାରେ ବ୍ୟକ୍ତିଗତ ଯାନ ୨୦ ବର୍ଷ ପରେ ଏବଂ ବାଣିଜ୍ୟିକ ଯାନ ୧୫ ବର୍ଷ ପରେ ଫିଟ୍‌ନେସ ଯାଞ୍ଚ କରାଇବାକୁ ପଡିବ।

## ପ୍ଲାଟିନମ ଲଭ୍ ବ୍ୟାଣ୍ଡ୍‌ସର ଆକର୍ଷଣୀୟ କଲେକ୍ସନ

ଭୁବନେଶ୍ୱର, ୭।୨



ଭାଲେଣ୍ଟାଇନ୍ସ ଡେ ଉପଲକ୍ଷେ ପ୍ଲାଟିନମ ଲଭ୍ ବ୍ୟାଣ୍ଡ୍‌ସ ପକ୍ଷରୁ ଆକର୍ଷଣୀୟ କଲେକ୍ସନ ବଜାରକୁ ଆସିଛି। ଏଥିରେ ଗ୍ରାହକ ଡିଜାଇନ ବର୍ଣ୍ଣନା, ଜିଓମେଟ୍ରିକ ଡିଜାଇନ, ସୂକ୍ଷ୍ମ ମାର୍କିଂ, ଜଟିଳ ଶୈଳୀ, ସ୍ୱଚ୍ଛ ଲାଇନ, ମୂଲ୍ୟବାନ ପଥର, ଟ-ଟୋନ୍‌ଡ ପିସ୍ ଆଦି ସାମିଲ ରହିଛି। ଏହା ଦମ୍ପତିମାନଙ୍କର ଅନନ୍ୟ ଯାତ୍ରାକୁ ପାଳନ କରିଥାଏ। କଲେକ୍ସନଗୁଡିକ ୧୨୦୦ରୁ ଅଧିକ ଅଳଙ୍କାର ଷ୍ଟୋରରେ ଉପଲବ୍ଧ ହେଉଛି। ପ୍ଲାଟିନମରେ ନିର୍ମିତ ଏହି ଲଭ୍ ବ୍ୟାଣ୍ଡଗୁଡିକରେ ଡାଇମଣ୍ଡ ମୋଟିଫ ସାମିଲ ରହିଛି। ଏହାର ବୃତ୍ତାକାର ସଲିଟାୟାର ମୋଟିଫଗୁଡିକ ପ୍ଲାଟିନମର ପ୍ରାକୃତିକ ଧଳା ରଙ୍ଗ ବିରୋଧରେ ଉଜ୍ଜ୍ୱଳ ଭାବେ ଆଲୋକିତ ହୋଇଥାଏ। ବ୍ୟାଣ୍ଡଗୁଡିକ ଷ୍ଟ୍ରଙ୍ଗର ଲାଇନରେ ବିକଶିତ ହୋଇଥିବା ବେଳେ ଶକ୍ତି, ସ୍ଥିରତା, ସହାନୁଭୂତି ଏବଂ ଆଶାବାଦିତା ସହ ଆକର୍ଷଣୀୟ ହୋଇପାରିଛି। ଆକର୍ଷକ ଡିଜାଇନ ଗ୍ରାହକଙ୍କୁ ପ୍ରଦାନ କରିବା ଦିଗରେ କମ୍ପାନୀ ସର୍ବଦା ଉଦ୍ୟମ ଜାରି ରଖିଛି।

**ଖେଳ ଖବର**

# ଭୁବନେଶ୍ୱର ମିଡିଆ ସ୍ପୋର୍ଟ୍ସ କ୍ଲବ୍ ଚାମ୍ପିୟନ

ଭୁବନେଶ୍ୱର, ୭।୨(କ୍ରୀଡ଼ା ପ୍ରତିନିଧି)

**ସାମାଜିକ ବାର୍ତ୍ତା ନେଇ ଖେଳିଲେ ନେତା, ଅଭିନେତା, ଖବରଦାତା ଓ ସାମାଜିକ କର୍ମୀ**



ଚାମ୍ପିୟନ ଭୁବନେଶ୍ୱର ମିଡିଆ ସ୍ପୋର୍ଟ୍ସ କ୍ଲବର ଖେଳାଳିମାନେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

ସ୍ୱେଚ୍ଛାସେବୀ ସାମାଜିକ ସଂଗଠନ 'ୟୁଥ୍ ଫର୍ ଭଲ୍ୟୁଣ୍ଟାରି ୱାର୍କ' ଓ 'କର ଫାଉଣ୍ଡେଶନ୍' ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ୟୁନିଟ୍-୬ସ୍ଥିତ ପ୍ରଗତି ସ୍ପୋର୍ଟିଂ ପଡ଼ିଆରେ ରବିବାର ଦ୍ୱିତୀୟ 'ସେଲିବ୍ରିଟି ଚ୍ୟାରିଟି ଟେନିସ୍ ବଲ୍ କ୍ରିକେଟ୍' ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର ମିଡିଆ ସ୍ପୋର୍ଟ୍ସ କ୍ଲବ ଚାମ୍ପିୟନ ହୋଇଛି। ଫାଇନାଲରେ ମିଡ଼ିଆ ଦଳ ଅଭିନେତା ଏକାଦଶକୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଅଭିନେତା ଦଳ ନିର୍ଦ୍ଧାରିତ ୧୦ ଓଭରରେ ୬୮ ରନ କରିଥିବାବେଳେ ମିଡ଼ିଆ କ୍ଲବ ୬ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ପ୍ରଥମ ମ୍ୟାଚରେ ସମାଜସେବୀ ଦଳକୁ ମିଡିଆ ଓ ଦ୍ୱିତୀୟ ମ୍ୟାଚରେ ଲିଡର୍ସକୁ ଅଭିନେତା ଦଳ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ଖେଳାଳିମାନେ ରକ୍ତଦାନ ଜୀବନ ଦାନ, ଗଛ ଲଗାନ୍ତୁ ପରିବେଶ ବଞ୍ଚାନ୍ତୁ, ସଡ଼କ ସୁରକ୍ଷା ଜୀବନ ରକ୍ଷା, ମାନବ ସେବା ହିଁ ମାଧବ ସେବା ପ୍ରଭୃତି ଲେଖାଥିବା ଜର୍ସି ପରିଧାନ କରି ମ୍ୟାଚ ଖେଳିଥିଲେ।

ଏହି କାର୍ଯ୍ୟକ୍ରମରେ ଅତିଥି ରୂପେ ଜଣାଶୁଣା କ୍ରିକେଟର ସତ୍ୟରଞ୍ଜନ ଶତପଥୀ (ଜିତୁ), ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସର ଉପସଭାପତି ମହମ୍ମଦ ଅଲିମ୍, ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତା ତଥା କର ଫାଉଣ୍ଡେଶନର ଅଧ୍ୟକ୍ଷ ଚନ୍ଦନ କର, ସମାଜସେବୀ ରୁଦ୍ର ସାମନ୍ତରାୟ, ସତ୍ୟଭାମା ଦେବୀ କଲେଜର ଅଧ୍ୟକ୍ଷା ନିରଜା ଲକ୍ଷ୍ମୀ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଓଡ଼ିଆ ଚଳଚ୍ଚିତ୍ର ଜଗତର ସୁନାମଧନ୍ୟ ହାସ୍ୟାଭିନେତା ହାଡୁଭାଇ, ଚୌଧୁରୀ ଜୟପ୍ରକାଶ, ଶଙ୍କର ପ୍ରଧାନ, ଭିକାରୀ ଭାଇ, ରବି କୁମାର, ଜ୍ଞାନ ବାରିକ ପ୍ରମୁଖ ଅଂଶଗ୍ରହଣ କରି ଏହି ଅଭିନବ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅଭିନେତା ହର ରଥ ଓ ସମାଜବାଦୀ ପାର୍ଟି ରାଜ୍ୟ ସାଧାରଣ ସମ୍ପାଦକ ସୁଦର୍ଶନ ପ୍ରଧାନ ଯୋଗ ଦେଇଥିଲେ। ପ୍ରଗତି ସ୍ପୋର୍ଟିଂର ସଦସ୍ୟ ଟୁନା ସାହୁ ସହଯୋଗ କରିଥିଲେ। ୟୁଥ୍ ଫର୍ ଭଲ୍ୟୁଣ୍ଟାରୀ ୱାର୍କ ଅଧ୍ୟକ୍ଷ ମୀର ଅହମଦ୍ ଅଲ୍ଲୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

## ଯାଜପୁର, କନ୍ଧମାଳ ଚାମ୍ପିୟନ

ଭୁବନେଶ୍ୱର,୭।୨(ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ ସିଟି କ୍ଲବ ନୟାପଲ୍ଲୀ ଓ ଭୁବନେଶ୍ୱର ଫୁଟବଲ ଟେନିସ୍ ଆସୋସିଏଶନ ଆନୁକୂଲ୍ୟରେ ମମ୍‌ତାଜ ଅଲି ଖେଳ ପଡିଆରେ ରବିବାର ଚତୁର୍ଥ ବାର୍ଷିକ ନରେନ୍ଦ୍ର ଜେନା ସ୍ମାରକୀ ଫୁଟବଲ ଟେନିସ ଚାମ୍ପିୟନଶିପ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୁଷ ବିଭାଗରେ କନ୍ଧମାଳ ଜିଲା ୧୫-୦୬ ଏବଂ ୧୫-୧୦ ପଏଣ୍ଟରେ ଯାଜପୁର ଜିଲାକୁ ହରାଇ ଚାମ୍ପିୟନ ହୋଇଛି। ସେହିପରି ମହିଳା ବିଭାଗରେ ଯାଜପୁର ୧୫-୦୨, ୧୦-୧୫ ଓ ୧୫-୦୭ରେ ଭଦ୍ରକ ଜିଲାକୁ ହରାଇ ଚାମ୍ପିୟନ ହୋଇଛି। ପୁରସ୍କାର ବିତରଣୀ ଉତ୍ସବରେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଚାମ୍ପିୟନ ଓ ରନର୍ସଅପ ଦଳଗୁଡିକୁ ଟ୍ରଫି ପ୍ରଦାନ କରିଥିଲେ। ଶ୍ରେଷ୍ଠ ଖେଳାଳି ଭାବେ କନ୍ଧମାଳର ପପୁନା ସାହୁଙ୍କୁ ପୁରସ୍କୃତ କରାଯାଇଥିଲା।

## ଆରସିସି ୟଙ୍ଗଷ୍ଟାର ବିଜେତା

ଆନନ୍ଦପୁର, ୭।୨ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ଘସିପୁରା ବ୍ଲକ ଅଳତୀଠାରେ ଆୟୋଜିତ ୨୭ତମ ରାଜ୍ୟସ୍ତରୀୟ ଗୋଲଡେନ୍ କପ୍ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସର ଫାଇନାଲ ମ୍ୟାଚରେ ବାଲେଶ୍ୱର ୟୁ ଏଣ୍ଡ ମିକୁ ପରାସ୍ତ କରି ଆରସିସି ୟଙ୍ଗଷ୍ଟାର କଟକ ଚାମ୍ପିୟନ୍ ହୋଇଛି। କଟକ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରେ ୮ ଉଇକେଟ୍ ହରାଇ ୩୩୬ ରନ୍ ସଂଗ୍ରହ କରିଥିଲା। ଜବାବରେ ୟୁ ଏଣ୍ଡ ମି ୨୯.୪ ଓଭରରେ ସମସ୍ତ ଉଇକେଟ୍ ହରାଇ ୨୮୪ ରନ୍ କରିବାକୁ ସକ୍ଷମ ହୋଇଥିଲା। ଅଳତି ସ୍ପୋର୍ଟ୍ସ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ନାମେଣ୍ଟର ପୁରସ୍କାର ବିତରଣୀ ଉତ୍ସବରେ ରାଜ୍ୟ ଶିଳ୍ପ, ଶକ୍ତି ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଘସିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର, ଘସିପୁରା ବ୍ଲକ ପୂର୍ବତନ ଅଧ୍ୟକ୍ଷ ଦେବାଶିଷ ପାତ୍ର, ଆନନ୍ଦପୁର ଓକିଲ ସଂଘ ସଭାପତି ସଞ୍ଜୟ କୁମାର ମିଶ୍ର, ଜିଲା ପରିଷଦ ଉପାଧ୍ୟକ୍ଷ ଅକ୍ଷୟ କୁମାର ସାହୁ, ଜିଲା ଯୁବ ବିଜେଡି ସଭାପତି ରାକେଶ କୁମାର ରାମ, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଅଞ୍ଜନ କୁମାର ବେଜ, ଘସିପୁରା ବ୍ଲକ ବିଜେଡି ସଭାପତି ମନ୍ମଥ ରାଉତ, ଓଡିଶା ମୋ ପରିବାର ଜିଲା ସଂଯୋଜକ ପ୍ରଦୀପ ସାହୁ, ରାଜ୍ୟ ଛାତ୍ର ବିଜେଡି ସାଧାରଣ ସମ୍ପାଦକ ସୌମ୍ୟରଞ୍ଜନ ରାଉତ, ସିନେ ତାରକା ସୂର୍ଯ୍ୟମୟୀ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ୍ ଓ ରନର୍ସ ଅପ ଦଳକୁ ପୁରସ୍କୃତ କରିଥିଲେ। ଆରସିସି ୟଙ୍ଗଷ୍ଟାର କଟକ୍‌ର ପ୍ରଶାନ୍ତ ସାହୁ ମ୍ୟାନ ଅଫ ଦି ମ୍ୟାଚ ଓ ସିରିଜ ବିଜେତା ଭାବେ ପୁରସ୍କୃତ ହୋଇଥିଲେ।

## ସାହାଣୀ କପ୍ ଫୁଟବଲ: କଟକର ବୃହତ ବିଜୟ

ସୁନ୍ଦରଗଡ଼, ୭।୨(ଡି.ଏନ୍.ଏ.)

ଫୁଟବଲ ଆସୋସିଏଶନ୍ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ସୁନ୍ଦରଗଡରେ ଆୟୋଜିତ ୬୧ତମ ସାହାଣୀ କପ୍ ଫୁଟବଲ ଚାମ୍ପିୟନଶିପ୍‌ର ରବିବାର ଦ୍ୱିତୀୟ ଦିବସରେ ୬ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ତସଲାଡ଼ିହିଠାରେ ନବନିର୍ମିତ ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଅନୁଷ୍ଠିତ ପ୍ରଥମ ମ୍ୟାଚକୁ ଜିଲାପାଳ ନିଖିଲ ପଡ୍‌ନ କଲ୍ୟାଣ ଉଦ୍‌ଘାଟନ କରିଥିଲେ। ଏଥିରେ ବୌଦ୍ଧ ଓ ଯାଜପୁର ଦଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ବୌଦ୍ଧ ୧-୦ ଗୋଲରେ ବିଜୟୀ ହୋଇଛି। ଦ୍ୱିତୀୟ ମ୍ୟାଚ୍‌କୁ ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ ମୁଖ୍ୟ ଅତିଥି ଓ ତଳସରା ବିଧାୟକ ଭବାନୀଶଙ୍କର ଭୋଇ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ବଲପୁର ଓ ଜଗତ୍‌ସିଂହପୁର ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ସମ୍ବଲପୁର ଦଳ ଜଗତ୍‌ସିଂହପୁରକୁ ୩-୧ ଗୋଲରେ ହରାଇ ବିଜୟୀ ହୋଇଛି। ସେପଟିବାହାଲ ଗୋପବନ୍ଧୁ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚକୁ ସୁନ୍ଦରଗଡ଼ ଏସ୍‌ପି ସାଗରିକା ନାଥ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଠାରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ବଲାଙ୍ଗୀର ଦଳ ଖୋର୍ଦ୍ଧାକୁ ଭେଟିଥିଲା। ଏଥିରେ ୫-୧ ଗୋଲରେ ବଲାଙ୍ଗୀର ବିଜୟୀ ହୋଇଥିଲା। ଏଠାରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ ଭୁବନେଶ୍ୱର ଏବଂ ଗଞ୍ଜାମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଭୁବନେଶ୍ୱର ୬-୦ରେ ବିଜୟୀ ହୋଇଥିଲା। କିର୍ଣ୍ଣୀ ବିଜୁ ପଟ୍ଟନାୟକ ଷ୍ଟାଡିୟମଠାରେ ଅନୁଷ୍ଠିତ ମ୍ୟାଚ୍‌କୁ ସଦର ଉପଜିଲାପାଳ ଅଭିମନ୍ୟୁ ବେହେରା ଉଦ୍‌ଘାଟନ କରିଥିଲେ। ଏଠାରେ କଟକ ଓ କେନ୍ଦୁଝର ମଧ୍ୟରେ ଖେଳ ହୋଇଥିଲା। ଏଥିରେ କଟକ ଦଳ ୭-୦ ଗୋଲରେ କେନ୍ଦୁଝରକୁ ହରାଇଛି। ସେହିପରି ସୁନ୍ଦରଗଡ ଭବାନୀପୁର ସ୍ପୋର୍ଟର୍ସ କମ୍ପ୍ଲେକ୍ସ ଷ୍ଟାଡିୟମଠାରେ ଅନୁଷ୍ଠିତ ମ୍ୟାଚକୁ ଜିଲା ମଙ୍ଗଳ ଅଧିକାରୀ ସୁନୀଲ ତାଣ୍ଡି ଉଦ୍‌ଘାଟନ କରିଥିଲେ। ଏଥିରେ ଅନୁଗୋଳ ଦଳ ନୟାଗଡ଼କୁ ୧-୦ ଗୋଲରେ ପରାଜିତ କରିଛି।

## ଜାମସେଦପୁରକୁ ହରାଇଲା ଇଷ୍ଟବେଙ୍ଗଲ

ମାର୍ଗାଓ, ୭।୨ (ପି.ଟି.)

ଚଳିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ରେ ରବିବାର ଖେଳାଯାଇଥିବା ପ୍ରଥମ ମ୍ୟାଚରେ ଏସ୍‌ସି ଇଷ୍ଟବେଙ୍ଗଲ ୨-୧ ଗୋଲ୍‌ରେ ଜାମସେଦପୁର ଏଫ୍‌ସିକୁ ହରାଇ ଦେଇଛି। ପାଖାପାଖି ଏକ ମାସ ବ୍ୟବଧାନରେ ଦଳର ଏହା ପ୍ରଥମ ବିଜୟ। କୋଲକାତାଭିତ୍ତିକ ଏହି ଦଳ ବର୍ତ୍ତମାନ ୧୬ ପଏଣ୍ଟ ସହ ପଏଣ୍ଟ ଟେବୁଲର ୯ମ ସ୍ଥାନକୁ ଉନ୍ନୀତ ହୋଇଛି। ରବିବାର ହାଇଦ୍ରାବାଦ ଓ ନର୍ଥଇଷ୍ଟ ୟୁନାଇଟେଡ୍ ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ ଗୋଲଶୂନ୍ୟ ଭାବେ ଶେଷ ହୋଇଛି।

## ଉତ୍କଳିକା ସ୍ପୋର୍ଟିଂକୁ ଟାଇଟଲ

ଭଣ୍ଡାରିପୋଖରୀ, ୭।୨ (ଡି.ଏନ.ଏ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଯଶୋଟିକିରି ଖେଳପଡ଼ିଆରେ ଚାଲିଥିବା ମହାବୀର କପ୍ କ୍ରିକେଟ ଟୁର୍ନାମେଣ୍ଟର ଗ୍ରାଣ୍ଡ ଫାଇନାଲ ମ୍ୟାଚ୍‌ରେ ଇଲେଭେନ ଷ୍ଟାର ଯାଜପୁରକୁ ହରାଇ ଉତ୍କଳିକା ସ୍ପୋର୍ଟିଂ ବାସୁଦେବପୁର ଚାମ୍ପିୟନ ହୋଇଛି। ଉତ୍କଳିକା ସ୍ପୋର୍ଟିଂ ଟସ୍ ଜିତି ନିର୍ଦ୍ଧାରିତ ୨୫ ଓଭରରେ ୯ ଉଇକେଟ ହରାଇ ୧୯୧ ରନ୍ କରିଥିଲା। ଦଳ ପକ୍ଷରୁ ଅଲେଖ ବେହେରା ୬୨ ଓ ମାନସ ମହାଲିକ ୪୭ ରନ୍ କରିଥିବା ବେଳେ ପ୍ରତିପକ୍ଷ ବୋଲର ବିନୋଦ ବାରିକ ୫ ଓଭରରେ ୩୨ ରନ୍ ଦେଇ ୪ ଉଇକେଟ ଅକ୍ତିଆର କରିଥିଲେ।

ଇଲେଭେନ ଷ୍ଟାର ୨୩.୧ ଓଭରରେ ୧୪୨ ରନ୍ କରି ଅଲ୍‌ଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ସତ୍ୟ ସାଗର ମହାନ୍ତି ୩୩ ଓ ଜ୍ଞାନ ରଞ୍ଜନ ସ୍ୱାଇଁ ୨୮ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ପର୍ଶୁରାମ ବାରିକ ୫ ଓଭରରେ ୧୯ ରନ୍ ଦେଇ ୩ ଉଇକେଟ ଓ ହିତେଶ କାଗା ୫ ଓଭର ୧୯ ରନ୍ ଦେଇ ୩ ଉଇକେଟ ନେଇଥିଲେ। କାଳନ୍ଦୀ ପଣ୍ଡା, ଦୁର୍ଗାପ୍ରସାଦ ପଟ୍ଟନାୟକ ଅମ୍ପାୟାର, ମହେଶ୍ୱର ରାଉତ ଓ ଅସିତ୍ ରାଉତରାୟ ସ୍କୋରର ଥିଲେ। ପ୍ରତ୍ୟୁଷ ସାହୁ ଓ ପ୍ରଦୀପ ଜେନା ଧାରା ବିବରଣୀ ପ୍ରଦାନ କରିଥିଲେ। ବିଶିଷ୍ଟ ପାଲାଗାୟକ ହରିହର ପଲାଇଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା, ଅନ୍ୟତମ ଅତିଥି ବିଧାୟକ ପ୍ରଫୁଲ୍ଲ ସାମଲ, ମୁଖ୍ୟବକ୍ତା ପୂର୍ବତନ ସରପଞ୍ଚ ତପସ୍ୱିନୀ ଜେନା, ସରପଞ୍ଚ ବଦ୍ରିନାରାୟଣ ରାଉତ, ବନମାଳି ପୃଷ୍ଟି, ହରେକୃଷ୍ଣ ପ୍ରଧାନ, ଗୋଲକ ବେହେରା, ପ୍ରତାପ ରାଉତ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ଟ୍ରଫି ସହ ନଗଦ ଅର୍ଥ ଦେଇ ପୁରସ୍କୃତ କରିଥିଲେ।




ଅତିଥିଙ୍କ ଗହଣରେ ଟ୍ରଫି ସହ ଚାମ୍ପିୟନ ଟିମ୍।



ବଲିଉଡ ଅଭିନେତ୍ରୀ ଅନୁଷ୍କା ଶର୍ମା ଝିଅ ହେବା ପରେ ପୁଣିଥରେ ଚର୍ଚ୍ଚାରେ ଅଛନ୍ତି। ଏଥର ଅନୁଷ୍କା କୌଣସି ଫଟୋ, ଭିଡିଓ କିମ୍ବା ଫିଲ୍ମ ପାଇଁ ନୁହେଁ ବରଂ ସ୍ୱଚ୍ଛ ଭାରତ ଅଭିଯାନରେ ଭାଗ ନେଇ ଚର୍ଚ୍ଚାରେ ଅଛନ୍ତି। ଅନୁଷ୍କା ତାଙ୍କ ଫିଲ୍ମ ସେଟରେ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ପଦକ୍ଷେପ ନେଇଛନ୍ତି। ଅନୁଷ୍କା କହିଛନ୍ତି, ପରିବେଶକୁ ବଞ୍ଚାଇବା ଆଜିର ସମୟରେ ସବୁଠାରୁ ବଡ ଆବଶ୍ୟକତା। ଫିଲ୍ମ ଶିଳ୍ପ ଏହି ଦିଗରେ ସହଯୋଗ କରିପାରିବ। ସଚେତନତା ପ୍ରସାର ପାଇଁ ଫିଲ୍ମ ଆଗେଇ ଆସିବା ଉଚିତ୍ ବୋଲି ସେ କହିଛନ୍ତି। 'କ୍ଲିନ ସ୍ଲେଟ ଫିଲ୍ମସ' ପ୍ରଡକ୍ସନ ହାଉସରେ ଅନୁଷ୍କାଙ୍କ ଭାଇ ତଥା ସହଯୋଗୀ କର୍ଣ୍ଣେଶ ଶର୍ମା ଏହା ମଧ କହିଛନ୍ତି ଯେ, ସେ ଏବଂ ଅନୁଷ୍କା 'କ୍ଲିନ ସ୍ଲେଟ ଫିଲ୍ମ' ଆରମ୍ଭ କରିଛନ୍ତି।

# ଦୁର୍ମୂଲ୍ୟ 'ଆଣ୍ଟିମ୍ୟାଟର'

**ମୂଲ୍ୟବାନ ପଦାର୍ଥ କହିଲେ ସୁନା, ହୀରାର ଛବି ସାମ୍ନାକୁ ଆସିଥାଏ। ହେଲେ ପୃଥିବୀରେ ଏପରି ପଦାର୍ଥ ମହଜୁଦ ରହିଛି ଯାହାକୁ କୌଣସି ଗୋଟିଏ ଦେଶ କିଣିବା ବା ବୈଜ୍ଞାନିକ ପଦ୍ଧତିରେ ପ୍ରସ୍ତୁତି କରିବା କଷ୍ଟକର। 'ଆଣ୍ଟିମ୍ୟାଟର' ଭାବେ ଜଣାଶୁଣା ଏହି ଜିନିଷର ୧ ଗ୍ରାମ୍‌ର ମୂଲ୍ୟ ୯୦ ଟ୍ରିଲିୟନ ବା ୬୫ ଲକ୍ଷ କୋଟି ଟଙ୍କାରୁ ଅଧିକ ହେବ। ମାତ୍ର ୧ ଗ୍ରାମ୍ ଆଣ୍ଟିମ୍ୟାଟର ବଦଳରେ ଛୋଟ ଛୋଟ ଶହେ ଦେଶକୁ କିଣିହେବ।**



**ନୂଆଦିଲ୍ଲୀ:** ଦୁନିଆର ସବୁଠାରୁ ଦାମୀ ପଦାର୍ଥ ଭାବେ ଜଣା 'ଆଣ୍ଟିମ୍ୟାଟର' ଉପରୁ ସମ୍ପୂର୍ଣ୍ଣ ଭାବେ ପରଦା ଉଠାଇପାରିନାହାନ୍ତି ଗବେଷକ। ଏବେ ବି ଏହାର ସୃଷ୍ଟି ଓ ପ୍ରକୃତି ରହସ୍ୟମୟ। ହେଲେ ଏହା ବିଷୟରେ ଯେତିକି ଜଣାଯାଇଛି ତାହା ବେଶ ରୋଚକ। ପଦାର୍ଥର ବିପରୀତ ଗୁଣାବଳୀ ବହନ କରୁଥିବାରୁ ଏହାର ବ୍ୟବହାରରେ ଅସାଧ କାର୍ଯ୍ୟ ମଧ ସମ୍ଭବ।

ପରମାଣୁକୁ ନେଇ ଗଠିତ ହୋଇଥାଏ ପଦାର୍ଥ। ଏକ ପରମାଣୁରେ ୩ ମୌଳିକ କଣିକା ରହିଥାଏ। ପରମାଣୁର କେନ୍ଦ୍ର ବା ନ୍ୟୁକ୍ଲିୟସରେ ପ୍ରୋଟନ ଓ ନ୍ୟୁଟ୍ରନ ଏବଂ ବାହାରେ ଇଲେକ୍ଟ୍ରୋନ ଥାଏ। ପ୍ରୋଟନ ଯୁକ୍ତାତ୍ମକ ଚାର୍ଜ ବହନ କରୁଥିବାବେଳେ ଇଲେକ୍ଟ୍ରୋନ୍ ବିଯୁକ୍ତାତ୍ମକ ଏବଂ ନ୍ୟୁଟ୍ରନର କୌଣସି ଚାର୍ଜ ନ ଥାଏ। ହେଲେ ଆଣ୍ଟିମ୍ୟାଟର ଠିକ୍ ଏହାର ବିପରୀତ। ଅର୍ଥାତ ଏକ ଆଣ୍ଟିମ୍ୟାଟର ଆଣ୍ଟି–ଇଲେକ୍ଟ୍ରୋନ, ଆଣ୍ଟି–ପ୍ରୋଟନ ଓ ନ୍ୟୁଟ୍ରନକୁ ନେଇ ଗଠିତ। ଆଣ୍ଟି–ଇଲେକ୍ଟ୍ରୋନ ପଜିଟିଭ୍ ବା ଯୁକ୍ତାତ୍ମକ ଚାର୍ଜ ଏବଂ ଆଣ୍ଟି–ପ୍ରୋଟନ ନେଗେଟିଭ୍ ଚାର୍ଜ ବହନ କରିଥାଏ। ବିଗ୍ ବ୍ୟାଙ୍ଗ ପରେ ମ୍ୟାଟର ଓ ଆଣ୍ଟିମ୍ୟାଟର ଏକ ସଙ୍ଗେ ସୃଷ୍ଟି ହୋଇଥିଲେ ହେଁ ପରେ ଆଣ୍ଟିମ୍ୟାଟର ଗାଏବ ହୋଇଯାଇଥିବା କୁହାଯାଏ। ଏହାର କାରଣ ଆଜି ପର୍ଯ୍ୟନ୍ତ ବୈଜ୍ଞାନିକମାନେ ଖୋଜି ପାଇନାହାନ୍ତି। ପୃଥିବୀ ବାହାରେ ଏହାର ଉପସ୍ଥିତି ଉପରେ ଗବେଷଣା ଜାରି ରହିଛି। କୃତ୍ରିମ ଭାବେ ଲାବରେଟୋରିରେ ଅଧିକ ମାତ୍ରାରେ ଏହାର ପ୍ରସ୍ତୁତି କରାଯିବାକୁ ଉଦ୍ୟମ ଜାରି ରହିଛି। ଆମେରିକାର ମହାକାଶ ଗବେଷଣା ସଂସ୍ଥା ନାସା ନିକଟରେ ମଧ ଆଣ୍ଟିମ୍ୟାଟର ମହଜୁଦ ରହିଛି। ମାତ୍ର ୧ ଗ୍ରାମ୍ ଆଣ୍ଟିମ୍ୟାଟରର ମୂଲ୍ୟ ପାଖପାଖି ୬୫ ଲକ୍ଷ କୋଟି ଟଙ୍କା ହୋଇଥିବାରୁ ଏହାର ବ୍ୟାପକ ପ୍ରସ୍ତୁତି ସହଜ ହୋଇପାରିନି।

ବ୍ରିଟିଶ ଭୌତିକଶାସ୍ତ୍ରୀ ପଲ୍ ଡିରାକ ପ୍ରଥମେ ଏହା ଉପରେ ଥିଓରି ପ୍ରକାଶ କରିଥିଲେ। ଦୁନିଆରେ ସମସ୍ତ ପଦାର୍ଥର ପ୍ରତିଛବି ବା ମିରର ଇମେଜ ଥାଏ ବୋଲି ସେ ଥିଓରୀରେ ଦର୍ଶାଇଥିଲେ। ସେହି ଅନୁସାରେ ମ୍ୟାଟରର ବିପରୀତ ଧର୍ମ ବହନ କରୁଥିବା ଆଣ୍ଟିମ୍ୟାଟରର ଉପସ୍ଥିତି ସମ୍ପର୍କିତ ତତ୍ତ୍ୱ ଉପରେ ଗବେଷଣା ଜାରି ରଖିଥିଲେ। ଏଥିପାଇଁ ତାଙ୍କୁ ନୋବେଲ ପୁରସ୍କାରରେ ସମ୍ମାନିତ କରାଯାଇଥିଲା।

## କ'ଣ କରିପାରେ ଆଣ୍ଟିମ୍ୟାଟର

ବୈଜ୍ଞାନିକଙ୍କ କହିବା ମୁତାବକ, ଏକ ଆଣ୍ଟିମ୍ୟାଟର ବିପୁଳ ଶକ୍ତିର ଉତ୍ସ। ଯଦି ଗୋଟିଏ ମ୍ୟାଟର ବା ପଦାର୍ଥ ଆଣ୍ଟିମ୍ୟାଟର ସାମ୍ନାକୁ ଆସିଥାଏ, ପରସ୍ପର ମଧ୍ୟରେ ଧକ୍କା ହୋଇ ଉଭୟ ନଷ୍ଟ ହୋଇଯାଆନ୍ତି ଏବଂ ସେଥିରୁ ପ୍ରଚୁର ମାତ୍ରାରେ ଶକ୍ତି ଉତ୍ପନ୍ନ ହୋଇଥାଏ। ଅଲ୍ଟ୍ରା ହାଇ ସ୍ପିଡ୍ କଲିଜନ ଦ୍ୱାରା ଆଣ୍ଟିମ୍ୟାଟର ପ୍ରସ୍ତୁତ କରିହେବ। ଏହା ମଧ୍ୟରେ ଥିବା ଶକ୍ତିକୁ ବାହ୍ୟ ଗ୍ରହକୁ ଯିବା ପାଇଁ ଉଦ୍ଦିଷ୍ଟ ବିମାନରେ ବ୍ୟବହାର କରାଯାଇପାରିବ। ଏଥିସହ ଏହା ଦ୍ୱାରା ବ୍ରହ୍ମାଣ୍ଡରେ ଥିବା ଅନେକ ଅଜଣା ତତ୍ତ୍ୱ ଉପରେ ଗବେଷଣା ସହଜ ହୋଇପାରିବ ବୋଲି ଗବେଷକଙ୍କ ମତ। ଅନ୍ୟପକ୍ଷରେ ଯଦି କୌଣସି ଦେଶ ବିପୁଳ ମାତ୍ରାରେ ଆଣ୍ଟିମ୍ୟାଟରର ପ୍ରସ୍ତୁତି ଓ ଗଚ୍ଛିତ କରିବାରେ ସଫଳ ହୁଅନ୍ତି ତେବେ ତାହାର ଦୁରୁପଯୋଗର ମଧ ଆଶଙ୍କା ରହିଛି। ଏଥିରୁ ପ୍ରସ୍ତୁତ ଅସ୍ତ୍ର ପୃଥିବୀରେ ଥିବା ସବୁଠାରୁ ଶକ୍ତିଶାଳୀ କୌଣସି ବୋମାର ସଫଳ ସାମ୍ନା କରିବାର କ୍ଷମତା ରଖିଥିବା ରିସର୍ଚ୍ଚରମାନେ ଦାବି କରିଛନ୍ତି।

## ଲେହେଙ୍ଗାରେ ମଲାଇକାଙ୍କ ଗ୍ଲାମର୍ସ ପୋଜ୍



**ମୁମ୍ବାଇ:** ବଲିଉଡ ନାୟିକା ମଲାଇକା ଆରୋରା ତାଙ୍କ ଭିନ୍ନ ଅନ୍ଦାଜ ପାଇଁ ବେଶ ପରିଚିତ। ଆଉ ତାଙ୍କର ଫ୍ୟାଶନ ସେନ୍ସ ସମସ୍ତଙ୍କ ହୃଦୟ ଜିତିବାରେ ଏକ ନମ୍ବର । ସେଥିପ ଲେହେଙ୍ଗାରେ ମଲାଇକାଙ୍କ ଗ୍ଲାମର୍ସ ପୋଜ୍ ପାଇଁ ବୋଧହୁଏ ତାଙ୍କର ବହୁ ପ୍ରଶଂସକ ରହିଛନ୍ତି। ସେ ତାଙ୍କ ଲୁକ୍ସ ପାଇଁ ସୋସିଆଲ ମିଡିଆରେ ଛାଇ ହୋଇ ରହିଥାଆନ୍ତି। ଜମ୍ପ ସୁଟ, ମିନି ଡ୍ରେସ ବା ଲେହେଙ୍ଗା ସବୁଥିରେ ଯେମିତି ଫିଟ ଲାଗନ୍ତି ମଲାଇକା। ନିକଟରେ ଅଭିନେତ୍ରୀ ଡିଜାଇନର ଅର୍ପିତା ମେହେଟାଙ୍କ କଲେକ୍ସନ ପିନ୍ଧି ଦେଇଥିବା ଗ୍ଲାମରସ ପୋଜ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ସେ ତାଙ୍କ ଆଉଟଫିଟ୍‌କୁ ମୋନୋଟୋନ ରଫଲ୍ଡ ଦୁପଟ୍ଟା ସହ କ୍ୟାରି କରିଛନ୍ତି। ଏହାସହ ସେ ମାଙ୍ଗଟିକା ବି ପିନ୍ଧିଛନ୍ତି। ନିଜର ଗ୍ଲାମର୍ସ ଲୁକ ପାଇଁ ଆଖିକୁ ବୋଲ୍ଡ ସ୍ମୋକି ଲୁକ ଦେଇଛନ୍ତି । ଯାହା ଆକର୍ଷଣର କେନ୍ଦ୍ର ପାଲଟିଛି । ମଲାଇକାଙ୍କର ଏମିତି କିଛି ଫଟୋ ମୋନିକା ହରିସିଙ୍ଗାନି ସୋସିଆଲ ମିଡିଆରେ ଶେୟାର କରିଛନ୍ତି । ଗୌରବ ଗୁପ୍ତା ଏହି ଲେହେଙ୍ଗାର ଡିଜାଇନ କରିଥିବା ବେଳେ ଏହାର ଦାମ ରହିଛି ୨,୨୫,୦୦୦ଟଙ୍କା ।

## ୧୮୦ ବର୍ଷ ବଞ୍ଚିବାକୁ 'ବାୟୋହ୍ୟାକିଂ'




**ୱାଶିଂଟନ୍:** ଆମେରିକାର ଉଦ୍ୟୋଗୀ ଡେଭ୍ ଆସ୍‌ପ୍ରେ ଅତିକମ୍‌ରେ ୧୮୦ ବର୍ଷ ବଞ୍ଚିବାକୁ ଇଚ୍ଛାରେ ନିଜ ଅସ୍ଥି ମଜ୍ଜା (ବୋନ୍ ମ୍ୟାରୋ)ରୁ ଷ୍ଟେମ୍ କୋଷିକା ବାହାର କରି ଏହାକୁ ନିଜ ଶରୀରରେ ପୁନଃରୋପଣ କରିଛନ୍ତି। ସମ୍ପୂର୍ଣ୍ଣ ସୁସ୍ଥ ଓ ଯୁବ ରହିବାକୁ ଚାହୁଁଥିବା ଡେଭ୍ ଏଥିପାଇଁ ପ୍ରାୟ ୭.୪ କୋଟି ଟଙ୍କା ଖର୍ଚ୍ଚ କରିସାରିଲେଣି। ଏହା ଏକ ପ୍ରକାର କୋଷିକା ଯେଉଁଠୁ ବିଭିନ୍ନ ପ୍ରକାରର ସେଲ ସୃଷ୍ଟି ହୋଇଥାନ୍ତି ଏବଂ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ସେଥିରୁ ଜନ୍ମ ହୋଇଥାଏ। ଏହି ପ୍ରକ୍ରିୟାକୁ ଡେଭ୍ 'ବାୟୋହ୍ୟାକିଂ' ନାମ ଦେଇଛନ୍ତି। ତାଙ୍କ କହିବା ଅନୁଯାୟୀ, ଯୁବାବସ୍ଥାରେ ଆମ ଶରୀରରେ କୋଟି କୋଟି ସଂଖ୍ୟାରେ ଷ୍ଟେମ ସେଲ ରହିଥାଏ। ବୟସ ବଢ଼ିବା ସହ ଏଗୁଡ଼ିକର ସଂଖ୍ୟା କମିବାରେ ଲାଗିଥାଏ। ଫଳରେ ଆମେ ବୁଢ଼ା ହୋଇଥାଉ। କିନ୍ତୁ ଷ୍ଟେମ ସେଲ ଟ୍ରାନ୍ସପ୍ଲାଣ୍ଟ ଏଭଳି ଏକ ପ୍ରକ୍ରିୟା ଯାହାଦ୍ୱାରା ଶରୀରରେ ନୂଆ ଅଙ୍ଗପ୍ରତ୍ୟଙ୍ଗ ପୁନଃ ସୃଷ୍ଟି ହୋଇପାରିବ ଏବଂ ଜଣେ ଆହୁରି ଅଧିକ ବର୍ଷ ପର୍ଯ୍ୟନ୍ତ ବଞ୍ଚିପାରିବ। ଜଣେ ଚାହିଁଲେ ନିଜ ଯୁବାବସ୍ଥାରେ ଏହି ପ୍ରକ୍ରିୟା ଆପଣାଇପାରିବ ବୋଲି ସେ ପ୍ରକାଶ କରିଛନ୍ତି।

### ଜାତୀୟ/ଅନ୍ତର୍ଜାତୀୟ

# ସରକାର ଆଲୋଚନା ପାଇଁ ପ୍ରସ୍ତୁତ

ନୂଆଦିଲ୍ଲୀ, ୭।୨



ପୀୟୂଷ ଗୋୟଲ

ଆନ୍ଦୋଳନରତ ଚାଷୀଙ୍କ ସହ ଆଲୋଚନା ପୁଣିଥରେ ଆରମ୍ଭ କରିବା ପାଇଁ ସରକାର ପ୍ରସ୍ତୁତ ଥିବା କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋୟଲ ରବିବାର କହିଛନ୍ତି। ବାରମ୍ବାର ପ୍ରସ୍ତାବ ସତ୍ତ୍ୱେ କୃଷକ ସଂଗଠନଗୁଡ଼ିକ ଏପର୍ଯ୍ୟନ୍ତ କୌଣସି ପକ୍କା ପ୍ରସ୍ତାବ ନେଇ ଆସୁ ନ ଥିବା ସେ ସୂଚନା ଦେଇଛନ୍ତି। ଆଲୋଚନା ପାଇଁ ସରକାର ଏକ ଫୋନ୍ କଲ୍‌କୁ ଅପେକ୍ଷା କରିଛନ୍ତି ବୋଲି ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ। ଏହା ସତ୍ତ୍ୱେ କେହି ଜଣେ ବି ଫୋନ୍ କଲ୍ କଲେନାହିଁ। ସରକାର କୃଷକ ପ୍ରସଙ୍ଗରେ ସମ୍ବେଦନଶୀଳ ଓ ଆଲୋଚନା ପାଇଁ ପ୍ରସ୍ତୁତ ଥିବା ଏକ ଖବରଦାତା ସମ୍ମିଳନୀରେ ଗୋୟଲ କହିଛନ୍ତି। ତେବେ ସେମାନଙ୍କୁ କେତେକ ପ୍ରସଙ୍ଗରେ ବିଭ୍ରାନ୍ତ କରାଯାଉଛି। ଚାଷୀମାନଙ୍କୁ ଦ୍ୱନ୍ଦ୍ୱରେ ପକାଇବାରେ କେତେଜଣ ସଫଳ ହୋଇଛନ୍ତି। ସରକାର ଆଇନର ଶବ୍ଦରେ ପରିବର୍ତ୍ତନ କରିବା ସହ ଏହାକୁ ୧୮ ମାସ ସ୍ଥଗିତ ରଖିବାକୁ ପ୍ରସ୍ତାବ ଦେଇଥିଲେ। ସରକାର ତାରିଖ ପରେ ତାରିଖ ନୁହେଁ ପ୍ରସ୍ତାବ ପରେ ପ୍ରସ୍ତାବ ଦେଇଥିବା କେନ୍ଦ୍ରମନ୍ତ୍ରୀ କହିଛନ୍ତି।

## ଚାଷୀଙ୍କ ସହ ପ୍ରଧାନମନ୍ତ୍ରୀ କଥା ହୁଅନ୍ତୁ: ପାୱାର

ମୁମ୍ବାଇ, ୭।୨(ପି.ଟି.)

ନୂଆ କୃଷି ଆଇନ ବିରୋଧରେ ଦୀର୍ଘଦିନ ହେଲା ଆନ୍ଦୋଳନ ଜାରି ରହିଥିବାବେଳେ ଅଚଳାବସ୍ଥା ଦୂର କରିବାକୁ ହେଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କ୍ୟାବିନେଟର ବରିଷ୍ଠ ସଦସ୍ୟ ରାଜନାଥ ସିଂ, ନୀତୀନ ଗଡ଼କରୀ ପ୍ରମୁଖ ଆନ୍ଦୋଳନରତ କୃଷକ ସଂଗଠନ ସହ ଆଲୋଚନା କରନ୍ତୁ ବୋଲି ରବିବାର ଏନ୍‌ସିପି ଅଧକ୍ଷ ଶରଦ ପାୱାର ପ୍ରସ୍ତାବ ଦେଇଛନ୍ତି। ବିଚାରବିମର୍ଶ ମାଧ୍ୟମରେ କୃଷି ଆଇନକୁ ନେଇ ରହିଥିବା ମତପାର୍ଥକ୍ୟ ଦୂର ହୋଇପାରିବ ବୋଲି ସେ କହିଛନ୍ତି। ପୀୟୂଷ ଗୋୟଲ ମୁମ୍ବାଇ ଲୋକ। ସେ ଚାଷ ବିଷୟରେ କ'ଣ ଜାଣନ୍ତି ତାହା ମୋ ଧାରଣା ଭିତରେ ନାହିଁ ବୋଲି ପାୱାର କହିଥିଲେ। କୃଷି ରାଜ୍ୟ ପ୍ରସଙ୍ଗ ହୋଇଥିବାରୁ ରାଜ୍ୟ ସରକାରଙ୍କ ସହ ପରାମର୍ଶ କରି ଆଇନ କାର୍ଯ୍ୟକାରୀ କରିବା ଆବଶ୍ୟକ ବୋଲି ଏନ୍‌ସିପି ନେତା କହିଥିଲେ।

## ନିଜକୁ ହିନ୍ଦୁ କହିଲେ ମୀନା ହାରିସ୍



**ୱାଶିଂଟନ୍, ୭।୨:** ଦିଲ୍ଲୀରେ କୃଷକ ଆନ୍ଦୋଳନକୁ ସମର୍ଥନ କରି ଚର୍ଚ୍ଚାରେ ଥିବା ଆମେରିକା ଉପରାଷ୍ଟ୍ରପତି କମଲା ହାରିସ୍‌ଙ୍କ ଝିଆରୀ ମୀନା ହାରିସ୍ ଟ୍ରୋଲ୍‌ର ଶିକାର ହୋଇଛନ୍ତି। ଏପରିକି ଟୁଇଟର ବ୍ୟବହାରକାରୀ ତାଙ୍କୁ ଟୁଇଟ କରି 'ହିନ୍ଦୁ ଫୋବିୟା' ବୋଲି କହିଥିଲେ। ନିଜ ହିନ୍ଦୁ ଫୋବିୟା ଚରିତ୍ରକୁ ପ୍ରକାଶ କରିଥିବାରୁ ଧନ୍ୟବାଦ। ହିନ୍ଦୁ ଧର୍ମୀୟ ଲୋକେ ବିରୋଧ କରୁଥିବାରୁ ତୁମେ ତାଙ୍କୁ ଘୃଣା କର ବୋଲି ସମ୍ପୃକ୍ତ ବ୍ୟକ୍ତି ଟୁଇଟରରେ ଲେଖିଥିଲେ। ଏହି ଟୁଇଟ୍‌ର ଜବାବ ରଖିଛନ୍ତି ମୀନା ହାରିସ୍। ମୁଁ ଜଣେ ହିନ୍ଦୁ। ଫାଶୀବାଦ ଲୁଚାଇବା ପାଇଁ ଧର୍ମର ବ୍ୟବହାର କରିବା ବନ୍ଦ କର ବୋଲି ହାରିସ୍ ଟୁଇଟରେ ଲେଖିଛନ୍ତି।

## ଟିକ୍ରି ସୀମାରେ ଚାଷୀଙ୍କ ଆତ୍ମହତ୍ୟା

ନୂଆଦିଲ୍ଲୀ, ୭।୨

ଦିଲ୍ଲୀର ଟିକ୍ରି ସୀମାରେ ଦୁଇମାସରୁ ଊର୍ଦ୍ଧ୍ୱ ଚାଷୀ ଆନ୍ଦୋଳନ ଜାରି ରହିଥିବାବେଳେ ରବିବାର ସକାଳେ ସେଠାରୁ ଜଣେ ୫୨ ବର୍ଷୀୟ ଚାଷୀଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ମିଳିଛି। ବସ୍‌ଷ୍ଟାଣ୍ଡ ନିକଟ ଏକ ଗଛରେ ସେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ତାଙ୍କ ନାଁ କର୍ମବୀର ସିଂ ଓ ଘର ହରିୟାଣାର ଜିନ୍ଦ୍ ସହରରେ ବୋଲି ଜଣାପଡ଼ିଛି। ସୁଇସାଇଡ୍ ନୋଟ୍‌ରେ ସେ ଲେଖିଛନ୍ତି, ସରକାର ତାରିଖ ପରେ ତାରିଖ ଦେଇଚାଲିଛି। କଳା ଆଇନ କେବେ ରଦ୍ଦ ହେବ ତାହାର କୌଣସି ସୂଚନା ନାହିଁ।

## ସନି ଲିଓନିଙ୍କ ନାଁରେ ମାମଲା

ଥିରୁଭାନନ୍ତପୁରମ୍, ୭।୨



**୨୯ ଲକ୍ଷ ଠକେଇ ଅଭିଯୋଗ**
**କୋଚି କ୍ରାଇମବ୍ରାଞ୍ଚର ଜେରା**

ବଲିଉଡ୍ ଅଭିନେତା ସନି ଲିଓନିଙ୍କ ନାଁରେ ୨୯ ଲକ୍ଷ ଟଙ୍କାର ଠକେଇ ମାମଲା ରୁଜୁ କରିଛି କେରଳ ପୋଲିସ। କୋଚି କ୍ରାଇମବ୍ରାଞ୍ଚ ତାଙ୍କୁ ଏ ନେଇ ପଚରାଉଚରା କରିଛି। ଏକ ଇଭେଣ୍ଟ ମ୍ୟାନେଜମେଣ୍ଟ କମ୍ପାନୀ ପକ୍ଷରୁ ସନିଙ୍କ ନାଁରେ ଅଭିଯୋଗ କରାଯାଇଛି। ୨୦୧୯ରେ ଭାଲେଣ୍ଟାଇନ ଡେ କାର୍ଯ୍ୟକ୍ରମ ପାଇଁ ସନି ୨୯ ଲକ୍ଷ ଟଙ୍କା ନେଇଥିଲେ ମଧ ଇଭେଣ୍ଟ କରି ନ ଥିବା ଅଭିଯୋଗରେ ଦର୍ଶାଯାଇଛି। କିନ୍ତୁ ପଚରାଉଚରାବେଳେ ସନି କହିଛନ୍ତି, ୫ଟି କାର୍ଯ୍ୟକ୍ରମ ପାଇଁ ସେ ୧୨ ଲକ୍ଷ ଟଙ୍କା ନେଇଥିଲେ। ହେଲେ ବାରମ୍ବାର ଇଭେଣ୍ଟ ସମୟ ବଦଳିଥିଲା। ସେ ଦୁଇ ଥର ଏଥିରେ ଯୋଗଦେବାକୁ ଆସିଥିଲେ ହେଁ କାର୍ଯ୍ୟକ୍ରମ ଆୟୋଜନ ହୋଇ ନ ଥିଲା। ଏଥିଯୋଗୁ ସେ ସେହି ଇଭେଣ୍ଟରେ ପ୍ରଦର୍ଶନ କରିପାରି ନ ଥିଲେ ବୋଲି ସନି ସଫେଇ ଦେଇଛନ୍ତି।

## ବାମ ସରକାରର ସଂସ୍କରଣ ଟିଏମ୍‌ସି

ନୂଆଦିଲ୍ଲୀ, ୭।୨

**ମମତାଙ୍କ ଉପରେ ବର୍ଷିଲେ ମୋଦି**



ରାଲିରେ ପ୍ରଧାନମନ୍ତ୍ରୀ ଜନସାଧାରଣଙ୍କୁ ହାତ ହଲାଇ ଅଭିନନ୍ଦନ ଜଣାଉଛନ୍ତି।

ପଶ୍ଚିମବଙ୍ଗର ସାମ୍ପ୍ରତିକ ସ୍ଥିତି ପାଇଁ ସେଠାର ରାଜନୀତିକୁ ଦାୟୀ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। କେବଳ ଭାଜପା ବେଙ୍ଗଲରେ ଅସଲ ପରିବର୍ତ୍ତନ ଆଣିପାରିବ ବୋଲି ସେ କହିଛନ୍ତି। ରବିବାର ହଳଦିଆଠାରେ ଏକ ରାଜନୈତିକ ର୍ୟାଲିକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଥିଲେ, ମମତା ବାନାର୍ଜୀ ସରକାର ପଶ୍ଚିମବଙ୍ଗରେ ବାମଦଳ ସରକାରର ଦ୍ୱିତୀୟ ସଂସ୍କରଣ। ମମତାଙ୍କ ଶାସନରେ ସାମ୍ପ୍ରଦାୟିକତାର ପୁନର୍ଜନ୍ମ ହୋଇଛି। ରାଜ୍ୟରେ ରାଜନୀତିର ଅପରାଧୀକରଣ ଏବଂ ପ୍ରଶାସନର ରାଜନୀତିକରଣର ଏହା ସୂଚନା । ନନ୍ଦିଗ୍ରାମରେ ଯେଉଁମାନେ ଗୁଳି ଚଳାଇଥିଲେ ସେମାନଙ୍କୁ କ'ଣ ପାଇଁ ମମତା ନିଜ ଦଳରେ ନେଇଛନ୍ତି, ତାହା ଟିଏମ୍‌ସିକୁ ପ୍ରଶ୍ନ କରିବାକୁ ରାଜ୍ୟବାସୀ ଚାହାନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

'ଭାରତ ମାତା କୀ ଜୟ' କହିଲେ ମମତା ଦିଦି ରାଗୁଛନ୍ତି। କିନ୍ତୁ ଦେଶ ବିରୋଧରେ କହୁଥିବା ଲୋକଙ୍କ ପ୍ରତି ତାଙ୍କର କୌଣସି ପ୍ରତିକ୍ରିୟା ନାହିଁ। ଯୋଗ, ଭାରତରେ ପ୍ରସ୍ତୁତ ଚା' ଏବଂ ଅନ୍ୟାନ୍ୟ ସାମଗ୍ରୀ ବିରୋଧରେ ଷଡ଼ଯନ୍ତ୍ର ଚାଲିଥିବାବେଳେ ମମତା ମୁହଁ ଖୋଲୁ ନ ଥିବା ମୋଦି କହିଥିଲେ। ନିର୍ବାଚନ ହେବାକୁ ଥିବା ପଶ୍ଚିମବଙ୍ଗକୁ ଏହା ଥିଲା ପ୍ରଧାନମନ୍ତ୍ରୀଙ୍କର ଦ୍ୱିତୀୟ ଗସ୍ତ। ସେ ହଳଦିଆରେ ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିଃ ଦ୍ୱାରା ନିର୍ମିତ ଏଲ୍‌ପିଜି ଆମଦାନି ଟର୍ମିନାଲକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ କରିଥିଲେ। ଏହା ପୂର୍ବରୁ ଜାନୁୟାରୀ ୨୩ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମବାର୍ଷିକୀ ଅବସରରେ ଆୟୋଜିତ ପରିକ୍ରମା ଦିବସ ଉତ୍ସବରେ ପ୍ରଧାନମନ୍ତ୍ରୀ ଯୋଗ ଦେଇଥିଲେ।

ରବିବାର ପ୍ରଧାନମନ୍ତ୍ରୀ ପ୍ରଥମେ ଆସାମ ଯାଇ ସେଠାରେ ଦୁଇଟି ହସ୍ପିଟାଲର ଶିଳାନ୍ୟାସ କରିବା ସହ ସୋନିତ୍‌ପୁର ଜିଲାର ଢେକିଆଜୁଲିଠାରେ 'ଆସୋମ୍ ମାଳା' କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।

ମନେ ପଡ଼ନ୍ତି
ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ଁ ଭୁବନେଶ୍ୱର ପ୍ରଧାନ
ଆବିର୍ଭାବ: ୧୩.୧୧.୧୯୪୪
ତିରୋଧାନ: ୨୯.୦୧.୨୦୨୧
ଗ୍ରାମ– କଣ୍ଢଳ, ଦେବଗଡ
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ବିନମ୍ର ଶ୍ରଦ୍ଧାଞ୍ଜଳି ।
–: ଶୋକ ସନ୍ତପ୍ତ :–
ପୁଅ/ବୋହୂ– ପିଣ୍ଟୁ–ରଞ୍ଜୁ, ଲିଟୁ–ଲିଟି, ନାତି/ନାତୁଣୀ– କ୍ରିତ୍, ଖୁସି, କ୍ରିସ୍, ସାନୁ, ଷ୍ଟେଫି, ସୁଇଟି, ବବଲ୍, ଝିଅ/ଜ୍ୱାଇଁ– ନମିତା–ଅକ୍ଷୟ, ନନ୍ଦିତା– ପ୍ରମୋଦ, ପିଙ୍କି– ପ୍ରେମା ତଥା ପ୍ରଧାନ ପରିବାର ବର୍ଗ ।
ଧ–୧୯୮୮୪


# ଏପିଲେପ୍‌ସୀ ବୃତ୍ତାନ୍ତ



ଡା. ନିତ୍ୟାନନ୍ଦ ସ୍ୱାଇଁ



ପ୍ରତିବର୍ଷର ଫେବୃୟାରୀ ଦ୍ୱିତୀୟ ସୋମବାର ପାଳିତ ହୋଇଥାଏ ଅନ୍ତର୍ଜାତୀୟ ଅପସ୍ମାର ଦିବସ (ଇଣ୍ଟରନ୍ୟାଶନାଲ ଏପିଲେପ୍‌ସୀ ଡେ')। ଏ ସମ୍ପର୍କିତ ବିଷୟକୁ ନେଇ ଉପସ୍ଥାପନା...






ଅପସ୍ମାର ବା ଏପିଲେପ୍‌ସୀ ଏକ ପ୍ରକାର ମସ୍ତିଷ୍କ ରୋଗ। ଏହାକୁ 'ମୃଗୀରୋଗ' ବୋଲି ମଧ୍ୟ କହନ୍ତି। ଏହି ରୋଗରେ ଆକ୍ରାନ୍ତ ବ୍ୟକ୍ତିଙ୍କୁ ସାଧାରଣତଃ ବାରମ୍ବାର ହଠାତ ବାତ ମାରିଥାଏ। ରୋଗୀଠାରେ ମାଂସପେଶୀଗୁଡ଼ିକର ଘନଘନ ଆକସ୍ମିକ ସଙ୍କୋଚନ ହେବା ସଙ୍ଗେ ସଙ୍ଗେ ସେ ମୂର୍ଚ୍ଛା ଯାଇପାରେ। ମସ୍ତିଷ୍କସ୍ଥ ସ୍ନାୟୁକୋଷର କାର୍ଯ୍ୟଧାରାର ବିଘ୍ନ ତଥା ବିଶୃଙ୍ଖଳା ସୃଷ୍ଟି ହିଁ ଏଭଳି ଲକ୍ଷଣ ପ୍ରକାଶ ପାଇବାର କାରଣ। ଏହି ରୋଗ ସମ୍ପର୍କରେ ବହୁ ପୂର୍ବରୁ ଜଣା। ଇତିହାସ ପୃଷ୍ଠାରୁ ଜଣାପଡ଼େ ଯେ ରୋମାନ ଜେନେରାଲ ଓ ଶାସକ ଜୁଲିଅସ ସିଜର ଗ୍ରୀକବୀର ଆଲେକ୍‌ଜାଣ୍ଡାର ଏବଂ ଫ୍ରାନ୍ସର ସମ୍ରାଟ ନେପୋଲିୟନ କୁଆଡ ଥିଲେ ଏପିଲେପ୍‌ସୀ ରୋଗୀ। ଏପିଲେପ୍‌ସୀ ଶବ୍ଦଟି ଆସିଛି ଗ୍ରୀକ ଶବ୍ଦ ଏପିଲେପ୍‌ସିଆରୁ। ଏପିଲେପ୍‌ସିଆର ଅର୍ଥ ହଠାତ୍ କବଳିତ କରି ପକେଇବା। ପୃଥିବୀରେ ରହିଛନ୍ତି ପାଖାପାଖି ୫କୋଟି ଏପିଲେପ୍‌ସୀ ରୋଗୀ। ଜନସାଧାରଣଙ୍କଠାରେ ଏପିଲେପ୍‌ସୀ ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ନିମନ୍ତେ ପ୍ରତିବର୍ଷର ଫେବୃୟାରୀ ମାସ ଦ୍ୱିତୀୟ ସୋମବାର ଦିନ ପାଳିତ ହୋଇଥାଏ 'ଅନ୍ତର୍ଜାତୀୟ ଅପସ୍ମାର ଦିବସ' ବା 'ଇଣ୍ଟରନ୍ୟାଶନାଲ ଏପିଲେପ୍‌ସୀ ଡେ'।

**ଏପିଲେପ୍‌ସୀ କଅଣ ଓ କାହିଁକି ବାତମାରେ:** ବାତ ମାରିବାକୁ 'ଫିଟ୍ସ' ବୋଲି କହନ୍ତି। ଡାକ୍ତରୀ ଭାଷାରେ କହନ୍ତି 'ସଜର' କିମ୍ବା 'କନ୍‌ଭଲ୍‌ସନ'। ସାଧାରଣ ଭାବରେ ଦେଖିଲେ ମସ୍ତିଷ୍କର ସ୍ନାୟୁକୋଷମାନ ସଦାସର୍ବଦା ସକ୍ରିୟ। ସେମାନେ ସେକେଣ୍ଡକୁ ଅନ୍ତତଃ ଅଶୀଥର ସ୍ନାୟୁସଙ୍କେତ ପ୍ରେରଣ କରିଥାନ୍ତି। ସେକେଣ୍ଡ ପ୍ରତି ପାଖାପଖି ୮୦ଥର ସ୍ନାୟୁସଙ୍କେତ ପ୍ରେରଣ କରିବା ମସ୍ତିଷ୍କ ପାଇଁ କୌଣସି ସମସ୍ୟା ସୃଷ୍ଟି କରି ନ ଥାଏ। କିନ୍ତୁ ଯେଉଁମାନଙ୍କଠାରେ ଏପିଲେପ୍‌ସୀ ଥାଏ ସେମାନଙ୍କ କ୍ଷେତ୍ରରେ ଏହି ସଙ୍କେତ ପ୍ରେରଣ ସେକେଣ୍ଡ ପ୍ରତି ୮୦ରେ ସୀମିତ ନ ରହି ହଠାତ୍ ୫୦୦ କିମ୍ବା ତତୋଧିକ ସ୍ତରକୁ ଉଠିଯାଏ। ସଙ୍କେତ ପ୍ରେରଣରେ ଅତି ସକ୍ରିୟତାର ଏପରି ସ୍ଥିତି ଉପୁଜିଲେ ପ୍ରକାଶ ପାଇଥାଏ ବାତମାରିବା ଲକ୍ଷଣ। ମସ୍ତିଷ୍କର କେଉଁ ଅଂଶରେ ଏହି ଅସ୍ୱାଭାବିକତା ଜାତ ହୋଇଛି ତା'ଉପରେ ନିର୍ଭର କରି ସୃଷ୍ଟି ହୋଇପାରେ ଅଲଗା ଅଲଗା ଲକ୍ଷଣ।

**ରୋଗର କାରଣ:** ଅଧାଅଧି ରୋଗୀଙ୍କ କ୍ଷେତ୍ରରେ ରୋଗର କୌଣସି କାରଣ ଠଉରେଇ ହୁଏ ନାହିଁ। ଅବଶିଷ୍ଟ କ୍ଷେତ୍ରରେ ମସ୍ତିଷ୍କର କୋମଳ ବିଦ୍ୟୁତ ରାସାୟନିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡେ। ଯେପରି କି ମୁଣ୍ଡରେ ଜୋରରେ ମାଡ଼ ବାଜିଲେ, ଶିଶୁ ଜନ୍ମ ସମୟରେ ତା' ପାଇଁ ଅମ୍ଳଜାନର ଅଭାବ ହେଲେ, ମସ୍ତିଷ୍କରେ ପ୍ରଦାହ ହେଲେ କି ମସ୍ତିଷ୍କରେ ଅର୍ବୁଦ ବା ଟ୍ୟୁମର ହୋଇଥିଲେ ଏପିଲେପ୍‌ସୀର ଲକ୍ଷଣମାନ ପ୍ରକାଶ ପାଇଥାଏ। ଏପିଲେପ୍‌ସୀର ମଧ୍ୟ ରହିଛି ବଂଶଗତ ପ୍ରଭାବ। ଏପିଲେପ୍‌ସୀ ରହିଥିବା ଦୁଇଟି ପରିବାର ବିବାହ ସମ୍ପର୍କରେ ଜଡିତ ହୋଇପଡିଲେ ସନ୍ତାନମାନଙ୍କୁ ଏପିଲେପ୍‌ସୀ ହେବାର ଆଶଙ୍କା ଅଧିକ। ତେବେ ଯେ କୌଣସି ବ୍ୟକ୍ତି ଜୀବନରେ କୌଣସି ସମୟରେ ଏହି ରୋଗର ଶିକାର ହୋଇପାରନ୍ତି।

**ଲକ୍ଷଣ:** ଏପିଲେପ୍‌ସୀ ଏକାଧିକ ପ୍ରକାରର। ପ୍ରକାରକୁ ଚାହିଁ ଲକ୍ଷଣ ଭିନ୍ନ ଭିନ୍ନ ହେବା ସ୍ୱାଭାବିକ। ମାତ୍ର ଏଠାରେ କେବଳ ସାଧାରଣ ଲକ୍ଷଣଗୁଡିକ ସମ୍ପର୍କରେ ଉଲ୍ଲେଖ କରାଯାଉଛି। କିନ୍ତୁ ବାତ ମାରିବା ଲକ୍ଷଣଟି ହିଁ ପ୍ରଧାନ ଓ ଏହା ଅନେକ ରୋଗୀଙ୍କ କ୍ଷେତ୍ରରେ ପରିଲକ୍ଷିତ ହୋଇଥାଏ। ବାତ ମାରିବା ଆରମ୍ଭ ହେବା ପୂର୍ବରୁ ଯେଉଁ ସବୁ ସୂଚନା ପ୍ରକାଶ ପାଇପାରେ, ତାକୁ ଡାକ୍ତରୀ ଭାଷାରେ 'ଅରା' ବୋଲି କହନ୍ତି। ଗନ୍ଧ ଛାଡିବାର କିଛି କୁଆଡେ ସୂଚନା ନ ଥାଇ ହଠାତ୍ ଗନ୍ଧ ବାରିବାର ଅନୁଭବ ହେବା, କୌଣସି ସୋର ଶବ୍ଦ ନ ଥାଇ ହଠାତ୍ ଶବ୍ଦ ଶୁଣିବାରୁ ଅନୁଭବ ହେବା, ପାଟି ଭିତରେ କିଛି ନ ଥାଇ ଆକସ୍ମିକ ଭାବେ ସ୍ୱାଦ ଅନୁଭବ କରିବା, କୌଣସି ଅସ୍ୱସ୍ତି ନ ଥାଇ ପେଟରେ ହଠାତ୍ ଅସ୍ୱସ୍ତି ଅନୁଭବ କରିବା, ଆଖି ସାମ୍ନାରେ ହଠାତ୍ ଆଲୁଅ ଚକ୍‌ମକ କରିବା ଇତ୍ୟାଦି ହେଉଛି 'ଅରା'ର କେତୋଟି ଉଦାହରଣ। ଅତ୍ୟଧିକ ମାନସିକ ଚାପ, କ୍ରୋଧ, ନୈରାଶ୍ୟ, ବିରକ୍ତି ଏବଂ ଟେଲିଭିଜନ ପରଦାରେ ଦୃଶ୍ୟ ପରିବର୍ତ୍ତନ ଭଳି କାରକ ମସ୍ତିଷ୍କସ୍ଥ ସ୍ନାୟୁ କୋଷିକାଗୁଡିକରେ କିପରି ମାତ୍ରାଧିକ ବିଦ୍ୟୁତ ଆବେଗ ଜାତ କରିଥାଏ, ତାହା ଏଯାବତ୍ ଜଣାନାହିଁ। ତେବେ ଅରା ବା ପୂର୍ବାଭାସ ହେଉଛି ବାତ ମାରିବାର ପ୍ରାକ୍ ସତର୍କ ସୂଚନା। ଏହି ସୂଚନା ଅନୁଭବ କରିବା ମାତ୍ରେ କାଳବିଳମ୍ବ ନ କରି ରୋଗୀ ବାତ ମାରିବା ସମ୍ପର୍କିତ ନିରାପତ୍ତାମୂଳକ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ସାବଧାନ ହୋଇଯିବା ଉଚିତ।

ଗୋଟିଏ ପ୍ରକାରର ଏପିଲେପ୍‌ସୀରେ ରୋଗୀ ମସ୍ତିଷ୍କସ୍ଥ ସମଗ୍ର ସ୍ନାୟୁ ପରିପଥ ସମାନ ସମୟରେ ଆକ୍ରାନ୍ତ ହୋଇପଡନ୍ତି। ଫଳରେ ରୋଗୀ ଏକ ଅଦ୍‌ଭୁତ ଶବ୍ଦ କରି ଅଚେତ ହୋଇ ପଡେ। ତା'ର ସମସ୍ତ ଶରୀର ନାଠି ଭଳି ଟାଣ ହୋଇଯାଏ। କେତେକ ମାଂସପେଶୀରେ ପ୍ରକାଶ ପାଏ ଘନ ଘନ ସଂକୋଚନ ବା ବାତମାରିବା ଲକ୍ଷଣ। ରୋଗୀର ଦାନ୍ତ ଜାବ ପଡିପାଇଯାଇପାରେ, ଜିଭ କାମୁଡି ହୋଇଯାଇପାରେ। ଲୁଗାପଟାରେ ଆପେ ଆପେ ଝାଡା ପରିସ୍ରା ହୋଇଯାଇପାରେ। ବାତ ମାରିବା ଲକ୍ଷଣ ଅଳ୍ପ କେଇ ସେକେଣ୍ଡ କି ମିନିଟ୍ ରହି ପରେ ପରେ ଶରୀର ଶିଥିଳ ହୋଇଯାଏ। ରୋଗୀ ଭ୍ରମିତ ହୋଇପଡେ। ପରେ ସେ ଘଣ୍ଟାଏ ଖଣ୍ଡେ ଧରି ଶୋଇଯାଏ ଗାଢ଼ ନିଦରେ। ତା'ର ମୁଣ୍ଡ ବଥେଇପାରେ। ଅଳ୍ପ କିଛି ମିନିଟ୍ ପୂର୍ବରୁ ଯେ ଏପରି ଏକ ଘଟଣା ଘଟିଯାଇଛି, ରୋଗୀ ଏହା ଆଦୌ ମନେ ପକେଇପାରେନି। ଅନ୍ୟ ଏକ ପ୍ରକାର ଏପିଲେପ୍‌ସୀ ମୁଖ୍ୟତଃ ପରିଲକ୍ଷିତ ହୁଏ ପିଲାମାନଙ୍କଠାରେ। ରୋଗୀ ହଠାତ୍ ଚୁପ୍ ହୋଇ ରହିଯାଏ। ବୋକାଙ୍କ ଭଳି ଚାହିଁ ରହେ। ଆଖି ମିଟିମିଟି କରେ। ମାଂସପେଶୀ ବାରମ୍ବାର ସଙ୍କୁଚିତ ହୋଇ ଦିନମାନ ଭିତରେ ଏକାଧିକ ଥର ବାତ ମାରିପାରେ। ସୁତରାଂ ଏହାଦ୍ୱାରା ପିଲାର ପାଠପଢ଼ା ବ୍ୟାହତ ହୋଇପଡ଼ିବା ସ୍ୱାଭାବିକ। ସମୟେ ସମୟେ ବାତ ମାରିବା ଲକ୍ଷଣ ଏତେ ଚଞ୍ଚଳ ପ୍ରକାଶ ପାଇ ଏତେ ଚଞ୍ଚଳ ଚାଲିଯାଇପାରେ ଯେ ରୋଗୀ ନିଜେ ବି ତାହା ବାରିପାରେନି। ତେବେ ଏପିଲେପ୍‌ସୀରେ ବାତ ମାରିବା ଲକ୍ଷଣ ଅତି ଅଳ୍ପକ୍ଷଣ ସ୍ଥାୟୀ। କିନ୍ତୁ ବାତମାରିବା କିଛି ସେକେଣ୍ଡ କି ମିନିଟ ଭିତରେ ବନ୍ଦ ନ ହୋଇ ୩୦ ମିନିଟରୁ ଅଧିକ ସମୟ ଅବ୍ୟାହତ ରହିଲେ କି ରୋଗୀ ଅଚେତ ଅବସ୍ଥାରେ ରହି ମଧ୍ୟ ଏକାଧିକ ଥର ବାତ ମାରିବାର ଶିକାର ହୋଇଥିଲେ, ଆଦୌ ଡେରି ନ କରି ରୋଗୀକୁ ହସ୍‌ପିଟାଲ ନେଇଯିବା ନିରାପଦ।

**ପରୀକ୍ଷାନିରୀକ୍ଷା :** ରୋଗ ନିର୍ଣ୍ଣୟ ପାଇଁ କରାଯାଉଥାଏ ଇଲେକ୍ଟ୍ରୋଏନ୍‌ସେଫାଲୋଗ୍ରାଫି ବା ଇ.ଇ.ଜି., ଭିଡିଓ ଇଇଜି, ମୁଣ୍ଡର ଏକ୍ସ-ରେ, ମସ୍ତିଷ୍କର ସିଟି ସ୍କାନ୍, ଏମ୍‌ଆଇ ସ୍କାନ୍, ପି.ଇଟି. ସ୍କାନ, ରେଡ଼ିଓଆଇସୋଟୋପ୍ ସ୍କାନିଂ ଏବଂ ମ୍ୟାଗ୍ନେଟୋଏନ୍‌ସେଫାଲୋଗ୍ରାଫି ଆଦି ପରୀକ୍ଷା।

**ଚିକିତ୍ସା :** ଏପିଲେପ୍‌ସୀର ପ୍ରକାର ବିବିଧ। ଏହାର ଚିକିତ୍ସା ପାଇଁ ଏକାଧିକ ଔଷଧ ଉପଲବ୍ଧ। ତେଣୁ ସ୍ନାୟୁରୋଗ ବିଶେଷଜ୍ଞଙ୍କ ପରାମର୍ଶରେ ଚିକିତ୍ସିତ ହେବା ବିଜ୍ଞତାର କାର୍ଯ୍ୟ। ଚିକିତ୍ସା କରିବା ନିମନ୍ତେ ବିଶେଷଜ୍ଞ ଡାକ୍ତର ରୋଗୀର ଜୟସ, ଲିଙ୍ଗ, ବୃତ୍ତି, ଆନୁଷଙ୍ଗିକ ବ୍ୟାଧି ଓ ଲକ୍ଷଣଗୁଡ଼ିକ ବିଚାରକୁ ନେଇଥାନ୍ତି। ଔଷଧ ଚାଲୁ ରଖିବା କି ବନ୍ଦ କରିଦେବା ନିଷ୍ପତ୍ତି ଗ୍ରହଣ କରିଥାନ୍ତି। ପିଲାବେଳେ ବାତ ମାରିବା ଲକ୍ଷଣ ପ୍ରକାଶ ପାଇଥିଲେ, ବୟସ ବଢ଼ିବା ସଙ୍ଗେ ସଙ୍ଗେ ବାତ ମାରିବା ଧୀରେ ଧୀରେ କମି କମି ପୂରାପୂରି ବନ୍ଦ ହୋଇଯିବା କିଛି ଅସମ୍ଭବ ନୁହେଁ। ତେବେ ନିୟମିତ ଚିକିତ୍ସା ସତ୍ତ୍ୱେ ଅନ୍ତତଃ ଏକ ଚତୁର୍ଥାଂଶ ରୋଗୀଙ୍କ କ୍ଷେତ୍ରରେ ଯେତେ ଯାହା ଔଷଧ ଦେଲେ ବି ଚିକିତ୍ସା ବିଶେଷ ଫଳବତୀ ହୋଇ ନ ଥାଏ। ସୀମିତ କ୍ଷେତ୍ରରେ ଅପରେସନ ଚିକିତ୍ସାର ମଧ୍ୟ ସାହାଯ୍ୟ ନିଆଯାଇପାରେ।

-'ଅଭୀପ୍‌ସା', ସେକ୍ଟର-୬, ପ୍ଲଟ୍ ନଂ-୧୧୩୧, ଅଭିନବ ବିଡ଼ାନାସୀ, କଟକ, ମୋ:୮୩୨୮୯୭୫୧୧୮

## ହାଇଟେକ୍ ଡିଭାଇସ୍



ଆଜିକାଲି ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଦିନକୁ ଦିନ ନୂଆ ନୂଆ କଥା ଉଦ୍ଭାବିତ ହେଉଛି। ଫଳରେ ଅନେକ ରୋଗର ଚିକିତ୍ସା ପ୍ରଣାଳୀ ସରଳ ହେବାରେ ଲାଗିଛି। ତେବେ ରୋଗ ନିରୂପଣ ପାଇଁ ଆଉ ଏକ ସରଳ ଉପାୟ ଖୋଜି ପାଇବାରେ ସକ୍ଷମ ହୋଇଛନ୍ତି ଡେନମାର୍କର ବିଶେଷଜ୍ଞମାନେ। ସେମାନେ ପ୍ରସ୍ତୁତ କରିଥିବା ଏକ ଡିଭାଇସ୍‌ରୁ ସ୍ୱାସ୍ଥ୍ୟ ସମ୍ପର୍କିତ ସୂଚନା ମିଳିପାରିବ ବୋଲି ଦୃଢ଼ୋକ୍ତି ବ୍ୟକ୍ତ କରିଛନ୍ତି। ଏହି ନୂତନ ଉଦ୍ଭାବିତ ଡିଭାଇସ୍‌କୁ ଏକ ବ୍ୟାଣ୍ଡ ସହ ସଂଯୁକ୍ତ କରାଯାଇଥାଏ। ତାରବିହୀନ ଉକ୍ତ ଡିଭାଇସ୍‌ରୁ ପ୍ରେରିତ ସ୍ୱାସ୍ଥ୍ୟ ସମ୍ପର୍କିତ ସୂଚନାକୁ କମ୍ପ୍ୟୁଟର ମନିଟରରେ ଦେଖି କେତେକ ରୋଗକୁ ନିରୂପଣ କରାଯାଇପାରିବ ବୋଲି ପ୍ରକାଶିତ ରିପୋର୍ଟରୁ ଜଣାପଡିଛି। ବିଶେଷଭାବରେ ବ୍ଲଡପ୍ରେସର, ହୃଦସ୍ପନ୍ଦନ ଏପରି କି ରକ୍ତରେ ସୁଗାର ପରିମାଣକୁ ସହଜରେ ଜାଣିହେବ ବୋଲି ଉକ୍ତ ଦେଶର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି।

ରୋଗୀକୁ ବାତ ମାରିବାବେଳେ ତା' ପାଖରୁ ଚେୟାର, ଟେବୁଲ ଭଳି କଠିନ ଜିନିଷପତ୍ର ଏବଂ ଧାରୁଆ ଓ ମୁନିଆ ପଦାର୍ଥ ତୁରନ୍ତ ହଟେଇ ନେବା ଉଚିତ। ମୁଣ୍ଡ ଯେପରି ଚଟାଣରେ ବାଡ଼େଇ ନ ହେବ, ସେଥିପାଇଁ ମୁଣ୍ଡତଳେ ନରମ ପତଳା ତକିଆ ରଖିବା ନିରାପଦ...

## ବାତ ମାରିବା ସମୟରେ...

ଅପସ୍ମାର ଏକ ବାତ। ଏହି ବାତ ମାରିବା ସମୟରେ ହିଁ ରୋଗୀ ଉପରେ ନିଘା ରଖି ପ୍ରତିକାର କରିବା ପାଇଁ ପଡ଼େ। ବାତ ମାରିଲେ ରୋଗୀ ଢୁଲ୍‌କରି ପଡ଼ିଯାଇପାରେ। ତା'ର ଦେହ ଓ ମୁଣ୍ଡ ନିକଟରେ ରହିଥିବା କୌଣସି କଠିନ ପଦାର୍ଥରେ ହଠାତ୍ ବାଡ଼େଇ ହୋଇଯାଇପାରେ। ତେଣୁ ରୋଗୀକୁ ବାତ ମାରିବାବେଳେ ତା' ପାଖରୁ ଚେୟାର, ଟେବୁଲ ଭଳି କଠିନ ଜିନିଷପତ୍ର ଏବଂ ଧାରୁଆ ଓ ମୁନିଆ ପଦାର୍ଥ ତୁରନ୍ତ ହଟେଇ ନେବା ଉଚିତ। ମୁଣ୍ଡ ଯେପରି ଚଟାଣରେ ବାଡ଼େଇ ନ ହେବ, ସେଥିପାଇଁ ମୁଣ୍ଡତଳେ ନରମ ପାଇଁ ପରାମର୍ଶ ଦିଅନ୍ତୁ। ରୋଗୀର ବାତ ମାରିବା ବନ୍ଦ ହୋଇ ଚେତା ଫେରିଆସିଲେ ତାକୁ ସାନ୍ତ୍ୱନା ଦିଅନ୍ତୁ। ବ୍ୟସ୍ତ ନ ହେବା ପାଇଁ ବୁଝାନ୍ତୁ। କିନ୍ତୁ ବାତ ମାରିବା ବନ୍ଦ ନ ହେଲେ, ବାରମ୍ବାର ବାତ ମାରିଲେ କିମ୍ବା ଚେତା ନ ଫେରିଲେ ଆମ୍ବୁଲାନ୍ସ ଡକେଇ ରୋଗୀକୁ ତୁରନ୍ତ ହସ୍‌ପିଟାଲକୁ ନେଇଯାଆନ୍ତୁ। ପ୍ରଥମ ଥର ବାତ ମାରିଲେ ଡାକ୍ତରଙ୍କ ସହ ପରାମର୍ଶ କରିବା ଅପରିହାର୍ଯ୍ୟ। ଏପିଲେପ୍‌ସୀ ରୋଗୀ ସ୍ୱାଭାବିକ ଜୀବନ ନିର୍ବାହ କରିପାରିବେ ଓ ଏଥିପାଇଁ ସେମାନଙ୍କୁ ଉତ୍ସାହିତ କରାଯିବା ଉଚିତ। ଅଧିକାଂଶ ରୋଗୀ ବି ସାଧାରଣ ବ୍ୟାୟାମ, କ୍ରୀଡ଼ାକସରତ ଓ



ପତଳା ତକିଆ ରଖିବା ନିରାପଦ। ବାତ ମାରିବା ବନ୍ଦ କରିବା ପାଇଁ ରୋଗୀକୁ ମାଡ଼ିବସି ଧରିବା ନିରାପଦ ନୁହେଁ। ରୋଗୀକୁ କଡ଼ମାଡ଼ି ଶୁଆଇଦେଲେ ତା'ର ଶ୍ୱାସକ୍ରିୟା ସାବଲୀଳ ରହେ। ତା'ର ବେକ ଓ ଅଣ୍ଟା ପାଖରୁ ବୋତାମ କି ଗଣ୍ଠି ଫିଟେଇ ଢ଼ିଲା କରିଦେବା ଆବଶ୍ୟକ। ତା'ର ପାଟିରେ କୌଣସି କାଠି କି ଚାମଚ ରଖିବା ବାଞ୍ଛନୀୟ ନୁହେଁ କି ତା' ପାଟି ଭିତରକୁ ନିଜର ଆଙ୍ଗୁଠି ଭର୍ତ୍ତି କରିବା ନିରାପଦ ନୁହେଁ। ନିଜେ ଶାନ୍ତ ରୁହନ୍ତୁ। ଅନ୍ୟମାନଙ୍କୁ ଶାନ୍ତ ରହିବା ସାମାଜିକ କ୍ରିୟାକଳାପରେ ଅଂଶଗ୍ରହଣ କରିପାରିବେ। କିନ୍ତୁ ସେମାନେ ଅତ୍ୟଧିକ ହାଲିଆ ହେବା ଓ ମାନସିକ ଚାପରୁ କ୍ଷାନ୍ତ ରହିବା ସ୍ପୃହଣୀୟ। ସେମାନେ ନିୟମିତ ଭୋଜନ ଓ ଶୟନ କରିବେ। କିନ୍ତୁ ମଦ୍ୟପାନ କରିବା ମନା। ସେମାନେ ସୁରୁଖୁରୁରେ ନିଜର ବୃତ୍ତିଗତ ଜୀବନ ବିତେଇପାରିବେ। କିନ୍ତୁ ଗାଡ଼ି ଚଳେଇବା ଓ ସନ୍ତରଣ କରିବା ପ୍ରତି ଅଧିକ ସତର୍କତା ଜରୁରୀ। ସବୁ ସମୟରେ ସତର୍କ ରହିବା ପ୍ରୟୋଜନ ଏବଂ ଏକାକୀ ଯିବାଆସିବା ଯଥାସମ୍ଭବ ଏଡ଼େଇ ଚଳିବା ଉଚିତ।

## ସ୍ୱାସ୍ଥ୍ୟୋପକାରୀ ସେଓ ଚୋପା



ସେଓ ସ୍ୱାସ୍ଥ୍ୟ ପାଇଁ କେତେ ଉପକାରୀ ତାହା କହିବା ବାହୁଲ୍ୟ। ଏହା ସହ ସେଓ ଚୋପାରେ ମଧ୍ୟ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଏହି ଚୋପା ଉଚ୍ଚ ରକ୍ତଚାପ ରୋଗୀଙ୍କ ପାଇଁ ବେଶ୍ ଉପକାରୀ। ଏପରି ସମସ୍ୟା ସହ ଜଡିତ ରୋଗୀ ନିୟମିତ ସେଓକୁ ଚୋପା ସହ ଖାଇଲେ ତାହା ଉଚ୍ଚ ରକ୍ତଚାପକୁ ସନ୍ତୁଳିତ ରଖିଥାଏ ବୋଲି ୟୁନିଭର୍ସିଟି ଅଫ କାଲିଫର୍ନିଆର ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି। ସେଓ ଚୋପା ଆଣ୍ଟିଅକ୍ସିଡାଣ୍ଟ ପରି କାମ କରିଥାଏ। ଏହା ହେଉଛି ଫ୍ଲୋଏଣ୍ଟିସ୍‌ର ଏକ ପ୍ରମୁଖ ଉତ୍ସ। ଆଉ ଏକ ଖାସ୍ କଥା ହେଲା ହୃଦ୍‌ରୋଗୀଙ୍କ ପାଇଁ ସେଓ ଚୋପା ବେଶ୍ ଉପକାରୀ। କୋଲେଷ୍ଟରଲ ସ୍ତରକୁ ନିୟନ୍ତ୍ରିତ ରଖିବାକୁ ଚାହୁଁଛନ୍ତି କି ? ଯଦି ହଁ, ତେବେ ଦୈନନ୍ଦିନ ଖାଦ୍ୟ ତାଲିକାରେ ସେଓ ସାମିଲ କରନ୍ତୁ ଏବଂ ତାହାକୁ ଚୋପା ସହ ଖାଆନ୍ତୁ। ସେଓ ଚୋପାରେ ଭିଟାମିନ୍ 'ଏ' ଭରି ରହିଛି। ଏହାକୁ ନିୟମିତ ଖାଇଲେ ତାହା ଦୃଷ୍ଟି ଶକ୍ତିକୁ ଆହୁରି ପ୍ରଖର କରିଥାଏ। ତା'ସହ ହାଡ ମଜଭୁତ ରହିଥାଏ।

## ସ୍ୱାସ୍ଥ୍ୟ ସୂଚନା

- ନିଜକୁ ସୁସ୍ଥ ରଖିବାକୁ ହେଲେ ବିଶ୍ରାମ ପ୍ରତି ଧ୍ୟାନ ଦିଅନ୍ତୁ। କାରଣ ଆବଶ୍ୟକ ମୁତାବକ ନ ଶୋଇଲେ ମୁଣ୍ଡବିନ୍ଧା, ହାଲିଆ ଲାଗିବା ଏପରି କି ଚିଡ଼ିଚିଡ଼ା ଲକ୍ଷଣ ପ୍ରକାଶ ପାଇଥାଏ। ତେଣୁ ପ୍ରତିଦିନ ଅତିକମ୍‌ରେ ୭-୮ ଘଣ୍ଟା ଶୁଅନ୍ତୁ।
- ବେଳେବେଳେ କେତେକ ରୋଗର ସାମାନ୍ୟ ଲକ୍ଷଣ ପ୍ରକାଶ ପାଇଥାଏ। ଉଦାହରଣ ସ୍ୱରୂପ ମୁଣ୍ଡ ବୁଲାଇବା, ଶରୀର ଝିମ୍‌ଝିମ୍ ଲାଗିବା, ଶରୀରରୁ ଆବଶ୍ୟକତାଠାରୁ ଅଧିକ ଝାଳ ନିର୍ଗତ ହେବା ଆଦି ଜଣାପଡିଲେ ବିଳମ୍ବ ନ କରି ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।
- ଯଦି ଦୃଷ୍ଟି ଶକ୍ତିଜନିତ ସମସ୍ୟା ପାଇଁ ଚଷମା ବ୍ୟବହାର କରୁଛନ୍ତି ତେବେ ନିୟମିତ ସମୟ ଅନ୍ତରାଳରେ ଚକ୍ଷୁ ପରୀକ୍ଷା କରାଇ ନିଅନ୍ତୁ।
- ଖାଦ୍ୟ ପ୍ରତି ଯେତେ ସତର୍କ ରହିଲେ ମଧ୍ୟ ଶରୀରରେ ଜଳୀୟ ଅଂଶକୁ ସନ୍ତୁଳିତ ରଖନ୍ତୁ। ଦିନକୁ ଅତିକମ୍‌ରେ ୨-୩ ଲିଟର ପାଣି ପିଅନ୍ତୁ।
- ଯଦି ସବୁବେଳେ ଫାଷ୍ଟଫୁଡ୍‌ଜାତୀୟ ଖାଦ୍ୟ ଖାଉଛନ୍ତି ତେବେ ଏପରି ଅଭ୍ୟାସଠାରୁ ନିଜକୁ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ। କାରଣ ଏହାର ପ୍ରଭାବ ପାଚନ କ୍ରିୟା ଉପରେ ପଡିଥାଏ।
- ନିଜ ମନକୁ ସବୁବେଳେ ଶାନ୍ତ ରଖିବାକୁ ଚେଷ୍ଟା କରନ୍ତୁ। କାରଣ ଏହାଦ୍ୱାରା ମସ୍ତିଷ୍କର କାର୍ଯ୍ୟ ଆହୁରି ସକ୍ରିୟ ହୋଇଥାଏ।
- ନିଜ କାମକୁ ନେଇ ବିଚଳିତ ନ ହୋଇ ତାହାକୁ କିପରି ସୂଚାରୁ ରୂପେ ସମ୍ପାଦନ କରିବେ ତାହାର ଯୋଜନା ପ୍ରସ୍ତୁତ କରନ୍ତୁ। କାରଣ ନିଜର ସାମର୍ଥ୍ୟ ଅନୁସାରେ କାମ ନ କଲେ ଟେନସନର ବଶବର୍ତ୍ତୀ ହେବାକୁ ପଡିଥାଏ, ଫଳରେ ବ୍ଲଡପ୍ରେସର ପରି ସମସ୍ୟାର ସମ୍ମୁଖୀନ ହେବାର ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ।



## ଅଧିକ ସମୟ ସ୍ମାର୍ଟ ଫୋନ୍ ବ୍ୟବହାର କରୁଥିଲେ



ଏବେ ତ ହାଇଟେକ୍ ଯୁଗ। ଇଲେକଟ୍ରୋନିକ୍ ଜିନିଷର ବ୍ୟବହାର ବର୍ତ୍ତମାନ ବହୁଳ ଭାବରେ କରାଯାଉଛି। ତା' ସହ ଯୋଗାଯୋଗର ଅନ୍ୟତମ ପ୍ରମୁଖ ମାଧ୍ୟମ ପାଲଟିଛି ସ୍ମାର୍ଟ ଫୋନ୍। କେବଳ କଥାବାର୍ତ୍ତା ହେବା ନୁହେଁ, ଇଣ୍ଟରନେଟ ବ୍ୟବହାର, ଅନଲାଇନ୍ ବ୍ୟାଙ୍କିଙ୍ଗ ପରି ଅନେକ କାମକୁ ବେଶ୍ ସୁରୁଖୁରୁରେ ଏହା ମାଧ୍ୟମରେ ସମ୍ପାଦନ କରିହେଉଛି। ଏପରି କି ଭିଡିଓଗେମ୍ ଖେଳିବାର ଅନ୍ୟତମ ପ୍ଲାଟଫର୍ମ ମଧ୍ୟ ପାଲଟିଛି। ହେଲେ ଆବଶ୍ୟକତାଠାରୁ ଅଧିକ ସ୍ମାର୍ଟଫୋନ୍ ବ୍ୟବହାର କଲେ ତାହାର ପ୍ରଭାବ ସ୍ମରଣ ଶକ୍ତି ଉପରେ ପଡିଥାଏ ବୋଲି ସଦ୍ୟତମ ଗବେଷଣାରୁ ଜଣାପଡିଛି। କେବଳ ସେତିକି ନୁହେଁ, ଏହାଦ୍ୱାରା ଶରୀରରେ ସୁଗାର ପରିମାଣ ଅସନ୍ତୁଳିତ ହେବାର ଆଶଙ୍କା ରହିଛି ବୋଲି ସତର୍କ କରାଇ ଦେଇଛନ୍ତି ଟୋକିଓ ୟୁନିଭର୍ସିଟିର ବିଶେଷଜ୍ଞମାନେ। ସେମାନେ ଏପରି ବିଷୟକୁ ନେଇ ଏକ ସର୍ଭେରୁ ଏକଥା ଜାଣିପାରିଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୨ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ସୋମବାର, ୮ ଫେବୃୟାରୀ, ୨୦୨୧ Sambalpur, Monday, February 8/2021

# ଫଲୋଅନ ଆଶଙ୍କାରେ ଭାରତ

ଚେନ୍ନାଇ,୭।୨(ପି.ଟି.)

ଭାରତ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଭ୍ରମଣକାରୀ ଇଂଲଣ୍ଡ ସ୍ଥିତି ମଜଭୁତ କରିଛି। ଅନ୍ୟପଟେ ଭାରତ ପାଇଁ ଫଲୋଅନ ଆଶଙ୍କା ସୃଷ୍ଟି ହୋଇଛି। ମ୍ୟାଚ୍ ଆଉ ୨ ଦିନ ବାକିଥିବା ବେଳେ ଭାରତ ପାଇଁ ପରୀକ୍ଷା ସୃଷ୍ଟି ହୋଇଛି। ଟସ୍ ଜିତି ଇଂଲଣ୍ଡ ପ୍ରଥମ ଇନିଂସରେ ୧୯୦.୧ ଓଭରରେ ୫୭୮ ରନକରି ଅଲଆଉଟ ହୋଇଥିଲା। ଜବାବରେ ପ୍ରଥମ ଇନିଂସ ଆରମ୍ଭ କରି ଭାରତ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୭୪ ଓଭରରେ ୬ ଉଇକେଟ ହରାଇ ୨୫୭ ରନ ସଂଗ୍ରହ କରିଛି। ଫଳରେ ଭାରତ ଏବେ ୪ ଉଇକେଟ ହାତରେ ରଖି ୩୨୧ ରନ ପଛରେ ପଡିଛି। ଫଲୋଅନ ଏଡାଇବାକୁ ଭାରତ ଏବେ ଆଉ ୧୨୨ ରନ ଆବଶ୍ୟକ କରୁଛି। ଷ୍ଟମ୍ପ ଅପସାରଣ ବେଳକୁ ସ୍ପିନ ଅଲରାଉଣ୍ଡର ୱାଶିଂଟନ ସୁନ୍ଦର ୩୩ (୬୮ ବଲ) ଓ ରବିଚନ୍ଦ୍ରନ ଅଶ୍ୱିନ ୮ (୫୪ ବଲ) ରନ୍ କରି ଅପରାଜିତ ରହିଛନ୍ତି।

ରବିବାର ପ୍ରଥମ ଇନିଂସ ଆରମ୍ଭ କରି ଭାରତ ୭୩ ରନରେ ୪ ଉଇକେଟ ହରାଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଷ୍ଟାର ଓପନର ରୋହିତ ଶର୍ମା ମାତ୍ର ୬ ରନ କରି ଦ୍ରୁତ ବୋଲର ଜୋଫ୍ରା ଆର୍ଚରଙ୍କ ବ୍ୟାକ୍ ଅଫ୍ ଲେନ୍ଥ ବଲ୍‌କୁ ଡିଫେନ୍ସ କରିବା ବେଳେ ବଲ୍ ବ୍ୟାଟ୍‌ର ଏଜ୍ ନେଇଥିଲା ଓ ଉଇକେଟକିପର ଜୋଶ ବଟଲର ସହଜ କ୍ୟାଚ୍ ନେଇ ତାଙ୍କୁ ପ୍ୟାଭିଲିୟନ ଫେରାଇଥିଲେ। ଯୁବ ଓପନର ଶୁବମନ ଗିଲ୍ ୫ ଚୌକା ସହ ୨୮ ବଲରୁ ୨୯ ରନ ସଂଗ୍ରହ କରିଥିବା ବେଳେ ୱାଇଡ୍ ମିଡ୍‌ଅନ୍‌ରେ ଜେମ୍ସ ଆଣ୍ଡରସନଙ୍କୁ କ୍ୟାଚ୍ ଦେଇ ଆର୍ଚରଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଅଧିନାୟକ ବିରାଟ କୋହଲି ପୁଣି ଥରେ ବିଫଳ ହୋଇଛନ୍ତି। ୧୧ ରନ କରିଥିବା ବେଳେ ସେ ଅଫ୍‌ସ୍ପିନର ଡୋମ ବେସଙ୍କ ଅଫ୍‌ଷ୍ଟମ୍ପ ବାହାର ବଲକୁ ଡିଫେନ୍ସ କରିଥିଲେ। ତେବେ ବଲ ବ୍ୟାଟ୍‌ର ଇନ୍‌ସାଇଡ୍ ଏଜ୍ ନେଇଥିଲା ଓ ଶର୍ଟଲେଗ୍‌ରେ ଓଲି ପୋପ୍ କ୍ୟାଚ୍ ନେଇଥିଲେ। ଏହାପରେ ଉପଅଧିନାୟକ ଅଜିଙ୍କ୍ୟ ରାହାନେ ଷ୍ଟେପ୍ ଆଉଟକରି ବେସ୍‌ଙ୍କ ଫୁଲ ଟସ୍ ବଲକୁ ମାରି ଖେଳିବାକୁ ପ୍ରୟାସ କରିଥିଲେ। ତେବେ ଶର୍ଟ କଭରରେ ଜୋ ରୁଟ୍ ଏକ ସୁନ୍ଦର କ୍ୟାଚ୍ ନେଇ ରାହାନେଙ୍କୁ ପ୍ୟାଭିଲିୟନ ଫେରାଇଥିଲେ। ଏହାପରେ ଟେଷ୍ଟ ସ୍ପେଶାଲିଷ୍ଟ କୁହାଯାଉଥିବା ଚେତେଶ୍ୱର ପୂଜାରା ୨୨୨ ମିନିଟ୍ କ୍ରିଜ୍‌ରେ ରହି ୧୪୩ଟି ବଲ୍ ଖେଳି ୧୧ ଚୌକା ସହ ୭୩ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଜମିଆସୁଥିବା ବେଳେ ବେସଙ୍କ ଶର୍ଟର ଅଫ୍ ବ୍ରେକ ବଲ୍‌କୁ ଘୁରାଇ ମାରିବାକୁ ପ୍ରୟାସ କରିଥିଲେ। ତେବେ ବଲ୍ ପ୍ରଥମେ ଶର୍ଟ ଲେଗ୍‌ରେ ଥିବା ପୋପ୍‌ଙ୍କ କାନ୍ଧରେ ବାଜି ଦୁର୍ଭାଗ୍ୟଜନକ ଭାବେ ରିବାଉଣ୍ଡ ହୋଇଥିଲା ଓ ଶର୍ଟ ମିଡ୍‌ଉଇକେଟରେ ରୋରି ବର୍ନ୍ସ କ୍ୟାଚ୍ ଧରିବାରୁ ପୂଜାରା ପ୍ୟାଭିଲିୟନ ଫେରିଥିଲେ। ତୃତୀୟ ଦିବସର ଅନ୍ତିମ ଉଇକେଟ ଭାବେ ପନ୍ତ


ଡୋମିନିକ୍ ବେସ୍


ରିଷଭ ପନ୍ତ

## ପନ୍ତ ଶତକରୁ ବଞ୍ଚିତ, ପୂଜାରାଙ୍କ ଅର୍ଦ୍ଧଶତକ

ଆଉଟ ହୋଇଥିଲେ। ନିଜ ସ୍ୱାଭାବିକ ଢଙ୍ଗରେ ପନ୍ତ ବ୍ୟାଟିଂ କରିଥିଲେ ଓ ଚତୁର୍ଦ୍ଦିଗକୁ ଶଟ୍‌ମାନ ଖେଳିଥିଲେ। ୧୩୭ ମିନିଟ୍ କ୍ରିଜ୍‌ରେ ରହି ସେ ୮୮ଟି ବଲର ସମ୍ମୁଖୀନ ହୋଇ ୯ ଚୌକା ଓ ୫ ଛକା ସହ ୯୧ ରନ ସଂଗ୍ରହ କରିଥିବା ବେଳେ ବେସ୍‌ଙ୍କ ଅଫ୍‌ଷ୍ଟମ୍ପ ବାହାର ବଲକୁ ଘୁରାଇ ମାରିବାକୁ ଚେଷ୍ଟା କରିଥିଲେ। ତେବେ ବଲ୍ ଓ ବ୍ୟାଟ୍‌ର ସଂଯୋଗ ନ ହେବା ଫଳରେ ଡିପ୍ କଭରରେ ଜ୍ୟାକ ଲିଚ୍ କ୍ୟାଚ୍ ନେଇଥିଲେ। ଫଳରେ ପନ୍ତଙ୍କ ସାହସିକ ଇନିଂସର ପରିସମାପ୍ତି ହୋଇଥିଲା। ପଞ୍ଚମ ଉଇକେଟରେ ପନ୍ତ ଓ ପୂଜାରା ୧୧୯ ରନକରି ସ୍ଥିତି ସମ୍ଭାଳିବାକୁ ପ୍ରୟାସ କରିଥିଲେ। ବୋଲିଂରେ ଇଂଲଣ୍ଡ ତରଫରୁ ବେସ୍ ସର୍ବାଧିକ ୪ ଓ ଆର୍ଚର ୨ ଉଇକେଟ ଅକ୍ତିଆର କରିଥିଲେ।

ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୫୫୫/୮ରୁ ଖେଳ ଆରମ୍ଭ କରି ଇଂଲଣ୍ଡ ରବିବାର ଅଲ୍‌ଆଉଟ ହୋଇଥିଲା। ଓଭରନାଇଟ୍ ବ୍ୟାଟ୍ସମ୍ୟାନ ଡମ୍ ବେସ୍ ୨୮ ରନରୁ ଖେଳ ଆରମ୍ଭ କରି ୩୪ ରନ କରିଥିବା ବେଳେ ଯଶପ୍ରୀତ ବୁମ୍‌ରାଙ୍କ ବଲ୍‌ରେ ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ସେହିପରି ଜ୍ୟାକ ଲିଚ୍ ୬ ରନରୁ ଖେଳ ଆରମ୍ଭ କରି ୧୪ ରନକରି ଅପରାଜିତ ରହିଥିଲେ। ଶେଷ ଉଇକେଟ ଭାବେ ଜେମ୍ସ ଆଣ୍ଡରସନ ରବିଚନ୍ଦ୍ରନ ଅଶ୍ୱିନଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ। ବୋଲିଂରେ ଭାରତ ପକ୍ଷରୁ ଯଶପ୍ରୀତ ବୁମ୍‌ରା ଓ ଅଶ୍ୱିନ ୩ଟି ଲେଖାଏ, ଈଶାନ୍ତ ଓ ଶାହାବାଜ ନଦିମ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

### ସ୍କୋର ବୋର୍ଡ

**ଇଂଲଣ୍ଡ ପ୍ରଥମ ଇନିଂସ:**
୫୭୮/ଅଲଆଉଟ
**ଭାରତ ପ୍ରଥମ ଇନିଂସ**
ରୋହିତ-କ-ବଟଲର-ବୋ-ଆର୍ଚର-୬
ଶୁବମନ-କ-ଆଣ୍ଡରସନ-ବୋ-ଆର୍ଚର-୨୯
ପୂଜାରା-କ-ବର୍ନ୍ସ-ବୋ-ବେସ୍-୭୩
କୋହଲି-କ-ପୋପ୍-ବୋ-ବେସ୍-୧୧
ରାହାନେ-କ-ରୁଟ୍-ବୋ-ବେସ୍-୧
ପନ୍ତ-କ-ଲିଚ୍-ବୋ-ବେସ୍-୯୧
ୱାଶିଂଟନ-ନଟଆଉଟ-୩୩
ଅଶ୍ୱିନ-ନଟଆଉଟ-୮
ଅତିରିକ୍ତ-୫
ମୋଟ (୭୪ ଓଭର, ୬ ଉଇକେଟ) ୨୫୭।
**ଉଇକେଟପତନ:** ୧/୧୯, ୨/୪୪, ୩/୭୧, ୪/୭୩, ୫/୧୯୨, ୬/୨୨୫।
**ବୋଲିଂ (ଇଂଲଣ୍ଡ)**
ଜେମ୍ସ ଆଣ୍ଡରସନ ୧୧-୩-୩୪-୦
ଜୋଫ୍ରା ଆର୍ଚର ୧୬-୩-୫୨-୨
ବେନ୍ ଷ୍ଟୋକ୍ସ ୬-୧-୧୬-୦
ଜ୍ୟାକ୍ ଲିଚ୍ ୧୭-୨-୯୪-୦
ଡୋମିନିକ୍ ବେସ୍ ୨୩-୫-୫୫-୪
ଜୋ ରୁଟ୍ ୧-୦-୧-୦।

# ରୋମାଞ୍ଚକ ମୋଡ଼ରେ ଦ୍ୱିତୀୟ ଟେଷ୍ଟ

ରାୱଲପିଣ୍ଡି,୭।୨

ପାକିସ୍ତାନ ଓ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚାଲିଥିବା ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍ ରୋମାଞ୍ଚକ ମୋଡ଼ାରେ ପହଞ୍ଚିଛି। ଟସ୍ ଜିତି ପାକିସ୍ତାନ ପ୍ରଥମ ଇନିଂସରେ ୧୧୪.୩ ଓଭରରେ ୨୭୨ ରନ୍ କରି ଅଲଆଉଟ ହୋଇଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସରେ ୬୫.୪ ଓଭରରେ ୨୦୧ ରନ କରି ଅଲଆଉଟ ହୋଇ ୭୧ ରନ ପଛରେ ପଡିଥିଲା। ଏହାପରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ୧୦୨ ଓଭରରେ ୨୯୮ ରନକରି ଅଲଆଉଟ ହୋଇଛି। ଫଳରେ ଦକ୍ଷିଣ ଆଫ୍ରିକା ସମ୍ମୁଖରେ ୩୭୦ ରନର ବିଜୟ ଲକ୍ଷ ଧାର୍ଯ୍ୟ ହୋଇଛି। ଜବାବରେ ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ ଆରମ୍ଭ କରି ରବିବାର ଚତୁର୍ଥ ଦିବସ ଖେଳ ଶେଷ ସୁଦ୍ଧା ୪୧ ଓଭରରେ ଗୋଟିଏ ଉଇକେଟ ହରାଇ ୧୨୭ ରନ ସଂଗ୍ରହ କରିଛି। ମ୍ୟାଚ୍ ଆଉ ଗୋଟିଏ ଦିନ ବାକି ଥିବାବେଳେ ବିଜୟ ପାଇଁ ଦକ୍ଷିଣ ଆଫ୍ରିକା ୯ ଉଇକେଟ ହାତରେ ରଖି ଆଉ ୨୪୩ ରନ ଆବଶ୍ୟକ କରୁଛି। ଷ୍ଟମ୍ପ ଅପସାରଣ ବେଳକୁ ଓପନର ଏଡେନ ମାରକ୍ରମ ୫୯ ଓ ରାସି ଭାନ ଡେର ଡୁସେନ ୪୮ ରନକରି ଅପରାଜିତ ରହିଛନ୍ତି।

**ସଂକ୍ଷିପ୍ତ ସ୍କୋର:** ପାକିସ୍ତାନ ପ୍ରଥମ ଇନିଂସ- ୧୧୪.୩ ଓଭରରେ ୨୭୨ ଆଲଆଉଟ। ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ- ୬୫.୪ ଓଭରରେ ୨୦୧ ଅଲ ଆଉଟ। ପାକିସ୍ତାନ ଦ୍ୱିତୀୟ ଇନିଂସ- ୧୦୨ ଓଭରରେ ୨୯୮ ଅଲଆଉଟ୍। ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ- ୪୧ ଓଭରରେ ୧୨୭/୧ (ମାରକ୍ରମ- ୫୯*, ଡୁସେନ- ୪୮*, ଏଲଗାର- ୧୭, ଆଫ୍ରିଦି- ୧/୨୨ )।

# ରାଜ୍ୟ ଓପନ ଚେସ୍: ରାଜେନ୍ଦ୍ର ଚାମ୍ପିୟନ


କୃତୀ ପ୍ରତିଯୋଗୀମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।

ଭୁବନେଶ୍ୱର, ୭।୨(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ରବିବାର ପଟିଆସ୍ଥିତ ଶୋଭନୀୟ ଶିକ୍ଷାଶ୍ରମରେ ଅନୁଷ୍ଠିତ ଜୀବନାନନ୍ଦ ଶତପଥୀ ମେମୋରିଆଲ ଚେସ୍ ଚାମ୍ପିୟନଶିପ୍‌ରେ ରାଜେନ୍ଦ୍ର କୁମାର ସାହୁ ଚାମ୍ପିୟନ ହୋଇଛନ୍ତି। ୭ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ରାଜେନ୍ଦ୍ର ଓ ହର୍ଷିତ ରଞ୍ଜନ ସାହୁ ୬ ପଏଣ୍ଟ ଲେଖାଏ ପାଇ ପ୍ରଥମ ଦୁଇସ୍ଥାନ ଅଧିକାର କରିଛନ୍ତି। ପ୍ରିୟାଂଶ ଦାସ, ଫିଡେ ମାଷ୍ଟର ସୌମ୍ୟରଞ୍ଜନ ମିଶ୍ର, ସେକ୍ ରାଜା, ଶ୍ରୀୟାଂଶ ଦାସ, ଲରେନ୍ସ ପ୍ରଧାନ (ସମସ୍ତେ ୫ ପଏଣ୍ଟ), ଧୀରେନ୍ଦ୍ର କୁମାର ଦାସ, ପ୍ରବୋଧ କୁମାର ମିଶ୍ର ଓ ଅବିନାଶ ବଳିୟାରସିଂ (ସମସ୍ତେ ୪.୫) ଟପ୍-୧୦ ଫିନିଶ୍ କରିଛନ୍ତି। ଏହା ବ୍ୟତୀତ ବିଭିନ୍ନ ବୟସ ବର୍ଗରେ ଅଦିତି ମହାରଣା, ଈଶାନି ଦାସ, ତମନ୍ନା ତ୍ରିପାଠୀ, ଲଳିତ ରଞ୍ଜନ ସାହୁ, ତ୍ରିଦେବ ତୀର୍ଥଙ୍କର, ସ୍ଥିତପ୍ରଜ୍ଞ ସାହୁ, ଆରିନ ଅନ୍ୱେଷ ସ୍ୱାଇଁ ଏବଂ ବାଳିକା ବିଭାଗରେ ପ୍ରଜ୍ଞାଶ୍ରୀ ଦେହୁରୀ ଓ ଯଶସ୍ୱିନୀ ଷଡ଼ଙ୍ଗୀ ଶ୍ରେଷ୍ଠ ପ୍ରଦର୍ଶନ କରି ପୁରସ୍କୃତ ହୋଇଛନ୍ତି। ତନ୍ମୟ ତ୍ରିପାଠୀ, ଆୟୁଷ ଆର୍ଯ୍ୟନ ମହାପାତ୍ର, ସିଦ୍ଧାର୍ଥ ମିଶ୍ର, ନମସ୍ୟ ନଳିନୀ ଓ ଅନସୁଲ ପଣ୍ଡାଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଛି। ଅଜୟ ବିନୟ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜିର ଏମ୍‌ସିଏ ବିଭାଗ ମୁଖ୍ୟ ଅମରେଶ ସାହୁ ମୁଖ୍ୟ ଅତିଥି ଏବଂ ରାଜ୍ୟ ଗୋଇନ୍ଦା ଇନ୍‌ସପେକ୍ଟର ପ୍ରିୟଦର୍ଶିନୀ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଆୟୋଜକ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ଶିକ୍ଷାଶ୍ରମ ନିର୍ଦ୍ଦେଶକ ଦୟାନିଧି ରାଉତ, ଜ୍ୟୋତି ପ୍ରକାଶ ଶତପଥୀ, ପଞ୍ଚାନନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଅଷ୍ଟ୍ରେଲିଆନ୍ ଓପନ୍ ମୁଖ୍ୟ ଡ୍ର'ରେ ଅଙ୍କିତା

ମେଲବୋର୍ନ,୭।୨(ପି.ଟି.)



ଭାରତୀୟ ମହିଳା ଟେନିସ ଖେଳାଳି ଅଙ୍କିତା ରାଇନା ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଅଷ୍ଟ୍ରେଲିଆନ ଓପନ ମୁଖ୍ୟ ଡ୍ର'ରେ ସାମିଲ ହୋଇଛନ୍ତି। ପଞ୍ଚମ ଭାରତୀୟ ମହିଳା ଭାବେ ସେ କୌଣସି ଗ୍ରାଣ୍ଡସ୍ଲାମ ମୁଖ୍ୟ ଡ୍ର'ରେ ସାମିଲ ହୋଇଛନ୍ତି। ସୋମବାରଠାରୁ ଅଷ୍ଟ୍ରେଲିଆନ ଓପନ୍ ଆରମ୍ଭ ହେବ। ମହିଳା ଡବଲ୍ସ ଇଭେଣ୍ଟରେ ଅଙ୍କିତା ରୋମାନିଆର ମିହାଏଲା ବୁଜାରନେକୁଙ୍କ ସହିତ କୋର୍ଟକୁ ଓହ୍ଲାଇବେ। ଏହି ଯୋଡି ପ୍ରଥମ ରାଉଣ୍ଡରେ ଅଷ୍ଟ୍ରେଲିଆର ବେଲିଣ୍ଡା ଉଲ୍‌କୁକ୍ ଓ ଓଲିଭିଆ ଗାଡେକିଙ୍କୁ ଭେଟିବେ। ପୂର୍ବରୁ ନିରୁପମା ମଙ୍କଡ (୧୯୭୧), ନିରୁପମା ବୈଦ୍ୟନାଥନ (୧୯୯୮), ସାନିଆ ମିର୍ଜା ଓ ଶିଖା ଓବେରୋଇ (୨୦୦୪)ରେ ଭାରତ ପାଇଁ ଗ୍ରାଣ୍ଡସ୍ଲାମ ମୁଖ୍ୟ ଡ୍ରରେ ସାମିଲ ହୋଇଥିଲେ। ସାନିଆଙ୍କ ପରେ ଅଙ୍କିତା ଗ୍ରାଣ୍ଡସ୍ଲାମର ମହିଳା ଡବଲ୍ସ ଖେଳିବେ।

# ରଶ୍ମି, ଶୋଭନଙ୍କୁ କୋଚିଂ ଦାୟିତ୍ୱ

ଭୁବନେଶ୍ୱର, ୭।୨(କ୍ରୀଡ଼ା ପ୍ରତିନିଧି)

ପୂର୍ବତନ ଖେଳାଳି ରଶ୍ମି ରଞ୍ଜନ ଦାସ ଓ ଶୋଭନ ଦେବଙ୍କୁ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ପକ୍ଷରୁ ନୂଆ ଦାୟିତ୍ୱ ପ୍ରଦାନ କରାଯାଇଛି। ୧୯ ବର୍ଷରୁ କମ୍ କ୍ରିକେଟ ଦଳର କୋଚିଂ ଷ୍ଟାଫ୍‌ରେ ଏ ଦୁହିଁଙ୍କୁ ସାମିଲ କରାଯାଇଛି। ରଶ୍ମିଙ୍କୁ ବ୍ୟାଟିଂ କୋଚ୍ ଓ ଶୋଭନଙ୍କୁ ବୋଲିଂ କୋଚ୍ ନିଯୁକ୍ତ କରାଯାଇଛି। ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି ଓ ସମ୍ପାଦକ ସଞ୍ଜୟ ବେହେରା ଏ ଦୁହିଁଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।


ରଶ୍ମି ରଞ୍ଜନ ଦାସ


ଶୋଭନ ଦେବ

# ୱେଷ୍ଟଇଣ୍ଡିଜର ଚମତ୍କାର ବିଜୟ

ଚଟ୍ଟୋଗ୍ରାମ, ୭।୨

ୱେଷ୍ଟଇଣ୍ଡିଜ ମିଡ୍‌ଲଅର୍ଡର ବ୍ୟାଟ୍ସମ୍ୟାନ କାଇଲ ମେୟର୍ସ ବିଶ୍ୱର ପ୍ରଥମ ବ୍ୟାଟ୍ସମ୍ୟାନ ଭାବେ ପଦାର୍ପଣ ଟେଷ୍ଟର ଚତୁର୍ଥ ଇନିଂସରେ ଅପରାଜିତ ଦ୍ୱିଶତକ ହାସଲ କରି ଦଳକୁ ଅବିଶ୍ୱସନୀୟ ବିଜୟ ପ୍ରଦାନ କରିଛନ୍ତି। ମେୟର୍ସଙ୍କ ୨୧୦ ରନର ଅପରାଜିତ ଦ୍ୱିଶତକୀୟ ଇନିଂସ ବଳରେ ୱେଷ୍ଟଇଣ୍ଡିଜ ରବିବାର ଏଠାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଘରୋଇ ବାଂଲାଦେଶକୁ ୩ ଉଇକେଟରେ ପରାସ୍ତ କରିଛି। ଏଥିସହ ଦୁଇ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ୱେଷ୍ଟଇଣ୍ଡିଜ ୧-୦ରେ ଅଗ୍ରଣୀ ହାସଲ କରିଛି। ମେୟର୍ସ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

ଟସ୍ ଜିତି ବାଂଲାଦେଶ ପ୍ରଥମେ ବ୍ୟାଟିଂ କରି ୧୫୦.୨ ଓଭରରେ ୪୩୦ ରନ କରି ଅଲ୍‌ଆଉଟ ହୋଇଥିଲା। ଜବାବରେ ପ୍ରଥମ ଇନିଂସ ଆରମ୍ଭ କରି ୱେଷ୍ଟଇଣ୍ଡିଜ୍ ୯୬.୧ ଓଭରରେ ୨୫୯ ରନ କରି ଅଲ୍‌ଆଉଟ ହେବା ସହ ୧୭୧ ରନ ପଛରେ ପଡିଥିଲା। ଏହାପରେ ଦ୍ୱିତୀୟ ଇନିଂସରେ ବାଂଲାଦେଶ ୬୭.୫ ଓଭରରେ ୮ ଉଇକେଟ ହରାଇ ୨୨୩ ରନକରି ଇନିଂସ ଘୋଷଣା କରିଥିଲା। ଫଳରେ ୱେଷ୍ଟଇଣ୍ଡିଜ ସମ୍ମୁଖରେ ୩୯୫ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ୱେଷ୍ଟଇଣ୍ଡିଜ ରବିବାର ପଞ୍ଚମ ଦିବସରେ ୧୨୭.୩ ଓଭରରେ ୭ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଟେଷ୍ଟରେ ଏହା ପଞ୍ଚମ ସର୍ବବୃହତ୍ ଓ ଏସିଆରେ ସର୍ବବୃହତ ଚେଜ୍ ସାବ୍ୟସ୍ତ ହୋଇଛି।

ଚତୁର୍ଥ ଦିବସର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୧୧୦/୩ରୁ ୱେଷ୍ଟଇଣ୍ଡିଜ ଖେଳ ଆରମ୍ଭ କରିଥିଲା। ଓଭରନାଇଟ୍ ବ୍ୟାଟ୍ସମ୍ୟାନ କାଇଲ ମେୟର୍ସ ୩୭ ରନରୁ ଖେଳ ଆରମ୍ଭ କରି ୨୧୦ ରନ କରି ଅପରାଜିତ ରହିବା ସହ ଦଳକୁ ବିଜୟୀ କରାଇଥିଲେ। ସେହିପରି ଏନକ୍ରୁମା ବୋନର ୧୫ ରନରୁ ଖେଳ ଆରମ୍ଭ କରି ୮୬ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳି ଆଉଟ ହୋଇଥିଲେ। ମେୟର୍ସ ପାଖାପାଖି ୭ ଘଣ୍ଟା


ଦ୍ୱିଶତକ ହାସଲ ପରେ କାଇଲ ମେୟର୍ସ।

### ପ୍ରଥମ ଟେଷ୍ଟ
### ପଦାର୍ପଣରେ ମେୟର୍ସଙ୍କ ଅପରାଜିତ ଦ୍ୱିଶତକ

କ୍ରିଜ୍‌ରେ ରହି ୩୧୦ଟି ବଲ୍‌ର ସମ୍ମୁଖୀନ ହୋଇ ୨୦ ଚୌକା ଓ ୭ ଛକା ମାରିଥିଲେ। ପ୍ରଥମ ଇନିଂସରେ ମେୟର୍ସ ୪୦ ରନ ସଂଗ୍ରହ କରିଥିଲେ। ଫଳରେ ସେ ମ୍ୟାଚ୍‌ରେ ମୋଟ ଉପରେ ୨୫୦ ରନ ସଂଗ୍ରହ କରିଛନ୍ତି। ପଦାର୍ପଣରେ ଏହା ୱେଷ୍ଟଇଣ୍ଡିଜ ପାଇଁ ଦ୍ୱିତୀୟ ସର୍ବାଧିକ ସ୍କୋର ସାବ୍ୟସ୍ତ ହୋଇଛି। ଚତୁର୍ଥ ଉଇକେଟରେ ମେୟର୍ସ ଓ ଏନ୍‌କ୍ରୁମା ୨୧୬ ରନ ସଂଗ୍ରହ କରି ବାଂଲାଦେଶ ବୋଲରଙ୍କୁ ନିରାଶ କରିଥିଲେ। ଦଳ ତରଫରୁ ଅନ୍ୟମାନଙ୍କ ମଧ୍ୟରେ ଜେର୍ମାଇନ୍ ବ୍ଲାକଉଡ୍ ୯, ଉଇକେଟକିପର ବ୍ୟାଟ୍ସମ୍ୟାନ ଜୋଶୁଆ ଡା ସିଲ୍‌ଭା ୨୦ ରନ କରି ଆଉଟ ହୋଇଥିଲେ। କେମର ରୋଚ ଖାତା ଖୋଲିପାରି ନ ଥିଲେ। ରାହକିମ କର୍ନୱାଲ ବିନା ସ୍କୋରରେ ଅପରାଜିତ ରହିଥିଲେ। ଶନିବାର ଓପନର ତଥା ଅଧିନାୟକ କ୍ରେଗ୍ ବ୍ରାଥ୍‌ୱେଟ ୨୦, ଜନ୍ କ୍ୟାମ୍ପବେଲ ୨୩ ଓ ଶାନେ ମୋସ୍‌ଲି ୧୨ ରନ କରି ଆଉଟ ହୋଇଥିଲେ। ବୋଲିଂରେ ବାଂଲାଦେଶ ତରଫରୁ ମେହିଦୀ ହାସନ ମିରାଜ ସର୍ବାଧିକ ୪, ତାଇଜୁଲ ଇସ୍‌ଲାମ ୨ ଓ ନୟିମ ହାସନ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର:**
ବାଂଲାଦେଶ ପ୍ରଥମ ଇନିଂସ- ୧୫୦.୨ ଓଭରରେ ୪୩୦ ଅଲଆଉଟ୍। ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସ- ୯୬.୧ ଓଭରରେ ୨୫୯ ଆଲଆଉଟ୍। ବାଂଲାଦେଶ ଦ୍ୱିତୀୟ ଇନିଂସ- ୬୭.୫ ଓଭରରେ ୨୨୩/୮ (ଇନିଂସ ଘୋଷଣା)। ୱେଷ୍ଟଇଣ୍ଡିଜ ଦ୍ୱିତୀୟ ଇନିଂସ- ୧୨୭.୩ ଓଭରରେ ୩୯୫/୭। (ବୋନର- ୮୬, ମେୟର୍ସ- ୨୧୦*, ମିରାଜ- ୪/୧୧୩, ତାଇଜୁଲ- ୨/୯୧, ନୟିମ- ୧/୧୦୫)।






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## ତିନି ହାଇସ୍କୁଲକୁ ପୋଷ୍ୟ ସ୍କୁଲଭାବେ ଗ୍ରହଣ କଲେ ମନ୍ତ୍ରୀ

ସଇଁତଲା,(ଡି.ଏନ.ଏ.): ଟିଟିଲାଗଡ଼ ବିଧାୟିକା ତଥା ମହିଳା ଓ ଶିଶୁ ବିକାଶ ତଥା ମିଶନ ଶକ୍ତି ମନ୍ତ୍ରୀ ଟୁକୁନୀ ସାହୁ ତିନଟି ହାଇସ୍କୁଲକୁ ପୋଷ୍ୟ ସ୍କୁଲ ଭାବରେ ଗ୍ରହଣ କରିଛନ୍ତି। ସେହି ସ୍କୁଲଗୁଡିକ ହେଲା ଟିଟିଲାଗଡ଼ ଧବଳେଶ୍ୱର ହାଇସ୍କୁଲ, ଗୁଡ଼ଭେଲା ବ୍ଲକ ଜାମୁଟ ସରକାରୀ ହାଇସ୍କୁଲ (ପୁରୁଣା) ଏବଂ ସଇଁତଲା ବ୍ଲକ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ (ଏସଏସଡ଼ି)। ଏ ନେଇ ସେ ଚିଠି ମାଧ୍ୟମରେ ସ୍କୁଲ ଓ ଗଣଶିକ୍ଷା ବିଭାଗକୁ ଜଣାଇଛନ୍ତି। ସ୍କୁଲମାନଙ୍କରେ ଥିବା ବିଭିନ୍ନ ଅସୁବିଧା ଦୂର କରିବା ସହ ଶିକ୍ଷାଦାନ କ୍ଷେତ୍ରରେ ଉନ୍ନତି କରାଯିବ ବୋଲି ମନ୍ତ୍ରୀ ସାହୁ କହିଛନ୍ତି।

**ସଂକ୍ଷେପରେ**

## ସନ୍ଦେହରେ ଭାଜପା ନେତାଙ୍କ ମୃତ୍ୟୁ

**ଅତାବିରା, ୭।୨ (ଡି.ଏନ.ଏ):** ବରଗଡ ଜିଲା ଭେଡେନ ଥାନା ଭେଡେନ ଥାନା ଧାତୁକପାଲି ଗ୍ରାମର ଭାଜପା ନେତା ଅଶ୍ୱିନୀ ମହାପାତ୍ର (୩୫)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଶନିବାର ବିଳମ୍ବିତ ରାତିରେ ଅଶ୍ୱିନୀଙ୍କୁ ଦୁତରମଣ୍ଡା କେନାଲରୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବୁର୍ଲା ଭିମସାରକୁ ପଠାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ବୁର୍ଲା ମେଡିକାଲ ଫାଣ୍ଡି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ରବିବାର ମୃତଦେହକୁ ଧାତୁକପାଲିରେ ସତ୍କାର କରାଯାଇଛି। ତେବେ ଅଶ୍ୱିନୀଙ୍କ ବାଇକ୍ ରାସ୍ତା ଉପରେ ପଡିଥିବା ବେଳେ ସେ ନିଜେ କେନାଲ ପାଣିରେ ପଡିଥିବା ଅବସ୍ଥାରେ ଉଦ୍ଧାର ହୋଇଥିଲେ। ରାସ୍ତା ଅବସ୍ଥା ଶୋଚନୀୟ ଥିବାରୁ ଦୁର୍ଘଟଣାଗ୍ରସ୍ତ ହୋଇ କେନାଲରେ ପଡିଥିଲେ ନା କୌଣସି ଗାଡି ତାଙ୍କୁ ଧକ୍କା ଦେଇଛି ସେ ନେଇ ସ୍ପଷ୍ଟ ଜଣାପଡିନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ତାହା ଜଣାପଡିବ ବୋଲି ରୁଷୁଡା ଫାଣ୍ଡି ଅଧିକାରୀ ଗଣେଷ କଲେତ କହିଛନ୍ତି। ତେବେ ଅଶ୍ୱିନୀଙ୍କ ମୃତ୍ୟୁ ପଛରେ ରାଜନୈତିକ ଉଦ୍ଦେଶ୍ୟ ଥାଇପାରେ ବୋଲି ଅଞ୍ଚଳରେ ଚର୍ଚ୍ଚା ଚାଲିଛି ।

# ତୁଟିଲା ଅପର ଜୋଙ୍କ ପାଣି ବିବାଦ

**ତରବୋଡ/ନୂଆପଡା, ୭।୨(ଡି.ଏନ.ଏ/ଅଫିସ)**


ବୈଠକରେ ଯୋଗ ଦେଇଥିବା ଚାଷୀ ପ୍ରତିନିଧି ଓ ଅଧିକାରୀମାନେ।

- ୩୫୦ ହେକ୍ଟର ଚାଷ ପାଇଁ ଉପରମୁଣ୍ଡକୁ ମିଳିବ ପାଣି
- ତଳମୁଣ୍ଡକୁ ରବି ଚାଷ ପାଇଁ ପାଣି ଦିଆଯିବ
- ବର୍ଷା ଋତୁରେ ଡ୍ୟାମ୍‌ରେ ୩୫୪ ମିଟର ପାଣି ରଖାଯିବ
- ପ୍ରତିଶ୍ରୁତି ମିଳିବା ପରେ ହଟିଲା ଧାରଣା

ନୂଆପଡା ସଦର ବ୍ଲକ ପତୋରା ଅପର ଜୋଙ୍କ ଜଳସେଚନ ପ୍ରକଳ୍ପର ପାଣି ଆବଣ୍ଟନକୁ ନେଇ ଉପରମୁଣ୍ଡ ଓ ତଳମୁଣ୍ଡ ଚାଷୀଙ୍କ ମଧ୍ୟରେ ଲାଗିରହିଥିବା ବିବାଦରେ ପୂର୍ଣ୍ଣଚ୍ଛେଦ ପଡିଛି। ରବିବାର ଉପଜିଲାପାଳ ତରଣୀସେନ ନାଏକ, ତହସିଲଦାର ଦେବେନ୍ଦ୍ର ରାଉତ, ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ସୁନୀଲ କୁମାର ଆଚାର୍ଯ୍ୟ, ଏସ୍‌ଡିପିଓ ପ୍ରଶାନ୍ତ ପଟ୍ଟନାୟକ ପ୍ରମୁଖ ଧାରଣାସ୍ଥଳକୁ ଯାଇ ଚାଷୀଙ୍କ ସହ ଆଲୋଚନା କରିଥିଲେ। ଆଲୋଚନା ବେଳେ ଉପରମୁଣ୍ଡର ୧ ନଂ. ପାଣି ପଞ୍ଚାୟତକୁ ୩୫୦ ହେକ୍ଟର ଚାଷ ପାଇଁ ପାଣି ଦିଆଯିବ ଓ ତଳମୁଣ୍ଡର ୬ରୁ ୧୬ ନମ୍ବର ପାଣି ପଞ୍ଚାୟତକୁ ରବି ଚାଷ ପାଣି ଦିଆଯିବ। ଆମାଗୀ ବର୍ଷା ଋତୁରେ ୩୫୪ ମିଟର ପାଣି ଡ୍ୟାମ୍‌ରେ ରଖାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ତଳମୁଣ୍ଡ ଚାଷୀ ପ୍ରକଳ୍ପର ମୁଖ୍ୟ ଗେଟ୍‌ରେ ଦେଇଥିବା ଧାରଣାରୁ ଉଠିଥିଲେ। ସୂଚନାଯୋଗ୍ୟ, ଶନିବାର ଅପରାହ୍ନରେ ନୂଆପଡା ସଦ୍‌ଭାବନା ସଭାଗୃହରେ ଜିଲାପାଳ ସ୍ୱଧାଦେବ ସିଂଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା, ଏସ୍‌ପି ରାହୁଲ ଜୈନ, ନୂଆପଡା ବିଧାୟକ ରାଜେନ୍ଦ୍ର ଢ଼ୋଲକିଆ, ଜିଲା ପରିଷଦ ଉପାଧ୍ୟକ୍ଷ ଭାନୁ ପ୍ରତାପ ସିଂ ମାଝୀ ପ୍ରମୁଖ ଉପସ୍ଥିତ ରହି ଉପରମୁଣ୍ଡ ଓ ତଳମୁଣ୍ଡ ଚାଷୀଙ୍କୁ ନେଇ ଦୀର୍ଘ ୪ଘଣ୍ଟା ଧରି ଆଲୋଚନା କରିଥିଲେ। ଶେଷରେ ପ୍ରକଳ୍ପର ଜିରୋ ହେଡ୍‌ରୁ ପାଣି ଛଡାଯିବ, ପାଣି ପଞ୍ଚାୟତ ନଂ-୧ର ପତୋରା, ଭେରା, ପଥରପୁଞ୍ଜି ଭଳି ତିନିଟି ଗାଁର ୩୫୦ ହେକ୍ଟର ଜମିରେ ରବି ଚାଷ ପାଇଁ ପାଣି ଦିଆଯିବ, ଯେଉଁଠି ସିପେଜ ପାଣିରେ ଚାଷ କରିହେବ ସେଠି ଚାଷୀ ଚାଷ କରିବେ ବୋଲି ସ୍ଥିର ହୋଇଥିଲା। ଆସନ୍ତା ବର୍ଷକୁ ପ୍ରକଳ୍ପରେ ୩୫୪ ମିଟରକୁ ଜଳ ଧାରଣ କ୍ଷମତା ବୃଦ୍ଧି କରିବା ସହ ଚଳିତବର୍ଷ ବକେୟା ସମସ୍ତ ପାଣି ପଞ୍ଚାୟତର ନିର୍ବାଚନ କରିବାକୁ ଜିଲାପାଳ ଉଭୟ ପକ୍ଷର ଚାଷୀଙ୍କୁ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ଉଭୟପକ୍ଷ ଚାଷୀ ରାଜି ହେବାରୁ ଜଳବିବାଦର ଅନ୍ତ ହେବ ବୋଲି ଆଶା କରାଯାଇଛି। ରବିବାର ପ୍ରଶାସନର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଚାଷୀଙ୍କ ଆନ୍ଦୋଳନସ୍ଥଳକୁ ଯାଇ ପ୍ରତିଶ୍ରୁତି ଦେବା ପରେ ମଧ୍ୟାହ୍ନ ୧୨ଟାରେ ଉପରମୁଣ୍ଡ ଚାଷୀ ଧାରଣାରୁ ଓହରିଛନ୍ତି। ଏହି ସମୟରେ ଜଳସେଚନ ବିଭାଗ ମୁଖ୍ୟଯନ୍ତ୍ରୀ ଗୌରାଙ୍ଗ ଚରଣ ସାହୁ, ଆଇନଜୀବୀ ପ୍ରସନ୍ନ ପାଢ଼ୀ, ତଳମୁଣ୍ଡ ପାଣି ପଞ୍ଚାୟତ ସଭାପତି ରାଜେଶ ନିଗମ, ସମ୍ପାଦକ ଧୋନୀରାମ ସାହୁ, ଉପରମୁଣ୍ଡ ଚାଷୀ ଭରତଲାଲ ରାଉତ, କମଳେଶ ଦୀକ୍ଷିତ ପ୍ରମୁଖ ଉପସ୍ଥିତ ଥିଲେ।

## ଟ୍ରାକ୍ଟରରେ ଚାପି ହୋଇ ଶ୍ରମିକ ମୃତ

**ବିଜେପୁର, ୭।୨ (ଡି.ଏନ.ଏ)**

ବରଗଡ ଜିଲା ବିଜେପୁର ଥାନା ଅନ୍ତର୍ଗତ ପୁଟୁକାରେ ଟ୍ରାକ୍ଟରରେ ଚାପି ହୋଇ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗଣ୍ଡିଆପାଲିର ଭୀମ ରାୟ (୨୦)। ପୋଲିସ ସୂଚନା ଅନୁସାରେ, ଶନିବାର ସନ୍ଧ୍ୟାରେ ବି. କଟାପାଲି ଗ୍ରାମର ଭୋଟ ସାହୁ ତାଙ୍କର ଟ୍ରାକ୍ଟର (ନଂ.ଓଡି୧୭ସି/୬୮୦୧)ରେ ନିକଟସ୍ଥ ନଦୀରୁ ବାଲି ଆଣୁଥିଲେ। ଭୀମ ଟ୍ରାକ୍ଟର ଟ୍ରଲିରେ ବସିଥିବା ବେଳେ କୌଣସି କାରଣରୁ ଖସି ପଡିଥିଲେ। ଫଳରେ ତାଙ୍କ ଉପରେ ଟ୍ରାକ୍ଟର ଚଢ଼ି ଯାଇଥିଲା। ରବିବାର ସକାଳେ ଏହି ଘଟଣା ପ୍ରଘଟ ହେବା ପରେ ବଲାଙ୍ଗୀରରୁ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଛାନଭିନ କରିଥିଲା। ବିଜେପୁର ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ବରଗଡ ପଠାଇ ଏକ ମାମଲା (ନଂ.୨୮/୨୧) ରୁଜୁ କରି ଟ୍ରାକ୍ଟର ଡ୍ରାଇଭରଙ୍କୁ ଅଟକ ରଖି ପଚରାଉଚରା କରୁଛି।

## ପ୍ରଧାନଶିକ୍ଷକଙ୍କ ବଦଳି ଦାବିରେ ଗଣଧାରଣା

**କେସିଙ୍ଗା, ୭।୨ (ଡି.ଏନ.ଏ):** କେସିଙ୍ଗା ବ୍ଲକ ମଶାଣୀବନ୍ଧ ଜବାହାର ଉଚ୍ଚ ବିଦ୍ୟାପୀଠ ବାଲିସ (କ)ର ପ୍ରଧାନଶିକ୍ଷକଙ୍କ ବଦଳି ଦାବିରେ ରବିବାର ଅଭିଭାବକ, ଗ୍ରାମବାସୀ ଓ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟମାନେ ବିଦ୍ୟାଳୟ ଗେଟରେ ତାଲା ଦେଇ ଧାରଣା ଦେଇଥିଲେ । କରୋନା ସମୟରେ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଫର୍ମ ଫିଲପ୍, ପାଠ୍ୟ ପୁସ୍ତକ ମାଗଣାରେ ଯୋଗାଇବାକୁ ସରକାର ଘୋଷଣା କରିଥିବା ବେଳେ ରି-ଆଡମିଶନ ଓ ଫର୍ମଫିଲପ ବାବଦକୁ ୪୦୦ ଟଙ୍କା ଆଦାୟ ହୋଇଛି। ଅଷ୍ଟମ, ନବମ ଏସଟି/ଏସସି ଛାତ୍ରୀଛାତ୍ରଙ୍କଠାରୁ ବହି ଦେବା ନାଁରେ ଜଣ ପିଛା ୩୦ ଟଙ୍କା ନିଆଯାଇଛି । ଏପରିକି ଦଶମ ଶ୍ରେଣୀ ଏସଟି/ଏସସି ପିଲାଙ୍କ ପାଇଁ ଉର୍ଦ୍ଦିଷ୍ଟ ମାଗଣା ବହିକୁ ସାଧାରଣବର୍ଗ ପିଲାଙ୍କୁ ୫୦୦ଟଙ୍କାରେ ବିକ୍ରି କରିଥିବା ଅଭିଯୋଗ ହୋଇଛି। ପ୍ରଧାନଶିକ୍ଷକ ବଂଶୀଧର ରାଉତଙ୍କ ମନମୁଖୀ କାର୍ଯ୍ୟ ନେଇ ଶିକ୍ଷକ ମହଲରେ ଅସନ୍ତୋଷ ଲାଗି ରହିଛି। ଗ୍ରାମବାସୀ ଶିକ୍ଷାମନ୍ତ୍ରୀ, ଜିଲାପାଳ, ଡିଇଓ, ବିଇଓଙ୍କ ନିକଟରେ ଅଭିଯୋଗ କରିଥିଲେ। ଜିଲା ଶିକ୍ଷା ଅଧିକାରୀ ଓ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବିଇଓ ବବ୍ରୁବାହାନ ପ୍ରଧାନ ନିକଟରେ ଉକ୍ତ ବିଦ୍ୟାଳୟକୁ ଆସି ଏହାର ତଦନ୍ତ କରିଥିଲେ ହେଁ କୌଣସି ସୁଫଳ ମିଳିନାହିଁ। ଫଳରେ ଗ୍ରାମବାସୀ ଓ ଅଭିଭାବକ ଗଣଧାରଣା ଦେଇଥିଲେ । ବିଧାୟକ ପ୍ରତିନିଧି ଡୋଳାମଣି ଭୋଇଙ୍କ ନେତୃତ୍ୱରେ ବାଲସି ପସରପଞ୍ଚ ଚୁଡାମଣି ମାଝୀ, ପୂର୍ବତନ ସରପଞ୍ଚ ଗୋପାଳ ସାହୁ, ଶିକ୍ଷା କମିଟି ଉପସଭାପତି ରମେଶ ନାଏକ, ସମିତି ସଭ୍ୟ ଅଭିମନ୍ୟୁ ମାଝୀ, ସଂକୀର୍ତ୍ତନ ସାହୁ ପ୍ରମୁଖ ଗଣଧାରଣା ଦେଇଥିଲେ । ବିଇଓ ଘଟଣାସ୍ଥଳକୁ ଯାଇ ସୋମବାର ପ୍ରଧାନଶିକ୍ଷକ ରାଉତଙ୍କୁ ଡେପୁଟେଶନରେ ପଠାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣାକାରୀ ଆନ୍ଦୋଳନରୁ ଓହରିଥିଲେ।

## ୨୭.୯୭ କୋଟି ଟଙ୍କାର ପ୍ରକଳ୍ପ ଉଦ୍‌ଘାଟିତ

**ଅମରପାଲି, ୭।୨ (ଡି.ଏନ୍.ଏ.)**


ଖଣ୍ଡହତା ପଞ୍ଚାୟତ ବଡକିରାସିରା ହାଇସ୍କୁଲ ଗୃହ ଉଦ୍‌ଘାଟନ କରୁଛନ୍ତି ମନ୍ତ୍ରୀ ପଦ୍ମନାଭ ବେହେରା।

ରାଜ୍ୟ ବାଣିଜ୍ୟ ପରିବହନ ଏବଂ ଯୋଜନା ଓ ସଂଯୋଜନ ମନ୍ତ୍ରୀ ପଦ୍ମନାଭ ବେହେରା ବୀରମହାରାଜପୁର ବ୍ଲକ ଅଧୀନ ବିଭିନ୍ନ ଅଞ୍ଚଳରେ ପ୍ରାୟ ୨୭ କୋଟି ୯୭ ଲକ୍ଷ ଟଙ୍କାର ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ ସହ ଆଉ କେତେକ ପ୍ରକଳ୍ପ ପାଇଁ ଶିଳାନ୍ୟାସ କରିଛନ୍ତି। ରଥପୁରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ରକ୍ଷଣାବେକ୍ଷଣ ଓ ଉନ୍ନତୀକରଣ ପାଇଁ ୧ କୋଟି ୨୧ଲକ୍ଷ ୯୮ ହଜାର ୨୬୦ ଟଙ୍କାର ପ୍ରକଳ୍ପ, ୪ କୋଟି ୪ ଲକ୍ଷ ୯୪ ହଜାର ଟଙ୍କାର ବଳିପାଲି ପୋଲ, ୪୫ ଲକ୍ଷ ଟଙ୍କାର ବଡକିରାସିରା ହାଇସ୍କୁଲ ଗୃହ, ଖଣ୍ଡହତାରେ ୫ ଲକ୍ଷ ଟଙ୍କାର ମିଶନ ଶକ୍ତି ଗୃହ, ୬ ଲକ୍ଷ ୫୦ ହଜାର ଟଙ୍କାର ପିଇଓ କ୍ୱାର୍ଟର୍ସ, ୩୨ଲକ୍ଷ ଟଙ୍କାର ଖଣ୍ଡହତା ଆରଆଇ ଅଫିସ ଗୃହ, ୬ ଲକ୍ଷ ୨୦ ହଜାର ଟଙ୍କା ଅଟକଳର ଖଣ୍ଡହତାରେ ଲେମନ ଗ୍ରାସ ପ୍ରୋସେସିଂ ୟୁନିଟ ଓ ୨ଲକ୍ଷ ଟଙ୍କାର ଖଣ୍ଡହତା ହାଇସ୍କୁଲରେ ଅମୃତଧାରା ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି ମନ୍ତ୍ରୀ। ଏହା ସହିତ ସୁବଳୟା ପଞ୍ଚାୟତରେ ୩୨ ଲକ୍ଷ ଟଙ୍କାର ଆରଆଇ ଅଫିସ ଗୃହ, ୫ ଲକ୍ଷ ଟଙ୍କାର ମିଶନ ଶକ୍ତି ଗୃହ ଓ ୪ ଲକ୍ଷ ଟଙ୍କାର କ୍ଲବ ଗୃହର ଶୁଭ ଉଦ୍‌ଘାଟନ ହୋଇଛି। ବ୍ଲକର ପ୍ରମୁଖ ପର୍ଯ୍ୟଟନସ୍ଥଳ ହରିହରଯୋର ଠେଙ୍ଗୋ ଡ୍ୟାମରେ ନଦୀବନ୍ଧ ସୁରକ୍ଷା ଓ ଉନ୍ନତୀକରଣ ପାଇଁ ପ୍ରାୟ ୧ କୋଟି ୮୨ ଲକ୍ଷ ୫୨ ହଜାର ୮୨୨ ଟଙ୍କା ଓ ମୁର୍ଷୁଣୀ ଖଣ୍ଡହତା-ସୁବଳୟା ପିଡବ୍ଲ୍ୟୁଡି ରାସ୍ତାର ଉନ୍ନତୀକରଣ ପାଇଁ ୧୯ କୋଟି ୫୦ ଲକ୍ଷ ଟଙ୍କା ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ପ୍ରକଳ୍ପଗୁଡିକର ଉଦ୍‌ଘାଟନ ଓ ଶିଳାନ୍ୟାସ ବେଳେ ବିଭିନ୍ନ ବିଭାଗୀୟ ଅଧିକାରୀ, ଯନ୍ତ୍ରୀ, ବିଡିଓ ମୋତିଲାଲ ସୁଲିଆ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ତଥା ସୁବଳୟା ସମିତି ସଭ୍ୟ ରଞ୍ଜିତ ରଥ, ସୁବଳୟା ସରପଞ୍ଚ ଲିଲି ପାତ୍ର, ଖଣ୍ଡହତା ସରପଞ୍ଚ ଆଶା ସାହୁ, କେଞ୍ଜିରିଆପାଲି ସରପଞ୍ଚ ସନ୍ତୋଷ ପଧାନ, ଦୁର୍ଜନଟୈଲା ସରପଞ୍ଚ ରଞ୍ଜିତ ଖେତୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଜୁନାଗଡ଼ ବ୍ଲକ: ୧୭ ସ୍କୁଲରେ ପଡ଼ିବ ତାଲା

**ଜୁନାଗଡ,୭।୨(ଡି.ଏନ୍.ଏ)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକର ୧୫ରୁ କମ୍ ଉପସ୍ଥାନ ଥିବା ୫ଟି ସ୍କୁଲ ବନ୍ଦ ହେବ । ଏହାଛଡା ୪୦ରୁ କମ୍ ଉପସ୍ଥାନ ଥିବା ୧୨ଟି ସ୍କୁଲ ୧କିମି ଦୂରରେ ଥିବା ନିକଟସ୍ଥ ସ୍କୁଲରେ ମିଶ୍ରଣ ହେବ ବୋଲି ସ୍ଥାନୀୟ ଶିକ୍ଷା ବିଭାଗ ପକ୍ଷରୁ ଜଣାପଡିଛି। ବନ୍ଦ ହେବା ସ୍କୁଲଗୁଡିକ ମଧ୍ୟରେ ଚିଟୈଗୁଡା ବଡପଡା ପିଏସ୍, ଘାଟିବନ୍ଧପଡା ଏନପିଏସ୍, ଲିମପଡା ପିଏସ୍, ଭରୁଆଗୁବାପଡା ଏନପିଏସ୍, ବଳରାମପୁର ପିଏସ୍ ରହିଛି। ସେହିପରି ୧କିମି ନିକଟସ୍ଥ ସ୍କୁଲରେ ମିଶ୍ରଣ ହେବାକୁ ଥିବା ସ୍କୁଲଗୁଡିକ ହେଲା ଖଲିଆପଡା ଏନପିଏସ୍, ଚାରବାହାଲ ସିପିଏସ୍, ଦଳପତିପଡା ପିଏସ୍, ମାଲପଡା ପିଏସ୍, ଯମୁନାବାହାଲ (ବି) ପିଏସ୍, ନାକୁଆପଡା ପିଏସ୍, ପ୍ରଗତି ନଗର ଏନପିଏସ୍, ମଥୁରା ସିପଏସ୍, ଛକପଡା ଏନପିଏସ୍, ଆମ୍ବେଦକର ପିଏସ୍, ଜୁନାଗଡ ସିପିଏସ୍ ଓ କୁପାଗାଁ ପିଏସ୍ ଆଦି ରହିଥିବା ଜଣାପଡିଛି। ମୋଟାମୋଟି କହିବାକୁ ଗଲେ ଉପରୋକ୍ତ ୧୭ଟି ସ୍କୁଲରେ ତାଲା ପଡିବ। ଏପଟେ ସ୍କୁଲ ବନ୍ଦ ଓ ମିଶ୍ରଣ ହେଉଥିବା ଗାଁଗୁଡିକରେ ଏବେ ଅସନ୍ତୋଷ ଦେଖିବାକୁ ମିଳିଛି। ଗୋଟିଏ ପଟେ ସ୍କୁଲଗୁଡିକୁ ପୋଷ୍ୟ ଭାବେ ଗ୍ରହଣ କରି ଉନ୍ନତ ଭିତ୍ତିଭୂମି କରିବାକୁ ରାଜ୍ୟ ସରକାର ପ୍ରୋତ୍ସାହନ ଦେଉଥିବା ବେଳେ ଦୀର୍ଘ ବର୍ଷ ଧରି ଚାଲିଥିବା ଏପରି ଶିକ୍ଷାନୁଷ୍ଠାନଗୁଡିକ ବନ୍ଦ ହୋଇଯିବା ଶିକ୍ଷା ବ୍ୟବସ୍ଥା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି ବୋଲି ଅଭିଯୋଗ ହୋଇଛି। ଏ ନେଇ ଜୁନାଗଡ ବ୍ଲକ ଶିକ୍ଷାଧିକାରୀ ବିଜୟ କୁମାର ସେନାପତିଙ୍କୁ ପଚାରିବାରେ ସରକାରଙ୍କ ନିର୍ଦ୍ଦେଶାନାମା ଅନୁସାରେ ଜୁନାଗଡ ବ୍ଲକର ୫ଟି ସ୍କୁଲ ବନ୍ଦ ଓ ୧୨ଟି ସ୍କୁଲ ମର୍ଜ ହେବ ବୋଲି ଚିଠି ଆସିଥିବା କହିଥିଲେ।

## ପୋଷ୍ୟ ସ୍କୁଲ ଗ୍ରହଣ କରିବେ ଡାକ୍ତର ଦମ୍ପତି

**ବରଗଡ଼ ଅଫିସ୍,୭।୨**


ପୋଷ୍ୟ ସ୍କୁଲ ଗ୍ରହଣ କରିବାକୁ ଇଚ୍ଛା ପ୍ରକାଶ କରିଥିବା ଡାକ୍ତର ଦମ୍ପତି ।

ବରଗଡ଼ ସାଇକୃପା ନର୍ସିଂହୋମର ଡାକ୍ତର ଦମ୍ପତି ତଥା ସାଇକୃପା ଚାରିଟେବୁଲ ଟ୍ରଷ୍ଟର ଡା. ସୁସ୍ମିତା ଦାଶ ଓ ଡା. ରାଜେଶ ତ୍ରିପାଠୀ ରାଜ୍ୟ ସରକାରଙ୍କ ମୋ ସ୍କୁଲ ଅଭିଯାନରେ ୨ଟି ହାଇସ୍କୁଲକୁ ପୋଷ୍ୟ ଭାବେ ଗ୍ରହଣ କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି । ଉକ୍ତ ସ୍କୁଲ ଦୁଇଟି ହେଉଛି ବରଗଡ଼ ଜିଲା ବିଜେପୁର ବ୍ଲକର ସରକାରୀ ବାଳିକା ହାଇସ୍କୁଲ ଏବଂ ବୌଦ୍ଧ ଜିଲା ବାଉଶୁଣୀ ବ୍ଲକର ସରକାରୀ ହାଇସ୍କୁଲ। ଏ ନେଇ ବିହିତ ପଦକ୍ଷେପ ନେବା ପାଇଁ ଡାକ୍ତର ଦମ୍ପତି ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ସଚିବ ତଥା ମୋ ସ୍କୁଲ ଅଭିଯାନର ଭାଇସ୍ ଚେୟାରମ୍ୟାନ ସତ୍ୟବ୍ରତ ସାହୁଙ୍କୁ ରବିବାର ଲେଖି ଜଣାଇଛନ୍ତି। ଡାକ୍ତର ଦମ୍ପତିଙ୍କ ଏଭଳି ପଦକ୍ଷେପକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି ।

## ରାଧାକୃଷ୍ଣ ମନ୍ଦିର ରତ୍ନମୁଦ ଉତ୍ସବ


ରତ୍ନମୁଦ ଉତ୍ସବରେ ଉପସ୍ଥିତ ଶ୍ରଦ୍ଧାଳୁ।

**ବରଗଡ଼ ଅଫିସ୍,୭।୨**

ବରଗଡ଼ ପୌର ପରିଷଦ ୱାର୍ଡ଼ ନଂ-୧୬ ବ୍ରହ୍ମଚାରୀରେ ନବନିର୍ମିତ ରାଧାକୃଷ୍ଣ ମନ୍ଦିରର ରତ୍ନମୁଦ ଉତ୍ସବ ରବିବାର ଅନୁଷ୍ଠିତ ହୋଇଛି। ଏହି ଅବସରରେ ବୈଦିକ ରୀତିରେ ମନ୍ତ୍ରପାଠ ସହିତ ହୋମଯଜ୍ଞ ହୋଇଥିଲା। ଏଥିରେ ରମେଶ ଚନ୍ଦ୍ର ପ୍ରଧାନ ସସ୍ତ୍ରୀକ କର୍ତ୍ତା ଏବଂ ପଣ୍ଡିତ ଖଗେଶ୍ୱର ମିଶ୍ର, ତ୍ରିଲୋଚନ ପାଣିଗ୍ରାହୀ, ଜଗଦୀଶ ଶତପଥୀ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ବ୍ରହ୍ମଚାରୀ ଗୌରାଙ୍ଗ ସାଂସ୍କୃତିକ ସଂଘର ତତ୍ତ୍ୱାବଧାନରେ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା। ଉକ୍ତ ସମାରୋହରେ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ସାମିଲ ହୋଇଥିବାବେଳେ ମନ୍ଦିର କମିଟି ପକ୍ଷରୁ ପ୍ରସାଦ ବଣ୍ଟନ କରାଯାଇଥିଲା। ଦୟାନିଧି ସାହୁ, ଟଙ୍କଧର ସାହୁ, ସନ୍ତୋଷ ମେହେର, ଚୂଡ଼ାମଣି ଦୋରା, ସତ୍ୟ ନାରାୟଣ ଦୋରା ପ୍ରମୁଖ ସହଯୋଗ କରିଥିଲେ ।

## ଖପ୍ରାଖୋଲ ଅଞ୍ଚଳରେ ବାଘ ବୁଲୁଥିବା ନେଇ ଚର୍ଚ୍ଚା

**ଖପ୍ରାଖୋଲ, ୭।୨(ଡି.ଏନ୍.ଏ.)**

**ବନ ବିଭାଗର ଅସ୍ୱୀକାର**

ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ମହାବଳ ବାଘ ବୁଲୁଥିବା ନେଇ ତିନିଦିନ ହେଲା ଚର୍ଚ୍ଚା ଜୋର ଧରିଛି। ଗୁରୁବାର ସକାଳେ ଖପ୍ରାଖୋଲ ଗାଁର ଜଣେ ବ୍ୟକ୍ତି ଖପ୍ରାଖୋଲ-ପାଟଣାଗଡ ରାସ୍ତାର ପୁରୁଣା ଗୋଦାମ ସାମ୍ନା ପଟୁ ମହାବଳ ବାଘ ରାସ୍ତା ପାର ହେଉଥିବା ଦେଖିଥିବା କହିଛନ୍ତି। ବାଘ ପାଦଚିହ୍ନ ସେ ଦେଖିଥିବା ପ୍ରକାଶ କରିଛନ୍ତି। ଖପ୍ରାଖୋଲର ଗୋଟିଏ ପଟେ ବାଘେନ ସଂରକ୍ଷିତ ଜଙ୍ଗଲ ଥିବାବେଳେ ଏହା ଗନ୍ଧମାର୍ଦ୍ଦନକୁ ସଂଯୋଗ କରୁଛି । ଖପ୍ରାଖୋଲ ବ୍ଲକ ଅଞ୍ଚଳକୁ ସଂଯୋଗ କରୁଥିବା ନୂଆପଡା ଜିଲାର ସୁନାବେଢା ବ୍ୟାଘ୍ର ଅଭୟାରଣ୍ୟ ରହିଛି । ୩ ବର୍ଷ ତଳେ ଲାଠୋର ରେଞ୍ଜ ଅନ୍ତର୍ଗତ ଚୋରମୁଣ୍ଡା ଗାଁ ନିକଟରେ ଏକ ମହାବଳର ମୃତଦେହ ମିଳିଥିଲା। ୨ବର୍ଷ ତଳେ ଗନ୍ଧମାର୍ଦ୍ଦନରେ ଏକ ଚିତାବାଘ ମୃତଦେହ ଠାବ ହୋଇଥିଲା ।୨ମାସ ତଳେ ଗନ୍ଧମାର୍ଦ୍ଦନ ତଳି ରେଙ୍ଗାଲିରେ ଚିତାବାଘ କୁକୁଡା ଖାଇଥିବା ଜଣାଯାଇଥିଲା । ଏବେ ଖପ୍ରାଖୋଲ ପାଖରେ ମହାବଳ ବାଘ ବୁଲିବା ଘଟଣାକୁ ଲୋକେ ଅସ୍ୱୀକାର ମଧ୍ୟ କରୁନାହାନ୍ତି। ଭେଲୁଆଖୋଲ ଥୁଟା ଜଙ୍ଗଲରେ ବାର୍‌ହା ମୃତଦେହର ଅବଶିଷ୍ଟାଂଶ ପଡିଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଯାହାକୁ ନେଇ ଅଂଚଳରେ ବାଘ ବୁଲିବା ଘଟଣା ଜୋର ଚର୍ଚ୍ଚା ଧରିଛି। ହରିଶଙ୍କର ରେଞ୍ଜ ଅଧିକାରୀ ଶ୍ରୀବସ୍ତ କୁମୁରା ଖପ୍ରାଖୋଲ ନିକଟରେ ମହାବଳ ବାଘ ବୁଲିବା ଘଟଣାକୁ ଅସ୍ୱୀକାର କରିଛନ୍ତି।

## ଉଲୁଣ୍ଡା କପ୍ କ୍ରିକେଟ : ଉଲୁଣ୍ଡା ଚାମ୍ପିୟନ

**ଉଲୁଣ୍ଡା, ୭।୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କ୍ରିକେଟ ଆସୋସିଏଶନ ପକ୍ଷରୁ ଆୟୋଜିତ ୨୮ତମ ଉଲୁଣ୍ଡା କପ୍ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ଖେଳରେ ଏବି ବ୍ରଦର୍ସ ଉଲୁଣ୍ଡା ଦଳ ଏମଏମସିସି ସମ୍ବଲପୁରକୁ ହରାଇ ଚାମ୍ପିୟନ ହୋଇଛି। ସ୍ଥାନୀୟ କଲେଜ ପଡିଆରେ ରବିବାର ଖେଳାଯାଇଥିବା ଏହି ମ୍ୟାଚର ପ୍ରଥମ ଫର୍ମାଟରେ ବ୍ୟାଟିଂ କରି ଉଲୁଣ୍ଡା ୧୬ ଓଭରରେ ୧୨୭ ରନ କରି ଅଲଆଉଟ୍ ହୋଇଥିଲା। ଦଳର ବିଶାଳ ତରିଆ ସର୍ବାଧିକ ୪୦ରନ କରିଥିଲେ। ଏହାର ଜବାବରେ ସମ୍ବଲପୁର ଦଳ ୯୩ ରନରେ ଅଲଆଉଟ ହୋଇ ୩୪ରନରେ ପରାସ୍ତ ହୋଇଥିଲା। ସେହିପରି ଦ୍ୱିତୀୟ ଫର୍ମାଟରେ ଉଲୁଣ୍ଡା ଦଳ ସମ୍ବଲପୁରକୁ ସିଧାସଳଖ ୪୭ ରନରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ଆଜିର ଖେଳକୁ ଶ୍ରୀବନ୍ତ କୁମାର ନାୟକ ଓ ସୁଶାନ୍ତ ସେଠୀ ପରିଚାଳନା କରିଥିଲେ। ବନମାଳୀ ପ୍ରଧାନ ସ୍କୋରିଂ କରିଥିବା ବେଳେ ପାର୍ଥସାରଥି ଦାସ ଧାରା ବିବରଣୀ ପ୍ରଦାନ କରିଥିଲେ। ମନଜିତ ଆଚାର୍ଯ୍ୟଙ୍କ ସଂଯୋଜନାରେ ହୋଇଥିବା ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା, ବ୍ଲକ ଉପାଧ୍ୟକ୍ଷ ଅଶୋକ ପଣ୍ଡା, ଜିଲା ସରପଞ୍ଚ ସଂଘ ସମ୍ପାଦକ ଅରବିନ୍ଦ ବାରିକ, ନାରାୟଣ ଲୁହା, ଶୈଳରଞ୍ଜନ ବାଦୀ, ଝସକେତନ ବଘାର, ପିଙ୍କି ବିଶି, ଶିବାନୀ ମହାକୁର, ସନ୍ତୋଷିନୀ ଭୋଇ ପ୍ରମୁଖ ଯୋଗଦେଇଥିଲେ। ବିଜୟୀ ଉଲୁଣ୍ଡାକୁ ଟ୍ରଫି ସହ ୨୦ ହଜାର ଟଙ୍କା ଓ ଉପବିଜେତା ସମ୍ବଲପୁର ଦଳକୁ ଟ୍ରଫି ସହ ୧୨ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ମ୍ୟାନ ଅଫ୍ ଦି ମ୍ୟାଚ ଓ ମ୍ୟାନ୍ ଅଫ ଦି ସିରିଜ ବିଶାଳ ତରିଆ, ଶ୍ରେଷ୍ଠ ବୋଲର ଗଣେଷ ବଡ଼େଇ, ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ପ୍ରଶାନ୍ତ ବିଶି, ଉଇକେଟ କିପର ଭାବେ ଅଭିଳାଷ ନାୟକ ପ୍ରମୁଖଙ୍କୁ ପୁରସ୍କୃତ କରାଯାଇଥିଲା।



ଅତିଥିମାନଙ୍କଠାରୁ ଚାମ୍ପିୟନ ଉଲୁଣ୍ଡା ଦଳର ଖେଳାଳିମାନେ ଟ୍ରଫି ଗ୍ରହଣ କରୁଛନ୍ତି।

## କିଚେନ୍ ଗାର୍ଡେନ ପ୍ରତି ବଢ଼ୁଛି ଆଗ୍ରହ

**ବଲାଙ୍ଗୀର ଅଫିସ, ୭।୨**


ବଲାଙ୍ଗୀର ସହର କଚେରି ଛକ ନିକଟ ରାସ୍ତାକଡରେ ପଣ୍ଟା ବିକ୍ରୟ ହେଉଛି।

**ବଲାଙ୍ଗୀର ବଜାରରେ ବିକ୍ରି ହେଉଛି ବିଭିନ୍ନ କିସମର ପଣ୍ଟା**

ବଜାରରେ ରାସାୟନିକ ସାର ଓ କୀଟନାଶକ ଦିଆ ପରିବା ବହୁଳ ମାତ୍ରାରେ ବିକ୍ରି ହେଉଛି। ଏଭଳି ପରିବା ପ୍ରକାରାନ୍ତରେ ଲୋକଙ୍କ ସ୍ୱାସ୍ଥ୍ୟଗତ ସମସ୍ୟାର କାରଣ ପାଲଟିଲାଣି। ଏଭଳି ସମୟରେ ଲୋକେ ରାସାୟନିକ ସାର ଓ କୀଟନାଶକ ମୁକ୍ତ ପନିପରିବା ଖାଇବାକୁ ଚାହୁଁଛନ୍ତି। ଏହି ଅଭ୍ୟାସ ଏବେ କିଚେନ୍ ଗାର୍ଡେନ ସଂସ୍କୃତିକୁ ଅଧିକ ଉତ୍ସାହିତ କରୁଛି। ଏବେ ବିଭିନ୍ନ ପନିପରିବା କିସମର ପଣ୍ଟା ବଲାଙ୍ଗୀରର ବିଭନ୍ନ ବଜାରରେ ବିକ୍ରି ହେଉଛି। ଲୋକେ ନିଜ ବାଡିବଗିଚାରେ ଏଭଳି ଦେଶୀ ଓ ଉନ୍ନତ ଭେରାଇଟିର ପଣ୍ଟା ଲଗାଇ ନିଜ ହାତପାହାନ୍ତାରେ ଚାଷ କରି ଶୁଦ୍ଧ ଓ ସ୍ୱାସ୍ଥକର ପରିବା ପାଇପାରୁଛନ୍ତି। ଏପରିକି ଘରର ଛାତ, ପାଚେରୀ ବାଡରେ କିଚେନ୍ ଗାର୍ଡେନ ତିଆରି ବିଭିନ୍ନ କସିମର ଫୁଲ, ଫଳ ଗଛ ସହ ପରିବା ଗଛ ଲଗାଉଛନ୍ତି। ସହରର କଚେରି ଛକ ସମେତ ବିଭିନ୍ନ ରାସ୍ତାକଡରେ ଏବେ ବାଇଗଣ, ପାତଳ ଘଣ୍ଟା, ମିର୍ଚ୍ଚ, ପିଆଜ, କୋବି, ଶାଗ, ଶିମ୍ବ, ଚଢ଼ନିପତର, ଝୁଡଙ୍ଗ, କାକୁଡି, ଜହ୍ନି, କଲରା ମଞ୍ଜି ବିକ୍ରି ହେଉଛି । ଲୋକେ ଏହାକୁ କିଣି କିଚେନ୍ ଗାର୍ଡେନ କରି ଘରେ ଲଗାଉଛନ୍ତି । ଏହାଦ୍ୱାରା ଲୋକେ ଶୁଦ୍ଧ ଓ ସ୍ୱାସ୍ଥ୍ୟକର ପନିପରିବା ପାଉଥିବା କହିଛନ୍ତି। ପୁଇଁତଲା ବ୍ଲକ ରାଘବପାଲିର ବନିତା ପଧାନ, କସ ନାଇ, ବୈଶାଖୁ ବର୍ଗଡ଼ି ଓ ସତ୍ୟ ପଧାନ ପ୍ରମୁଖ ଚାଷୀମାନେ ନିଜ ବାଡିରେ ବିଭିନ୍ନ ଉନ୍ନତ କିସମର ପନିପରିବା ପଣ୍ଟା ପକାଇ ଏହାକୁ ବଲାଙ୍ଗୀର ବଜାରରେ ଆଣି ବିକ୍ରି କରୁଛନ୍ତି । ଏହାଦ୍ୱାରା ସେମାନେ ମଧ ଦୁଇପଇସା ରୋଜଗାର କରୁଥିବା କହିଛନ୍ତି। କିଚେନ ଗାର୍ଡେନ ସଂସ୍କୃତିକୁ ଆହୁରି ପ୍ରଚାର ପ୍ରସାର କରାଗଲେ ଲୋକେ ଲାଭବାନ ହେବା ସହ ପଣ୍ଟା ବେପାରରେ ଉନ୍ନତି ହୋଇପାରିବ ବୋଲି ସେମାନେ କହିଛନ୍ତି।

**ଉଲୁଣ୍ଡା: ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କଲେ ମନ୍ତ୍ରୀ**

ସୋନପୁର,(ନି.ପ୍ର.): ରାଜ୍ୟ ଯୋଜନା ଓ ସଂଯୋଜକ ଏବଂ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ରବିବାର ଉଲୁଣ୍ଡା ବ୍ଲକର ମୁଣ୍ଡୋଘାଟ, ବିଶିପଡା ଓ ଉଲୁଣ୍ଡା ପଞ୍ଚାୟତ ବିଭିନ୍ନ ଗ୍ରାମ ଗସ୍ତ କରି ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଛନ୍ତି । ହିକୁଡି ଠାରେ ଗ୍ରାମୀଣ ବଜାର ଉଦ୍‌ଘାଟନ କରିଥିଲେ। ପରେ ପତ୍ରାପାଲି, ଭଜବଲପୁର, ଲଙ୍କାବାହାଲ, ମୁଣ୍ଡୋଘାଟ, ଧର୍ମଶାଳା ହାଇସ୍କୁଲ, ମରାଲୋଏ, ଉଲୁଣ୍ଡା, ମାଟିଖାଇ ନୂଆପଡା ଓ ଉଲୁଣ୍ଡା ଖେଳପଡିଆ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଯୋଗଦାନ କରିବା ସହିତ ସମାବେଶରେ ଉଦ୍‌ବୋଧନ ଦେଇଥିଲେ। ମନ୍ତ୍ରୀଙ୍କ ସହିତ ବିଡିଓ ହେମସାଗର ଭୋଇ, ବ୍ଲକ ଉପାଧକ୍ଷ ଅଶୋକ ପଣ୍ଡା, ସରପଞ୍ଚ ରଞ୍ଜିତା ଭୋଇ, ପିଙ୍କି ବିଶି, ଅମିୟ ରଞ୍ଜନ ଦାଶ, ବିହାରିଲାଲ ମିଶ୍ର ଓ ଝସକେତନ ବଘାର ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଦୁଇ ପରିବାର ମଧରେ ସଂଘର୍ଷ, ୧୭ ଜଣଙ୍କ ବିରୋଧରେ ମାମଲା

**ଗୁଡଭେଲା, ୭।୨ (ଡି.ଏନ୍.ଏ.):** ତୁଷରା ଥାନା ଅନ୍ତର୍ଗତ ପେନ୍ଦିମୁଣ୍ଡା ଗ୍ରାମରେ ଘରୋଇ କଳିକୁ ନେଇ ଦୁଇ ପରିବାର ମଧରେ ସଂଘର୍ଷ ଘଟି ୫ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧରୁ ୨ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଉଭୟ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ପରେ ମୋଟ ୧୭ ଜଣଙ୍କ ବିରୋଧରେ ମାମଲା ରୁଜୁ ହୋଇଛି । ପେନ୍ଦିମୁଣ୍ଡା ଗ୍ରାମର ମାଗି ରଣା ଓ ଉଜଲ ରଣାଙ୍କ ପରିବାର ମଧରେ ପୂର୍ବ ଘରୋଇ କଳିକୁ ନେଇ ସଂଘର୍ଷ ଘଟିଥିଲା। ଏହି ଦୁଇ ପରିବାର କଳାହାଣ୍ଡି ଜିଲା ରାମପୁର ଥାନା ଅନ୍ତର୍ଗତ ନୁନ୍‌ପୁର ଗାଁକୁ ଏକ ବିବାହ ଉତ୍ସବରେ ଯୋଗଦେବା ପାଇଁ ଦୁଇଦିନ ତଳେ ଯାଇଥିଲେ । ସେଠାରେ କୌଣସି କଥାକୁ କେନ୍ଦ୍ର କରି ସେମାନଙ୍କ ମଧରେ ଗଣ୍ଡଗୋଳ ହୋଇଥିଲ । ସେଠାରେ ପୋଲିସ ଉପସ୍ଥିତିରେ ସମାଧାନ ହେବା ପରେ ସେମାନେ ପେନ୍ଦିମୁଣ୍ଡା ଫେରିଥିଲେ। ସେହି ଘଟଣାକୁ କେନ୍ଦ୍ର କରି ଆଜି ପୁଣିଥରେ ଉଭୟ ପରିବାର ମଧରେ ସଂଘର୍ଷ ଘଟିଥିଲା।

### ପୂର୍ବତନ ବ୍ଲକ ଅଧକ୍ଷଙ୍କ ପରଲୋକ

**ସରଣ୍ଡା,୭।୨(ଡି.ଏନ.ଏ):** ବରଗଡ଼ ଜିଲା ଅତାବିରା ବ୍ଲକର ପୂର୍ବତନ ବ୍ଲକ



ଅଧ୍ୟକ୍ଷ ଗୁଣମଣି କର୍ମୀଙ୍କ ରବିବାର ବୁର୍ଲାର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧିନ ଅବସ୍ଥାରେ ପରଲୋକ ହୋଇଛି। ସେ ଗତ କିଛିଦିନ ହେଲା ଅସୁସ୍ଥ ଥିଲେ ଏବଂ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ। ମାତ୍ର ରବିବାର ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ବୁର୍ଲା ନିଆଯାଇଥିଲା। ସେ ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ ସହିତ ଜଡ଼ିତ ଥିବାବେଳେ ବିଜେଡ଼ିର ଜଣେ ସକ୍ରିୟ ସଙ୍ଗଠକ ତଥା ପୁରୁଖା ନେତା ଥିଲେ । ତାଙ୍କ ପରଲୋକରେ ଅତାବିରା ବ୍ଲକ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି ।

### ସଡ଼କ ସୁରକ୍ଷା ମାସରେ ସଚେତନତା ଶୋଭାଯାତ୍ରା

**ଅମରପାଲି, ୭।୨ (ଡି.ଏନ୍.ଏ):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଳୟାରେ ଜୁନିୟର ରେଡକ୍ରସ ତରଫରୁ ସଡ଼କ ସୁରକ୍ଷା ମାସ ପାଳନ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ସଡ଼କ ପରିବହନ ବିଭାଗର ଆହ୍ୱାନକ୍ରମେ ଚଳିତବର୍ଷର ଥିମ୍ ସଡ଼କ ସୁରକ୍ଷା ଜୀବନ ରକ୍ଷା ସମ୍ପର୍କିତ ପ୍ଲାକାର୍ଡ ପ୍ରଦର୍ଶନ କରି ଲୋକଙ୍କୁ ସଚେତନ କରୁଥିଲେ। ଏହି କାର୍ଯ୍ୟକ୍ରମରେ ସୁବଳୟା ଥାନା ଅଧିକାରୀ କୁଶ ପାଣିଗ୍ରାହୀ ମୁଖ୍ୟଅତିଥି ଏବଂ ସହ ଥାନା ଅଧିକାରୀ ଦୀପ୍ତିରଞ୍ଜନ ଦିଗାଲ ସମ୍ମାନିତ ଅତିଥିଭାବେ ଯୋଗଦେଇ ବିଭିନ୍ନ ନିୟମ ଉପରେ ବୁଝାଇଥିଲେ। ଶିକ୍ଷୟିତ୍ରୀ ମୀନାକ୍ଷୀ ହୋତା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଜୁନିୟର ରେଡକ୍ରସ ପରାମର୍ଶଦାତା ଚନ୍ଦ୍ରମଣି ବାଘ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ସଫେଇ କର୍ମଚାରୀ କୋଭିଡ୍ ଯୋଦ୍ଧାଙ୍କୁ ସମ୍ବର୍ଦ୍ଧନା


**ବଲାଙ୍ଗୀର ଅଫିସ,୭।୨:** କରୋନା ମହାମାରୀ ସମୟରେ ସହରର ପରିମଳ ବ୍ୟବସ୍ଥାକୁ ସୁଧାରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଥିବା ମ୍ୟୁନିସିପାଲିଟି ସଫେଇ କର୍ମଚାରୀ କୋଭିଡ ଯୋଦ୍ଧାଙ୍କୁ ବଲାଙ୍ଗୀର ଜିଲା ଓକିଲ ସଂଘ ପକ୍ଷରୁ ରବିବାର ସମ୍ବର୍ଦ୍ଧିତ କରାଯାଇଛି । ଏହି ସମ୍ବର୍ଦ୍ଧନା ଉତ୍ସବରେ ବଲାଙ୍ଗୀର ମ୍ୟୁନିସିପାଲିଟିର ୨୦୦ ଜଣ ମହିଳା ଓ ପୁରୁଷ ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଜିଲା ଓକିଲ ସଂଘ କିରାଣୀ ଗଙ୍ଗାଧର ନନ୍ଦଙ୍କୁ ମଧ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲ । ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ପରିସରରେ ଜିଲା ଓକିଲ ସଂଘ ସଭାପତି ପ୍ରବୀଣ ମିଶ୍ରଙ୍କ ସଭାପତିତ୍ୱରେ ଏବଂ ସମ୍ପାଦକ ବାସୁଦେବ ରଥଙ୍କ ସଂଯୋଜନାକ୍ରମେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଅତିଥିଭାବେ ଆଇଏଏସ୍ ପ୍ରୋବେସନର ମନୋଜ ମହାଜନ, ତହସିଲଦାର ମଘମନ ବାଗ ଯୋଗଦାନ କରିଥିଲେ । ସମ୍ବର୍ଦ୍ଧନା ସଭାରେ ଆଡଭୋକେଟ ଓଁକାର ନାୟକ, ଶୁଭ୍ରାଂଶୁ ଶେଖର ପଣ୍ଡା ଓ ନିତ୍ୟାନନ୍ଦ ବରେଇ, ମ୍ୟୁନିସିପାଲିଟି ସଫେଇ କର୍ମଚାରୀ ସଂଘର ନରସିଂହ ଦୀପ ବକ୍ତବ୍ୟ ରଖିଥିଲେ ।

# ଚିନିକଳ ପୁନରୁଦ୍ଧାର ଦାବି ତେଜିଲା

**ବରଗଡ଼ ଅଫିସ୍,୭।୨**

ବରଗଡ଼ ସମବାୟ ଚିନିକଳ ସମସ୍ୟା ଅସମାହିତ ହୋଇ ରହିଯାଇଛି । ଏହାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହି କ୍ରମରେ ସମବାୟ ଚିନିକଳ ୟୁନିୟନର ସଭାପତି ପ୍ରଦୀପ ଦେବତାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଶ୍ରମ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ ଏବଂ

**ଶ୍ରମମନ୍ତ୍ରୀଙ୍କୁ ଦାବିପତ୍ର ଦେଲା କର୍ମଚାରୀ ସଂଘ**



ଶ୍ରମ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି । ଚିନିକଳରେ କାର୍ଯ୍ୟରତ କର୍ମଚାରୀମାନଙ୍କୁ ଦୀର୍ଘ ୪୧ ମାସ ହେଲା ଦରମା ପ୍ରଦାନ କରାଯାଇନାହିଁ। ଫଳରେ ସେମାନେ ଦୁର୍ବିସହ ଜୀବନ ଅତିବାହିତ କରୁଛନ୍ତି। ଅନ୍ୟପଟେ ଗତ ୨୦୧୯ ଫେବୃୟାରୀ ୨୧ରେ ସୋହେଲାଠାରେ ଅନୁଷ୍ଠିତ ଏକ ସମାବେଶରେ ମୁଖ୍ୟମନ୍ତ୍ରୀ ବରଗଡ଼ ଚିନିକଳ ପାଇଁ ୧୧କୋଟି ଟଙ୍କାର ପ୍ୟାକେଜ ଘୋଷଣ କରିଥିଲେ। ମାତ୍ର ତାହା ମିଳିବା ତ ଦୂରର କଥା, ଉକ୍ତ ଚିନିକଳରେ ଆଖୁପେଡ଼ା, ଆଖୁକ୍ରୟକୁ ବନ୍ଦ କରି ଦିଆଯାଇଛି। ସେହିପରି ୨୦୨୦ ଜାନୁୟାରୀ ୨୯ତାରିଖରେ ସମବାୟ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ବସିଥିଲା। ସେତେବେଳେ ଏକ ଟିମ୍ ବରଗଡ଼ ସମବାୟ ଚିନିକଳ ପରିଦର୍ଶନରେ ଆସିବାକୁ ନିଷ୍ପତ୍ତି ହୋଇଥିଲା। ଇତିମଧ୍ୟରେ ସେହି ବୈଠକକୁ ବର୍ଷେ ପୂରିଥିଲେ ସୁଦ୍ଧା ସେହି ଟିମ୍‌ର ଦେଖାନାହିଁ ଏବଂ ଆଖୁପେଡ଼ା ତଥା କାରଖାନା ଆନୁଷଙ୍ଗିକ ମରାମତି ବନ୍ଦ ରହିଛି ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଚିନିକଳରେ ରହିଥିବା ସମସ୍ତ ସମସ୍ୟାର ସମାଧାନ ସହିତ ଏହାର ପୁନରୁଦ୍ଧାର ପାଇଁ ବରଗଡ଼ ସମବାୟ ଚିନିକଳ ୟୁନିୟନ ପକ୍ଷରୁ ଅନୁରୋଧ କରାଯାଇଛି ।

## ମହିଳା କଏଦୀଙ୍କ ସହ ଜେଲରେ ଶାରୀରିକ ସମ୍ପର୍କ

**ଟିଟିଲାଗଡ଼, ୭।୨(ଡି.ଏନ.ଏ.)**

**ଜିଏସ୍‌ଟି ଠକେଇ ଅଭିଯୁକ୍ତଙ୍କ ବିରୋଧରେ ମାମଲା**

ଟିଟିଲାଗଡ ଉପକାରାଗାରରେ ଜଣେ ବିଚାରାଧୀନ ମହିଳା କଏଦୀଙ୍କ ସହ ଅନ୍ୟ ଜଣେ ପୁରୁଷ କଏଦୀ ଶାରୀରିକ ସମ୍ପର୍କ ରଖି ପ୍ରତାରଣା କରିଥିବା ଅଭିଯୋଗ ହୋଇଛି । ଟିଟିଲାଗଡ ଥାନାରେ ଏଭଳି ଅଭିଯୋଗ ହେବା ପରେ ଜେଲ ଭିତରେ କିଭଳି ସାଂଘାତିକ ଘଟଣା ଘଟିଛି ତାକୁ ନେଇ ଚାଞ୍ଚଲ୍ୟ ଖେଳିଯାଇଛି । ଏଭଳି ସାଂଘାତିକ ଅଭିଯୋଗ ଆଣିଛନ୍ତି ନିକଟରେ ଜେଲରୁ ବାହାରିଥିବା ଜଣେ ମହିଳା। ଜିଏସ୍‌ଟି ଠକେଇ ମାମଲାରେ ଏକ ବର୍ଷରୁ ଅଧିକ ସମୟ ହେଲା ଟିଟିଲାଗଡ ଜେଲରେ ଥିବା ତୀର୍ଥଙ୍କର ପୁଟେଲ ଓରଫ ପପ୍ପୁଙ୍କ ବିରୋଧରେ ସେ ଏଭଳି ଅଭିଯୋଗ ଆଣିଛନ୍ତି। ବିବାହ ପ୍ରଲୋଭନ ଦେଖାଇ ଥରଟିଏ ଶାରୀରିକ ସମ୍ପର୍କ ରଖିଥିବା ମହିଳା ଜଣକ ଅଭିଯୋଗ କରିଛନ୍ତି । ଉକ୍ତ ମହିଳା ଜଣକ ନିଜ ସ୍ୱାମୀ ଓ ପରିବାର ସହ ଗଣ୍ଡଗୋଳ ଅଭିଯୋଗରେ ଗିରଫ ହୋଇ ପ୍ରାୟ ଦେଢ ମାସ ଧରି ଜେଲରେ ଥିଲେ । ସେହି ସମୟରେ ଅଭିଯୁକ୍ତ କଏଦୀ ପପ୍ପୁଙ୍କ ସମ୍ପର୍କରେ ଆସିଥିଲେ। ତାଙ୍କୁ ବିବାହ ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ ରଖିଥିବା ନେଇ ଅଭିଯୋଗ କରିଥିବା ସମ୍ପର୍କରେ ଟିଟିଲାଗଡ ଏସ୍‌ଡିପିଓ ସୁରେନ୍ଦ୍ର ନାଥ ଶତପଥୀ ସୂଚନା ଦେଇଛନ୍ତି। ପୀଡିତା ଜଣକ ଗତ ୧୯ ଡିସେମ୍ବରରେ ଜେଲରୁ ମୁକୁଳି ଥିଲେ ଓ ଶନିବାର ମଧରାତ୍ରିରେ ଏନେଇ ଟିଟିଲାଗଡ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ପୋଲିସ ଅଭିଯୋଗକାରୀ ମହିଳାଙ୍କ ଡାକ୍ତରୀ ମାଇନା କରିଛି। ଏହା ସହିତ ଜେଲରେ ଥିବା ଅଭିଯୁକ୍ତ ତୀର୍ଥଙ୍କରଙ୍କୁ ମଧ ପଚରାଉଚରା କରିଛି। ଆଇଆଇସି ପ୍ରଭାତ ରଞ୍ଜନ ମହାନ୍ତି ଟିଟିଲାଗଡ ଜେଲକୁ ଯାଇ ଅଭିଯୁକ୍ତଙ୍କ ବୟାନ ରେକର୍ଡ କରିଛନ୍ତି। ଅଭିଯୁକ୍ତ ତୀର୍ଥଙ୍କରଙ୍କ ମଧ ଡାକ୍ତରୀ ମାଇନା କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି । ଟିଟିଲାଗଡ ଜେଲ ଭିତରେ ମହିଳା କଏଦୀଙ୍କ ସହ ଶାରୀରିକ ସମ୍ପର୍କ ନେଇ ଅଭିଯୋଗ ଘଟଣା ଚର୍ଚ୍ଚାର ବିଷୟ ହୋଇଛି ।

### ଫୁଟବଲ : ରାମଧୁନ କ୍ଲବ ଚାମ୍ପିୟନ

**ତରଭା, ୭।୨(ଡି.ଏନ.ଏ.)**

ତରଭା ବ୍ଲକ ଅନ୍ତର୍ଗତ ବାଲିଖମାର ଚନ୍ଦ୍ରମା ଖେଳପଡିଆରେ ଚାଲିଥିବା ସାବୀରା ବେଗମ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଏଥିରେ ସୋନପୁର ରାମଧୁନ କ୍ଲବ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚରେ ରାମଧୁନ କ୍ଲବ ବୌଦ୍ଧ ଫ୍ରେଣ୍ଡ ଆଣ୍ଡ ଫ୍ରେଣ୍ଡସ୍ ଦଳକୁ ଅତିରିକ୍ତ ସମୟରେ ୧-୦ଗୋଲରେ ହରାଇ ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣ ସଭାରେ ମୁଖ୍ୟ ଅତିଥିଭାବେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, ସମ୍ମାନିତ ଅତିଥି ଭାବେ ବାଲିଖମାର ସରପଞ୍ଚ ବିଭସ୍ତ ଭୋଇ ଓ ଚାରଭଟା ସରପଞ୍ଚ ପ୍ରଭାତ ପାତ୍ର ଯୋଗଦେଇ ଚାମ୍ପିୟନ ରାମଧୁନ କ୍ଲବକୁ ଟ୍ରଫି ସହ ସାତ ହଜାର ଓ ରନର୍ସ ଅପ ବୌଦ୍ଧ ଫୁଟବଲ ଦଳକୁ ଟ୍ରଫି ସହ ପାଞ୍ଚ ହଜାର ଟଙ୍କା ପ୍ରଦାନ କରିଥିଲେ। ପ୍ରକାଶ ଯୋଗ୍ୟ ଯେ ବାଲିଖମାର ଗ୍ରାମର ସ୍ୱର୍ଗତା ସାବୀରା ବେଗମଙ୍କ ସ୍ମୃତି ଉଦ୍ଦେଶ୍ୟରେ ତାଙ୍କ ସ୍ୱାମୀ ମନସୁର ମହମ୍ମଦ ଓ ୟଙ୍ଗଷ୍ଟାର ସ୍ପୋର୍ଟସ କ୍ଲବ ବାଲିଖମାରର ମିଳିତ ସହଯୋଗରେ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା। କ୍ଲବ ସଭାପତି ଅବଦୁଲ ଅଲ୍ଲୀ ଖାନ,ସମ୍ପାଦକ ରୋହିତ କୁମାର ରଣା ଓ କ୍ଲବ ସଦସ୍ୟମାନେ ଏଥିରେ ସହଯୋଗ କରିଥିଲେ।

### ଅଙ୍ଗନଦୀରେ ପାଣି ନାହିଁ, ଫସଲ ପ୍ରଭାବିତ

**ବିନିକା, ୭।୨(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ଲଛିପୁର ଦେଇ ପ୍ରବାହିତ ଅଙ୍ଗନଦୀ ଏବେ ଶୁଖିଲା ପଡ଼ିଛି। ନଦୀ ମଝିରେ ଯେଉଁ ଗୋଟିଏ ଧାର ରହିଛି, ସେଥିରେ ମାତ୍ର ୨ଫୁଟର ପାଣି ପ୍ରବାହିତ ହେଉଛି। ଫଳରେ ଯେଉଁ ନଦୀକୂଳିଆ ଚାଷୀ ଉଠାଜଳସେଚନ ମାଧମରେ ଫସଲକୁ ପାଣି ଯୋଗାଉଥିଲେ ସେମାନେ ଏବେ ସମସ୍ୟାରେ ପଡିଛନ୍ତି। ପକ୍ଷରେ ନଦୀ ପାଣି ଉତ୍ତୋଳନ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି । ପରିବା ଚାଷ ସହ ରବିଧାନ ପାଇଁ ପଡିଥିବା ପହ୍ଲା ଘାରିଗୁଡିକ ଶୁଖିବାକୁ ବସିଲାଣି। ଏଭଳି ସମସ୍ୟା ଲାଗି ରହିଲେ ଆଗାମୀ ଦିନରେ ରବିଧାନ ଚାଷ ପ୍ରଭାବିତ ହେବା ଆଶଙ୍କା ଦେଖାଦେଲାଣି। ବିଗତ ବର୍ଷମାନଙ୍କରେ ଏହି ସମୟରେ ନଦୀରେ ପାଣି ରହୁଥିଲା। ହେଲେ ଚଳିତବର୍ଷ ଜଳ ପ୍ରବାହ ଆଶାତୀତ କମିଯାଇଥିବା ନଦୀକୂଳିଆ ଅଞ୍ଚଳର ଲୋକେ କହିଛନ୍ତି।

## ସମ୍ବଲପୁରୀ ବସ୍ତ୍ରାଳୟ ପ୍ରଦର୍ଶନୀ ଉଦ୍‌ଘାଟିତ

**ବରଗଡ଼ ଅଫିସ୍,୭।୨**

ବରଗଡ଼ ବ୍ଲକ ଅଫିସ ସମ୍ମୁଖରେ ରବିବାର ସନ୍ଧ୍ୟାରେ ସମ୍ବଲପୁରୀ ବସ୍ତ୍ରାଳୟ ପ୍ରଦର୍ଶନୀ ଓ ବିକ୍ରୟ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦାନ କରି ଏହାକୁ ଉଦ୍‌ଘାଟନ କରିଥିଲେ। ଏହା ସହିତ ସେ ବିକ୍ରୟ କେନ୍ଦ୍ର ବୁଲି ଦେଖିଥିଲେ। ଉଦଘାଟନୀ ସମାରୋହରେ ସମ୍ବଲପୁରୀ ବସ୍ତ୍ରାଳୟର ପରିଚାଳନା ନିର୍ଦ୍ଦେଶକ ଉମେଶ ଚନ୍ଦ୍ର ଦାଶ, ମାର୍କେଟିଂ ମ୍ୟାନେଜର ହେମନ୍ତ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଏହି ବିକ୍ରୟ କେନ୍ଦ୍ର ଚାଲିବ ଏବଂ ପ୍ରତିଦିନ ପୂର୍ବାହ୍ନ ୧୧ଟାରୁ ରାତ୍ରି ୮ଟା ପର୍ଯ୍ୟନ୍ତ ଖୋଲା ରହିବ। ଉକ୍ତ କେନ୍ଦ୍ରରେ ବିଭିନ୍ନ କିସମର ସମ୍ବଲପୁରୀ ବସ୍ତ୍ର ଉପଲବ୍ଧ ହେଉଥିବାରୁ ଉଦଘାଟନୀ ଦିବସରୁ ଗରାଖଙ୍କ ଭିଡ଼ ପରିଲକ୍ଷିତ ହୋଇଛି ।



ବରଗଡ଼ ଜିଲାପାଳ ଓ ଅନ୍ୟମାନେ ସମ୍ବଲପୁରୀ ବସ୍ତ୍ରାଳୟ ପ୍ରଦର୍ଶନୀ ଓ ବିକ୍ରୟ କେନ୍ଦ୍ର ବୁଲି ଦେଖୁଛନ୍ତି ।

## ଫ୍ରିଜର ଅଚଳ, ୧୦ ୟୁନିଟ୍ ରକ୍ତ ନଷ୍ଟ ହେଲା

**ବରଗଡ଼ ଅଫିସ୍,୭।୨**

ବରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ରକ୍ତ ସଂରକ୍ଷଣ ବିଭାଗର ଫ୍ରିଜରରେ ରହିଥିବା ସଂଗୃହୀତ ୧୦ ୟୁନିଟ୍ ରକ୍ତ ନଷ୍ଟ ହୋଇଛି। କୌଣସି ଯାନ୍ତ୍ରିକ ତ୍ରୁଟି ଯୋଗୁ ଫ୍ରିଜର ଖରାପ ହେବାରୁ ଏଭଳି ହୋଇଥିବା ବିଭାଗୀୟ କର୍ତ୍ତୃପକ୍ଷ ସଫେଇ ଦେଇଛନ୍ତି। ଅନ୍ୟପଟେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ଯୋଗୁ ସେହି ରକ୍ତ ନଷ୍ଟ ହୋଇଥିବା ସାଧାରଣରେ ଆଲୋଚନା ହେଉଛି। ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅରୁଣ ପାତ୍ରଙ୍କୁ ପଚାରିବାରୁ ସେ ସମ୍ପର୍କରେ ରକ୍ତ ସଂରକ୍ଷଣ ବିଭାଗର ଅଧିକାରୀ କହିପାରିବେ ବୋଲି ପ୍ରକାଶ କରିଥିଲେ। ରକ୍ତ ସଂରକ୍ଷଣ ବିଭାଗର ଅଧିକାରୀ ଡା. ରାଧେଶ୍ୟାମ ଅଗ୍ରୱାଲଙ୍କୁ ପଚାରିବାରୁ ଶୁକ୍ରବାର ରାତିରେ ଫ୍ରିଜର ପୋଡ଼ି ଯାଇଥିଲା ଏବଂ ତାପମାତ୍ରା ୨୨ଡିଗ୍ରୀ ହୋଇ ଯାଇଥିଲା। ପରୀକ୍ଷା କରିବା ପରେ ତାହା ବ୍ୟବହାର ଉପଯୋଗୀ ହେବ କି ନାହିଁ ତାହା ଜଣାପଡ଼ିବ ବୋଲି ଅଗ୍ରୱାଲ କହିଥିଲେ ।

## ଆଧ୍ୟାତ୍ମିକ ଚେତନା ଦ୍ୱାରା ସୁସ୍ଥ ସମାଜ ଗଠନ ସମ୍ଭବ

**ଖପ୍ରାଖୋଲ, ୭।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଫୁଲକିମୁଣ୍ଡା ହାଇସ୍କୁଲ ପଡିଆରେ ଫୁଲକିମୁଣ୍ଡା ଆର୍ଯ୍ୟ ସମାଜର ରୌପ୍ୟ ଜୟନ୍ତୀ ଅବସରରେ ରବିବାର ଆଧ୍ୟାତ୍ମିକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ କଳସ ଶୋଭାଯାତ୍ରା ଗାଁ ପରିକ୍ରମା କରି ସମାବେଶ ସ୍ଥଳରେ ପହଞ୍ଚିଥିଲା। ପରେ ୨୧କୁଣ୍ଡୀୟ ବୈଦିକ ମହାଯଜ୍ଞ ବିଶ୍ୱଶାନ୍ତି ଅନୁଷ୍ଠିତ ହୋଇଥିଲା। ଡ. ହରିଭାଇ ଅର୍ଯ୍ୟନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ମୁଖ୍ୟ ଅତିଥିଭାବେ ବରିଷ୍ଠ ବୈଦିକ ବିଦ୍ୱାନ୍ ତଥା ପ୍ରବଚକ ବୀରେନ୍ଦ୍ର ପଣ୍ଡା ଯୋଗଦେଇଥିଲେ।




ଆଧ୍ୟାତ୍ମିକ ସମାବେଶରେ ମଞ୍ଚାସୀନ ଅତିଥିବୃନ୍ଦ।

**ଫୁଲକିମୁଣ୍ଡାରେ ଆଧ୍ୟାତ୍ମିକ ସମାବେଶ**

ସମ୍ମାନିତ ଅତିଥିଭାବେ ଆମସେନା ଗୁରୁକୁଳ ଆଶ୍ରମର ଆଚାର୍ଯ୍ୟ ଡ. ବ୍ରତାନନ୍ଦ ସରସ୍ୱତୀ, ଡ. କୁଞ୍ଜଦେବ ମନିଜୀ, ନୂଆପାଲି ପ୍ରଭାତ ଆଶ୍ରମର ଆଚାର୍ଯ୍ୟ ବୃହସ୍ପତି ଜୀ, ପାଟଣାଗଡ ବିଧାୟକ ସରୋଜ କୁମାର ମେହେର, ଉତ୍କଳ ଆର୍ଯ୍ୟ ପ୍ରତିନିଧି ସଭା ମହାମନ୍ତ୍ରୀ ଆନନ୍ଦ ସାହୁ, ଓୟୁଏଟି ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ବିକାଶ ପଣ୍ଡା, ରାମଚନ୍ଦ୍ର ବେହେରା, ମୋହନ ମେହେର, ପ୍ରତିମା ଠାକୁର ପ୍ରମୁଖ ଯୋଗଦେଇ ଆଧ୍ୟାତ୍ମିକ ଚେତନା ଦ୍ୱାରା ସୁସ୍ଥ ସମାଜ ଗଠନ ସମ୍ଭବ ବୋଲି କହିଥିଲେ । କୁସଂସ୍କାର, ଅନ୍ଧବିଶ୍ୱାସ, ଛୁଆଁଅଛୁଆଁ ଦୂର ସହ ନାରୀ ଶିକ୍ଷା ପ୍ରତି ଗୁରୁତ୍ୱ ଦେବାକୁ କହିଥିଲେ । ପରେ ପ୍ରବଚନ, ଭଜନ, ସଂକୀର୍ତ୍ତନ, ଆତ୍ମରକ୍ଷା କଳା ଆଦି ପରିବେଶିତ ହୋଇଥିଲା ।

## ଖେଳ ଖବର

### ଫୁଟବଲ: କୁଲଥୁପାଲି ଚାମ୍ପିୟନ



ଫାଇନାଲ ମ୍ୟାଚରେ ଉଭୟ ଦଳର ଖେଳାଳିମାନେ।

**ଲୋଇସିଂହା, ୭।୨(ଡି.ଏନ୍.ଏ.)**

ଲୋଇସିଂହା ଷ୍ଟାଡିୟମରେ ନିଉଷ୍ଟାର କ୍ଲବ ଆନୁକୂଲ୍ୟରେ ହନୁମାନ ମେମୋରିଆଲ ଏକଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଅନୁଷ୍ଠିତ ହୋଇଯାଇଛି। କୁଲଥୁପାଲି ଓ କେଉଁଟପାଲି ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟରେ ଖେଳ ବରାବର ରହିବାରୁ ଟାଇବ୍ରେକରରେ ଫଳାଫଳ ନିର୍ଣ୍ଣୟ ହୋଇଥିଲା। ଏଥିରେ ୫-୪ ଗୋଲରେ କେଉଁଟପାଲିକୁ ହରାଇ କୁଲଥୁପାଲି ଟାଇଟଲ ହାସଲ କରିଥିଲା । ସରୋଜ ମହାକୁରଙ୍କ ଅଧ୍ୟକ୍ଷତାରେ ହୋଇଥିବା ପୁରସ୍କାର ବିତରଣ ଉତ୍ସବରେ ଅଶୋକ କୁମାର ବରିହା ମୁଖ୍ୟ ଅତିଥି, ବିଜେଡି ବ୍ଲକ ଯୁବ ସଭାପତି ପ୍ରକାଶ ମହାରଣା ସମ୍ମାନିତ ଅତିଥିଭାବେ ଯୋଗ ଦେଇଚାମ୍ପିୟନ ଓ ରନର୍ସ ଅପ ଦଳକୁ ଟ୍ରଫି ସହ ପୁରସ୍କାର ରାଶିଦେଇ ପୁରସ୍କୃତ କରିଥିଲେ। ଦେବାଶିଷ ବିଶୋଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ ।

### ଫୁଟବଲ: କଟାପାଲି ଚାମ୍ପିୟନ

**ବରଗଡ଼ ଅଫିସ୍,୭।୨**

ବରଗଡ଼ ବ୍ଲକ କଟାପାଲିରେ ଚାଲିଥିବା ସନ୍ତୋଷ ପ୍ରଧାନ ସ୍ମାରକୀ ଫୁଟବଲ ପ୍ରତିଯୋଗିତାର ରବିବାର ଫାଇନାଲ ମ୍ୟାଚ୍‌ରେ କଟାପାଲି କଦଳୀପାଲିର ଇଲେଭେନ ଷ୍ଟାରକୁ ୧-୦ ଗୋଲରେ ହରାଇ ଚାମ୍ପିୟନ ହୋଇଛି। ପ୍ରଥମ ସେମିରେ ଇଲେଭେନ ଷ୍ଟାର ପ୍ରତିପକ୍ଷ ବଡ଼ମାଳକୁ ୧-୦ ଏବଂ ଦ୍ୱିତୀୟ ସେମିରେ କଟାପାଲି ଅତାବିରାକୁ ୩-୦ ଗୋଲରେ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ।

### ଫୁଟବଲ: ନାରାୟଣପୁର ଫାଇନାଲରେ

**ବୌଦ୍ଧ /ବଘିଆପଡା, ୭।୨(ସ୍ୱ.ପ୍ର./ଡି.ଏନ.ଏ.)**

ବୌଦ୍ଧ ବ୍ଲକ ବଢିଗାଁ ଖେଳ ପଡିଆରେ ସର୍ଭିସ ଆସୋସିଏସନ ପକ୍ଷରୁ ଗତ ଶୁକ୍ରବାର ଠାରୁ ଆରମ୍ଭ ହୋଇଛି ୨୨ତମ ମା’ ଭୈରବୀ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ। ରବିବାର ପୁରୁଣାକଟକ ଓ ସୋନପୁର ଜିଲା ନାରାୟଣପୁର ମଧ୍ୟରେ ପ୍ରଥମ ସେମିଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଖେଳରେ ନାରାୟଣପୁର ଦଳ ୩ ଗୋଟି ଗୋଲ ଦେଇ ଫାଇନାଲରେ ପ୍ରବେଶ କରିଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ପୂର୍ବତନ କ୍ରୀଡାବିତ ପବିତ୍ର ମୋହନ ପ୍ରଧାନ ଓ ସମ୍ମାନିତ ଅତିଥି ଭାବେ ବିଜୟ ସାହୁ, ପ୍ରଦୀପ କୁମାର ଭୋଇ,ସବ୍ରତ କୁମାର ପଣ୍ଡା, ମୁକେଶ ପୂଜାରୀ, ଚିନ୍ମୟ ବିଶି ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ରେଫରି ପ୍ରହଲ୍ଲାଦ ଭୋକ୍ତା, ତାପସ ଭୋକ୍ତା, ସୀତାଂଶୁ ମହାରଣା ପରିଚାଳନା କରିଥିଲେ। ଆସୋସିଏସନର କୃଷ୍ଣ ବିଶି, ରବୀନ୍ଦ୍ର ପ୍ରଧାନ, ନିଉଟନ ଭଞ୍ଜ ଓ ସଂଘର ସଦସ୍ୟମାନେ ସହଯୋଗ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ୮ ଦଳ ଭାଗ ନେଇଛନ୍ତି।

### ରାଣୀକଟା କ୍ରିକେଟ: ରାଜୀବ ନଗରକୁ ଟାଇଟଲ



ମୁଖ୍ୟଅତିଥି ଚାମ୍ପିୟନ ଦଳକୁ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରୁଛନ୍ତି ।

**ବଲାଙ୍ଗୀର ଅଫିସ, ୭।୨**

ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକ ରାଣୀକଟାଠାରେ ଅନୁଷ୍ଠିତ ଚତୁର୍ଥ ରାଜୀବ ଓ ଗଜାନନ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି । ଫାଇନାଲ ଖେଳରେ ରାଜୀବ ନଗର ଦଳ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୧୪୦ ରନର ଟାର୍ଗେଟ ଦେଇଥିଲେ । ପ୍ରତିପକ୍ଷ ରାଣୀକଟା ଦଳ ମାତ୍ର ୧୩୦ ରନ କରିପାରିଥିଲା । ରାଜୀବ ନଗର ଦଳ ୧୦ ରନରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା । ପୁରସ୍କାର ବିତରଣ ଉତ୍ସବରେ ଛତାମଖନା ସମିତି ସଭ୍ୟ ସିଦ୍ଧାର୍ଥ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜୟୀ ଦଳକୁ ଚାମ୍ପିୟନ ଟ୍ରଫି ସହ ନିଜ ସମିତି ସଭ୍ୟ ଅନାରେରିୟମ୍ ରାଶିରୁ ୧୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ଅଭିଷେକ ନାୟକ, ସଞ୍ଜୟ ନାୟକ, କୃପାସିନ୍ଧୁ ଜାଲ, ଟଙ୍କଧର ଜାଲ, ମଗେଶ୍ୱର ଜାଲ, ନିତ୍ୟା ଜାଲ, ରାଜେନ୍ଦ୍ର କର୍ଣ୍ଣ ଓ ନିଶିକାନ୍ତ ପାଣିଗ୍ରାହୀ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

### ନକ୍‌ଆଉଟ୍ କ୍ରିକେଟ: ବାନେର ଚାମ୍ପିୟନ

**କୋକସରା, ୭।୨ (ଡି.ଏନ.ଏ)**

କଳାହାଣ୍ଡି ଜିଲା କୋକସରା ବ୍ଲକ କାଉଡୋଲା ଚକାଡୋଲା ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ଗତ ୨୮ ତାରିଖରୁ ଚାଲିଥିବା ନକ୍‌ଆଉଟ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ଖେଳ ବାନେର ଓ ଦେଉଣ୍ଡି ମଧ୍ୟରେ ହୋଇଥିଲା । ବାନେର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭର ମଧ୍ୟରେ ୮ ଉଇକେଟ ହରାଇ ୯୬ରନ ସଂଗ୍ରହ କରିଥିଲା। ଜବାବରେ ଦେଉଣ୍ଡି ଦଳ ୧୦ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୪୧ରନ କରିଥିଲା । ଶେଷରେ ୫୫ ରନରେ ବାନେର ଦଳ ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି ବିଜୟ ଦେବ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷକ ନିର୍ମଳ ପୂର୍ଣ୍ଣଚନ୍ଦ୍ର ନାଏକ, ଯୁବ ସମାଜସେବୀ ଓମ୍ କାର ପଣ୍ଡା, ଆଇନଜୀବୀ ପଞ୍ଚାନନ ବେଶ୍ରା, କାଉଡୋଲା ନାଏବ ସରପଞ୍ଚ ଦେବୀ ସିଂ ତାଣ୍ଡି, ସୁବାଷ ଚନ୍ଦ୍ର ଶତପଥୀ, ସମିତି ସଭ୍ୟ ସାଧୁ ବେମାଲ ପ୍ରମୁଖ ଯୋଗଦେଇ ଉଭୟ ବିଜେତା ଓ ପରାଜିତ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ଏଥିରେ ବାନେର ଦଳର ଲବ ମ୍ୟାନ୍ ଅଫ୍ ଦି ମ୍ୟାଚ ଓ ବିପିନ ମ୍ୟାନ ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ । ଫାଇନାଲ ଖେଳକୁ ଚିତ୍ତରଞ୍ଜନ ସରାବୁ ଓ ଭିକାରୀ ଚରଣ ମାଝି ପରିଚାଳନା କରିଥିଲେ। ଧାରାବିବରଣୀ ମାନସ ସରାବୁ ଓ ଗୁପ୍ତେ ଦିଶାରୀ କରିଥିବା ବେଳେ ମଞ୍ଚକୁ ଚକ୍ରଧର ବେଶ୍ରା ପରିଚାଳନା କରିଥିଲେ। ଅନୁଷ୍ଠାନର ସଭାପତି ସୁରଥ ସରାବୁ, ସମ୍ପାଦକ କୁଷ ସରାବୁ, ଉପ ସଭାପତି ଗଣେଶ ସତନାମୀ, ସହ-ସମ୍ପାଦକ ଥବିର ମାଝି, କୋଷାଧ୍ୟକ୍ଷ ମନୋରଞ୍ଜନ ସରାବୁ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ ।